ଧରିତ୍ରୀ 52 Years
ପୃଷ୍ଠା-୮+୮
# ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୮/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Wednesday, February 18/2026 | Page 16 | ₹ 7.00 | BERHAMPUR
୫୨ଶ ଭାଗ ୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 86 | ମୂଲ୍ୟ ₹୭/-





ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ମଙ୍ଗଳବାର ଆରମ୍ଭ ହୋଇଥିବାବେଳେ କଟକ ସିଡିଏସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀ।

## ଟୋକନ୍ ଲାପ୍ସ ହେବାରୁ ମୂର୍ଚ୍ଛା ହୋଇଗଲେ ଚାଷୀ

**ଚନ୍ଦାହାଣ୍ଡି, ୧୭।୨ (ହିମାଂଶୁ ଦାସ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍‌ରେ ମଣ୍ଡି ପରିସ୍ଥିତି ସଙ୍ଗିନ। ମାସ ମାସ ଧରି ଚାଷୀଙ୍କ ଧାନ ମଣ୍ଡିରେ ପଡ଼ି ରହିଥିବାବେଳେ ଚାଷୀ ମୁଣ୍ଡରେ ହାତଦେଇ ବସିଛି। ମଙ୍ଗଳବାର ଧାନମଣ୍ଡି ଟୋକେନ୍ ଲାପ୍ସ ହୋଇଯିବା ଖବର ଜାଣି ଭେଣ୍ଡିଆ ଗାଁର ଯୁବଚାଷୀ ଚିତ୍ତରଞ୍ଜନ ସାହୁ ଚନ୍ଦାହାଣ୍ଡି ବ୍ଲକ୍ ସିନାପାଲି ଧାନମଣ୍ଡିରେ ବେହୋସ ହୋଇଯାଇଥିଲେ। ଖବରପାଇ କଂଗ୍ରେସ ନେତା ହୁମେଶ୍ୱର ହଂସ ତାଙ୍କୁ ଚନ୍ଦାହାଣ୍ଡି ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ | ଯେତିକି ପାରିବ ସେତିକି



## ସରକାରଙ୍କ ଇଚ୍ଛା
# ୩୨ ଲକ୍ଷକୁ ଆୟ ବୃଦ୍ଧି

**୨୦୪୭ ସୁଦ୍ଧା ରାଜ୍ୟରେ ବାର୍ଷିକ ମୁଣ୍ଡ ପିଛା ଆୟକୁ ୧.୮ ଲକ୍ଷରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାସହିତ ଜୀବନଧାରଣ ମାନରେ ସୁଧାର ଆଣି ବହୁମୁଖୀ ଦାରିଦ୍ର୍ୟକୁ ୫% କମାଇବା, ମହିଳା ଶ୍ରମଶକ୍ତି ଅଂଶଗ୍ରହଣକୁ ୭୦%କୁ ବୃଦ୍ଧି କରିବା, ରକ୍ତହୀନତା ଓ ପୌଷ୍ଟିକ ଅଭାବର ନିରାକରଣ ସହ ଲୋକଙ୍କ ଆୟୁ ସୀମାକୁ ୮୦ ବର୍ଷରୁ ଅଧିକ କରିବାକୁ ଲକ୍ଷ୍ୟ ରଖାଯାଇଥିବା ନେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ମଙ୍ଗଳବାର ବିଧାନସଭାରେ ଅଭିଭାଷଣ ବେଳେ କହିଛନ୍ତି।**

■ ବଜେଟ ଅଧିବେଶନରେ ରାଜ୍ୟପାଳଙ୍କ ଅଭିଭାଷଣ ■ କଂଗ୍ରେସ, ବିଜେଡିର କକ୍ଷତ୍ୟାଗ

**ଭୁବନେଶ୍ୱର, ୧୭।୨ (ରବିନାରାୟଣ ଜେନା)**

ରାଜ୍ୟ ସରକାର ଭିଜନ-୨୦୩୬ ଓ ୨୦୪୭ ପାଇଁ ଏକ ବିସ୍ତୃତ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଛନ୍ତି, ଯାହାକି ଓଡ଼ିଶାକୁ ଦେଶର ୩ଟି ରାଜ୍ୟ ମଧ୍ୟରେ ସ୍ଥାନିତ କରାଇବ। ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଏହି ଭିଜନ ଲକ୍ଷ୍ୟ ରଖିଛି ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ମଙ୍ଗଳବାର ବିଧାନସଭାରେ ଅଭିଭାଷଣ ରଖି କହିଛନ୍ତି।

ବଜେଟ ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ତାଙ୍କର ୧ ଘଣ୍ଟା ୪୬ ମିନିଟ୍‌ର ଅଭିଭାଷଣରେ ରାଜ୍ୟର ବିଭିନ୍ନ ବିକାଶମୂଳକ ଚିତ୍ର ରଖିଥିଲେ। ଏହି ଅବସରରେ କଂଗ୍ରେସ ରାଜ୍ୟପାଳଙ୍କ ଅଭିଭାଷଣକୁ ବିଭିନ୍ନ ଦୃଷ୍ଟିରୁ ସମାଲୋଚନା କରିଥିଲା। ରାଜ୍ୟପାଳଙ୍କ ☞ପୃଷ୍ଠା-୪





କୋଲକାତାରେ ମଙ୍ଗଳବାର ଚାନ୍ଦ୍ର ନବବର୍ଷ ପାଳନରେ ଚାଇନାର ଲୋକମାନେ ଅଂଶଗ୍ରହଣ କରିଛନ୍ତି। ଚାନ୍ଦ୍ର ନବବର୍ଷକୁ ଚାଇନା ନବବର୍ଷ ବୋଲି ମଧ୍ୟ କୁହାଯାଇଥାଏ।

# ଶପଥ ନେଲେ ତାରିକ୍ ରହମାନ

## କ୍ୟାବିନେଟ୍‌ରେ ୪୯ମନ୍ତ୍ରୀ ସାମିଲ, ହିନ୍ଦୁ ନେତାଙ୍କୁ କ୍ୟାବିନେଟ୍ ପାହ୍ୟା

ଢାକା,୧୭।୨

ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି(ବିଏନ୍‌ପି) ମୁଖ୍ୟ ତାରିକ୍ ରହମାନ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ବାଂଲାଦେଶ ନ୍ୟାଶନାଲ୍ ପାର୍ଲାମେଣ୍ଟ ବିଲ୍ଡିଂର ସାଉଥ ବ୍ଲକ୍‌ରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଏବଂ ଦେଶ ବିଦେଶରୁ ଆଗତ ୧୨୦୦ରୁ ଅଧିକ ଅତିଥିଙ୍କ ଉପସ୍ଥିତିରେ ରାଷ୍ଟ୍ରପତି ମହମ୍ମଦ ଶାହବୁଦ୍ଦିନ ରହମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହାପୂର୍ବରୁ ବିଏନ୍‌ପିର ସମସ୍ତ ନିର୍ବାଚିତ ଏମ୍‌ପି ରହମାନଙ୍କୁ ସଂସଦୀୟ ଦଳର ନେତା ନିର୍ବାଚିତ କରିଥିଲେ। ପରେ ମୁଖ୍ୟ ନିର୍ବାଚନ କମିଶନର ଏମ୍‌ପିମାନଙ୍କୁ ଶପଥପାଠ କରାଇଥିଲେ। ରହମାନଙ୍କ ବ୍ୟତୀତ ୨୫ କ୍ୟାବିନେଟ୍ ଏବଂ ୨୪ ରାଷ୍ଟ୍ରମନ୍ତ୍ରୀ ଶପଥ ନେଇଛନ୍ତି। ହିନ୍ଦୁ ଏମ୍‌ପି ନତାଇ ରାୟ ଚୌଧୁରୀଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଛି। ଗତ ୧୮ ମାସ ଧରି କାର୍ଯ୍ୟ କରିଆସିଥିବା ଅନ୍ତରୀଣ ସରକାରର ଅନ୍ତ ହୋଇଛି।

ତାରିକ୍ ରହମାନ ପ୍ରଧାନମନ୍ତ୍ରୀ ହେବା ପରେ ବାଂଲାଦେଶର ରାଜନୈତିକ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡିହୋଇଛି। ପ୍ରାୟ ୩୦ ବର୍ଷ ପରେ ରହମାନ ପ୍ରଥମ ପୁରୁଷ ପ୍ରଧାନମନ୍ତ୍ରୀ



ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ସହିତ ସଂସ୍କାରଭିତ୍ତିକ ପରିବର୍ତ୍ତନ ଆଣି ଦେଶକୁ ନୂଆ ଦିଶା ଦେବାକୁ ଅଗ୍ରାଧିକାର ଦେବେ ବୋଲି ସେ କହିଛନ୍ତି। ଶପଥପାଠ ଉତ୍ସବରେ ବିଭିନ୍ନ ଦେଶରୁ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲାବେଳେ ଭାରତ ପକ୍ଷରୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ପ୍ରତିନିଧିତ୍ୱ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରହମାନଙ୍କୁ ଅଭିନନ୍ଦନ ଜଣାଇ ଭାରତ ଆସିବାକୁ ଆମନ୍ତ୍ରଣ ଜଣାଇଛନ୍ତି।

# ୩ ଘଣ୍ଟାରେ ବୈଠକ ଶେଷ, ଫଳ ଶୂନ

## ଆମେରିକା ଇରାନକୁ ଧ୍ୱଂସ କରିପାରିବ ନାହିଁ କହିଲେ ଖାମ୍‌ନେଇ

ଜେନେଭା,୧୭।୨

ଆମେରିକା-ଇରାନ ଯୁଦ୍ଧ ଆଶଙ୍କା ମଧ୍ୟରେ ଉଭୟ ପକ୍ଷଙ୍କ ଭିତରେ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ମଙ୍ଗଳବାର ଜେନେଭାରେ ଶେଷ ହୋଇଛି। ପ୍ରାୟ ୩ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ଉଭୟ ପକ୍ଷର ପ୍ରତିନିଧି ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଆଲୋଚନା କରିଥିଲେ ମଧ୍ୟ ଏହି ବୈଠକର କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଆମେରିକା ସହ ଲାଗି ଆସିଥିବା ବିବାଦର ସମାଧାନ ପାଇଁ ବୈଠକରେ ଆଲୋଚନା ହୋଇଥିଲେ ହେଁ ଏଦିଗରେ କୌଣସି ପକ୍ଷ ସକାରାତ୍ମକ ନିଷ୍ପତ୍ତି ନେଇ ନାହାନ୍ତି ବୋଲି ଇରାନର ଇଣ୍ଟରନ୍ୟାଶନାଲ କ୍ରାଏସିସ୍ ଗ୍ରୁପ୍ ପ୍ରକଳ୍ପ ନିର୍ଦ୍ଦେଶକ ଅଲ୍ଲୀ ଭେଜ୍ କହିଛନ୍ତି। ଇରାନର ୨୦୧୫ ଆଣବିକ ଚୁକ୍ତିକୁ ନେଇ ଗତ ଅଢ଼େଇ ବର୍ଷ ହେଲା ଆମେରିକା ସହ ବିବାଦ ଲାଗି ରହିଛି। ଏହି ବିବାଦକୁ ମାତ୍ର ୩ ଘଣ୍ଟା ମଧ୍ୟରେ କିଭଳି ସମାଧାନ



କରାଯାଇପାରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଆଣବିକ କାର୍ଯ୍ୟକ୍ରମର ବିଭିନ୍ନ ଦିଗକୁ ନେଇ ଆଲୋଚନା କରିବା ଆବଶ୍ୟକତା ରହିଥିଲା ବେଳେ ଏଥିପାଇଁ କାହାରି ଧୈର୍ଯ୍ୟ ନାହିଁ। ତେଣୁ ଏହି ବୈଠକରେ କୌଣସି ନିଷ୍ପତ୍ତି ହୋଇପାରି ନାହିଁ ବୋଲି ସେ ପରୋକ୍ଷରେ ସୂଚିତ କରିଛନ୍ତି। ବିଶେଷକରି ଆଣବିକ କାର୍ଯ୍ୟକ୍ରମ ଆଲୋଚନା ପ୍ରକ୍ରିୟାରେ କଟକଣା ହଟାଇବା ଲାଗି ଇରାନ ବଡ଼ ସର୍ତ୍ତ ରଖିଥିଲା ବେଳେ ଏଥିପାଇଁ ଆମେରିକା କିଛି ସ୍ପଷ୍ଟ କରୁନାହିଁ ; ଯେଉଁଥିପାଇଁ ସମାଧାନ ବାହାରିବା କଷ୍ଟକର ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ବୈଠକକୁ ନେଇ ଆମେରିକା ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନଥିଲା ବେଳେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମ୍‌ନେଇ କହିଛନ୍ତି, ଆମେରିକା ଇରାନକୁ ଧ୍ୱଂସ କରିପାରିବ ନାହିଁ। ଆଲୋଚନା ଚାଲିଥିଲା ବେଳେ ଇରାନ ସେନା ପକ୍ଷରୁ ହାର୍ମୁଜ୍ ପ୍ରଣାଳୀରେ ସାମରିକ ଡ୍ରିଲ୍ କରାଯିବା ସହିତ ୫ରୁ ଅଧିକ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବାରମ୍ବାର ଇରାନକୁ ଯୁଦ୍ଧ ଧମକ ଦେଇ ଆସିଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପରେ ଯୁଦ୍ଧ ଆଶଙ୍କା ଦୂରହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେଭଳି କିଛି ହୋଇନାହିଁ। ଏଭଳି ସ୍ଥିତିରେ ଆମେରିକା କି ଆଭିମୁଖ୍ୟ ଗ୍ରହଣ କରିବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ୨୨ରେ ଭାଜପାରେ ମିଶିବେ ଭୂପେନ ବୋରା: ହିମନ୍ତ

ଗୁଆହାଟୀ,୧୭।୨

ଆସାମର ପୂର୍ବତନ କଂଗ୍ରେସ ସଭାପତି ଭୂପେନ ବୋରା ସୋମବାର କଂଗ୍ରେସରୁ ଇସ୍ତଫା ଦେବାର କିଛି ସମୟ ପରେ ଇସ୍ତଫା ଫେରାଇ ନେଇଥିବା ଦଳ ପକ୍ଷରୁ କୁହାଯାଇଥିଲା। ଭୂପେନଙ୍କୁ ନେଇ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଙ୍ଗଳବାର ବଡ଼ ଟିପ୍ପଣୀ ଦେଇଛନ୍ତି। ଭୂପେନ ଆସନ୍ତା ୨୨ରେ ଭାଜପାରେ ସାମିଲ ହେବାକୁ ଯାଉଥିବା ହିମନ୍ତ କହିଛନ୍ତି। ଆସାମ ରାଜନୀତିରେ ଭୂପେନଙ୍କ ଭଳି ଜଣେ ଅଗ୍ରଣୀ ନେତାଙ୍କ ଭୂମିକା ଯଥେଷ୍ଟ ରହିଛି। ତେବେ ବିଧାନସଭା ପୂର୍ବରୁ ତାଙ୍କ ପଟ୍ଟ ପରିବର୍ତ୍ତନ କଂଗ୍ରେସ ପାଇଁ ଧକ୍କା ହୋଇପାରେ ବୋଲି କୁହାଯାଉଛି। ଦୀର୍ଘ ୩୨ ବର୍ଷ ପରେ ଭୂପେନ କଂଗ୍ରେସ ଛାଡିବାକୁ କାହିଁକି ନିଷ୍ପତ୍ତି ନେଲେ ସେ ସମ୍ପର୍କରେ ଦଳ ଚିନ୍ତା କରିବା ଉଚିତ ବୋଲି ହିମନ୍ତ କହିଛନ୍ତି।

## ଖାଇବର ପାଖ୍‌ତୁନଖ୍ୱାରେ ଘାତକ ଆକ୍ରମଣ: ୧୪ ସୈନ୍ୟଙ୍କ ସମେତ ୧୭ ମୃତ

ପେଶାୱର,୧୭।୨

ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଆତଙ୍କବାଦୀଙ୍କ ବୋମା ଆକ୍ରମଣ ଏବଂ ଗୁଳିମାଡ଼ ଘଟିଛି। ଏଥିରେ ଅନ୍ୟୁନ ୧୪ ଜଣ ସୁରକ୍ଷା କର୍ମୀ ଏବଂ ୩ ସାଧାରଣ ନାଗରିକ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ଛୋଟ ପିଲା ରହିଛି। ଚେକ୍ ପଏଣ୍ଟ ଏବଂ ଥାନାକୁ ଟାର୍ଗେଟ କରି ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ବଜାଉର ଜିଲାରେ ସେମାନେ ଏକ ବିସ୍ଫୋରକ ଭର୍ତ୍ତି ଗାଡ଼ିକୁ ଚେକ୍ ପଏଣ୍ଟ ନିକଟବର୍ତ୍ତୀ ଏକ କାନ୍ଥକୁ ଧକ୍କା ଦେବାରୁ ୧୧ ସୁରକ୍ଷା କର୍ମୀ ଓ ଜଣେ ବାଳିକା ପ୍ରାଣ ହରାଇଛନ୍ତି। ବନ୍ନୁ ସହରରେ ଏକ ରିକ୍ସାରେ ଖଞ୍ଜାଯାଇଥିବା ବୋମା ବିସ୍ଫୋରଣ ଘଟି ୨ ଜଣଙ୍କ ମୃତ୍ୟୁ ଘଟିବା ସହ ୧୭ ଆହତ ହୋଇଛନ୍ତି। ସାଙ୍ଗ୍‌ଲା ଜିଲାରେ ତଲାସି ଅଭିଯାନ ବେଳେ ୩ ପୋଲିସ ଏବଂ ୩ ଆତଙ୍କବାଦୀ ନିହତ ହୋଇଛନ୍ତି।

## ଏଆଇ ସମିଟ୍‌ରେ ଅବ୍ୟବସ୍ଥା: କ୍ଷମା ମାଗିଲେ ଅଶ୍ୱିନୀ

ନୂଆଦିଲ୍ଲୀ,୧୭।୨(ପି.ଟି.)

ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍, ୨୦୨୬ର ଉଦ୍‌ଘାଟନ ଦିବସରେ ଅବ୍ୟବସ୍ଥା ଯୋଗୁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିବାରୁ ଏଥିପାଇଁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର କ୍ଷମା ମାଗିଛନ୍ତି। ଏତେ ସଂଖ୍ୟାରେ ଲୋକଙ୍କ ଆଗମନ ଅସାଧାରଣ ଥିଲା ବୋଲି ମନ୍ତ୍ରୀ କହିଛନ୍ତି। ଅସ୍ପଷ୍ଟ ନିର୍ଦ୍ଦେଶାବଳୀ ସାଙ୍ଗକୁ ମୋବାଇଲ୍ ଡାଟା ସଂଯୋଗ ସମସ୍ୟା ସୃଷ୍ଟି କରିଥିଲା। ସୋମବାର ୭୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଲୋକଙ୍କ ମଧ୍ୟରେ ଅତ୍ୟଧିକ ଆଗ୍ରହ ସୃଷ୍ଟି ହୋଇଥିଲା। ଯଦି କେହି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ସେଥିପାଇଁ କ୍ଷମା ମାଗୁଛି ବୋଲି ସମିଟ୍ ସ୍ଥଳ ଭାରତ ମଣ୍ଡପମ୍‌ଠାରେ ଏକ ଖବରଦାତା ସମ୍ମିଳନୀରେ ଅଶ୍ୱିନୀ କହିଛନ୍ତି।

## 'ରାଜନେତାଙ୍କୁ ଭ୍ରାତୃଭାବ ବଢ଼ାଇବାକୁ ହେବ'

### ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ନୂଆଦିଲ୍ଲୀ,୧୭।୨(ପି.ଟି.)

ରାଜନେତାମାନଙ୍କୁ ଦେଶରେ ଭ୍ରାତୃଭାବ ବଢ଼ାଇବାକୁ ହେବ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଏକ ପିଟିଶନ୍‌ର ଶୁଣାଣି ଅବସରରେ ଟିପ୍ପଣୀ ଦେଇଛନ୍ତି। ଶିକ୍ଷାବିତ୍ ରୂପରେଖା ବର୍ମାଙ୍କ ସମେତ ପିଟିଶନ ଦାଖଲ କରିଥିବା ୧୨ ଜଣଙ୍କୁ ରାଜନୈତିକ ବକ୍ତୃତାର ଗାଇଡ୍‌ଲାଇନ ପାଇଁ ସାନି ଆବେଦନ କରିବାକୁ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ତେବେ ଭ୍ରାତୃଭାବ ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରଭାବିତ କରୁଥିବା ଅଭିଯୋଗ ରହିଥିବା ଭାଷଣ ଉପରେ ଖବର ପ୍ରକାଶ ବେଳେ ରାଜନେତା ଏବଂ ଗଣମାଧ୍ୟମ ନିମନ୍ତେ ମାର୍ଗଦର୍ଶିକା ଜାରି ପାଇଁ ଦାଏର ଜନସ୍ୱାର୍ଥ ମାମଲା(ପିଆଇଏଲ୍)କୁ ବିଚାର ଲାଗି ଗ୍ରହଣ କରିବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି।

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଘୃଣିତ ଭାଷଣ ପରିପ୍ରେକ୍ଷୀରେ ପିଟିଶନ ଦାଖଲ ହୋଇଥିବାବେଳେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଏହା ଉପରେ ଯୁକ୍ତି ରଖିଥିଲେ। ହିମନ୍ତ ମୁସଲମାନ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଲକ୍ଷ୍ୟକରି ରାଇଫଲରେ ଗୁଳି ଚଳାଇବାକୁ ଲକ୍ଷ୍ୟ ଲଗାଉଥିବା ଏକ ଭାଇରାଲ ଭିଡିଓକୁ ନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାଏର ପିଟିଶନ୍‌କୁ ସିଜେଆଇଙ୍କ ଖଣ୍ଡପୀଠ ସୋମବାର ଅଗ୍ରାହ୍ୟ କରିଦେଇଥିଲେ। ପରିବେଶ ବିଷାକ୍ତ ହୋଇଯାଇଥିବା ସିବଲ ମଙ୍ଗଳବାର କହିବା ସହ ରାଜନୈତିକ ଭାଷଣ ଉପରେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ନିମନ୍ତେ ମାର୍ଗଦର୍ଶିକା ଆଣିବାକୁ ନିବେଦନ କରିଥିଲେ।

## ଭାରତ, ଫ୍ରାନ୍ସ ମଧ୍ୟରେ ୨୧ ଚୁକ୍ତିନାମା ସ୍ୱାକ୍ଷର

ନୂଆଦିଲ୍ଲୀ/ମୁମ୍ବାଇ,୧୭।୨(ପି.ଟି.)

ଭାରତ ଏବଂ ଫ୍ରାନ୍ସ ସେମାନଙ୍କ ସମ୍ପର୍କକୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ବୈଶ୍ୱିକ ରଣନୀତିକ ଭାଗୀଦାରିତାରେ ପରିବର୍ତ୍ତନ କରିଛନ୍ତି। ପ୍ରତିରକ୍ଷା, ବାଣିଜ୍ୟ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଆଦି ପ୍ରମୁଖ ସେକ୍ଟରରେ ସହଯୋଗ ବଢ଼ାଇବାକୁ ଉଭୟ ଦେଶ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଭୂରାଜନୈତିକ ଅସ୍ଥିରତା ବଢ଼ିଚାଲିଥିବାବେଳେ ଭାରତ-ଫ୍ରାନ୍ସ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ 'ବୈଶ୍ୱିକ ସ୍ଥିରତା ପାଇଁ ଶକ୍ତି' ବୋଲି କହିଛନ୍ତି।

ଭାରତ ଗସ୍ତରେ ଆସିଥିବା ମାକରଁ ମୁମ୍ବାଇରେ ମୋଦିଙ୍କ ସହ ବୈଠକ ପରେ କର୍ନାଟକର ଭେମାଗଲଠାରେ ଏୟାରବସ୍ ଏଚ୍୧୨୫ ହେଲିକପ୍ଟରର ଆସେମ୍ବ୍ଲି ଲାଇନ୍‌କୁ ଭର୍ଚୁଆଲି ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ଭାରତର ଏରୋସ୍ପେସ୍ ନିର୍ମାଣ ସାମର୍ଥ୍ୟ ବଢ଼ାଇବ ବୋଲି ଆଶା କରାଯାଉଛି। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ମୋଟ ୨୧ ଚୁକ୍ତିନାମା ଓ ଦସ୍ତାବିଜ୍ ସ୍ୱାକ୍ଷର ହୋଇଛି, ଯାହା ଭାରତ ଓ ଫ୍ରାନ୍ସ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଅକ୍ଷୟ ଶକ୍ତି, ସ୍ୱାସ୍ଥ୍ୟ ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ ଆଦି କ୍ଷେତ୍ରରେ ସହଯୋଗକୁ ଅଧିକ ନିବିଡ଼ କରିବ।


ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଗତ କରୁଛନ୍ତି।

## ଜେସି ଜ୍ୟାକ୍‌ସନ୍‌ଙ୍କ ପରଲୋକ

ୱାଶିଂଟନ୍,୧୭।୨

ଆମେରିକାରେ ନାଗରିକ ଏବଂ ସାମ୍ବିଧାନିକ ଅଧିକାରକୁ ନେଇ ଦୀର୍ଘଦିନ ଧରି ଲଢ଼େଇ କରିଆସିଥିବା ବିପ୍ଳବୀ ନେତା ଜେସି ଜ୍ୟାକ୍‌ସନ୍‌ଙ୍କ ୮୪ ବର୍ଷ ବୟସରେ ପରଲୋକ ହୋଇଛି। ଜେସିଙ୍କ ମୃତ୍ୟୁ ସମ୍ପର୍କରେ ପରିବାର ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। କେବଳ ଆମେରିକା



ପାଇଁ ନୁହେଁ, ସାରା ବିଶ୍ୱରେ ଅବହେଳିତ ଏବଂ ନିଷ୍ପେଷିତ ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରିବାକୁ ଜେସି ଜୀବନର ବ୍ରତ ଭାବେ ଗ୍ରହଣ କରିନେଇଥିଲେ। ଉଲ୍ଲେଖଯୋଗ୍ୟ, ଆମେରିକାରେ ଅଶ୍ୱେତ ଏବଂ ଅନ୍ୟ ବର୍ଗର ନିଷ୍ପେଷିତ ଲୋକଙ୍କ ଅଧିକାର ପାଇଁ ୬୦ ଦଶକରେ ଆରମ୍ଭ ହୋଇଥିବା ଆନ୍ଦୋଳନରେ ଜେସି ସଂଶ୍ଳିଷ୍ଟ ରହିବା ସହିତ ମାର୍ଟିନ ଲୁଥର କିଙ୍ଗ୍ ଜୁନିୟରଙ୍କ ସହ ଅତ୍ୟନ୍ତ ଘନିଷ୍ଠ ଥିଲେ। ସେ ଡେମୋକ୍ରାଟ୍ ଦଳ ପକ୍ଷରୁ ରାଷ୍ଟ୍ରପତି ପଦ ପାଇଁ ୨ଥର ନାମାଙ୍କନ କରିଥିଲେ।

## 'ରାମାୟଣ' ପାଇଁ ଏ.ଆର୍. ରହମାନଙ୍କ ଡିଜିଟାଲ ବ୍ରେକ୍

ମୁମ୍ବାଇ




'ରାମାୟଣ' ଚଳଚ୍ଚିତ୍ରର ସଙ୍ଗୀତକୁ ନେଇ ଏବେ ଚର୍ଚ୍ଚାରେ ଓସ୍କାର ବିଜେତା ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍. ରହମାନ। ନୀତେଶ ତିୱାରୀଙ୍କ ଆଗାମୀ ମେଗା ପ୍ରୋଜେକ୍ଟ 'ରାମାୟଣ'ର ସଙ୍ଗୀତ କାର୍ଯ୍ୟରେ ସେ ସମ୍ପୂର୍ଣ୍ଣ ମନୋନିବେଶ ପାଇଁ ୪୦ ଦିନିଆ 'ଡିଜିଟାଲ ବ୍ରେକ୍' ନେଇଛନ୍ତି। ମାର୍ଚ୍ଚରେ 'ରାମାୟଣ'ର କଳାକାର ଓ ବୈଷୟିକ ଟିମ୍‌କୁ ସାର୍ବଜନୀନ କରାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ସମୟ ପୂର୍ବରୁ ସଙ୍ଗୀତ କାର୍ଯ୍ୟ ଶେଷ କରିବାକୁ ରହମାନ ନିଜକୁ ବାହ୍ୟ ଦୁନିଆରୁ ଦୂରେଇ ରଖିଛନ୍ତି।

## ଅଜିତ ପାୱାରଙ୍କ ମୃତ୍ୟୁର ସିବିଆଇ ତଦନ୍ତ ଦାବିକଲା ଏନ୍‌ସିପି

### ଦୁର୍ଘଟଣାଗ୍ରସ୍ତ ବିମାନର ଉଭୟ ଫ୍ଲାଇଟ୍ ରେକର୍ଡର ନଷ୍ଟ ହୋଇଛି: ମନ୍ତ୍ରଣାଳୟ

ନୂଆଦିଲ୍ଲୀ/ମୁମ୍ବାଇ,୧୭।୨

ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଗତ ମାସ ୨୮ରେ ବାରାମତିଠାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ତାଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ବିମାନର ଉଭୟ ଫ୍ଲାଇଟ୍ ରେକର୍ଡର ନିଆଁରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ମଙ୍ଗଳବାର କହିଛି। ଘଟଣାର ସିବିଆଇ ତଦନ୍ତ ପାଇଁ ରାଷ୍ଟ୍ରୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଦାବି କରିଛି। ଅଜିତଙ୍କ ସ୍ତ୍ରୀ ସୁନେତ୍ରା ପାୱାର, ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଫୁଲ୍ଲ ପଟେଲ, ରାଜ୍ୟ ସଭାପତି ସୁନିଲ ଟଟକାରେ, ମହାରାଷ୍ଟ୍ର ଡାକ୍ତରୀ ଶିକ୍ଷାମନ୍ତ୍ରୀ ହାସନ ମୁଶ୍ରିଫ୍ ଏବଂ ଯୁବନେତା ପାର୍ଥ ପାୱାରଙ୍କ ସମେତ ବରିଷ୍ଠ ନେତାମାନଙ୍କ ଏକ



ପ୍ରତିନିଧି ଦଳ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କୁ ଭେଟି ସିବିଆଇ ତଦନ୍ତ ଦାବିକରି ସ୍ମାରକପତ୍ର ଦେଇଛନ୍ତି। ଦୁର୍ଘଟଣା ଦିନରୁ ଏହାକୁ ନେଇ ରାଜନୈତିକ ବିବାଦ ଲାଗିରହିଛି। ଦୁର୍ଘଟଣା ପଛରେ ଷଡ଼ଯନ୍ତ୍ର ରହିଥିବା ନେଇ ଏନ୍‌ସିପି(ଏସ୍‌ପି), ଶିବସେନା (ୟୁବିଟି) ଏବଂ କଂଗ୍ରେସ ଅଭିଯୋଗ କରିଆସୁଛନ୍ତି।

ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଲିଅରଜେଟ୍ ୪୫ ବିମାନ ଭିଟି-ଏସ୍‌ଏସ୍‌କେ ଦୁର୍ଘଟଣାର ସବିଶେଷ ତଦନ୍ତ କରିଛି। ଦୁର୍ଘଟଣା ପରେ ଫୋରେନ୍‌ସିକ୍ ବିଶେଷଜ୍ଞମାନଙ୍କ ଏକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଦୀର୍ଘ ସମୟ ଧରି ଅତ୍ୟଧିକ ଉତ୍ତାପ ଯୋଗୁ ୨ଟି ଯାକ ଫ୍ଲାଇଟ୍ ରେକର୍ଡର ନଷ୍ଟ ହୋଇଯାଇଥିବା ମନ୍ତ୍ରଣାଳୟ କହିଛି।

## ଶିବରାତ୍ରିରେ ୧୩ ହଜାର ଟଙ୍କାରେ ନିଲାମ ହେଲା ଲେମ୍ବୁ

ଚେନ୍ନାଇ,୧୭।୨

ତାମିଲନାଡୁରେ ରବିବାର ଶିବରାତ୍ରି ଅବସରରେ ଏକ ମନ୍ଦିରରେ ଗୋଟିଏ ଲେମ୍ବୁ ୧୩ ହଜାର ଟଙ୍କାରେ ନିଲାମ ହୋଇଛି। ଇରୋଡ୍ ଜିଲାର ପଲମ୍ବଦିନ କୁରୁପା ଈଶ୍ୱରନ୍ ମନ୍ଦିରରେ ଶିବରାତ୍ରିରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପୂର୍ବ ପରମ୍ପରା ଅନୁସାରେ ଦେବାଦେବୀଙ୍କୁ ଏକ ରୁପା ମୁଦି, ରୁପା ମୁଦ୍ରା ସହିତ ଏକ ଲେମ୍ବୁ ଦିଆଯାଇ ଅର୍ଚ୍ଚନା କରାଯାଇଥିଲା। ଭଗବାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥିବା ଏହି ଲେମ୍ବୁକୁ ଭକ୍ତମାନେ ଅତ୍ୟନ୍ତ ଗୁରୁତ୍ୱ ଦେଇ ଆସିଥିଲାବେଳେ ଏହାକୁ ୧୩ ହଜାର ଟଙ୍କାରେ ଜଣେ ଭକ୍ତ ନିଲାମରେ କିଣିଥିବା ଜଣାପଡ଼ିଛି।

# ଆଜିଠାରୁ +୨ ପରୀକ୍ଷା

## ପରୀକ୍ଷା ଦେବେ ୪,୦୧,୬୨୩ ଛାତ୍ରୀଛାତ୍ର

**ଭୁବନେଶ୍ୱର,୧୭।୨(ସୁଚିସ୍ମିତା ସାହୁ)**

ରାଜ୍ୟରେ ବୁଧବାରଠାରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହେବ। ଏହା ମାର୍ଚ୍ଚ ୨୮ ପର୍ଯ୍ୟନ୍ତ ଚାଲିବ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ଏହି ପରୀକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରଥମ ଦିନ ବିଜ୍ଞାନ ବର୍ଗ ଛାତ୍ରୀଛାତ୍ରମାନେ ମାତୃଭାଷା ପରୀକ୍ଷା ଦେବେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ଅଧଘଣ୍ଟା ପୂର୍ବରୁ ପରୀକ୍ଷାକେନ୍ଦ୍ରକୁ ଛାତ୍ରୀଛାତ୍ରମାନେ ପ୍ରବେଶ କରିବେ। ପରୀକ୍ଷା ଆରମ୍ଭର ୧୦ ମିନିଟ୍ ପୂର୍ବରୁ ଉତ୍ତରଖାତା ଦିଆଯିବ। ପ୍ରଶ୍ନପତ୍ରରେ ଯଦି କୌଣସି ସମସ୍ୟା କିମ୍ବା ତ୍ରୁଟି ରହିଥିବ, ତେବେ ତୁରନ୍ତ ପରୀକ୍ଷକଙ୍କୁ ଅବଗତ କରାଇବାକୁ ସୂଚନା ଦିଆଯାଇଛି।

ପରୀକ୍ଷା ପୂର୍ବରୁ କଡ଼ା ସୁରକ୍ଷା ମଧ୍ୟରେ ମୋଟ ୨୧୧ଟି ହବ୍‌ରେ ପ୍ରଶ୍ନପତ୍ର ରହିଛି। ହବ୍‌ରୁ ସମସ୍ତ ପ୍ରଶ୍ନପତ୍ର ପ୍ୟାକେଟ ସକାଳ ସାଢ଼େ ୮ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ଯୁକ୍ତ ୨ ପରୀକ୍ଷାରେ କପିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ପ୍ରବେଶ ପଥରେ ହିଁ ଛାତ୍ରୀଛାତ୍ରଙ୍କୁ ଦୁଇସ୍ତରରେ କଡ଼ାକଡ଼ି ଭାବେ ଯାଞ୍ଚ କରାଯିବ। ପରୀକ୍ଷା କେନ୍ଦ୍ର ଭିତରକୁ ଯେପରି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଯାଇ ନ ପାରିବ, ସେଥିପାଇଁ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱତନ୍ତ୍ର କନାରେ ତିଆରି କୋଠରିରେ ଛାତ୍ରୀଙ୍କୁ ମହିଳା ଓ ଛାତ୍ରଙ୍କୁ ପୁରୁଷ ପରୀକ୍ଷା ନିରୀକ୍ଷକମାନେ ଯାଞ୍ଚ କରିବେ। ପରୀକ୍ଷା ସହ ଜଡ଼ିତ ନ ଥିବା କୌଣସି ବ୍ୟକ୍ତି ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିପାରିବେ ନାହିଁ। ପରୀକ୍ଷାର ଅଧଘଣ୍ଟା ପୂର୍ବରୁ ପରୀକ୍ଷାର୍ଥୀମାନେ ହଲ୍‌କୁ ଯିବେ। ଚଳିତବର୍ଷ ମୋଟ ୪ ଲକ୍ଷ ୧ ହଜାର ୬୨୩ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। କଳାରେ ସର୍ବାଧିକ ୨ ଲକ୍ଷ ୫୬ ହଜାର ୭୦୭, ବାଣିଜ୍ୟରେ ୨୪ ହଜାର ୬୨୧, ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୩୬୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫୯୩୨ ପିଲା ପରୀକ୍ଷା ଦେବେ।




ସୁଇଜରଲାଣ୍ଡର ଜେନେଭାରେ ମଙ୍ଗଳବାର ଆମେରିକା ଓ ଇରାନ୍ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଣବିକ ଆଲୋଚନା ଚାଲିଥିବାବେଳେ ଲୋକେ ପ୍ରାକ୍-ଇରାନ୍ ବିପ୍ଳବ ସମୟର 'ସିଂହ ଓ ସୂର୍ଯ୍ୟ' ପତାକା ଧରି ତେହରାନ୍ ସପକ୍ଷରେ ବିକ୍ଷୋଭ କରୁଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)

# ସିବିଏସ୍ଇ ୧୦ମ ପରୀକ୍ଷାରୁ ଛାତ୍ର ବଞ୍ଚିତ

## ପରିଚୟ ପତ୍ର ମିଳିଲା, ଆଡ୍‌ମିଟ୍ କାର୍ଡ ଦେଲେନି

**ପାରଳାଖେମୁଣ୍ଡି,୧୭।୨(ଗିରିଧାରୀ ପରିଚ୍ଛା)**

ସିବିଏସ୍ଇ ମାଟ୍ରିକ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ହେଲେ ଏକ ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଗଜପତି ଜିଲା କାଶୀନଗରରେ ଜଣେ ଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଛାତ୍ରଙ୍କୁ ପରୀକ୍ଷା ଦେବାକୁ ଆଡ୍‌ମିଟ କାର୍ଡ ନ ମିଳିବାରୁ ସେ ପରୀକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ପରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଜିଲା ଶିକ୍ଷାଧିକାରୀ(ଡିଇଓ) ମାୟାଧର ସାହୁଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ବିଦ୍ୟାଳୟରେ କେବଳ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ାଇବାର ଅନୁମତି ରହିଛି ବୋଲି କହିଛନ୍ତି। ହେଲେ ଅଭିଯୋଗକାରୀ ଛାତ୍ର ଉକ୍ତ ସ୍କୁଲର ପରିଚୟ ପତ୍ର ପାଇ ସେଠାରେ ୧୦ମ ଶ୍ରେଣୀରେ ପଢୁଥିଲେ ଏବଂ ପରୀକ୍ଷା ପାଇଁ ଫର୍ମ ଫିଲପ୍ କରିଥିବା ଅଭିଯୋଗ କରିଛନ୍ତି।

କାଶୀନଗରସ୍ଥିତ ସ୍ମାର୍ଟ ପବ୍ଲିକ ସ୍କୁଲରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୫୩ ପିଲା ପଢୁଛନ୍ତି। ଅଷ୍ଟମ ଶ୍ରେଣୀରେ ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୭। ୨୦୨୩-୨୪ରେ ଅଷ୍ଟମ ଶ୍ରେଣୀ ପାସ୍ କରିଥିବା ଛାତ୍ର କେ. ଅଜୟ କୁମାର ସେହି ସ୍କୁଲରେ ନବମ ଓ ଦଶମ ଶ୍ରେଣୀ ପଢ଼ି ବାର୍ଷିକ ପରୀକ୍ଷା ଦେବାକୁ ପ୍ରସ୍ତୁତ ହୋଇଥିଲେ। ତାଙ୍କ ନିକଟରେ ସ୍ମାର୍ଟ ସ୍କୁଲର ପରିଚୟ ପତ୍ର(ଆଇ କାର୍ଡ) ମଧ୍ୟ ରହିଛି। ଆପାର ଆଇଡି ପ୍ରସ୍ତୁତ ପାଇଁ ସ୍କୁଲ ପକ୍ଷରୁ ତାଙ୍କଠାରୁ ସମସ୍ତ




ଡକ୍ୟୁମେଣ୍ଟ ମଧ୍ୟ ନିଆଯାଇଛି। ଦଶମ ଶ୍ରେଣୀ ପରୀକ୍ଷା ନିମନ୍ତେ ଫର୍ମ ଫିଲପ ପାଇଁ ଆଧାର କାର୍ଡ ଜେରକ୍ସ ଓ ଶିକ୍ଷା ସମ୍ବନ୍ଧୀୟ ସମସ୍ତ ଡକ୍ୟୁମେଣ୍ଟ ସ୍କୁଲକୁ ଦିଆଯାଇଥିଲା। ଛାତ୍ରଙ୍କୁ ଠିକ୍ ସମୟରେ ଆଡ୍‌ମିଟ କାର୍ଡ ଦିଆଯିବ ବୋଲି କୁହାଯାଇଥିଲା। ତେବେ ସୋମବାର ଆଧାର କାର୍ଡରେ ତ୍ରୁଟି ଦର୍ଶାଇ ଫର୍ମ ପୂରଣ ହୋଇ ପାରି ନ ଥିବା ସ୍କୁଲ କର୍ତ୍ତୃପକ୍ଷ କହିଥିବା ଜିଲାପାଳଙ୍କ ନିକଟରେ ଛାତ୍ର ଅଜୟଙ୍କ ମା' ଅଭିଯୋଗ କରିଛନ୍ତି। ଜିଲାପାଳ ଅଭିଯୋଗର ସତ୍ୟତା ଯାଞ୍ଚ ପାଇଁ ଡିଇଓ ସାହୁଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଡିଇଓ ସାହୁ ଘଟଣାର ତଦନ୍ତ କରିଥିବାବେଳେ ସ୍ମାର୍ଟ ପବ୍ଲିକ ସ୍କୁଲରେ ନବମ ଓ ଦଶମ ଶ୍ରେଣୀ ପାଠପଢ଼ା ବ୍ୟବସ୍ଥା ନ ଥିବା ଜାଣିବାକୁ ପାଇଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ କିଭଳି ଜଣେ ଛାତ୍ରଙ୍କୁ ନବମ ଓ ଦଶମ ଶ୍ରେଣୀ ପଢ଼ିବାକୁ ସୁଯୋଗ ଦେଲେ ଏବଂ ତାଙ୍କୁ ପରିଚୟପତ୍ର ପ୍ରଦାନ କଲେ ତାକୁ ନେଇ ତଦନ୍ତ ଜାରି ରହିଛି ବୋଲି ଡିଇଓ କହିଛନ୍ତି। ଛାତ୍ରଙ୍କ ମା'ଙ୍କ କହିଛନ୍ତି। ସ୍ମାର୍ଟ ପବ୍ଲିକ ସ୍କୁଲରେ ପାସ୍ କରିବା ପରେ ଆମେ ପୁଅକୁ ସେହି ସ୍କୁଲ୍‌ରେ ପଢ଼ାଉଥିଲୁ। ସେଠାରେ ନବମ ଓ ଦଶମ ଶ୍ରେଣୀ ନାହିଁ ବୋଲି ଆମେ ଜାଣି ନ ଥିଲୁ। ପୁଅକୁ ଉକ୍ତ ସ୍କୁଲରୁ ପରିଚୟପତ୍ର ମିଳିଛି। ଆମେ ୧୦ମ ପରୀକ୍ଷା ପାଇଁ ଫର୍ମ ଫିଲପ୍ ମଧ୍ୟ କରିଥିଲୁ। ହେଲେ ଶେଷରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଆମ ପୁଅକୁ ଆଡ୍‌ମିଟ କାର୍ଡ ଦେଇପାରିଲେନି ବୋଲି ମା' ଅଭିଯୋଗ କରିଛନ୍ତି। ସ୍ମାର୍ଟ ପବ୍ଲିକ ସ୍କୁଲ ପ୍ରିନ୍ସିପାଲ ତିରୁପତି ପାଟିକା କହିଛନ୍ତି, ସ୍କୁଲ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ। ଆଇ କାର୍ଡ ନକଲି। ଦଶମ ପରୀକ୍ଷା ଦେଇପାରି ନାହାନ୍ତି ବୋଲି ଅଭିଯୋଗ ଆଣିଥିବା ଛାତ୍ର ପାରଳାଖେମୁଣ୍ଡିସ୍ଥିତ ବିକାଶ ବିଦ୍ୟା ନିକେତନରେ ନବମ ଶ୍ରେଣୀରେ ପଢୁଥିବା ପ୍ରିନ୍ସିପାଲ ପାଟିକା ସୂଚନା ଦେଇଛନ୍ତି।

# ପୃଥକ୍ ଦୁର୍ଘଟଣାରେ ୬ ମୃତ, ୩ ଗୁରୁତର

**ବୀରମହାରାଜପୁର/ଟିକିରି,୧୭।୨ (ଯୁଗଳ କିଶୋର ମିଶ୍ର/ପ୍ରଫୁଲ୍ଲ କୁମାର ବେହେରା)**

ସୁବର୍ଣ୍ଣପୁର ଓ ରାୟଗଡ଼ା ଜିଲାରେ ପୃଥକ୍ ପୃଥକ୍ ଦୁର୍ଘଟଣାରେ ୬ଜଣଙ୍କ ମୃତ୍ୟୁ ଘଟିଛି। ୩ ଜଣ ଗୁରୁତର ହୋଇଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ହିଲୁଙ୍ଗ ଛକ ନିକଟରେ ମଙ୍ଗଳବାର ୨ବାଇକ୍ ମୁହାଁମୁହିଁ ଧକ୍କାରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ସନ୍ଧ୍ୟା ପ୍ରାୟ ୭ଟାରେ ବୀରମହାରାଜପୁର ଥାନା ହରିହରଜୋର ଫାଣ୍ଡି ଅଧୀନ କେଶଲଗା ବଡମାଲ ଗାଁର ଅଗସ୍ତି ଭୋଇ (୩୦)ଓ ହିଲୁଙ୍ଗ ଗ୍ରାମର ଭଗବାନ ସେଠୀ (୨୫) ହିଲୁଙ୍ଗକୁ ଆସୁଥିଲେ। ଏହି ସମୟରେ ବୀରମହାରାଜପୁର ପଟରୁ ମୁର୍ଷୁଣ୍ଡୀ ଗ୍ରାମର କିଙ୍କକଙ୍ଗ କୁମ୍ଭାର(୨୦) ବଙ୍କିଆ ଗ୍ରାମର ରିଙ୍କୁ ଭୋଇ(୨୦) ଓ ଶିବ (୨୨) ଏକ ବାଇକ୍‌ରେ ଯାଉଥିଲେ। ଉଭୟ ବାଇକ୍ ମୁହାଁମୁହିଁ ଧକ୍କାହେବା ଫଳରେ ଅଗସ୍ତି ଭୋଇ, ରିଙ୍କୁ ଭୋଇଙ୍କ ମୃତ୍ୟୁ ଘଟିଥିଲା। ଭଗବାନ, ଶିବଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ସୁବର୍ଣ୍ଣପୁର ଜିଲା ସଦର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ କିଙ୍କକଙ୍ଗଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ସେହିଭଳି ପାଇଁପୁର ଓ ମୁର୍ଷୁଣ୍ଡୀ ରାସ୍ତା ବଦଲା ବୁଲାଣିରେ ବାଇକ୍‌ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ସୁବଳୟା ଥାନା ଖଣ୍ଡହତା ପଞ୍ଚାୟତ ଚୁପକାଦାର ଗାଁର ସୁଶାନ୍ତ ପଧାନ(୩୪)। ସୁଶାନ୍ତ ତାଙ୍କ ମାମୁ ଆଖୁଜଙ୍କ ସହ କୌଣସି କାମରେ ଯାଉଥିବାବେଳେ ବାଇକ୍ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ନେଇ ବୀରମହାରାଜପୁର ଡାକ୍ତରଖାନାରେ ଆବଶ୍ୟକ ସୁବିଧା, ଅକ୍ସିଜେନ, ଆମ୍ବୁଲାନ୍ସ ଆଦି ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଅନେକ ସମୟ ଅପେକ୍ଷା ପରେ ଡାକ୍ତରଖାନାକୁ ଆମ୍ବୁଲାନ୍ସ ପହଞ୍ଚିବା ପରେ ଗୁରୁତରମାନଙ୍କୁ ସୁବର୍ଣ୍ଣପୁର ଡାକ୍ତରଖାନାକୁ ☞ପୃଷ୍ଠା-୪


ନିଜ ବ୍ୟାଙ୍କିଙ୍ଗକୁ ସୁରକ୍ଷିତ ରଖନ୍ତୁ
ଆମ ଅଧିକୃତ କଷ୍ଟମର କେୟାର ନମ୍ବର
1800 1080 ରେ
ଯୋଗାଯୋଗ କରନ୍ତୁ
ସଠିକ୍ ଫୋନ୍ ନମ୍ବର ପାଇଁ
ସବୁବେଳେ ଆମ ୱେବସାଇଟ୍ ଦେଖନ୍ତୁ
www.icici.bank.in
ICICI Bank

# ଏପ୍ରିଲରେ ୪ ରାଜ୍ୟରେ ନିର୍ବାଚନ

## ମାର୍ଚ୍ଚ ମଧ୍ୟଭାଗରେ ଘୋଷଣା

**ନୂଆଦିଲ୍ଲୀ,୧୭।୨(ପି.ଟି.)**

ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଏବଂ ପଣ୍ଡିଚେରୀ ବିଧାନସଭା ନିର୍ବାଚନ ଏପ୍ରିଲ ମାସର ବିଭିନ୍ନ ତାରିଖରେ ଅନୁଷ୍ଠିତ ହୋଇପାରେ। ଏଥିପାଇଁ ନିର୍ବାଚନ କମିଶନ ମାର୍ଚ୍ଚ ମଧ୍ୟଭାଗରେ ତାରିଖ ଘୋଷଣା କରିପାରନ୍ତି ବୋଲି ଜଣେ ଅଧିକାରୀ ମଙ୍ଗଳବାର କହିଛନ୍ତି। ୫ ବିଧାନସଭାର କାର୍ଯ୍ୟକାଳ ମେ' ଏବଂ ଜୁନ୍‌ର ବିଭିନ୍ନ ତାରିଖରେ ଶେଷ ହେଉଛି। ପଣ୍ଡିଚେରୀ ବିଧାନସଭା କାର୍ଯ୍ୟକାଳ ଜୁନ୍ ୧୫ରେ ଶେଷ ହେବାକୁ ଥିବାବେଳେ ଆସାମ, କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ବିଧାନସଭା କାର୍ଯ୍ୟକାଳ ଯଥାକ୍ରମେ ମେ' ୨୦, ୨୩, ୧୦ ଏବଂ ୭ରେ ଶେଷ ହେବ। ନିର୍ବାଚନ କର୍ତ୍ତୃପକ୍ଷ ଇତିମଧ୍ୟରେ ନିର୍ବାଚନ ହେବାକୁ ଥିବା ବିଭିନ୍ନ ରାଜ୍ୟକୁ ଗସ୍ତ କରିବା ସହ ଆସାମରେ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଗତ ଥର ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ୮ ପର୍ଯ୍ୟାୟରେ ହୋଇଥିଲାବେଳେ ଆସାମରେ ୨ ପର୍ଯ୍ୟାୟରେ ଏବଂ ତାମିଲନାଡୁ, କେରଳ ଓ ପଣ୍ଡିଚେରୀରେ ଗୋଟିଏ ପର୍ଯ୍ୟାୟରେ ହୋଇଥିଲା। ନିର୍ବାଚନ ପୂର୍ବରୁ ବିଭିନ୍ନ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଚାଲିଥିବାବେଳେ ପଣ୍ଡିଚେରୀ ପ୍ରଥମେ ଏହାର ଚୂଡ଼ାନ୍ତ ତାଲିକା ଗତ ୧୪ ତାରିଖରେ ପ୍ରକାଶ କରିଥିଲା। ☞ପୃଷ୍ଠା-୪





# ୧୪ ଥର ସାକ୍ଷାତ, ୬୨ ଇମେଲ୍

## ଏପ୍‌ଷ୍ଟିନ୍-ପୁରୀ ସମ୍ପର୍କର ସ୍ପଷ୍ଟୀକରଣ ମାଗିଲା କଂଗ୍ରେସ

**ନୂଆଦିଲ୍ଲୀ,୧୭।୨(ପି.ଟି.)**

ଆମେରିକାର ଦୋଷୀସାବ୍ୟସ୍ତ ଯୌନ ଅପରାଧୀ ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କୁ କେନ୍ଦ୍ରମନ୍ତ୍ରୀ ହରଦୀପ୍ ସିଂ ପୁରୀ ୨୦୧୪ରୁ ୨୦୧୭ ମଧ୍ୟରେ ୧୪ ଥର ଭେଟିଥିଲେ। ଏହି ସମୟ ମଧ୍ୟରେ ଉଭୟଙ୍କ ମଧ୍ୟରେ ୬୨ଟି ଇ-ମେଲ୍ ଆଦାନପ୍ରଦାନ ହୋଇଥିଲା ବୋଲି କଂଗ୍ରେସ ମଙ୍ଗଳବାର ଅଭିଯୋଗ କରିଛି। ଏପ୍‌ଷ୍ଟିନ୍ ଫାଇଲ୍‌କୁ ନେଇ କେନ୍ଦ୍ରମନ୍ତ୍ରୀ ପୁରୀ ମିଛ କହୁଛନ୍ତି। ସେ ସ୍ପଷ୍ଟୀକରଣ ଦେବା ସହ ନିଜକୁ ସ୍ୱଚ୍ଛ ସାବ୍ୟସ୍ତ କରିବାକୁ ବିରୋଧୀ ଦଳ ଆହ୍ୱାନ ଦେଇଛି। ଏଥିସହିତ ପୁରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଅନ୍ୟ ପକ୍ଷରେ ବିରୋଧୀ ଦଳର ସମସ୍ତ ଅଭିଯୋଗକୁ କେନ୍ଦ୍ରମନ୍ତ୍ରୀ ଖଣ୍ଡନ କରିଛନ୍ତି। ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ଗଣମାଧ୍ୟମ ଓ ପ୍ରଚାର ବିଭାଗ ମୁଖ୍ୟ ପଓ୍ୱନ ଖେରା କହିଛନ୍ତି, ୨୦୨୪ରୁ ୨୦୧୭ ମଧ୍ୟରେ ହରଦୀପ ପୁରୀ ଓ ଏପ୍‌ଷ୍ଟିନ୍‌ଙ୍କ ମଧ୍ୟରେ ୬୨ଟି ଇମେଲ୍ ଆଦାନପ୍ରଦାନ ହୋଇଥିଲା। ଏହା ବ୍ୟତୀତ ୨୦୧୪ ଜୁନ୍ ୫, ୬, ୮, ୯, ସେପ୍ଟେମ୍ବର ୧୯, ୨୩, ୨୪ ଏବଂ ଅକ୍ଟୋବର ୯ ଓ ୧୦ ତରିଖରେ ଉଭୟ ପରସ୍ପରକୁ ଭେଟି ଆଲୋଚନା କରିଥିଲେ। ପୁରୀ ୩୨ଟି ଇମେଲ୍ ଲେଖିଥିଲାବେଳେ ଏପ୍‌ଷ୍ଟିନ୍ ୩୦ଟି ଇମେଲ୍ ପଠାଇଥିଲେ। ☞ପୃଷ୍ଠା-୪



ହରଦୀପ୍ ସିଂ ପୁରୀ




| ପଲିସି ଅବଧି | ପ୍ରିମିୟମ୍ ପୈଠ ଅବଧି |
|---|---|
| 16 | 10 |
| 21 | 15 |
| 25 | 16 |

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଏଗ୍ରୀ ସୁପର୍ ଷ୍ଟାର୍ସ ୧୯୭୬, ସ୍ଥାନ: ଓୟୁଏଟି କମ୍ୟୁନିଟି ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶତାବ୍ଦୀର କଳାକାର ଭବନ, ୟୁନିଟ୍ ୪, ସମୟ: ମଧ୍ୟାହ୍ନ ୧୨ଟା।

**କଟକ**
- ବିବୁଧେନ୍ଦ୍ର ମିଶ୍ରଙ୍କ ୧୪ତମ ଶ୍ରାଦ୍ଧବାର୍ଷିକୀ ସମାରୋହ, ସ୍ଥାନ: ହାଇକୋର୍ଟ ବାର ସମ୍ମିଳନୀ କକ୍ଷ, ପ୍ରଥମ ମହଲା, ସମୟ: ଅପରାହ୍ନ ୪ଟା ୩୦।

**ବାଲେଶ୍ୱର**
- ଜିଲାସ୍ତରୀୟ ଗଣ ସମ୍ମିଳନୀ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସଚେତନତା କର୍ମଶାଳା, ସ୍ଥାନ: ପଦ୍ମାବତୀ ପାର୍କ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଉଦ୍ୟାନ କୃଷି ବିଭାଗର ପ୍ରଶିକ୍ଷଣ ଶିବିର, ସ୍ଥାନ: ବରିରୋଡ୍, ସିମୁଲିଆ, ସମୟ: ପୂର୍ବାହ୍ନ ୧୧ଟା।
- ହିମାଂଶୁ ଦାସ ମେମୋରିଆଲ ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- ରାଜ୍ୟସ୍ତରୀୟ ନାଟକ ପାଲା ଉତ୍ସବ, ସ୍ଥାନ: ଘୋଷ କଲ୍ୟାଣ ମଣ୍ଡପ, ବସ୍ତା, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ମୁକ୍ତେଶ୍ୱର ମହାଦେବଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପ୍ରବୋଧପୁର, ମନ୍ଦାରୀ, ବାସୁଦେବପୁର, ସ୍ଥାନ: ସକାଳ ୮ଟା।
- ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

**ମୟୂରଭଞ୍ଜ**
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମହାଶିବରାତ୍ରି ଜାଗରମେଳା, ସ୍ଥାନ: ମାଣତ୍ରୀ, ବଡ଼ସାହି, ସମୟ: ସକାଳ ୮ଟା।
- ସିଦ୍ଧି ବିନାୟକ ମନ୍ଦିରର ପ୍ରତିଷ୍ଠା ଅବସରରେ କଳସଯାତ୍ରା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ସତ୍ୟ ସ୍ୱରୂପ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ନାଗପାଳ ଖେଳ ପଡ଼ିଆ, ଉଦଳା ଏନ୍ଏସି, ସମୟ:ସକାଳ ୯ଟା୩୦।
- ଖଣ୍ଡିହୁଡ଼ି ତାରିଣୀ ପୀଠରେ ଶିବ ମନ୍ଦିର ପ୍ରତିଷ୍ଠା ଲାଗି ଆଜ୍ଞାମାଳ ଶୋଭାଯାତ୍ରା,ସ୍ଥାନ: କୁଅଁର ପାଳ ତାରିଣୀ ପୀଠ, ଉଦଳା,ସମୟ:ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପାଲବଣୀସ୍ଥିତ ବାରିପଦା ବ୍ଲକ ପରିସର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ବିଜେଡି ପକ୍ଷରୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଆରଡିସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମହାସଂଗ୍ରାମର ମହାନାୟକ ନାଟକ ମଞ୍ଚସ୍ଥ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା।

**ଗଞ୍ଜାମ**
- ଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଭଞ୍ଜନଗର ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

**ଅନୁଗୋଳ**
- ଜଙ୍ଗଲ ନିଆଁ ନିରାକରଣ ସଚେତନତା ସଭା, ସ୍ଥାନ: ତାଳଚେର ଶିବରାମପୁର,ସମୟ: ପୂର୍ବାହ୍ନ ୧୦ଟା।
- ବନବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଅନୁଗୋଳ ବନଖଣ୍ଡ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଜଗତ୍‌ସିଂହପୁର**
- ବଜରଙ୍ଗ ଦଳ ପକ୍ଷରୁ ଛତ୍ରପତି ଶିବାଜୀ ମହାରାଜାଙ୍କ ଜୟନ୍ତୀ ଉପଲକ୍ଷେ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଜୟଦେବ ସଦନ ସମ୍ମୁଖ ପଡ଼ିଆ, ବଡ଼ପଡ଼ିଆ ପାରାଦୀପ, ସମୟ: ଅପରାହ୍ନ ୫ଟା।

**କେନ୍ଦ୍ରାପଡ଼ା**
- ଜିଲାସ୍ତରୀୟ ସ୍ୱାସ୍ଥ୍ୟକର୍ମୀଙ୍କ ସମ୍ମିଳନୀ, ସ୍ଥାନ: ସଂସ୍କୃତିଭବନ, ଉଦୟନଗର, ଡେରାବିଶ, ସମୟ: ସକାଳ ୯ଟା।
- ରାଜସ୍ୱ ମାମଲା ସମ୍ପର୍କୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କଳବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକର କଣିପାଟିଆ ଗ୍ରାମ, ସମୟ: ସକାଳ ୬ଟା।
- ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜାରକା ବଡ଼ବଜାର ବ୍ୟବସାୟୀ ସଂଘର ୩୫ତମ ବାର୍ଷିକ ସମାରୋହ, ସ୍ଥାନ: ଧର୍ମଶାଳା ବ୍ଲକର ଜାରକା ବଜାର, ସମୟ: ଅପରାହ୍ନ ୫ଟା।

**ନୟାଗଡ଼**
- ଜାମାଲାଗି ବେଶର ୨୭ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ସନ୍ଧାନର ୩ୟ ଦିବସ, ସ୍ଥାନ: ନୟାଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ରଣପୁର ବ୍ଲକର ରାଜସୁନାଖଳା,ସମୟ: ପୂର୍ବାହ୍ନ ୧୦ରୁ ୪ଟା।
- ମହିଳା ଆତ୍ମ ରକ୍ଷା କୌଶଳ ଶିବିରର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମହାଶିବରାତ୍ରି ଅବସରରେ ଜାଗରଯାତ୍ରାର ୪ର୍ଥ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ, ସ୍ଥାନ: ଏମ୍‌କେରାଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ଅଟଳ ବସ୍‌ଷ୍ଟାଣ୍ଡ ନିର୍ମାଣ ନେଇ ଦୋକାନୀଙ୍କ ସହ ଜିଲାପାଳଙ୍କ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ୩୦।

**କୋରାପୁଟ**
- ଗଣେଷ ମନ୍ଦିର ପ୍ରତିଷ୍ଠା, ସ୍ଥାନ: କୋରାପୁଟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।
- ପ୍ଲସ୍ ୨ ପରୀକ୍ଷା, ସ୍ଥାନ: ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନନ୍ଦପୁର, ସମୟ: ସକାଳ ୯ଟା।
- ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା, ସ୍ଥାନ: ବାଳକ ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦ୍ୱିତୀୟ ପର୍ଯ୍ୟାୟ ବିବିଏସ୍ଏ ଶିବିର, ସ୍ଥାନ: ଦଶମନ୍ତପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା ୪୫।

**ମାଲକାନଗିରି**
- ଶିରିଡି ସାଇବାବା ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମାଲକାନଗିରି ସଦର ମହକୁମାସ୍ଥିତ ପାତ୍ରଗୁଡା, ସମୟ: ସକାଳ ୬ଟା।

**ସମ୍ବଲପୁର**
- ସମ୍ବଲପୁର ନଗରସ୍ତରୀୟ ସାମାଜିକ ସଦଭାବ ବୈଠକ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ଥିତ ସଭାଗୃହ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।
- ୧୪ତମ ସର୍ବ ଭାରତୀୟ ସମ୍ବଲପୁର କପ୍ ଫୁଟବଲ ଟୁର୍ନାମେଣ୍ଟ ପ୍ରସ୍ତୁତି, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ସୂଚନା ଅଧିକାର ଆଇନ ଓ ଏହାର କାର୍ଯ୍ୟକାରିତା ଉପରେ ଆନ୍ତଃ ଜିଲାସ୍ତରୀୟ ସମ୍ମିଳନୀ, ସ୍ଥାନ: କଲେଜ ଛକ କଲ୍ୟାଣ ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ରାଉରକେଲା**
- ଗାୟତ୍ରୀ ଶକ୍ତିପୀଠରେ ୨୪ କୁଣ୍ଡୀୟ ଯଜ୍ଞ ଆରମ୍ଭ, ସ୍ଥାନ: ସେକ୍ଟର-୨, ସମୟ: ସକାଳ ୭ଟା।
- ଜାଗର ମେଳା, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା।
- ଶୀତଳାମାତା ମନ୍ଦିର ପ୍ରତିଷ୍ଠା ମହୋତ୍ସବର କଳସ ଯାତ୍ରା, ସ୍ଥାନ: ବିଶ୍ରା ଡାହାର ହନୁମାନ ମନ୍ଦିର, ସମୟ: ସକାଳ ୮ଟା।

**ବରଗଡ଼**
- ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭା ମଞ୍ଚ, ବିଜେପୁର, ସମୟ:ପୂର୍ବାହ୍ନ ୯ଟା ୩୦।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ଆର୍ଏମ୍‌ସି ମାର୍କେଟ ୟାର୍ଡ ପଡ଼ିଆ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ଖଗେଶ୍ୱର ସାହିତ୍ୟ କଳା ପରିଷଦ ବଛରକିଆ ଉଛବ, ସ୍ଥାନ:ସଙ୍କର୍ଷଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆ, ବିଜେପୁର, ସମୟ:ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- ମୁଖ୍ୟମନ୍ତ୍ରୀ କପ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- 'ଆମର ସହାୟକ' କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ମହିଳାଙ୍କ ଅଧିକାର ସମ୍ପର୍କିତ ବ୍ଲକ୍‌ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା'ଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ମାଚ୍, ସ୍ଥାନ: ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟର ପଞ୍ଚମ ସନ୍ଧ୍ୟା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରୟାଲ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

**ନୂଆପଡ଼ା**
- ନୂଆପଡ଼ା ବାନରସେନା ମଞ୍ଚର ଜିଲାସ୍ତରୀୟ ସାଂଗଠନିକ ବୈଠକ, ସ୍ଥାନ: କୋମନା ବ୍ଲକ ପଣ୍ଡରାପଥର ଗାଁ, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ କଲୋନିପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।




## ଠଗଠମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉପରେ ଉପରେ ପାଣି ଛିଞ୍ଚିବା**
**ଭିତରେ ଭିତରେ ଶିଅ କାଟିବା।**

ଆଗରେ ମିଷ୍ଟଭାଷୀ ଅଥଚ ଭିତରେ କପଟାଚରଣ। ଉପରେ ମଧୁର ବା ଚିକଣ କଥା କହି ଗୋପନରେ ଅନିଷ୍ଟ କରୁଥିବା କୁଟିଳ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏହି ଦେହ ଫେର ଏମନ୍ତ ହୋଇ**
**ହାତୀକୁ ପାରଇ ବାନ୍ଧି,**
**ଏହି ଦେହ ଫେର ଏମନ୍ତ ହୋଇ**
**ମୂଷାକୁ ନ ପାରେ ଛନ୍ଦି ।**

ପୂର୍ଣ୍ଣ ଯୌବନ ଅବସ୍ଥାରେ ମଣିଷଟି ଧରାକୁ ସରା ମନେ କରୁଥିବାବେଳେ ନିଜ ଶକ୍ତି ସାମର୍ଥ୍ୟକୁ ନେଇ ଅନେକ ଗର୍ବ କରିଥାଏ। ତେବେ ବୟସ ଅତିକ୍ରାନ୍ତ ହୋଇଗଲାପରେ ଏଥିରେ ଶିଥିଳତା ଆସିଯିବା ସହ ସେ ନିଜକୁ ଅସହାୟ ମନେକରିଥାଏ। ତେଣୁ ବୟସ ଆଗରେ ଶକ୍ତି ସାମର୍ଥ୍ୟ ହାର ମାନୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ୩୨ ଲକ୍ଷକୁ ଆୟ...

ଅଭିଭାଷଣରେ 'ପେସା' ଆଇନ ସମ୍ପର୍କରେ ଉଲ୍ଲେଖ ନ ଥିବା ସହିତ କିଛି ନୂତନତ୍ୱ ନ ଥିବା ଦର୍ଶାଇ ପ୍ରଥମେ କକ୍ଷ ତ୍ୟାଗ କରିଥିବାବେଳେ ପରେ ବିଜୁ ଜନତା ଦଳ(ବିଜେଡି) ଅଭିଭାଷଣରେ ନୂତନତ୍ୱ ନ ଥିବା ଦର୍ଶାଇ କକ୍ଷତ୍ୟାଗ କରିଥିଲା। ମାତ୍ର ରାଜ୍ୟପାଳ ତାଙ୍କ ଅଭିଭାଷଣ ଜାରି ରଖିଥିଲେ। ରାଜ୍ୟପାଳ କହିଥିଲେ, ୨୦୪୭ ସୁଦ୍ଧା ରାଜ୍ୟରେ ବାର୍ଷିକ ମୁଣ୍ଡ ପିଛା ଆୟକୁ ୧.୮ ଲକ୍ଷରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାସହିତ ଜୀବନଧାରଣ ମାନକୁ ସୁଧାରିବା, ବହୁମୁଖୀ ଦାରିଦ୍ର୍ୟକୁ ୫ପ୍ରତିଶତ କମାଇବା, ମହିଳା ଶ୍ରମଶକ୍ତି ଅଂଶଗ୍ରହଣକୁ ୭୦ପ୍ରତିଶତକୁ ବୃଦ୍ଧି କରିବା, ରକ୍ତହୀନତା ଓ ପୌଷ୍ଟିକ ଅଭାବକୁ ନିରାକରଣ କରିବା ଏବଂ ଲୋକଙ୍କ ଆୟୁ ସୀମାକୁ ୮୦ ବର୍ଷରୁ ଅଧିକ କରିବାକୁ ଲକ୍ଷ୍ୟ ରଖାଯାଇଛି।

ରାଜ୍ୟପାଳ ଆହୁରି କହିଥିଲେ, ସାମଗ୍ରିକ ଭାବେ ସରକାର ଓଡ଼ିଶାକୁ ଏକ ସ୍ଥିର ଓ ବିକାଶପଥରେ ଆଗକୁ ନେଉଛନ୍ତି। ବିକଶିତ ଭାରତର ଅଭିବୃଦ୍ଧି ଇଞ୍ଜିନ୍ ଭାବରେ ଓଡ଼ିଶା ନେତୃତ୍ୱ ନେବାକୁ ପ୍ରସ୍ତୁତ ହୋଇଛି। ରାଜ୍ୟ ଯେତେବେଳେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଏକଶତ ବର୍ଷ ପୂରଣ କରିବ ସେତେବେଳେ ଏହାକୁ ଗୌରବ, ସମୃଦ୍ଧି ଓ ସୁସ୍ପଷ୍ଟ ଉଦ୍ଦେଶ୍ୟବୋଧ ସହ ଦୃଢ଼ଭାବେ ଦଣ୍ଡାୟମାନ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ଅଛନ୍ତି। ସମୃଦ୍ଧ ଓଡ଼ିଶା ଦୃଷ୍ଟିକୋଣକୁ ସାକାର କରି ଭିତ୍ତିଭୂମି ବିକାଶ, ପ୍ରତି ନାଗରିକ ପାଇଁ ସୁଯୋଗ, କୃଷି ଓ ଶିଳ୍ପର ସଶକ୍ତୀକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ମାଧ୍ୟମରେ ଜୀବନ ମାନ ଉନ୍ନତ, ସବୁଜ ବିକାଶକୁ ପ୍ରୋତ୍ସାହନ, ସଂଯୋଗତା ବୃଦ୍ଧି, ଲୋକଶକ୍ତିକୁ ସକ୍ରିୟ କରିବା ଏବଂ ନ୍ୟାୟସଂଗତ ସମୃଦ୍ଧି ହାସଲ ଲାଗି ସରକାର ସଂକଳ୍ପବଦ୍ଧ ବୋଲି ରାଜ୍ୟପାଳ କହିଛନ୍ତି। ୮୩୦୦ କୋଟି ଟଙ୍କାର ରାମେଶ୍ୱର-ପାରାଦୀପ ଉପକୂଳ ରାଜପଥ ଅନୁମୋଦନ ଦ୍ୱାରା ଦୂରତା ଏବଂ ଯାତ୍ରା ସମୟ ପ୍ରାୟ ୪୫ ମିନିଟ୍ କମିବ। ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଅଧୀନରେ ୨୦୬୬ କୋଟିରୁ ଅଧିକ ଅର୍ଥ ବିନିଯୋଗରେ ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ସ୍ଥାପନ ଲାଗି ଅନୁମୋଦନ ମିଳିଛି। ଏହା ଓଡ଼ିଶାକୁ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ପଦକ୍ଷେପ ଭାବେ ପରିଚିତ କରିବାରେ ଏକ ଐତିହାସିକ ପଦକ୍ଷେପ ହେବ। ରାଜ୍ୟପାଳ ପୁଣି କହିଥିଲେ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ୧୦୬ ସହରାଞ୍ଚଳ ଜଳାଶୟର ପୁନରୁଦ୍ଧାର ଓ ୨୪୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ସକ୍ରିୟ ସହଭାଗିତାରେ ୩୮ ହଜାର ଚାରା ରୋପଣ ମାଧ୍ୟମରେ ସହର ଉନ୍ନୟନର ଉତ୍କୃଷ୍ଟ ପ୍ରଗତି ହୋଇଛି। ରାଜଧାନୀ ସହରାଞ୍ଚଳ ପରିବହନ(ସିଆର୍‌ୟୁଟି) ୧୧୩ଟି ରୁଟ୍‌ରେ ୨୯୦ ବ୍ୟାଟେରିଚାଳିତ ବସ୍ ସମେତ ୬୭୦ଟି ବସ୍ ପରିଚାଳନା କରି ସ୍ଥାୟୀ ସହରାଞ୍ଚଳ ଗତିଶୀଳତାରେ ଏହାର ନେତୃତ୍ୱକୁ ସୁଦୃଢ଼ କରିଛି। ଦୈନିକ ପ୍ରାୟ ୩.୩ ଲକ୍ଷ ଯାତ୍ରୀଙ୍କୁ ଏହା ସେବା ଯୋଗାଉଛି। ସେହିପରି ଓଡ଼ିଶାରେ ବର୍ତ୍ତମାନ ୫୫ଟି ଇସ୍ପାତ କାରଖାନା କାର୍ଯ୍ୟକ୍ଷମ ଥିବାବେଳେ ବାର୍ଷିକ ୪୫.୬୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ହେଉଛି। ଦେଶର ମୋଟ୍ ସ୍ଥାପିତ ଇସ୍ପାତ କ୍ଷମତାର ଏହା ୨୩ ପ୍ରତିଶତ। ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଜାତୀୟ ଲକ୍ଷ୍ୟ ପୂରଣ ପାଇଁ ୧୦୦ ନିୟୁତ୍ ଟନ୍ ଇସ୍ପାତ ଯୋଗାଇବାକୁ ଓଡ଼ିଶା ପ୍ରସ୍ତୁତି କରୁଛି। ରାଜ୍ୟ ସରକାର ଓଡ଼ିଶାର ଶିଳ୍ପାୟନ କ୍ଷମତାକୁ ନିର୍ଣ୍ଣାୟକ ଭାବେ ପ୍ରଦର୍ଶନ କରିଛନ୍ତି। ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସହିତ ୮୫ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ହୋଇଛି, ଯାହାଦ୍ୱାରା ୧.୬୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ସେହିପରି ରାଜ୍ୟ ସରକାର ୧୭୬୫ ବିଦ୍ୟାଳୟ ଓ ୫୯୬୭ଟି ଛାତ୍ରାବାସ ମାଧ୍ୟମରେ ୫.୫୧ ଲକ୍ଷ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କୁ ଆବାସିକ ବିଦ୍ୟାଳୟ ସୁବିଧା ଯୋଗାଇଛନ୍ତି। ଏହାଦ୍ୱାରା ଶୈକ୍ଷିକ ପରିବେଶ ସୁନିଶ୍ଚିତ ହୋଇପାରିଛି। ସୁସ୍ଥ ଓଡ଼ିଶା ଓ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗ ନିମନ୍ତେ ୯ପ୍ରତିଶତ ବଜେଟ ଅଧିକ ବ୍ୟବସ୍ଥା କରିଛନ୍ତି। ୨୩ ହଜାର ୬୩୫ କୋଟି ଟଙ୍କାର ବଜେଟ ପ୍ରାବଧାନ ହୋଇଛି, ଯାହା ରେକର୍ଡ ବୋଲି ରାଜ୍ୟପାଳ କହିଛନ୍ତି।

ରାଜ୍ୟପାଳ କହିଛନ୍ତି, ୨୦୨୨-୨୩ରେ ଲଘୁ ଖଣିଜରୁ ୧୧୯୫ କୋଟି ଟଙ୍କା ଆୟ ହୋଇଥିଲା ୨୦୨୪-୨୫ରେ ୧୭୭୬ କୋଟି ଟଙ୍କା ଆୟ ହୋଇଛି। ଏହା ବାର୍ଷିକ ୧୯ପ୍ରତିଶତ ବୃଦ୍ଧି ଏବଂ ଦୁଇବର୍ଷ ମଧ୍ୟରେ ୪୮ ପ୍ରତିଶତରୁ ଅଧିକ ଅଭିବୃଦ୍ଧିକୁ ପ୍ରତିଫଳିତ କରିଛି। ଶକ୍ତିକ୍ଷେତ୍ରରେ ମଧ୍ୟ ଓଡ଼ିଶା ଏକ ବଳକା ରାଜ୍ୟ ଭାବେ ଉଭା ହୋଇଥିବାବେଳେ ୨୦୩୦ ସୁଦ୍ଧା ୧୦ ଗିଗାୱାଟ୍ ପୁନଃ ନବୀକରଣୀୟ କ୍ଷମତାର ପ୍ରକଳ୍ପ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାସହିତ ମହିଳାଙ୍କୁ ସଶକ୍ତ କରିବା, ଯୁବବର୍ଗଙ୍କୁ କର୍ମସଂସ୍ଥାନ ଯୋଗାଇବା ଭଳି ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିକାଶ ଚିତ୍ରକୁ ରାଜ୍ୟପାଳ ଦର୍ଶାଇଥିଲେ।

### ଟୋକନ୍ ଲାପ୍ସ...

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପ୍ରକାଶ ଯେ, ଚିତ୍ତରଞ୍ଜନ ନିଜ ସ୍ତ୍ରୀଙ୍କ ସୁନାଗହଣା ବନ୍ଧକ ରଖି ଟଙ୍କା ଆଣି ଚାଷ କରିଥିଲେ। ଚିତ୍ତରଞ୍ଜନଙ୍କ ଟୋକେନ୍ ନମ୍ବର ୬୯୭୮୭୫ରେ ଥିଲା, ଯାହା ୧୮ ଜାନୁଆରୀରୁ ୧ ମାସ ବଳବତ୍ତର ରହିବା କଥା। ଉକ୍ତ ଟୋକନରେ ସେ ୭୫ କୁଇଣ୍ଟାଲ ଧାନ ବିକ୍ରି କରିବାର ଥିଲା। ତେବେ ସେ ଧାନମଣ୍ଡିରେ ଆଇ ସ୍କାନ୍ କରିବାକୁ ମଙ୍ଗଳବାର ପହଞ୍ଚିଥିବା ବେଳେ ଟୋକନ୍ ଲାପ୍ସ ହୋଇଥିବା ଜାଣିବାକୁ ପାଇଥିଲେ। ଏହି ଖବର ଶୁଣି ସେ ହଠାତ୍ ବେହୋସ ହୋଇପଡ଼ିଥିଲେ। ଚନ୍ଦାହାଣ୍ଡି ବ୍ଲକ୍‌ର ବିଭିନ୍ନ ମଣ୍ଡିରେ ପ୍ରାୟ ୪୫ ହଜାର କୁଇଣ୍ଟାଲ ଧାନ ପଡ଼ି ରହିଥିବା ଏକ ଆକଳନରୁ ଜଣାପଡ଼ିଛି। କଂଗ୍ରେସ ନେତା କ୍ଷେମରାଜ୍ ବାଘ, ହୁମେଶ୍ୱର ହଂସ, ଧୋଡ଼ିପାଣି ସରପଞ୍ଚ ଦୁଲ୍ଲଭ ପୂଜାରୀ ପ୍ରମୁଖ ବିଭିନ୍ନ ମଣ୍ଡି ପରିଦର୍ଶନ କରିଥିଲେ। ଦିନେ ଦୁଇ ଦିନ ମଧ୍ୟରେ ମଣ୍ଡିରୁ ତୁରନ୍ତ ଧାନ ଉଠା ନ ଗଲେ ଚାଷୀ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

### ପୃଥକ୍ ଦୁର୍ଘଟଣାରେ...

ଚିକିତ୍ସା ପାଇଁ ପଠାଯାଇଥିଲା। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ଟିକିରି ଥାନା ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଟିକିରିସ୍ଥିତ ନଟରାଜ ପେଟ୍ରୋଲ ପମ୍ପ ନିକଟରେ ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇଥିବା ଏକ ଟ୍ୟାଙ୍କରକୁ ବାଇକ୍ ଧକ୍କାଦେବାରୁ ୨ ନାବାଳକଙ୍କ ସମେତ ୩ ଜଣଙ୍କର ଜୀବନ ଯାଇଛି। ମୃତକମାନେ ହେଲେ ଟିକିରି ଥାନା ଅନ୍ତର୍ଗତ ମହତପୁଟ ଖୁରିଗାଁ ଗ୍ରାମର ନରେନ୍ଦ୍ର ଝୋଡ଼ିଆ (୨୫), ବିପିନ ଝୋଡ଼ିଆ (୧୪) ଓ ଟୁନୁ ଝୋଡ଼ିଆ (୧୫)। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ରାସ୍ତାରୋକୋ କରିଥିଲେ। ରାୟଗଡ଼ା ଉପଜିଲାପାଳ ରମେଶ ଚନ୍ଦ୍ର ଜେନା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ପ୍ରଶାସନ ତରଫରୁ ସହାୟତା ରାଶି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପୂର୍ବାହ୍ନ ୧୦ଟା ୩୦ରେ ରାସ୍ତା ଅବରୋଧ ହଟିଥିଲା।

ନରେନ୍ଦ୍ର, ବିପିନ ଓ ଟୁନୁ ସୋମବାର ରାତି ପ୍ରାୟ ୧୧ଟାରେ କୌଣସି କାମରେ ବାଇକ୍ ଯୋଗେ ଟିକିରି ପଟୁ ଗୋରଖପୁର ଆଡ଼କୁ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଛିଡ଼ାହୋଇଥିବା ଟ୍ୟାଙ୍କରକୁ ଧକ୍କାଦେଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ୩ଜଣଙ୍କୁ ଉଦ୍ଧାରକରି ଉଷାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ୨ ଜଣଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସେମାନଙ୍କ ମୃତ୍ୟୁ ଘଟିଛି।

### ୧୪ ଥର ସାକ୍ଷାତ...

୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ପରେ ଏଭଳି ଆଦାନପ୍ରଦାନ ଓ ସାକ୍ଷାତ୍ ୨୦୧୭ ପର୍ଯ୍ୟନ୍ତ ଲାଗିରହିଥିଲା। ପ୍ରଶ୍ନ ହେଉଛି ୨୦୧୪ ଜୁନ୍‌ରେ ପୁରୀ କେଉଁ ପଦବୀରେ ଥିଲେ ଏବଂ କେଉଁ କ୍ଷମତା ବଳରେ ସେ ଏପ୍‌ଷ୍ଟିନ୍‌ଙ୍କୁ ଭେଟିଥିଲେ ବୋଲି ଖେରା କହିଛନ୍ତି।

ଆମେରିକା ନ୍ୟାୟ ବିଭାଗ କିଛିଦିନ ପୂର୍ବରୁ ଯୌନ ଅପରାଧୀ ଏପ୍‌ଷ୍ଟିନ୍‌ଙ୍କ ତଦନ୍ତ ସମ୍ପର୍କିତ ଫାଇଲ୍ ପ୍ରକାଶ କରିଥିଲା। ଏପ୍‌ଷ୍ଟିନ୍ ଓ ତାଙ୍କ ସହଯୋଗୀ ଘିସ୍‌ଲେଇନ୍ ମାକ୍ସୱେଲ୍‌ଙ୍କ ଦ୍ୱାରା ହାଇଥିବା ୨ଟି ଅପରାଧ ତଦନ୍ତ ସମ୍ପର୍କିତ ଅନେକ ହଜାର ପୃଷ୍ଠାର ଦସ୍ତାବିଜ୍ ଉକ୍ତ ଫାଇଲ୍‌ରେ ରହିଛି। ସେଥିରେ ଭ୍ରମଣ ଲିପି, ରେକର୍ଡିଂ, ଇମେଲ୍ ଆଦି ରହିଛି। ୨୦୧୯ରେ ହାଜତରେ ଏପ୍‌ଷ୍ଟିନ୍‌ଙ୍କ ମୃତ୍ୟୁ ଘଟିବା ଠାରୁ ଉକ୍ତ ଦସ୍ତାବିଜ୍‌ଗୁଡ଼ିକୁ ସଂରକ୍ଷିତ ରଖାଯାଇଥିଲା।

ପୁରୀ ଜଣେ ସାଧାରଣ ନାଗରିକ ହୋଇଥିବାବେଳେ ସେ ସରକାରୀ ନୀତିଗୁଡ଼ିକୁ ଏପ୍‌ଷ୍ଟିନ୍‌ଙ୍କ ସହ ଶେୟାର କରୁଥିଲେ କାହିଁକି ବୋଲି ଖେରା ପ୍ରଶ୍ନ କରିଛନ୍ତି। ପୁରୀ ପ୍ରଥମେ ଇସ୍ତଫା ଦେଇ ତାହା ପରେ ଘଟଣାକୁ ସ୍ପଷ୍ଟ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ସାକ୍ଷାତ୍‌କାରରେ ଗୋଟିଏ ପରେ ଗୋଟିଏ ମିଛ କହି ପୁରୀ ନିଜକୁ ଭୁଲ ପ୍ରମାଣିତ କରିଛନ୍ତି। ଏତେ ମିଛ କହି ସେ କାହାକୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଛନ୍ତି ବୋଲି ଖେରା ପ୍ରଶ୍ନ କରିଛନ୍ତି।

ନୂଆଦିଲ୍ଲୀରେ ଚାଲିଥିବା ଏଆଇ ଇମ୍ପାକ୍ଟ ସମିଟ୍‌ରେ ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ଅଂଶଗ୍ରହଣକୁ ନେଇ ଖେରା କେନ୍ଦ୍ରକୁ ସମାଲୋଚନା କରିଛନ୍ତି। ସମିଟ୍‌ରେ ବିଲ୍ ଗେଟ୍ସ ଯୋଗଦେବେ ନାହିଁ ବୋଲି ସରକାରୀ ସୂତ୍ରରୁ କୁହାଯାଇଛି। ଅନ୍ୟପକ୍ଷରେ ବିଲ୍ ଗେଟ୍ସ ସମିଟ୍‌କୁ ଆସି ଭାଷଣ ଦେବେ ବୋଲି ନିଜେ କହିଛନ୍ତି। ଯଦିଓ ଏପ୍‌ଷ୍ଟିନ୍‌ଙ୍କ କବ୍‌ଜାରେ ଥିବା ଯୁବତୀଙ୍କ ମଧ୍ୟରୁ କାହା ସହ ବିଲ୍ ଗେଟ୍ସ ଖରାପ କାର୍ଯ୍ୟରେ ସମ୍ପୃକ୍ତ ଥିଲେ ବୋଲି ଅଭିଯୋଗ ନାହିଁ, ତେବେ ସେ ଯୌନ ସଂକ୍ରାମକ ରୋଗରେ ପୀଡ଼ିତ ଥିଲେ ବୋଲି ଏପ୍‌ଷ୍ଟିନ ଅଭିଯୋଗ କରିଥିବା ଫାଇଲ୍‌ରେ ଉଲ୍ଲେଖ ରହିଛି।

### ଏପ୍ରିଲରେ ୪...

ତାମିଲନାଡୁ ମଙ୍ଗଳବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବାକୁ ଥିବାବେଳେ କେରଳ ଆସନ୍ତା ୨୧ରେ ପ୍ରକାଶ କରିବ। ସେହିପରି ପଶ୍ଚିମବଙ୍ଗରେ ଚୂଡ଼ାନ୍ତ ତାଲିକା ୨୮ରେ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ଆସାମରେ ଏସ୍‌ଆଇଆର୍ ବଦଳରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ହୋଇ ଗତ ୧୦ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଏକାଦଶ ସ୍ଥାନରେ ପଞ୍ଚଗ୍ରହକୂଟ କୋଣଭାବକୁ ପ୍ରଭାବିତ କରି ଶିକ୍ଷା, ସନ୍ତାନ, ବନ୍ଧୁସମ୍ପର୍କ ଏବଂ ଆଲୋଚନାରେ ସମସ୍ୟା ସୃଷ୍ଟି କରିପାରନ୍ତି। ଶନିଙ୍କ ଦୃଷ୍ଟି ଦ୍ୱିତୀୟଭାବକୁ ରହିଥିବାରୁ ଧନହାନି ସାଙ୍ଗକୁ ମାନସିକ ସ୍ତରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବ। ପ୍ରତୀକ୍ଷିତ ଖବରଟି ଆଶ୍ୱସ୍ତି ଲାଭର କାରଣ ହୋଇପାରେ।

**ବୃଷ**: ଯାହାକୁ ନିଜର ଭଳି ଚିନ୍ତା କରିବେ ସେହି ବ୍ୟକ୍ତି ହିଁ ସମସ୍ୟା ସୃଷ୍ଟିର ସୂତ୍ରଧର ସାଜିପାରେ। ସହକର୍ମୀଟିର ସାହାଯ୍ୟରେ ଆର୍ଥିକ ସମସ୍ୟା ଦୂର ହେବ। ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିବାର ସୁଯୋଗ ପାଇପାରନ୍ତି। ନବମଭାବରେ ଉଚ୍ଚସ୍ଥ ମଙ୍ଗଳ ଯୋଗୁ ଆକସ୍ମିକ ପରିବାର ସହ ମାଙ୍ଗଳିକ କାମରେ ଭ୍ରମଣ ଯୋଗ ରହିଛି।

**ମିଥୁନ**: ଦୁଃସ୍ଥାନାଧିପତି ଶନିଙ୍କ କର୍ମସ୍ଥସ୍ଥିତି ଯୋଗୁ ଆଜି ଯାହା କରିବାକୁ ଯାଉଛନ୍ତି ଠିକ୍ ବିଚାରକରି ପଦକ୍ଷେପ ନିଅନ୍ତୁ। ପାରିବାରିକ ସମ୍ପର୍କକୁ ନେଇ ବନ୍ଧୁଙ୍କ ଅନୁରୋଧରେ ଦୂରଯାତ୍ରା କରିବେ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ସାହିତ୍ୟ, ରଚନାତ୍ମକକାର୍ଯ୍ୟ ଏବଂ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

**କର୍କଟ**: ରାଶ୍ୟାଧିପତି ଅଷ୍ଟମଭାବସ୍ଥ ଯୋଗୁ ଦୈହିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ସପ୍ତମାଧିପତିଙ୍କ ଦୁର୍ବଳତାଜନିତ ଦୂରଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କଠାରୁ ଦୂରେଇ ରୁହନ୍ତୁ। ଯାନବାହନ ଚାଳନା ସମୟରେ ଅନ୍ୟମନସ୍କ ହେଲେ ଅସୁବିଧା ଭୋଗିବେ। ବନ୍ଧୁ ଦ୍ୱାରା ପ୍ରତାରିତ ହେଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିପାରିବେ।

**ସିଂହ**: ଶୁକ୍ରଙ୍କ ଷଷ୍ଠସ୍ଥାନଜନିତ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପରିବାରର ବାକିଆ କାମକୁ ସମାପ୍ତ କରିବା ସକାଶେ ମନସ୍ଥ କରିଥିଲେ ମଧ୍ୟ ଆଜି ସ୍ଥଗିତ ରହିଯିବ। କର୍ମକ୍ଷେତ୍ରର ସମସ୍ୟା ସୁଧାରିବା ସକାଶେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶାରୀରିକ ଅବସ୍ଥାରେ ଉନ୍ନତି ଓ ବନ୍ଧୁଙ୍କ ସହାନୁଭୂତିରୁ ମନୋବଳ ବଢ଼ିବ।

**କନ୍ୟା**: ସମ୍ପର୍କୀୟଙ୍କୁ ସୁହାଇଲା ଭଳି କାମ କରିବାକୁ ଯାଇ ଅପଦସ୍ଥ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସହ ପ୍ରଶଂସିତ ମଧ୍ୟ ହେବେ। ଘର ଭିତରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ଯୋଗୁ ବିରକ୍ତି ପ୍ରକାଶ କରିପାରନ୍ତି। ବୃହସ୍ପତିଙ୍କ ଦୃଷ୍ଟି ଜନିତ ସଭାସମିତିରେ ବନ୍ଧୁମିଳନ ସଙ୍ଗକୁ ସମ୍ମାନିତ ହେବାର ସୌଭାଗ୍ୟ ଅର୍ଜନ କରିପାରନ୍ତି।

**ତୁଳା**: ଚନ୍ଦ୍ର କର୍ମଭାବେ ଅଷ୍ଟମସ୍ଥ ଯୋଗୁ ନିର୍ଦ୍ଦିଷ୍ଟ ସମୟରେ ଶେଷ କରିବାକୁ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହୋଇପାରେ। ଏଥି ସକାଶେ ମନଗଢା କଥା କହି ପରିସ୍ଥିତି ଲାଘବ ପାଇଁ ଚେଷ୍ଟା କରିବେ। ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବ ନାହିଁ।

**ବିଛା**: ରାଶ୍ୟାଧିପ ତୃତୀୟସ୍ଥ ଯୋଗୁ ବନ୍ଧୁଙ୍କ ପରାମର୍ଶରେ ଅଟକିଥିବା କାମଟିକୁ ଆରମ୍ଭକରିବାକୁ ମନ ବଳାଇବେ। ଏକାଧିକ ସହଭାଗିତାଙ୍କ ବ୍ୟବସାୟରେ ମନାନ୍ତର ଦେଖାଦେବ। ରଚନାତ୍ମକ କାର୍ଯ୍ୟ, କ୍ରୀଡା, ସାହିତ୍ୟ, ଶିଳ୍ପ, କାରିଗରି ବିଦ୍ୟାର ଚମତ୍କାରିତାରୁ ଉଚ୍ଚସ୍ତରରେ ସମ୍ପର୍କ ବଢ଼ିବ। ପାରିବାରିକ କ୍ଷେତ୍ରରେ ଭାବପ୍ରବଣ ଦୁଃଖର କାରଣ ହେବ।

**ଧନୁ**: ବନ୍ଧୁଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିବେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। କେନ୍ଦ୍ରସ୍ଥ ବୃହସ୍ପତିଙ୍କ ସୁପ୍ରଭାବରୁ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସାମାଜିକ ସ୍ତରରେ ଖଳଲୋକମାନଙ୍କ ଉଦ୍ଦେଶ୍ୟ ପ୍ରଣୋଦିତ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମକର**: ମନକଥା ଗୋପନ ରଖି ବନ୍ଧୁଙ୍କ ସମ୍ମୁଖରେ ମିଥ୍ୟାଭାଷଣ ପ୍ରଦାନ କରିପାରନ୍ତି। ଚତୁର୍ଥାଧିପତି ସ୍ୱରାଶିରେ ଥିବାରୁ ଘରେ ଆମୋଦ ପ୍ରମୋଦର ସୁଅ ଛୁଟିବ। କାର୍ଯ୍ୟଦକ୍ଷତା ଏବଂ ସମୟୋପଯୋଗୀ ପଦକ୍ଷେପରୁ କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ।

**କୁମ୍ଭ**: ତୃତୀୟାଧିପତିଙ୍କ ଶୁଭତ୍ୱ କାରଣରୁ ସମସ୍ୟାକ୍ରାନ୍ତ ସମୟରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଖାଦ୍ୟପେୟରେ ଅନିୟମିତତାରୁ ପେଟ ଗୋଳମାଳ ଦେଖାଦେବ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟାକୁ ଦୂରେଇବାରେ ସମର୍ଥ ହେବେ।

**ମୀନ**: ଦ୍ୱାଦଶସ୍ଥ ଗ୍ରହ ପ୍ରଭାବରୁ ବାଧବାଧକତାରେ ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ଉପରିସ୍ଥଙ୍କ ତାଗିଦା ପରେ ମଧ୍ୟ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ମାଙ୍ଗଳିକ ଉତ୍ସବ ନିମନ୍ତେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଆଶା କରୁଥିବା ଖବର ବନ୍ଧୁଙ୍କ ଦ୍ୱାରା ପାଇ ଖୁସି ହେବେ।

ଆଜି ଫେବୃଆରୀ ୧୮ ତାରିଖ, ଫାଲ୍‌ଗୁନ ଶୁକ୍ଳ ପ୍ରତିପଦା ବୁଧବାର। ରାଶିନକ୍ଷତ୍ର- ଶତଭିଷା/କୁମ୍ଭ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୧୭ମି. ଗତେ ଘ.୦୭।୪୯ମି. ମଧ୍ୟେ, ଘ.୧୦।୩୪ମି. ଗତେ ଘ.୧୧।୩୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨।୦୦ମି. ଗତେ ଘ.୦୧।୨୬ମି. ମଧ୍ୟେ ରାହୁ କାଳ।






ସପ୍ତଦଶ ବିଧାନସଭାର ବଜେଟ ଅଧିବେଶନର ପ୍ରଥମ ଦିନ (ମଙ୍ଗଳବାର)ରେ ଉପସ୍ଥିତ ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟି, ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ।

# ଜାତୀୟ ଜିଡିପିକୁ ରାଜ୍ୟର ଅବଦାନ ୫%କୁ ବଢ଼ିବ: ମୁଖ୍ୟ ସଚେତକ

## ରାଜ୍ୟପାଳଙ୍କୁ ଧନ୍ୟବାଦ ପ୍ରସ୍ତାବ ଆଲୋଚନା

ଭୁବନେଶ୍ୱର,୧୭।୨
(ରବିନାରାୟଣ ଜେନା)

ସପ୍ତଦଶ ବିଧାନସଭାର ଚଳିତ ବଜେଟ ଅଧିବେଶନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କ ଅଭିଭାଷଣକୁ ନେଇ ସରକାରଙ୍କ ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ବାଚସ୍ପତି ସୁରମା ପାଢ଼ୀ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନଙ୍କୁ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଆଗତ କରିବା ପାଇଁ ଡାକିଥିଲେ। ମୁଖ୍ୟ ସଚେତକ ପ୍ରଧାନ ଧନ୍ୟବାଦ ପ୍ରସ୍ତାବ ଆଗତକରି ରାଜ୍ୟପାଳ ତାଙ୍କ ଅଭିଭାଷଣରେ ଜନସାଧାରଣଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇଥିବା କହିଥିଲେ। ରାଜ୍ୟପାଳଙ୍କ ଅଭିଭାଷଣ ଏହି ପବିତ୍ର ଗୃହର ସମସ୍ତ ସଦସ୍ୟା ସଦସ୍ୟଙ୍କ ପାଇଁ ମାର୍ଗଦର୍ଶକ ତଥା ପ୍ରେରଣାଦାୟକ ବୋଲି ସେ କହିଥିଲେ ।

ସରୋଜ ପୁଣି କହିଥିଲେ, ରାଜ୍ୟପାଳଙ୍କ ଅଭିଭାଷଣରେ ଓଡ଼ିଶା ୨୦୩୬ ସୁଦ୍ଧା ୫୦୦ ବିଲିୟନ୍ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ ହେବାର ଲକ୍ଷ୍ୟ ରଖିଛି। ଏହା ଜାତୀୟ ଜିଡିପିରେ ରାଜ୍ୟର ଅବଦାନ ୩%ରୁ ୫%କୁ ବୃଦ୍ଧି କରିବ। ସେହିପରି


ସରୋଜ ପ୍ରଧାନ

'ଆବର୍ଜନାରୁ ସମ୍ପତ୍ତି' ପଦ୍ଧତି ଗ୍ରହଣକରି ସ୍ୱଚ୍ଛ ଭାରତ ମିଶନ(ସହରାଞ୍ଚଳ) ୨.୦ ଅନ୍ତର୍ଗତ 'ଆବର୍ଜନାମୁକ୍ତ' ଓଡ଼ିଶାର ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରାଯାଇଛି। ସଫଳତା ମଧ୍ୟରେ ଚଳିତବର୍ଷ ୧ ଲକ୍ଷ ୬୬ ହଜାରରୁ ଅଧିକ ବ୍ୟକ୍ତିଗତ ଘରୋଇ ପାଇଖାନା ସମାପ୍ତ କରିବ। ୨୭୬ଟି ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ର ଏବଂ ୨୩୫ଟି ସାମଗ୍ରୀ ପୁନରୁଦ୍ଧାର ସୁବିଧା କାର୍ଯ୍ୟକ୍ଷମ କରିବା ଅନ୍ତର୍ଭୁକ୍ତ ରହିଛି। ସେହିପରି ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଓଡ଼ିଶାରେ ଦୁଇଟି ଅତ୍ୟାଧୁନିକ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ଅନୁମୋଦନ ପାଇଁ ଆମେ କେନ୍ଦ୍ର ସରକାରଙ୍କ ପ୍ରତି କୃତଜ୍ଞ। ଏହା ଓଡ଼ିଶାକୁ ଏକ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ହବ୍ ଭାବରେ ସ୍ଥାପିତ କରିବ, ଉଚ୍ଚ-କୁଶଳୀ ନିଯୁକ୍ତି ସୃଷ୍ଟି କରିବ, ସହାୟକ ଶିଳ୍ପକୁ ପ୍ରୋତ୍ସାହିତ କରିବ ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ଦିଗରେ ଏକ ଐତିହାସିକ ପଦକ୍ଷେପ ହେବ।

ମୁଖ୍ୟ ସଚେତକ ଆହୁରି କହିଥିଲେ, ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ଉତ୍ସାହ ଯୋଜନା ଅଧୀନରେ ଛାତ୍ରବୃତ୍ତି ସହାୟତାରେ ସରକାର ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି। ୨୦୨୫-୨୬ ମଧ୍ୟରେ ପ୍ରାକ୍-ମାଟ୍ରିକ୍ ସ୍ତରରେ ୭ ଲକ୍ଷ ୨୦ ହଜାର ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କୁ ୭୬୦ କୋଟି ଏବଂ ମାଟ୍ରିକ୍ ପରବର୍ତ୍ତୀ ସ୍ତରରେ ୪ ଲକ୍ଷ ୧୭ ହଜାର ଛାତ୍ରୀଛାତ୍ରଙ୍କୁ ୫୩୨ କୋଟି ଟଙ୍କାର ଛାତ୍ରବୃତ୍ତି ମଞ୍ଜୁର କରିଛନ୍ତି। ଆଦିବାସୀ ଛାତ୍ରମାନଙ୍କ କ୍ଷେତ୍ରରେ ପାଠପଢ଼ା ଛାଡ଼ ହ୍ରାସ କରିବା, ସରକାର ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ମାଧ୍ୟମରେ ୨୦୨୫-୨୬ ବର୍ଷରେ ଏପର୍ଯ୍ୟନ୍ତ ୭୬ ହଜାର ୭୫ ଅନୁସୂଚିତ ଜନଜାତି ଛାତ୍ରଙ୍କ ପାଇଁ ୩୮ କୋଟି ଟଙ୍କା ମଞ୍ଜୁର କରିସାରିଛନ୍ତି। ପଛୁଆ ସମ୍ପ୍ରଦାୟ ମଧ୍ୟରେ ନିଯୁକ୍ତି ଏବଂ ଜୀବିକା ନିର୍ବାହର ସୁଯୋଗ ବୃଦ୍ଧି କରିବା ପାଇଁ ସରକାର ୨୦୨୫-୨୬ ବର୍ଷ ମଧ୍ୟରେ ୬୫୩ ଯୁବତୀ ଯୁବକଙ୍କୁ ଦକ୍ଷତା ବିକାଶ ତାଲିମ୍ ପ୍ରଦାନ କରିଛନ୍ତି।

ସେ ପୁଣି କହିଥିଲେ, ଆକାଂକ୍ଷୀ ଜିଲାର ୧୦ଟି ଗ୍ରାମପଞ୍ଚାୟତରେ ନାରୀ ଅଦାଲତ ସ୍ଥାପନ କରାଯାଇଛି। ହିଂସା ଦ୍ୱାରା ପ୍ରଭାବିତ ମହିଳାମାନଙ୍କୁ ସମନ୍ୱିତ ସହାୟତା ପ୍ରଦାନ କରିବା ପାଇଁ ୱାନ୍ ଷ୍ଟପ୍ ସେଣ୍ଟର ପ୍ରତିଷ୍ଠା ହୋଇଛି। ରାଜ୍ୟ ସରକାର ସୁଭଦ୍ରା ଶକ୍ତିମେଳା-୨୦୨୫ ଆୟୋଜନ କରିଥିଲେ, ଯାହା ୮ କୋଟି ୮୯ ଲକ୍ଷ ଟଙ୍କା ଆୟ ଓ ୯୧୮ ଲକ୍ଷପତି ଦିଦି ସୃଷ୍ଟି କରିଥିଲା। ସେହିପରି ନଭେମ୍ବର ୨୦୨୫ରେ ଏହାର ଦ୍ୱିତୀୟ ସଂସ୍କରଣ ୧୨ କୋଟି ଆୟ ଓ ୩୨୮ ଲକ୍ଷପତି ଦିଦି ସୃଷ୍ଟି କରିଥିଲା। ୬ ବର୍ଷରୁ କମ୍ ବୟସର ପିଲା, ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନକାରୀ ମା' ଏବଂ କିଶୋରୀ ବାଳିକାମାନଙ୍କୁ ନେଇ ପ୍ରାୟ ୪୭ ଲକ୍ଷ ୭୮ ହଜାର ହିତାଧିକାରୀଙ୍କୁ ୨୦୨୫-୨୬ ଆର୍ଥିକ ବର୍ଷରେ ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର ସ୍ଥିତି ଉନ୍ନତ କରିବା ପାଇଁ ପରିପୂରକ ପୁଷ୍ଟିସାର କାର୍ଯ୍ୟକ୍ରମ, କିଶୋରୀ ବାଳିକା ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଅଧୀନରେ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଇଛି।

ଅଙ୍ଗନୱାଡି କର୍ମୀଙ୍କ ଦକ୍ଷତା ବୃଦ୍ଧିକରି ରାଜ୍ୟର ୮,୪୧୮ ଅଙ୍ଗନୱାଡ଼ି କେନ୍ଦ୍ରକୁ ଅଙ୍ଗନୱାଡ଼ି ଜ୍ଞାନକେନ୍ଦ୍ରରେ ଉନ୍ନୀତ କରିଛନ୍ତି। ସରକାରଙ୍କ ଅଭିନବ ମମତା ଯୋଜନାରେ ୬୮ ଲକ୍ଷ ୪୨ ହଜାର ମହିଳାଙ୍କୁ ଲାଭ ମିଳିଛି ଓ ୩,୭୬୭ କୋଟି ଟଙ୍କା ସେମାନଙ୍କ ବ୍ୟାଙ୍କଖାତାକୁ ସ୍ଥାନାନ୍ତର କରାଯାଇଛି। ଓଡ଼ିଶାର ଲକ୍ଷ୍ୟ ହାସଲ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

# ଲାଭ ନେଇଗଲା କଂଗ୍ରେସ

## ବିଧାନସଭାର ପ୍ରଥମ ଦିନରୁ ଏମିତି

ଭୁବନେଶ୍ୱର,୧୭।୨(ସୁନିତ୍ ମିଶ୍ର)

୧୭ଶ ବିଧାନସଭାର ୬ଷ୍ଠ ଅଧିବେଶନ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣରୁ ଗୃହକାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ଦିନ ଥିବା ଯୋଗୁ ଗୃହରେ ସବୁ ଦଳର ପ୍ରାୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଲକ୍ଷ୍ୟ କରାଯାଉଛି ବିରୋଧୀ ଦଳର ସଦସ୍ୟମାନଙ୍କ ଭିତରେ ସମନ୍ୱୟର ଘୋର ଅଭାବ ରହୁଛି। ପରିସ୍ଥିତି ମୁତାବକ ଯେତେବେଳେ ଶାସକ ଦଳ ବିରୋଧରେ ନିଷ୍ପତ୍ତି ନେବାକୁ ପଡୁଛି ସେହି ସମୟରେ ସମନ୍ୱୟର ଅଭାବ ବିରୋଧୀ ଦଳ ଭିତର ଫାଟକୁ ପଦାରେ ପକାଇ ଦେଉଛି। ଗୃହକାର୍ଯ୍ୟ ଆରମ୍ଭ ଦିନ ଏପରି ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁଯାୟୀ, ବିଜେଡି ନେତାଙ୍କ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟିହେବାରୁ ବିରୋଧୀ ଆସନର ଲାଭ ଏକ ପ୍ରକାର କଂଗ୍ରେସକୁ ଚାଲିଯାଇଛି।

ରାଜ୍ୟପାଳଙ୍କ ଅଭିଭାଷଣ ଚାଲିଥିବା ବେଳେ ବିରୋଧୀ ଦଳର କେତେଜଣ ସଦସ୍ୟ କକ୍ଷତ୍ୟାଗ ନେଇ ଆଲୋଚନା ଆରମ୍ଭ କରିଦେଲେ। ରାଜ୍ୟପାଳଙ୍କ ଭାଷଣରେ କିଛି ନୂଆ ନାହିଁ, ସବୁ ପୁରୁଣା କଥା ବୋଲି କେତେଜଣ ବିଜେଡି ବିଧାୟକ ଅଭିଯୋଗ କରି କକ୍ଷତ୍ୟାଗ କରିବା ପାଇଁ ସେଠାରେ ଉପସ୍ଥିତ ଥିବା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ମତାମତ ଲୋଡ଼ିବାକୁ ଚାହିଁଲେ। ହେଲେ ନବୀନ କିଛି ପ୍ରତିକ୍ରିୟା ଦେଉ ନ ଥାଆନ୍ତି। ସେତେବେଳକୁ ବିଜେଡିର କେତେଜଣ ବରିଷ୍ଠ ବିଧାୟକ ରାଗି ପଞ୍ଚମ ହୋଇସାରିଲେଣି। ଯାହା ଲକ୍ଷ୍ୟ କରାଯାଉଥିଲା, ବରିଷ୍ଠ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଜେଡି ସଦସ୍ୟ ନିରଞ୍ଜନ ପୂଜାରୀଙ୍କ ସହ କିଛି ଆଲୋଚନା କଲେ। ହେଲେ କକ୍ଷତ୍ୟାଗ ନେଇ ଦଳର କୌଣସି ନିଷ୍ପତ୍ତି ନ ହେବା ଦ୍ୱାରା ରଣେନ୍ଦ୍ର ଯେପରି ବିରକ୍ତ ହେଉଥାଆନ୍ତି ସେମିତି କିଛି ଲକ୍ଷ୍ୟ କରାଯାଉଥାଏ। ଏହି ସମୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବୋଧହୁଏ ବିଜେଡିର ଆଲୋଚନା ସମ୍ପର୍କରେ ଜାଣିପାରିଲେ। ସଙ୍ଗେସଙ୍ଗେ କାଡାମ ରାଜ୍ୟପାଳଙ୍କ ଭାଷଣରେ କିଛି ନୂଆ ନାହିଁ, ଅନେକ ପ୍ରସଙ୍ଗରେ ଏଠାରେ କିଛି କୁହାଯାଉନାହିଁ ଅଭିଯୋଗକରି କଂଗ୍ରେସ କକ୍ଷତ୍ୟାଗ କରିବାକୁ ନିଷ୍ପତ୍ତି ନେଇଗଲା। ଏହାପରେ ରଣେନ୍ଦ୍ର ଆହୁରି ରାଗିଯାଇ ଏକୁଟିଆ କକ୍ଷତ୍ୟାଗ କଲେ। ଫଳରେ ବିଜେଡି ଭିତରେ ଏହି ଯେଉଁ ସମନ୍ୱୟର ଅଭାବ ରହିଛି ସେକଥା ଜଣାପଡ଼ିଯିବ ଭାବି ସଙ୍ଗେସଙ୍ଗେ ଦଳ କକ୍ଷତ୍ୟାଗ କରିବାକୁ ନିଷ୍ପତ୍ତି ନେଲା। ବିଜେଡିର ଏହି ଦ୍ୱନ୍ଦ୍ୱ କଂଗ୍ରେସକୁ ଲାଭ ଦେଲା ବୋଲି ବିଧାନସଭା ଭିତରେ ପ୍ରବଳ ଚର୍ଚ୍ଚା ହେଲା। କଂଗ୍ରେସକୁ ଦେଖି ବିଜେଡି ନିଷ୍ପତ୍ତି ନେଲା ବୋଲି ସବୁଆଡ଼େ ଆଲୋଚନା ଚାଲିଲା।

ସେହିପରି ବିଜେଡି ବିଧାୟକ ଦଳ ବୈଠକରେ ଧାନ ପ୍ରସଙ୍ଗରେ ଗୃହ ଚଲାଇ ନ ଦେବା ପାଇଁ ଯେଉଁ ନିଷ୍ପତ୍ତି ହୋଇଛି ତାକୁ ନେଇ ମଧ୍ୟ ଧୀରେଧୀରେ ଦଳ ଭିତରେ ଅସନ୍ତୋଷ ଉଗ୍ରରୂପ ନେବ ବୋଲି ଜଣାପଡୁଛି। କାରଣ କେତେଜଣ ବିଧାୟକ ଏହାକୁ ବିରୋଧ କରିବା ସହ ଯଦି ତାଙ୍କ ଦଳର ସଦସ୍ୟ ହୋହଲ୍ଲା କରି କକ୍ଷତ୍ୟାଗ କରନ୍ତି ତେବେ ସେମାନେ ଆଲୋଚନାରେ ଭାଗ ନେବେ ବୋଲି ଚୂଡ଼ାନ୍ତ କରିଛନ୍ତି; ଯାହା ବିଜେଡି ନେତୃତ୍ୱକୁ ଆଗକୁ ଦ୍ୱନ୍ଦ୍ୱରେ ପକାଇବ ବୋଲି କୁହାଯାଉଛି। ଯେଉଁ କେତେଜଣ ବିଜେଡି ନେତା ଗୃହ ଚଲାଇ ନ ଦେବା ନିଷ୍ପତ୍ତିକୁ ବିରୋଧ କରୁଛନ୍ତି ସେମାନଙ୍କ କହିବା କଥା, ଯଦି ଗୃହରେ ଆଲୋଚନା ନ ହେବ ତେବେ ଏହାର ଲାଭ ତ ଶାସକ ଦଳକୁ ଯିବ। ଦଳର ଜଣେ ସାଧାରଣ ସମ୍ପାଦକ ତାଙ୍କ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ବିଜେଡି ଗୃହ ଚଳାଇ ନ ଦେବା ପଛର କାରଣ କେବଳ ରାଜ୍ୟ ସଭା ନିର୍ବାଚନ। ଏହାଦ୍ୱାରା ୨ଟି କଥା ଆଲୋଚନା ହେବ। ବିଜେଡି ଏବେ ବିରୋଧୀ ଦଳ ଭୂମିକା ଭଲରେ ତୁଲାଉଛି। ଏହି ବାହାନାରେ ଶାସକ ଦଳ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ସହଜରେ ପାରିତ କରାଇବା ସଙ୍ଗେସଙ୍ଗେ ବିଜେଡି ସହ ସେମାନଙ୍କ ସମ୍ପର୍କ ନେଇ ଯେଉଁ ଆଲୋଚନା ହେଉଛି ସେହି ଦୋଷ କଂଗ୍ରେସ ମୁଣ୍ଡରେ ଲଦିହେବ।



ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ୮ ଦଫା ଦାବି ନେଇ ମଧ୍ୟାହ୍ନ ଭୋଜନ ପାଚିକା ମହାସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

# ଦିବଂଗତଙ୍କ ପାଇଁ ଶୋକ

ଭୁବନେଶ୍ୱର,୧୭।୨
(ରବିନାରାୟଣ ଜେନା)

ସପ୍ତଦଶ ବିଧାନସଭାର ବଜେଟ ଅଧିବେଶନର ପ୍ରଥମ ଦିନ ମଙ୍ଗଳବାର ଅପରାହ୍ନରେ ରାଜ୍ୟପାଳଙ୍କ ଅଭିଭାଷଣ ପରେ ବାଚସ୍ପତି ସୁରମା ପାଢ଼ୀ ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଡାକିଥିଲେ। ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଶୋକପ୍ରସ୍ତାବ ଆଗତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗୃହର ପୂର୍ବତନ ମନ୍ତ୍ରୀ ତଥା ଦିବଂଗତ ସଦସ୍ୟ କାହ୍ନୁ ଚରଣ ଲେଙ୍କା, ପୂର୍ବତନ ସଦସ୍ୟ ଅକ୍ଷୟ କୁମାର ଆଚାର୍ଯ୍ୟ, କୁଳମଣି ରାଉତ, ସଞ୍ଜିତା ମହାନ୍ତି ଓ ରାସେଶ୍ୱରୀ ପାଣିଗ୍ରାହୀଙ୍କ ଜନସେବାର ଅବତାରଣା କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନକରି ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରିଶେଷରେ ବାଚସ୍ପତି ପାଢ଼ୀ ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିବା ସହ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଗୃହକୁ ବୁଧବାର ସକାଳ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା।

# ସଂଶୋଧନ ପ୍ରସ୍ତାବ ଲୋଡ଼ିଲେ ବାଚସ୍ପତି

ଭୁବନେଶ୍ୱର,୧୭।୨
(ରବିନାରାୟଣ ଜେନା)

ସପ୍ତଦଶ ବିଧାନସଭାର ଚଳିତ ଅଧିବେଶନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କ ଅଭିଭାଷଣରେ ସଂଶୋଧନ ପ୍ରସ୍ତାବ ଲୋଡ଼ିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ବାଚସ୍ପତି କହିଥିଲେ, ରାଜ୍ୟପାଳଙ୍କ ଅଭିଭାଷଣରେ ଯଦି କୌଣସିଠାରେ ସଂଶୋଧନ ଆଣିବାକୁ ସଦସ୍ୟମାନେ ଚାହୁଁଛନ୍ତି ତେବେ ବିଧାନସଭାସ୍ଥିତ ସଦସ୍ୟଙ୍କ ଶାଖାରେ ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଦେଇପାରିବେ। ଏହି ଅବସରରେ ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କୁ ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ କରିଥିବା ବିଲ୍ ସମ୍ପର୍କରେ ଗୃହକୁ ଅବଗତ କରାଇବାକୁ ବାଚସ୍ପତି ଡାକିଥିଲେ। ସଚିବ ରାଉତ ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ କରିଥିବା ଓଡ଼ିଶା ଜନବିଶ୍ୱାସ ବିଲ୍ ସହିତ ଅନ୍ୟାନ୍ୟ ବିଲ୍ ସମ୍ପର୍କରେ ଗୃହକୁ ଦର୍ଶାଇଥିଲେ।

# ବଦଳିଲା ଅରବିନ୍ଦ, ସନାତନଙ୍କ ଆସନ

ଭୁବନେଶ୍ୱର, ୧୭।୨(ସୁନିତ୍ ମିଶ୍ର)

କିଛିଦିନ ତଳେ ଦଳ ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ବିଧାୟକ ସନାତନ ମହାକୁଡ଼ ଏବଂ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି। ଏହାପରେ ବହୁ କିଛି ରାଜନୈତିକ ଘଟଣାକ୍ରମ ଘଟିଯାଇଛି। ସବୁକିଛି ପରେ ମଙ୍ଗଳବାର ବଜେଟ ଅଧିବେଶନ ଆରମ୍ଭ ହେବାପରେ ସନାତନ ଏବଂ ଅରବିନ୍ଦ ବିଧାନସଭା ଆସିଛନ୍ତି। ଏଥର କିନ୍ତୁ ଅନେକ କିଛି ପରିବର୍ତ୍ତନ ଦେଖିବାକୁ ମିଳିଛି। ଏହି ୨ ବିଧାୟକଙ୍କ ଆସନ ବଦଳିଯାଇଛି। ଅନ୍ୟପଟେ ବିଜେଡି ଯେତେବେଳେ ରାଜ୍ୟପାଳଙ୍କ ଭାଷଣକୁ ବିରୋଧ କରି କକ୍ଷତ୍ୟାଗ କଲା ସେଥିରେ ସନାତନ ଏବଂ ଅରବିନ୍ଦ ସାମିଲ ହୋଇ ନ ଥିଲେ। ଉଭୟ ବିଧାୟକ ଗୃହରେ ରହିଥିଲେ।

ଗୃହ ବାହାରକୁ ଆସିବା ପରେ ସନାତନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ସେ ଦୁଃଖୀ ନାହାନ୍ତି କି ସୁଖୀ ନାହାନ୍ତି। କିଏ କ'ଣ କହିଲେ ତାଙ୍କର କିଛି ଯାଏ ଆସେ ନାହିଁ। ୧୪୭ ବିଧାୟକଙ୍କ ଭିତରୁ ସେ ଜଣେ। ଲୋକଙ୍କ ପାଇଁ କାମ କରିବାକୁ ଆସିଛି କରିବି। ଜିଲାର ବିକାଶ ଉପରେ ପ୍ରାଥମିକତା ଦେବେ। ତାଙ୍କ ଜିଲାରୁ ରାଜ୍ୟ ରାଜକୋଷକୁ ଯେତିକି ରାଜସ୍ୱ ଆସୁଛି ସେହି ଅନୁସାରେ ସେହି ଅଞ୍ଚଳର ବିକାଶ ହେଉନାହିଁ। ତେଣୁ ଜିଲାର ବିକାଶ ପାଇଁ କାମ କରିବେ। ନବୀନ କି ପାଣ୍ଡିଆନ୍ କାହା ନାଁରେ କେବେ କହିବା କେହି ଶୁଣି ନ ଥିବେ। ମୁଖ୍ୟମନ୍ତ୍ରୀ ଯିଏ ଅଛନ୍ତି ସେ ତାଙ୍କ ଜିଲାର ଏବଂ ସେ ତାଙ୍କର ସାନଭାଇ। ତାଙ୍କ ସହ କଥା ହେବେ ନା ନାହିଁ ବୋଲି ସନାତନ ପ୍ରଶ୍ନ କରିବା ସହିତ ଆଉ ବିଜେଡି ଫେରିବା ସମ୍ଭାବନା ନାହିଁ ବୋଲି କହିଛନ୍ତି।


ଅରବିନ୍ଦ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ସିଟ୍ ବଦଳିଲା ଭଲ ହେଲା। ଏଭଳି କାର୍ଯ୍ୟରେ ବ୍ୟସ୍ତ ବିବ୍ରତ ନୁହେଁ, ବହୁତ ସମୟ ଅଛି। ରାଜ୍ୟପାଳଙ୍କ ଅଭିଭାଷଣ ଶୁଣିବା ଲାଗି ତାଙ୍କ ସ୍ୱାଧୀନ ବିବେକ କହିଲା, ତେଣୁ ରହିଲେ। ଯାହା ଠିକ୍ ଲାଗିବ ତାହା ହିଁ କରିବି। ନବୀନଙ୍କୁ ଦେଖି ନମସ୍କାର ଜଣାଇଲେ। ତାଙ୍କର ଆଉ କିଛି ପଚାରିବାର ନାହିଁ ବୋଲି ଅରବିନ୍ଦ କହିଛନ୍ତି।

# ରାଜ୍ୟପାଳଙ୍କ ମୁହଁରେ ସରକାରଙ୍କ ଗୋଲାପୀ ଚିତ୍ର: କାଡାମ

ଭୁବନେଶ୍ୱର,୧୭।୨(ରବିନାରାୟଣ ଜେନା)

ସପ୍ତଦଶ ବିଧାନସଭାର ଚଳିତ ଅଧିବେଶନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କ ମୁହଁରେ ରାଜ୍ୟ ସରକାର ତାଙ୍କ ଗୋଲାପୀ ଚିତ୍ର ଦେଖାଇଛନ୍ତି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି। ଅଭିଭାଷଣ ବେଳେ କକ୍ଷ ତ୍ୟାଗ କରିବାକୁ ନେଇ କାଡ଼ାମ କହିଛନ୍ତି, ସରକାର ଯେଉଁ ପୁସ୍ତିକା ରାଜ୍ୟପାଳଙ୍କ ମୁହଁରେ କୁହାଇଛନ୍ତି, ସେଥିରେ ଚାଷୀମାନଙ୍କ ପାଇଁ କିଛିନାହିଁ। ଗୋଟିଏପଟେ ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି, ୧୫୦ କୁଇଣ୍ଟାଲରୁ ଅଧିକ ଧାନ ଜଣେ ଚାଷୀ ବିକ୍ରି କରିପାରିବ ନାହିଁ। ହେଲେ ରାଜ୍ୟପାଳଙ୍କ ଅଭିଭାଷଣରେ ଏସବୁ ନାହିଁ। ସେହିପରି ଜନଜାତି ବର୍ଗଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର 'ପେସା' ଆଇନ ଲାଗୁ କରିବା କଥା ନ ଥିବାବେଳେ ରାଜ୍ୟରେ ନାରୀ ନିର୍ଯାତନା ରୋକିବା ନେଇ କୌଣସି ନୂତନତ୍ୱ ନାହିଁ। କାଡ଼ାମ ପୁଣି କହିଥିଲେ, ରାଜ୍ୟ ସରକାର ଖାଲି ଲୋକଦେଖାଣିଆ ବଜେଟ କରୁଛନ୍ତି, ହେଲେ ବାସ୍ତବରେ ତାହାକୁ ଖର୍ଚ୍ଚ କରିପାରୁନାହାନ୍ତି। ଗତ ୨ଟି ବଜେଟରେ ଯେଉଁ ଅର୍ଥ ବ୍ୟବସ୍ଥା ହୋଇଛି ତାହା ଖର୍ଚ୍ଚ କରିପାରି ନ ଥିବାରୁ ପୁଣିଥରେ ସେହି ଅର୍ଥ ରାଜକୋଷକୁ ଫେରିଯାଉଛି। ସରକାର ଖାଲି କାଗଜପତ୍ରରେ ଲେଖା, ଲିଭା କାମ କରୁଛନ୍ତି ବୋଲି କାଡ଼ାମ କହିଛନ୍ତି।

10001/62/2526
NACO
OSACS
ସୁରକ୍ଷିତ ଜୀବନଯାପନ କରନ୍ତୁ,
ନିଜର ନିୟମିତ ଭାବରେ
ଏଚ୍.ଆଇ.ଭି. ପରୀକ୍ଷା କରାନ୍ତୁ ।




ଏଚ.ଆଇ.ଭି. ପରୀକ୍ଷା ହେଉଛି ଏକ ସରଳ ପରୀକ୍ଷା ।
ଏହା ସମ୍ପୂର୍ଣ୍ଣ ସୁରକ୍ଷାକେନ୍ଦ୍ରରେ ମାଗଣାରେ କରାଯାଏ ।
ଆପଣଙ୍କର ତଥ୍ୟ ଗୋପନୀୟ ରଖାଯାଏ ।

ଏଚ.ଆଇ.ଭି. ବିପଦ ୨ ରୁ ୧୦ ଗୁଣା ବୃଦ୍ଧି ପାଇଥାଏ,
ଯଦି ଜଣେ ଅସୁରକ୍ଷିତ ଯୌନ ସମ୍ପର୍କ ରଖେ,
ଏକରୁ ଅଧିକ ଯୌନସାଥୀ ରଖେ,
ବ୍ୟବହୃତ ଛୁଞ୍ଚି / ସିରିଞ୍ଜ
ସଂସ୍ପର୍ଶରେ ଆସିଥାଏ
କିମ୍ବା ବାରମ୍ବାର ଏସ୍.ଟି.ଆଇ. ସଂକ୍ରମିତ ହୁଏ ।

AIDS Helpline 1097
जानें समझें, जुग-जुग जीयें!
ଜାଣନ୍ତୁ, ବୁଝନ୍ତୁ, ସୁସ୍ଥ ରୁହନ୍ତୁ ।
ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ ।
Follow us on : BREAKFREE https://breakfreeindia.org
OIPR-10001/10060/2/25-26/0002

ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ଚାହୁଁ - ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟଲାଭ କରିବାକୁ।-ଶ୍ରୀମା

-ଦ୍ୱିତୀୟାର ଚନ୍ଦ୍ରଦର୍ଶନ



# ଯେତିକି ପାରିବ ସେତିକି

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଏବେ ମଣିଷର ପ୍ରତିଟି ପଦକ୍ଷେପକୁ ପରିଚାଳନା କଲାଣି। ପରିବେଶ ପରିସଂସ୍ଥାନକୁ ଇକୋସିଷ୍ଟମ ବୋଲି କହିଥାଉ। ଏବେ ଏଆଇ ଇକୋସିଷ୍ଟମ ବିଷୟରେ ଅନେକ ଚର୍ଚ୍ଚା ହେଉଛି। ଯେଉଁ ଦେଶ କୃତ୍ରିମ ବୁଦ୍ଧିମତ୍ତାକୁ ବ୍ୟବହାର କରି ସର୍ବୋଚ୍ଚରେ ପହଞ୍ଚିପାରିବ, ସେ ପୃଥିବୀରେ ମାର୍କେଟ ଲିଡର ହୋଇପାରିବ। କୁହାଯାଉଛି ବିଜ୍ଞାନ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳବାୟୁ ଗବେଷଣା, ଶାସନ, ସାମରିକ, ସୃଜନଶୀଳ କ୍ଷେତ୍ରଠାରୁ ଆରମ୍ଭକରି ବହୁବିଧ ଦିଗରେ ଏଆଇ ଉପଯୋଗ ହେଲାଣି। ସେହି ଦୃଷ୍ଟିରୁ ଦେଖିଲେ ଆମେରିକା ସମକକ୍ଷ ହେବା ପାଇଁ ଚାଇନା ସମେତ ବହୁ ଦେଶ ଧାଇଁଛନ୍ତି। ଏହି ପରିପ୍ରେକ୍ଷୀରେ ୧୬ରୁ ୨୦ ଫେବୃଆରୀ ଯାଏ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ୍-୨୦୨୬' ଆୟୋଜିତ ହେଉଥିବା ବେଳେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି। ଏଥିରେ ପ୍ରଯୁକ୍ତିସମ୍ପନ୍ନ ବ୍ୟକ୍ତି, ରାଜନେତା, ବ୍ୟବସାୟୀ ଓ ଅନ୍ୟାନ୍ୟ କ୍ଷେତ୍ରର ବ୍ୟକ୍ତିବିଶେଷ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦ୍‌ଘାଟନ କରିବା ପରେ କହିଛନ୍ତି, ଏଆଇ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ। କିନ୍ତୁ ବାସ୍ତବରେ କେଉଁ ଦେଶ ଏଆଇ ଗବେଷଣାରେ ଆଗୁଆ ହୋଇପାରିଛି ବୋଲି କହିବା ଅତ୍ୟନ୍ତ କଷ୍ଟକର। ଦେଖିବାକୁ ଗଲେ ଚାଇନା ଓ ଆମେରିକା ମଧ୍ୟରେ ଲାଗିଥିବା ଦୌଡ଼ ସହିତ ଅନ୍ୟ କୌଣସି ଦେଶ ସମକକ୍ଷ ତ ଦୂରର କଥା, ପାଖାପାଖି ମଧ୍ୟ ନାହାନ୍ତି। ଏଆଇ ସମ୍ବନ୍ଧୀୟ ପାଟେଣ୍ଟ ସଂଖ୍ୟାକୁ ଦେଖିଲେ ଚାଇନା ପାଖରେ ୩ ଲକ୍ଷ ୫୦୦ ଏବେ କାର୍ଯ୍ୟରତ ରହିଛି। ସେହିଭଳି ଆମେରିକା ନିକଟରେ ୬୭,୭୦୦ ଏଆଇ ପାଟେଣ୍ଟ ଥିବା ବେଳକୁ ଜାପାନର ୨୬,୪୦୦ ପାଟେଣ୍ଟ ସକ୍ରିୟ ରହିଥିବା ବେଳେ ଭାରତର ୨୬,୦୦୦ ଏଆଇ ପାଟେଣ୍ଟ ପାଇଁ ଆବେଦନ ପଡ଼ିଛି। ପଞ୍ଚମ ବୃହତ୍ ଦେଶ ଭାବେ ଦକ୍ଷିଣ କୋରିଆର ୨୩,୭୦୦ ପାଟେଣ୍ଟ କାର୍ଯ୍ୟକ୍ଷମ ଅଛି। ଚାଇନାରେ ଟେନ୍‌ସେଣ୍ଟ, ପିଙ୍ଗ୍ ଆନ୍, ବାଇଡୁ ଏବଂ ଆମେରିକାର ଆଇବିଏମ୍, ଗୁଗଲ ଏବଂ ମାଇକ୍ରୋସଫ୍ଟ ଏ ଦିଗରେ କର୍ଣ୍ଣଧାର ଭାବେ କାର୍ଯ୍ୟ କରୁଛନ୍ତି। ଏହି କ୍ଷେତ୍ରରେ ଚାଇନା ସଂଖ୍ୟାରେ ଆଗୁଆ ଥିବାବେଳେ ଆମେରିକା ଗୁଣବତ୍ତାରେ ଆଗୁଆ ରହୁଛି ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏଭଳି ପ୍ରଚ୍ଛଦପଟରେ ଭାରତର ଭୂମିକା ଏବେ ମଧ୍ୟ ଶୈଶବ ଅବସ୍ଥାରେ ଅଛି।

ଏପରିସ୍ଥଳେ ଦିଲ୍ଲୀରେ ବଡ଼ଧରଣର ସମ୍ମିଳନୀ ଆୟୋଜନ କରି କେବଳ ଧ୍ୱନି ଦେବା ବ୍ୟତୀତ ଅନ୍ୟ କୌଣସି ମାନେ ରଖୁନାହିଁ। ଭାରତ ତରଫରୁ କୁହାଯାଉଛି ଯେ, ଆଗାମୀକାଲିର ବୈଷୟିକ ବିପ୍ଳବରେ ନେତୃତ୍ୱ ନେବା ପାଇଁ ଭାରତ ପ୍ରସ୍ତୁତ। ଗୁଗଲ, ୟାହୁ କିମ୍ବା ବାଇଡୁ ଭଳି ଭାରତର କୌଣସି ନିଜସ୍ୱ ସର୍ଚ୍ଚଇଞ୍ଜିନ ବା ଇଣ୍ଟରନେଟ୍‌ରେ ତଥ୍ୟ ଖୋଜିବାର ମଞ୍ଚ ନାହିଁ। ନେତୃତ୍ୱ ନେବା ପାଇଁ ଇଚ୍ଛୁକ ରହି ସ୍ଲୋଗାନ ସୃଷ୍ଟି କରିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ତେବେ ଭାରତ ସେତିକିରେ ଅଟକି ଯାଉଛି। କାର୍ଯ୍ୟରେ କୌଣସି ପ୍ରଭାବ ପଡୁଥିବାର ଦୃଷ୍ଟାନ୍ତ ମିଳୁନାହିଁ। ଏଆଇର ଭବିଷ୍ୟତରେ ଦିଲ୍ଲୀର ଏହି ସମ୍ମିଳନୀ କୌଣସି ଐତିହାସିକ ଗୁରୁତ୍ୱ ରଖିବ ବୋଲି ମନେ ହେଉନାହିଁ। କାରଣ ପ୍ରାୟ ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ବ୍ୟକ୍ତିବିଶେଷ ଏଥିରେ ଯୋଗ ଦେଇନାହାନ୍ତି। ଇନ୍‌ଭେଡିଆ ସିଇଓ ଜେନ୍‌ସେନ୍ ହୁଆଙ୍ଗ ଭାରତ ଗସ୍ତକୁ ବାତିଲ କରିଦେଇଥିବା ବେଳେ କ୍ୱାଲ୍‌କମ୍‌ର କ୍ରିଷ୍ଟିଆନୋ ଆମୋନ, ମିଲା ଇନ୍‌ଷ୍ଟିଚ୍ୟୁଟର ୟୋସୁଆ ବେନ୍‌ଗିଓ, ମେଟାର ୟାନ୍ ଲାକୁନୋ ଏବଂ ଆନ୍ଥ୍ରୋପିକ୍‌ର ଡାରିଓ ଆମୋଦେଇ ପୂର୍ବରୁ ଯୋଗଦେବାର ଆଶ୍ୱାସନା ଦେବା ସତ୍ତ୍ୱେ ଏବେ ସମ୍ଭବତଃ ଗସ୍ତ ବାତିଲ କରିଛନ୍ତି। ଅନ୍ୟପକ୍ଷରେ ଭାରତ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରିଲାଏନ୍ସର ମୁକେଶ ଅମ୍ବାନୀ, ରିଲାଏନ୍ସ ଜିଓର ଆକାଶ ଅମ୍ବାନୀ, ଇନ୍‌ଫୋସିସ୍‌ର ନନ୍ଦନ ନିଲେକାନୀ, ଟାଟା ସନ୍ସର ନଟରାଜନ ଚନ୍ଦ୍ରଶେଖରନ୍, ନୀତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ ଏବଂ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ପ୍ରମାଣ କରିଦେଇଛନ୍ତି ଯେ ଭାରତରେ ଏଆଇ ଗବେଷଣାରେ କୌଣସି ଟେକ୍ନୋକ୍ରାଟ ନାହାନ୍ତି। ସବୁଠାରୁ ବଡ଼ ଦୁଃଖର ବିଷୟ ହେଲା ଯେ, ଏହି ସମ୍ମିଳନୀର ପ୍ରଥମ ଦିନରେ ସମ୍ପୂର୍ଣ୍ଣ ବିଶୃଙ୍ଖଳିତ ବାତାବରଣ ସୃଷ୍ଟି ହୋଇଗଲା। ରାଜନେତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ଜଗିଲା ବେଳକୁ ସମ୍ମିଳନୀରେ ୱାଇଫାଇ ନ ଥିଲା। ପିଇବା ପାଣିର ଅଭାବ ଦେଖାଦେଲା ଏବଂ ସବୁଠାରୁ ଅଧିକ ଅପଦସ୍ଥ ହେଲାଭଳି ପରିସ୍ଥିତି ସୃଷ୍ଟି ହେଲା, ଯେଉଁଥିରେ ଖାଦ୍ୟ ବିକ୍ରେତାମାନେ ଡିଜିଟାଲ ଅର୍ଥ ସ୍ୱୀକାର କଲେ ନାହିଁ। ଏଭଳି ପରିସ୍ଥିତି ସୃଷ୍ଟି ହେଲା ଯେଉଁଥିପାଇଁ ସମ୍ପୃକ୍ତ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ଷମାପ୍ରାର୍ଥନା କରିବାକୁ ବାଧ୍ୟ ହେଲେ।

ଏଥିରୁ ବୁଝିବାକୁ ହେବ ଯେ, ଏହିଭଳି ଅତି ଚାଲିଖି ଦେଖାଇବାକୁ ଯାଇ ନିଜର ନାକ କଟାଇବା ଆଦୌ ଶୋଭନୀୟ ନୁହେଁ। ଏହା କରିବା ଫଳରେ ବିଗତ ୧୨ ବର୍ଷର ତପସ୍ୟା ଆମେରିକା ବାଣିଜ୍ୟ ଚୁକ୍ତି ଦସ୍ତଖତ କରି ଶୁଖୁଆ ପୋଡ଼ିଲା ଭଳି ମନେହେଉଛି। ଭାରତ ତା'ର ସୀମିତ ମାନବସମ୍ବଳକୁ ଉଚିତ ଢଙ୍ଗରେ ବ୍ୟବହାର କରି ଯେତିକି ପାରିବ ସେତିକିରେ ଶିଖି ରହିବା ଦରକାର। ଅତି ବେଶି ଉଚ୍ଛୁଳିଲେ ନିଆଁକୁ ଯିବା ଥୟ। ଦୁର୍ଭାଗ୍ୟର ବିଷୟ ଯେ, ଜି୨୦ ଭଳି ବଡ଼ ଆଡ଼ମ୍ବରରେ ଅନେକ ଏଭଳି ସମ୍ମିଳନୀକୁ ଆୟୋଜନ କରି ଭାରତର ସ୍ଥିତି ଆଜି ଅଧିକ ଦୁର୍ବଳ ହୋଇପଡ଼ିଛି। ଭାଷଣ ଛାଡ଼। ଧ୍ୱନି ଦେବାର ପ୍ରୟୋଜନ ନାହିଁ। ମନଦେଇ ଏବଂ ସମ୍ବଳ ଅନୁଯାୟୀ କାର୍ଯ୍ୟ କର। ଭାରତ କୌଣସି ବିଶ୍ୱଗୁରୁ ନୁହେଁ ଏବଂ ତାହା ଏବେ ବାରମ୍ବାର ପ୍ରମାଣିତ ହେଉଛି। ସେଥିପାଇଁ ଶାନ୍ତ ପଡ଼ିବା ଆମ ପାଇଁ ସବୁଠାରୁ ଅଧିକ ଗ୍ରହଣୀୟ ହେବା ଉଚିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | 9 | | 5 | 3 | | 4 | |
| | 2 | 4 | 8 | | 7 | 3 | | |
| 3 | | 1 | | 2 | 9 | | | 5 |
| 1 | | | | 3 | 5 | 8 | 9 | |
| | | 2 | | | | | | |
| 9 | 3 | | | | | | | |
| 6 | 5 | 7 | | | 1 | | | |
| | | | 7 | | 8 | | | |
| | | | | 9 | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 9 | 6 | 2 | 3 | 8 | 4 | 1 |
| 4 | 2 | 8 | 5 | 1 | 9 | 7 | 6 | 3 |
| 1 | 6 | 3 | 7 | 8 | 4 | 5 | 9 | 2 |
| 3 | 9 | 7 | 1 | 4 | 5 | 2 | 8 | 6 |
| 2 | 8 | 1 | 9 | 3 | 6 | 4 | 5 | 7 |
| 6 | 5 | 4 | 2 | 7 | 8 | 3 | 1 | 9 |
| 8 | 4 | 2 | 3 | 9 | 1 | 6 | 7 | 5 |
| 7 | 1 | 5 | 8 | 6 | 2 | 9 | 3 | 4 |
| 9 | 3 | 6 | 4 | 5 | 7 | 1 | 2 | 8 |

ଗତକାଲିର ଉତ୍ତର

# ପରିମାଣାତ୍ମକ ନା ଗୁଣାତ୍ମକ ଶିକ୍ଷା



ଅକ୍ଷୟ କୁମାର ମିଶ୍ର

ଥରେ ଜଣେ ରାଜନେତାଙ୍କ ସହିତ ସାକ୍ଷାତ ହେଲା। ପୂର୍ବତନ ଲୋକ ସଭା ସାଂସଦ। ବର୍ତ୍ତମାନର ସରକାରୀ ଦଳର ସେ ଜଣେ ପ୍ରତିଷ୍ଠିତ ନେତା। ବିଭିନ୍ନ ସଭା ସମିତିରେ ଆମେ ଏକାଧିକ ବାର ଭେଟାଭେଟି ହେଉଥିବାରୁ ସେ ମୋତେ ଭଲ ଭାବରେ ଚିହ୍ନିଥିଲେ। ସେଦିନ ଦେଖୁ ଦେଖୁ କହିଲେ, ''ମାଷ୍ଟ୍ରେ, ସଙ୍ଗଠନ କାମ କେମିତି ଚାଲିଛି ?'' କିଛି ନ କହି ମୁଁ ଚୁପ୍ ରହିଲି। ଏଥର ସେ ପୁଣି କହିଲେ, ''ଯାହା କୁହନ୍ତୁ ମାଷ୍ଟ୍ରେ, ଆପଣମାନେ ଯାହା ଚାହୁଁଛନ୍ତି ବା ଆପଣଙ୍କ ସଙ୍ଗଠନ ଯାହା ନାରା ଦେଉଛି ତାହା କ'ଣ ସମ୍ଭବ ? ସମସ୍ତେ ଉଚ୍ଚ ଶିକ୍ଷା ପ୍ରାପ୍ତ ହେବା କ'ଣ ଆବଶ୍ୟକ ? ଉଚ୍ଚ ଶିକ୍ଷା ଲାଭ କରି ସାରିବା ପରେ ସଭିଏଁ ନିଯୁକ୍ତି ଚାହିଁବେ। ସମସ୍ତଙ୍କୁ ନିଯୁକ୍ତି ଦେବା କ'ଣ ସମ୍ଭବ ? ଯାହାର ଭାଗ୍ୟରେ ନାହିଁ ସେ ବି ଉଚ୍ଚ ଶିକ୍ଷିତ ହେଉ ଏବଂ ସମସ୍ତଙ୍କୁ ସରକାର ମାଗଣାରେ ଶିକ୍ଷା ପ୍ରଦାନ କରନ୍ତୁ, ଏହା ଠିକ୍ କଥା ନୁହେଁ। ତା'ପରେ ସରକାର ଯଦି ସବୁକଥା କରିବେ, ମାତାପିତାଙ୍କର କ'ଣ କିଛି ଦାୟିତ୍ୱ ନାହିଁ ''

ପରବର୍ତ୍ତୀ ସମୟରେ ମହାଶୟଙ୍କ କଥାଗୁଡ଼ିକ ମୋତେ ଆନ୍ଦୋଳିତ କଲା। ସମସ୍ତେ ଉଚ୍ଚ ଶିକ୍ଷିତ ନ ହୁଅନ୍ତୁ ଥିଲା ତାଙ୍କର ମତ। ଶିକ୍ଷିତ ହେବା ନ ହେବା ଭାଗ୍ୟ ଉପରେ ନିର୍ଭର କରେ। କେବଳ ଯେଉଁମାନେ ଖୁବ୍ ମେଧାବୀ ସେମାନେ ଉଚ୍ଚ ଶିକ୍ଷା ଲାଭ କରୁଛନ୍ତି। ଏହି କଥାଗୁଡ଼ିକର ଯୌକ୍ତିକତା ସମ୍ପର୍କରେ ଆଲୋଚନା କରିବାକୁ ହେଲେ ଶିକ୍ଷାର ଇତିହାସ ବା 'ହିଷ୍ଟ୍ରି ଅଫ୍ ଏଜୁକେଶନ'ର ପୃଷ୍ଠା ଲେଉଟାଇବା ଆବଶ୍ୟକ। ତେବେ ଇତିହାସକୁ ଯିବା ପୂର୍ବରୁ ମେଧାବୀ ସମ୍ପର୍କରେ ଆଲୋଚନା କରାଯାଉ। ମେଧାବୀ କିଏ ଏବଂ କେମିତି ହୁଅନ୍ତି ? ମେଧାବୀ ହେବା ଏକ ଅଲୌକିକ ଶକ୍ତିର ଇଚ୍ଛାଧୀନ ବିଷୟ ନା ପ୍ରାଲବ୍ଧ ନା କ୍ରମବିକାଶ ପ୍ରକ୍ରିୟା ? ସୁବିଧା, ସୁଯୋଗ, ସହଯୋଗ, ସମର୍ଥନ, ସହାୟତା, ସହାନୁଭୂତି ବିନା ଏହି ବିକାଶ କ'ଣ ସମ୍ଭବ ?

ଏବେ ଟିକିଏ ଅତୀତକୁ ଯିବା, ଯାହାକୁ ଆମେ ତିନୋଟି ଭାଗରେ ବିଭକ୍ତ କରିପାରିବା। ପ୍ରଥମଟି ବ୍ରିଟିଶ ଶାସନର ପୂର୍ବ ସମୟ, ଦ୍ୱିତୀୟରେ ବ୍ରିଟିଶ ଶାସନ କାଳୀନ ସମୟ ଏବଂ ଶେଷରେ ସ୍ୱାଧୀନତା ପରବର୍ତ୍ତୀ ସମୟ। ବ୍ରିଟିଶ ଶାସନର ପୂର୍ବବର୍ତ୍ତୀ ରାଜା ରାଜୁଡ଼ାଙ୍କ ସମୟରେ କ୍ଷମତା ହସ୍ତାନ୍ତର ବଂଶାନୁକ୍ରମ ଆଧାରରେ ହେଉଥିଲା। ସମାନ ଭାବେ ଶିକ୍ଷା ପ୍ରଦାନ ଓ ଗ୍ରହଣର ଅଧିକାର ଉଚ୍ଚ ସମ୍ପ୍ରଦାୟଙ୍କ ଭିତରେ ସୀମିତ ଥିଲା। ଏହାର ହାର ନଗଣ୍ୟତର ଥିଲା। ଅବଶ୍ୟ କିଛି ଲୋକ ଯୁକ୍ତି କରନ୍ତି ଆମ ଦେଶ ଶିକ୍ଷା କ୍ଷେତ୍ରରେ ବେଶ୍ ଅଗ୍ରଣୀ ଥିଲା। ଶତପ୍ରତିଶତ ଲୋକେ ଶିକ୍ଷିତ ଥିଲେ। ବହୁ ଦେଶରୁ ଛାତ୍ରମାନେ ଉଚ୍ଚ ଶିକ୍ଷା ଲାଭ ପାଇଁ ଏଠାକୁ ଆସୁଥିଲେ। କିନ୍ତୁ ଏହି ଯୁକ୍ତି ବିତର୍କ ପରିସର ଭୁକ୍ତ। ୧୭୫୭ ରୁ ୧୯୪୭ ଯାହାକୁ ଆମେ ବ୍ରିଟିଶରାଜ୍ ବୋଲି କହିଥାଉ, ସେହି ସମୟରେ ସେମାନଙ୍କର



ଶାସନ ବ୍ୟବସ୍ଥାକୁ ଚଳେଇବା ପାଇଁ ସେମାନେ କିଛି ଭାରତୀୟଙ୍କ ଆବଶ୍ୟକତା ଅନୁଭବ କରିଥିଲେ। ତାକୁ ଲକ୍ଷ୍ୟ କରି ସେମାନେ ଇଂରାଜୀ ଶିକ୍ଷାର ପ୍ରଚଳନ କରିଥିଲେ ଏବଂ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହେବାକୁ ହେଲେ ଯୋଗ୍ୟତା ହାସଲ କରିବାକୁ ହେବ ତାହା ପୁଣି ଲିଖିତ ପରୀକ୍ଷା ମାଧ୍ୟମରେ ନିୟମ କରିଥିଲେ। ଅର୍ଥାତ୍ କହିବାକୁ ଗଲେ ବଂଶବାଦର ପ୍ରାଧାନ୍ୟ ଉପରେ କିଛିଟା ରୋକ ଲାଗିଲା। କିନ୍ତୁ ସାମାଜିକ ତଥା ଆର୍ଥିକ ଅନଗ୍ରସରତାର ବ୍ୟାଧି ଭୋଗୁଥିବା ବ୍ୟକ୍ତିମାନେ ଏଥିରେ କାଣିଚାଏ ଉପକୃତ ହେଲେ ନାହିଁ। ମ୍ୟାକୁଲେଙ୍କ ଶିକ୍ଷାନୀତି ୧୮୩୫ ଠାରୁ ୧୯୪୭ ପର୍ଯ୍ୟନ୍ତ ଏହି ୧୧୨ ବର୍ଷକୁ ଅନୁଧ୍ୟାନ କଲେ ଆମକୁ ବୁଝିବାରେ କିଛି ଅସୁବିଧା ହେବ ନାହିଁ।

ଏହି ଆଲୋଚନାକୁ ଟିକିଏ ସୁଗମ କରିବା ପାଇଁ ସ୍ୱାଧୀନତା ପ୍ରାପ୍ତି ସମୟରେ ଆମ ରାଜ୍ୟର ପରିମାଣାତ୍ମକ ଶିକ୍ଷାର ଚିତ୍ରକୁ ଥୋଇବା ଉଚିତ ହେବ। ୧୯୪୭ ବେଳେ ଆମ ରାଜ୍ୟର ସାକ୍ଷରତା ହାର ଥିଲା ୯ ଶତକଡ଼ାରୁ ସାମାନ୍ୟ ଅଧିକ। ୧୯୫୧ରେ ହୋଇଥିବା ଅଷ୍ଟମ ଜନଗଣନାରେ ତଥ୍ୟ ଆସିଲା ଏହା ବୃଦ୍ଧିପାଇ ୧୫.୮ ପ୍ରତିଶତରେ ପହଞ୍ଚିଛି। ୧୯୭୧ ଦଶମ ଜନଗଣନା ଓ ୨୦୦୧ ତ୍ରୟୋଦଶ ଜନଗଣନା ବେଳକୁ ଏହି ହାର ଥିଲା ଯଥାକ୍ରମେ ୩୦.୫ ପ୍ରତିଶତ ଓ ୬୩.୦୮ ପ୍ରତିଶତ। ୨୦୨୪ ବେଳକୁ ଆମ ରାଜ୍ୟର ସାକ୍ଷରତା ହାର ୭୯ ପ୍ରତିଶତ ବୋଲି ସରକାରୀ ତଥ୍ୟ। ଅର୍ଥାତ୍ ଏବେ ବି ୧୦୦ରେ ୨୧ ଜଣ ଲେଖିପଢ଼ି ପାରନ୍ତି ନାହିଁ। ତା ହେଲେ ଆମେ କ'ଣ ଧରିନେବା ଏହି ଏକ ପଞ୍ଚମାଂଶ ଲୋକଙ୍କ କପାଳରେ ଲେଖାପଢ଼ାର ଯୋଗ ନାହିଁ ? ଭାଗ୍ୟ ଦୋଷରୁ ସେମାନେ ନିରକ୍ଷର ?


ଉଚ୍ଚ ଶିକ୍ଷାର ଚିତ୍ର ଆହୁରି ଦୟନୀୟ। ସ୍ୱାଧୀନତା ଲାଭ କରିବା ସମୟରେ ଆମ ରାଜ୍ୟରେ ଥିଲା ଗୋଟିଏ ମାତ୍ର ବିଶ୍ୱବିଦ୍ୟାଳୟ ଏବଂ ୧୨ଟି ମହାବିଦ୍ୟାଳୟ। ସମଗ୍ର ଓଡ଼ିଶାରେ ସର୍ବମୋଟ୍ ୩୮୮୫ ଜଣ ବିଦ୍ୟାର୍ଥୀ ସେମାନଙ୍କ ମଧ୍ୟରେ ମାତ୍ର ୨୧୯ ଜଣ ଛାତ୍ରୀ ଉଚ୍ଚ ଶିକ୍ଷାରେ ଅଧ୍ୟୟନ କରୁଥିଲେ। ୨୦୨୦ ରେ ପରିସଂଖ୍ୟାନ କହୁଛି ୨୧ ପ୍ରତିଶତ ପିଲା ଆମ ରାଜ୍ୟରେ ଉଚ୍ଚଶିକ୍ଷାର ବଳୟ ଭିତରକୁ ପ୍ରବେଶ କରିପାରିଛନ୍ତି। ତେବେ କ'ଣ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ, ପାଞ୍ଚ ଭାଗରୁ ଚାରି ଭାଗ ପିଲାଙ୍କ ଭାଗ୍ୟରେ ଉଚ୍ଚଶିକ୍ଷା ପାଇବା ଲେଖାନାହିଁ , କି ଏମାନେ କେହି ମେଧାବୀ ନୁହନ୍ତି ? ନା, ବରଂ କୁହାଯାଇପାରେ ସାମାଜିକ ଓ ଅର୍ଥନୈତିକ ସ୍ଥିତି ଅନେକଙ୍କୁ ବାଧ୍ୟ କରିଛି ଉଚ୍ଚଶିକ୍ଷାଠାରୁ ଦୂରେଇ ନେବାକୁ। ଆଉ କେତେବେଳେ ଭିତ୍ତିଭୂମିର ଅଭାବ ଅନେକଙ୍କୁ ବଞ୍ଚିତ କରିଛି। କିନ୍ତୁ ଆମକୁ ଏକମତ ହେବାକୁ ପଡ଼ିବ ଆଜିଦିନରେ ଯେଉଁ ସାକ୍ଷରତା ହାର ୯ ରୁ ବୃଦ୍ଧି ହୋଇ ୭୯ ପ୍ରତିଶତରେ ପହଞ୍ଚି ପାରିଛି, ତାହା ସମ୍ଭବ ହୋଇଛି କେବଳ ସାର୍ବଜନୀନ ଶିକ୍ଷାକୁ ଗୁରୁତ୍ୱ ଦେବା ଯୋଗୁ। ଆଉ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଭିବୃଦ୍ଧି ଆଖିଦୃଶିଆ ନ ହେଲେ ମଧ୍ୟ ଯେଉଁ ୨୧ ପ୍ରତିଶତରେ ପହଞ୍ଚିଛି ତାହା ବି ହୁଅନ୍ତା ନାହିଁ ଯଦି ଭାଗ୍ୟ, ଭଗବାନ, ଭବିତବ୍ୟ ଉପରେ ବିଶ୍ୱାସ କରି ଆମେ ଚୁପ୍ ବସିଥାନ୍ତୁ।

କିନ୍ତୁ ସ୍ୱାଧୀନତା ପରେ ଯେଉଁ ପରିମାଣାତ୍ମକ ଶିକ୍ଷା ଅର୍ଥାତ୍ ସମସ୍ତଙ୍କୁ ଶିକ୍ଷିତ କରିବା ଉପରେ ଆମର ଗୁରୁତ୍ୱ ଥିଲା ନବେ ଦଶକ ପରେ ତାହା ବଦଳିଗଲା। ପ୍ରାଥମିକଠାରୁ ଉଚ୍ଚଶିକ୍ଷା ସବୁଠି ଗୁଣାତ୍ମକ ଶିକ୍ଷା ଉପରେ ଜୋର୍ ଦିଆଗଲା। ମନରେ କୌତୂହଳ ଜନ୍ମେ, ଶିକ୍ଷା ତ ଶିକ୍ଷା, ପୁଣି ଗୁଣାତ୍ମକ ଶିକ୍ଷା କ'ଣ ? ଶିକ୍ଷା କ୍ଷେତ୍ରରେ ଏହି ଶବ୍ଦର ପ୍ରୟୋଗ ଏହାର ଗୁଣବତ୍ତାରେ କିଛି ପରିବର୍ତ୍ତନ ଆଣିପାରୁ ବା ନ ପାରୁ ବ୍ୟବସାୟ କ୍ଷେତ୍ରରେ ଏହା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ହେଲା ଏବଂ କ୍ରେତାମାନଙ୍କୁ ଆକୃଷ୍ଟ କରିବାରେ ସଫଳ ହେଲା। ଏହା ଘରୋଇ ଶିକ୍ଷାକୁ ପ୍ରୋତ୍ସାହନ ଯୋଗାଇଲା। କେଉଁଠି ଗୁଣାତ୍ମକ ଶିକ୍ଷା ଦିଆଯାଉଛି ଲୋକେ ଖୋଜିବା ଆରମ୍ଭ କଲେ। ବିଦ୍ୟାଳୟ ସମ୍ମୁଖରେ ରଙ୍ଗ ବେରଙ୍ଗର ଛବିଳ ପ୍ରାଚୀର ପତ୍ର, ହୋର୍ଡିଂ ଲଗାଇ ଛାତ୍ରାଭିଭାବକଙ୍କୁ ଆକୃଷ୍ଟ କରାଗଲା। ବୋଧହୁଏ ଗୁଣାତ୍ମକ ଶିକ୍ଷାର ମାପକାଠି ହେଲା ବିଗତ ପରୀକ୍ଷାଗୁଡ଼ିକରେ ପାସ୍ ହାର ଏବଂ ଛାତ୍ରୀଛାତ୍ରମାନେ ରଖିଥିବା ନମ୍ବର। ତା'ର ଲମ୍ବା ତାଲିକା ଥିବା ପୋଷ୍ଟର ଲାଗିଲା ଗାଁ, ସହର ସବୁଠି। ଆଉ ପାଦେ ଆଗକୁ ଯାଇ କିଛି ସେମାନଙ୍କ ଶିକ୍ଷାନୁଷ୍ଠାନରୁ କେତେଜଣ ଡାକ୍ତରୀ, ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଛନ୍ତି ତା'ର ସବିଶେଷ ବିବରଣୀ ଥୋଇଲେ ଲୋକଙ୍କ ସାମ୍ନାରେ। ଫଳରେ ଦେୟମୁକ୍ତ ଶିକ୍ଷା ଉପରୁ ଭରସା ହରାଇ ଲୋକେ ଦେୟଯୁକ୍ତ ଶିକ୍ଷା ଆଡ଼କୁ ଧାଇଁଲେ। କିନ୍ତୁ ଦେଖାଯାଉଛି ଏହି ଗୁଣାତ୍ମକ ଭୂତଟା ଯେଉଁ ଦିନଠାରୁ ଆସିଛି ସେହି ଦିନଠାରୁ ପାଠ ଛାଡ଼ିବା ସଂଖ୍ୟା ବଢ଼ିବାରେ ଲାଗିଛି। ଅନ୍ୟପଟେ ଦେଖିବାକୁ ଗଲେ ଗୁଣାତ୍ମକ ଶିକ୍ଷାର ପ୍ରଚାର କେବଳ ଚାଲିଛି। ତାହା ହୋଇ ନ ଥିଲେ ୮୦ ପ୍ରତିଶତ ପିଲା ଉଚ୍ଚ ଶିକ୍ଷାଠାରୁ ଦୂରେଇ ଯାଇ ନଥାନ୍ତେ।

ଆମ ନିକଟରେ ପ୍ରଥମ ଚ୍ୟାଲେଞ୍ଜ ହେଉଛି ସମସ୍ତେ କେମିତି ଶିକ୍ଷିତ ହେବେ, ତାହା ଗୁଣାତ୍ମକ ଶିକ୍ଷା ନାମରେ ହେଉ କିମ୍ବା ମୌଳିକ ଶିକ୍ଷା। କିଏ କହିବ ଯେଉଁମାନଙ୍କ ନିକଟରେ ଶିକ୍ଷାଲୋକ ଏଯାଏ ପହଞ୍ଚି ପାରିନି ସେମାନେ ଅସୀମ ଗୁଣର ଅଧିକାରୀ ବୋଲି? ମନେ ରଖିବାକୁ ପଡ଼ିବ ପ୍ରଥମେ ଶିକ୍ଷା, ତା'ପରେ ଗୁଣାତ୍ମକ ଶିକ୍ଷା।

ସଭାପତି, ଓଷ୍ଟା
ମୋ : ୯୯୩୮୭୬୩୨୩୭

# ରୋଜଗାରିଆ ଝିଅ ଓ ବେକାର ପୁଅ



ଡ.ପ୍ରମୋଦ କୁମାର ପଣ୍ଡା

ପୁରୁଷ ଓ ନାରୀ ଭଗବାନଙ୍କର ଏକ ଅନବଦ୍ୟ ସୃଷ୍ଟି। ପୁରୁଷ ଜନ୍ମ ନିଏ ନାରୀଠାରୁ ପୁଣି ବିନା ପୁରୁଷରେ ନାରୀର ଜନ୍ମ ଅସମ୍ଭବ। କି ଅଦ୍ଭୁତ ସମନ୍ୱୟ। ଉଭୟ ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଅର୍ଥାତ ଜଣକ ବିନା ଅନ୍ୟର ଅସ୍ତିତ୍ୱ ନାହିଁ। କେଉଁ ଆବହମାନ କାଳରୁ ମାନବ ସଭ୍ୟତାର ଅଭ୍ୟୁଦୟ ହୋଇଛି, ଉଭୟ ନାରୀ ଓ ପୁରୁଷର ସମନ୍ୱୟ ଓ ସମ୍ମିଶ୍ରଣରେ। ପ୍ରଥମେ ମଣିଷ ଜଙ୍ଗଲରେ ପଶୁପରି ବିଚରଣ କରୁଥିଲା ବଣମଣିଷ ହୋଇ। ବଣର ଫଳମୂଳ ଓ ଶିକାର ହିଁ ତା'ର ମୁଖ୍ୟ ଖାଦ୍ୟ ଥିଲା ଅନ୍ୟାନ୍ୟ ଜୀବଜନ୍ତୁଙ୍କ ପରି। ଅନ୍ୟାନ୍ୟ ପଶୁଙ୍କ ପରି ପ୍ରଜନନ କରିବା ଓ ଖାଦ୍ୟ ଖାଇ ନିଜେ ବଞ୍ଚିବା ତା'ର ପ୍ରକୃତି ଥିଲା। ମାତ୍ର ସଭ୍ୟତାର ଅଭ୍ୟୁଦୟରେ ମନୁଷ୍ୟ (ନାରୀ ଓ ପୁରୁଷ) ର ମସ୍ତିଷ୍କର ବିକାଶ ସାଧନ ହେଲା। ସେ ତା'ର ଅସୁବିଧାକୁ ପରସ୍ପରର ସହଯୋଗରେ ସମାଧାନ କରିବାକୁ ଚେଷ୍ଟା କଲା। ରୋଗବୈରାଗ ସମୟରେ ଖାଦ୍ୟ ପାନୀୟ ସଂଗ୍ରହ କଥା ହେଉ କିମ୍ବା ହିଂସ୍ର ଜନ୍ତୁଙ୍କ ଆକ୍ରମଣ କଥା, ଉଭୟ ପୁରୁଷ ଓ ନାରୀ ଭଲଭାବେ ବୁଝିଯାଇଥିଲେ ଯେ ପରସ୍ପର ସାହାଯ୍ୟ ସହଯୋଗ ବିନା ବଞ୍ଚିବା କଷ୍ଟକର। ସେଥିପାଇଁ ବୋଧହୁଏ ଉଭୟ ନାରୀ ଓ ପୁରୁଷ କେଉଁ ଅନାଦିକାଳରୁ ବିବାହ ବନ୍ଧନରେ ବାନ୍ଧି ହୋଇଆସିଛନ୍ତି ଓ ସୁନ୍ଦର ଭାବେ ଧରାରେ ଜୀବନଯାପନ କରିଆସିଛନ୍ତି। ଧୀରେ ଧୀରେ ସମାଜରେ ବିଜ୍ଞାନର ପ୍ରସାର ବଢ଼ିଛି ଓ ଆମେ ଉଭୟ ପୁରୁଷ ଓ ନାରୀଙ୍କୁ ସମାନ ଦୃଷ୍ଟିରେ ଦେଖିଆସିଛୁ ଓ ସମସ୍ତ କାର୍ଯ୍ୟରେ ନାରୀ ଓ ପୁରୁଷଙ୍କୁ ସମାନ ଅଧିକାର ପ୍ରଦାନ କରାଯାଇଛି।

ଆଧୁନିକ ଯୁଗର ନାରୀମାନେ ସବୁ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିପାରିଛନ୍ତି ଓ ପୁରୁଷଙ୍କ ସହିତ ସମକକ୍ଷ ହୋଇ ରାଷ୍ଟ୍ର ନିର୍ମାଣରେ ନିଜକୁ ନିୟୋଜିତ କରିଛନ୍ତି। ଏହା ଉଭୟ ସମାଜ ଓ ରାଷ୍ଟ୍ର ପାଇଁ ଅନୁକୂଳ। ସମାଜରେ ପୁରୁଷ ଓ ନାରୀ ମଧ୍ୟରେ ପ୍ରାୟ ୪ ପ୍ରକାର ସହାବସ୍ଥାନ ଦେଖିବାକୁ ପାଇଥାଉ। ପ୍ରଥମଟି ହେଉଛି ପୁରୁଷ ଜଣକ ରୋଜଗାରକ୍ଷମ ଥାଆନ୍ତି ଓ ନାରୀ ଜଣକ ରୋଜଗାରକ୍ଷମ ନ ଥାନ୍ତି । ସେମାନଙ୍କ ମଧ୍ୟରେ ବିବାହ ହୁଏ ଓ ଉଭୟ ଖୁବ୍ ସୁଖ ଶାନ୍ତିରେ ଜୀବନଯାପନ କରନ୍ତି। ଦ୍ୱିତୀୟଟି ହେଉଛି ପୁରୁଷ ଜଣକ ରୋଜଗାରକ୍ଷମ ଓ ମହିଳା ଜଣକ ମଧ୍ୟ ରୋଜଗାରକ୍ଷମ। ଉଭୟଙ୍କ ମଧ୍ୟରେ ବିବାହ ସମ୍ପାଦନ ହୁଏ ଓ ଦୁହେଁ ଆରାମରେ ଜୀବନଯାପନ କରନ୍ତି। ତୃତୀୟଟି ହେଲା ପୁରୁଷ ଓ ମହିଳା ଉଭୟ ଚାକିରିଆ ନୁହେଁ, କିନ୍ତୁ ବିବାହ କରି ଶାନ୍ତିରେ ଚଳନ୍ତି। ଚତୁର୍ଥଟି ହେଲା ମହିଳା ରୋଜଗାରକ୍ଷମ ମାତ୍ର ପୁରୁଷ ଜଣକ ରୋଜଗାରକ୍ଷମ ନୁହେଁ। ଏ କ୍ଷେତ୍ରରେ ଖୁବ୍ କମ୍ ବିବାହ ବନ୍ଧନ ଦେଖିବାକୁ ମିଳେ। କୌଣସି ଚାକିରିଆ ଝିଅ ଶିକ୍ଷିତ ଅଣରୋଜଗାରକ୍ଷମ ପୁଅକୁ ବିବାହ କରିବାର ନଜିର ଖୁବ୍ କମ୍ ଦେଖିବାକୁ ମିଳେ। ଆଜିର ଆଲୋଚନାର ବିଷୟଟି ଏହା ଉପରେ ପର୍ଯ୍ୟବସିତ।

ପୁଅଟି ରୋଜଗାର କରୁଛି, ମାତ୍ର ଝିଅ ବେରୋଜଗାର, ସେ କ୍ଷେତ୍ରରେ ଆରାମରେ ବିବାହ ସମ୍ପାଦନ ହେଉଛି। ମାତ୍ର ରୋଜଗାରିଆ ଝିଅମାନେ



କେବେବି ବେରୋଜଗାରିଆ ପାଠୁଆ ପୁଅଙ୍କୁ ବାହା ହେବାକୁ ପସନ୍ଦ କରୁନାହାନ୍ତି। ବର୍ତ୍ତମାନ ବହୁ ପୁରୁଷ ପିଲା ଚାକିରି ବା ରୋଜଗାର ନ ପାଇ ରହିଯାଉଛନ୍ତି। ମାତ୍ର କନ୍ୟା କିମ୍ବା କନ୍ୟାର ମାତାପିତା ଏଭଳି ପ୍ରସ୍ତାବରେ ରାଜି ନ ହେବାର ଦେଖାଯାଏ। ଜଣେ ଚାକିରିଆ ଝିଅ ବା ରୋଜଗାରକ୍ଷମ ଝିଅର ନାନାବିଧ ସମସ୍ୟା ବା ଆବଶ୍ୟକତାକୁ ସିଏ ନିଜେ ପୂରା କରିବା କଷ୍ଟ। ତା' ଛଡା ଏକ ଆରାମଦାୟକ ଜୀବନଯାପନ ପାଇଁ ତାକୁ ବିଭିନ୍ନ କ୍ଷେତ୍ରରେ ସହଯୋଗର ଆବଶ୍ୟକତା ପଡ଼ିଥାଏ। ତା'ର ପିଲାମାନଙ୍କର ଦେଖାରଖା ଓ ଆବଶ୍ୟକତା ଜଣେ ଖାଲିଥିବା ପୁରୁଷ ଭଲଭାବେ କରିପାରିବ। ଉଭୟ ଚାକିରିଆ ରହିବା ବେଳେ ପିଲାମାନଙ୍କର ଲାଳନପାଳନ ଠିକ୍ ରୂପେ ହୋଇପାରେ ନାହିଁ। ଯଦି କେବଳ ପୁରୁଷ ରୋଜଗାରରେ ସମଗ୍ର ପରିବାର ଚାଲିପାରୁଛି, ତା' ହେଲେ କେବଳ ସ୍ତ୍ରୀ ରୋଜଗାରରେ କାହିଁକି ପୂରା ପରିବାର ଚାଲିପାରିବ ନାହିଁ ? ଆମକୁ ଏ ବିଷୟରେ ଭାବିବାକୁ ପଡ଼ିବ ? ଶିକ୍ଷିତ ଝିଅକୁ ଚିନ୍ତା କରିବାକୁ ପଡ଼ିବ ? ମାତାପିତା ମଧ୍ୟ ଚିନ୍ତା କରିବା ଉଚିତ ଯେ ଝିଅଟି ଯେତେବେଳେ ଚାକିରି କରୁଛି ବା ରୋଜଗାର କରୁଛି, ସେତେବେଳେ ତା'ର ମାନସିକ ଓ ଶାରୀରିକ ସୁସ୍ଥତା ପାଇଁ ତା' ପରିବାର ବର୍ଗଙ୍କର ସାହାଯ୍ୟ ସହଯୋଗର ଆବଶ୍ୟକତା ରହିଛି। ଆଜିକାଲି ସ୍ତ୍ରୀ ସ୍ୱାମୀ ଦୁଇଜଣ ଚାକିରିକୁ ଗଲାବେଳେ ସେମାନଙ୍କ ସ୍ୱାସ୍ଥ୍ୟ, ଚାପ ହ୍ରାସ, ପିଲାଙ୍କ ପାଠପଢ଼ା ଜନିତ ଚାପ ହ୍ରାସ ପାଇଁ ଆବଶ୍ୟକ ସହଯୋଗ ମିଳିପାରୁନାହିଁ ଯୌଥ ପରିବାର ଅନୁପସ୍ଥିତିରେ। ଚାକିରିଆ ମାତାପିତାଙ୍କ ସନ୍ତାନସନ୍ତତି ବଡ଼ ହୋଇ ସମାଜରେ ଖରାପ କାର୍ଯ୍ୟ କରିବାର ପ୍ରଧାନ ବା ମୁଖ୍ୟ କାରଣ ହେଲା, ମାତାପିତାଙ୍କର ପିଲାମାନଙ୍କ ପାଇଁ ସମୟ ଅଭାବ। କାମବାଲି ସହିତ ପିଲାମାନଙ୍କର କିଛି ସମୟ କାଟିବା ସହିତ ମାତ୍ରାଧିକ ସମୟ ସେମାନଙ୍କର ନିଃସଙ୍ଗତାରେ କଟେ କିମ୍ବା ମୋବାଇଲରେ କଟିଥାଏ। ତେଣୁ ପିଲାଟି ସଂସ୍କାରୀ କିମ୍ବା ସାମାଜିକ ହୋଇପାରେ ନାହିଁ।

ବର୍ତ୍ତମାନ ସମୟ ବଦଳିଛି। ସାମାଜରେ ଚାକିରି ପାଇଁ ପ୍ରତିଯୋଗିତା ବି ବଢ଼ିଛି। ତେଣୁ ସବୁ ପୁଅଙ୍କୁ ଚାକିରି ମିଳିବା ସମ୍ଭବ ହୋଇପାରୁନାହିଁ ଉଚ୍ଚଶିକ୍ଷା ପ୍ରାପ୍ତି ପରେ ମଧ୍ୟ। ତେଣୁ ଚାକିରିଆ ଝିଅମାନେ ନିଜର ଆଭିମୁଖ୍ୟ ବଦଳାଇ ଶିକ୍ଷିତ ବେକାର ଯୁବକଙ୍କ ସହିତ ବିବାହ କରନ୍ତୁ। ଏହା ସାମାଜରେ ପରିବର୍ତ୍ତନ ଆଣିବ। ଏହାଦ୍ୱାରା ଚାକିରିଆ ମହିଳାମାନେ କମ୍ ଚାପର ବଶବର୍ତ୍ତୀ ହେବେ ଓ ସୁସ୍ଥ ଜୀବନଯାପନ କରିବେ। ପିଲାଙ୍କୁ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ମିଳିବ ଏବଂ ଏକ ସୁସ୍ଥ ସମାଜ ଗଠନରେ ନିଶ୍ଚିତ ସହାୟକ ହେବ। କହିବାକୁ ଗଲେ ଯଦି ରୋଜଗାରିଆ ପୁଅ ବେରୋଜଗାର ଝିଅ ସହିତ ବାହା ହୋଇପାରୁଛି, ଏକବିଂଶ ଶତାବ୍ଦୀରେ ରୋଜଗାରିଆ ଝିଅ ସହିତ ଶିକ୍ଷିତ ବେରୋଜଗାର ପୁଅର ବାହାଘର କାହିଁକି ସମାଜରେ ଗ୍ରହଣୀୟ ହେବ ନାହିଁ?

ମୋ: ୮୯୧୭୪୨୬୪୪୦

## ଏଇ ଭାରତରେ

ଭାରତରେ ଜଳ ସଙ୍କଟ ବିଷୟ ଆଲୋଚନା କଲାବେଳେ ମହାରାଷ୍ଟ୍ର ଲାଟୁର ଜିଲା ସ୍ଥିତି ସାମ୍ନାକୁ ଆସେ। ତେବେ ଏହି ଜିଲାର ବଂଶୱାରଗ୍ରାମର ଗ୍ରାମବାସୀ ଜଳସଙ୍କଟ ଦୂର କରିବାରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେମାନେ ସମ୍ମିଳିତ ଉଦ୍ୟମରେ ଗାଁରେ କେନାଲ ପୁନରୁଦ୍ଧାର କରିବା ସହ ଭୂତଳ ଜଳସ୍ତର ବୃଦ୍ଧି କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଫଳରେ ୧୩୦୦ ପରିବାର ବିଶିଷ୍ଟ ବଂଶୱାରଗ୍ରାମର ଲୋକଙ୍କ ଜଳକଷ୍ଟ ଏବେ ଦୂର ହୋଇପାରିଛି। ଏବେ ଆଉ ଗାଁକୁ ଟ୍ୟାଙ୍କର ଆସୁନାହିଁ। ୨୦୧୭ରେ ନିଲେଶ ଭାନ୍ଦେ ସରପଞ୍ଚ ଭାବେ ନିର୍ବାଚିତ ହେବା ପରେ ଜଳ ସଙ୍କଟ ଦୂର ହେଲେ କୃଷିରେ ବିକାଶ ହେବ ଓ ଦାରିଦ୍ର୍ୟ ଅପସରି ଯିବ ବୋଲି ଅନୁଭବ କରିଥିଲେ। ଏହି ବିଚାରକୁ ଫଳପ୍ରଦ କରିବା ପାଇଁ ସେ ସରକାରୀ ଓ ବେସରକାରୀ ଉତ୍ସରୁ ୪ ଲକ୍ଷ ଟଙ୍କା ସଂଗ୍ରହ କରି ଜଳସେଚନ କେନାଲକୁ ଖୋଳି ଗଭୀର ଓ ଚଉଡ଼ା କରାଯିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୪ରେ ବର୍ଷାଜଳ ସଂରକ୍ଷଣ କରି ରଖିବାର ବ୍ୟବସ୍ଥା କରାଗଲା। ଫଳରେ ଭୂତଳ ଜଳସ୍ତର ପାଖାପାଖି ୧୫୦ ଫୁଟ ବୃଦ୍ଧି ପାଇପାରିଛି ଏବଂ କୃଷି ପାଇଁ ୧୦୦ଟି ନୂଆ କୂଅ ମଧ୍ୟ ଖୋଳାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୮ ଫେବୃଆରୀ ୧୯୭୭

- ୩ କୋଟି ୯୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ରାଜ୍ୟର ୩ଟି ମଧ୍ୟମ ଜଳସେଚନ ଯୋଜନାକୁ ଯୋଜନା କମିଶନ ଗ୍ରହଣ କରିଛନ୍ତି।
- ବିଶ୍ୱବିଦ୍ୟାଳୟ ତଥା କଲେଜଗୁଡ଼ିକର ବ୍ୟାୟାମଗାରା ଏବଂ ଖେଳପଡ଼ିଆର ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ୭୫-୨୫ ଭିତ୍ତିରେ ସାହାଯ୍ୟ ଦେବା ନେଇ ନିଷ୍ପତ୍ତି ଗ୍ରହଣ।

## ଚିରନ୍ତନୀ

ଯୁବକ ଯୁବତୀ ଧରମ ସେ ତ
ବୟସ ଦାବି
ଗୋପନୀୟ ତେବେ କି ଅଛି ତହିଁ
କହ ତ ଭାବି ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜାତି ଭେଦଭାବରୁ ମୁକ୍ତି କେବେ

ମହାଶୟ,

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ନୂଆଗାଁ ଗ୍ରାମରେ ଘଟିଥିବା ଏକ ଅଙ୍ଗନୱାଡି କେନ୍ଦ୍ରରେ ସେବିକା ଜାତି ପ୍ରଥାକୁ ନେଇ ଗ୍ରାମାଞ୍ଚଳଠାରୁ ଆରମ୍ଭକରି ଲୋକ ସଭା ପର୍ଯ୍ୟନ୍ତ ବିତର୍କ ଲାଗିରହିଥିବା ବେଳେ ସମସ୍ତ ଉଚ୍ଚ ଶିକ୍ଷିତ ଓ ରାଜନୀତିଜ୍ଞ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଆମେ ସମସ୍ତେ ଲୋକ ଦେଖାଣିଆ ଛୁଆଁ ଅଛୁଆଁ ଭେଦଭାବକୁ ବିରୋଧ କରୁଛନ୍ତି। କିନ୍ତୁ ବାସ୍ତବରେ ଆଜିର ସମାଜରେ ଭାରତରେ ପ୍ରତିଟି ଜିଲାରେ ଏବଂ ଗ୍ରାମାଞ୍ଚଳରେ ଜାତିପ୍ରଥା ଜୀବିତ ଅଛି । ତେଣୁ ଏହିଭଳି ସମ୍ବେଦନଶୀଳ ଘଟଣାଟିରେ ଲୋକଙ୍କୁ ସଚେତନ କରିବା ଲାଗି ଯେଉଁଭଳି ସରକାର ଏବଂ ପ୍ରଶାସନିକ ଅଧିକାରୀମାନେ ତତ୍ପରତା ଦେଖାଇଲେ ସେହିପରି ପ୍ରତିଟି ଜିଲାରେ ଏବଂ ପଞ୍ଚାୟତରେ ଲୋକମାନଙ୍କୁ ସଚେତନ କରାଯିବା ଦରକାର। ଏଭଳି ପଦକ୍ଷେପ ନିଆଗଲେ ସମାଜରେ ଜାତିପ୍ରଥାରୁ ଏବଂ ଛୁଆଁ ଅଛୁଆଁ ଭେଦଭାବରୁ ଅବହେଳିତ ଲୋକମାନେ କିଛି ମାତ୍ରାରେ ମୁକ୍ତ ହୋଇପାରିବେ ।

-ବିଚିତ୍ର ପୃଷ୍ଟି, ଅଚ୍ୟୁତବସନ୍ତ, ବାଲିଚନ୍ଦ୍ରପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମଧୁକାନ୍ତଙ୍କୁ ରିମାଣ୍ଡରେ ନେଲା କମିଶନରେଟ୍ ପୋଲିସ

**ଚୌଦ୍ୱାର,୧୭।୨(ଆଶୁତୋଷ ଦାସ)**

## ଚୌଦ୍ୱାର ଜେଲରୁ ଫେରାର କଏଦୀ ଘଟଣା


ମଧୁକାନ୍ତ କୁମାର ରାଣା

ଚୌଦ୍ୱାର ଜେଲରୁ ଫେରାର କଏଦୀ ମଧୁକାନ୍ତ କୁମାର ରାଣାଙ୍କୁ ଅଧିକ ପଚରାଉଚରା ପାଇଁ କମିଶନରେଟ୍ ପୋଲିସ ମଙ୍ଗଳବାର ରିମାଣ୍ଡରେ ନେଇଛି। ତେବେ ଫେରାର ରାଜା ସାହାଣୀ ଓ ମଧୁକାନ୍ତ କିଭଳି ଜେଲରୁ ଫେରାର ହୋଇଗଲେ ଓ ବର୍ତ୍ତମାନ ରାଜା କେଉଁଠି ଅଛି ସେ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ମଧୁକାନ୍ତଙ୍କୁ ୭ ଦିନିଆ ରିମାଣ୍ଡରେ ନେବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଜେଏମ୍ଏଫ୍ସି କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ୬ ଦିନ ପାଇଁ ମଞ୍ଜୁର ଦେବାପରେ ମଧୁକାନ୍ତଙ୍କୁ କମିଶନରେଟ୍ ପୋଲିସ ରିମାଣ୍ଡରେ ନେଇଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ ମିନିଟରେ ଚୌଦ୍ୱାର ପୋଲିସ ଜେଲରେ ପହଞ୍ଚିଥିଲା। ଜେଲର ଆଇନ ଅନୁସାରେ ରେକର୍ଡ ରେଜିଷ୍ଟ୍ରର ପ୍ରସ୍ତୁତ କରି ମଧୁକାନ୍ତଙ୍କୁ ରିମାଣ୍ଡରେ ନିଆଯାଇଛି। କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ନେତୃତ୍ୱରେ ଗଠିତ ଟିମ୍ ମଧୁକାନ୍ତଙ୍କୁ ଆଣି ଘଟଣାର ସତ୍ୟତା ସମ୍ପର୍କରେ ପଚରାଉଚରା କରିବ ବୋଲି ଜଣାପଡ଼ିଛି। ତଦନ୍ତର ଗୋପନୀୟତା ରକ୍ଷା କରିବା ପାଇଁ ଅଭିଯୁକ୍ତଙ୍କୁ ଏକ ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା କରାଯାଉଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ଅକ୍ଟୋବର ୨ ତାରିଖ ବିଳମ୍ବିତ ରାତିରେ ଚୌଦ୍ୱାର ମଣ୍ଡଳ କାରାଗାର ପାଚେରି ଡେଇଁ ୨ଜଣ କଏଦୀ ଫେରାର ହୋଇଥିଲେ। ୨ଜଣଙ୍କ ମଧ୍ୟରୁ ଜଣଙ୍କୁ କମିଶନରେଟ୍ ପୋଲିସ ଗତ ୧୪ ତାରିଖରେ ମଥୁରା ବୃନ୍ଦାବନରୁ ଗିରଫ କରି ଚୌଦ୍ୱାର ଜେଲକୁ ଆଣିଥିଲା। ତାଙ୍କୁ ଜେଲର ୩ ନମ୍ବର ସେଲରେ କଡ଼ା ସୁରକ୍ଷା ଭିତରେ ସିସିଟିଭି ନଜରରେ ରଖାଯାଇଥିଲା।

# ଆଖି ବୁଜିଲେ ବିଷ ପିଇଥିବା ପିଇଓ

**ଟିକିଟି,୧୭।୨(ପ୍ରକାଶ ଚନ୍ଦ୍ର ସାହୁ)**


ଦଣ୍ଡପାଣି ପାତ୍ର

କୀଟନାଶକ ପିଇ ଗୁରୁତର ହୋଇଥିବା ଗଞ୍ଜାମ ଜିଲା ଟିକିଟି ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଦଣ୍ଡପାଣି ପାତ୍ରଙ୍କ ମଙ୍ଗଳବାର ଅପରାହ୍ନରେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଟିକିଟି ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ପିଇଓ ପାତ୍ର ୪ ତାରିଖ ଅପରାହ୍ନରେ କୀଟନାଶକ ପିଇ ଦେଇଥିଲେ। ସେବେଠାରୁ ସେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଶେଷରେ ଆଖି ବୁଜିଛନ୍ତି।

ଟିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମି ମହୋତ୍ସବ ଅବସରରେ ଜିଲା ପ୍ରଶାସନ ନିଷ୍ପତ୍ତି ପ୍ରକାରେ ଗତ ୩ ତାରିଖରେ ସୋରଳ ଛକଠାରୁ ଜାଗପୁର ପର୍ଯ୍ୟନ୍ତ ମିନି ମାରାଥନ କରାଯାଇଥିଲା। ଏହି ସମୟରେ କୌଣସି କାରଣରୁ ଅତିରିକ୍ତ ତହସିଲଦାର ଷଡ଼ଙ୍ଗୀ ରାମଚନ୍ଦ୍ରପୁର ପିଇଓ ଦଣ୍ଡପାଣିଙ୍କୁ ସର୍ବସମ୍ମୁଖରେ ଗାଳିଗୁଲଜ କରିଥିଲେ। ପିଇଓ ଦୁର୍ବ୍ୟବହାର କରିଥିବା ନେଇ ଗତ ୪ ତାରିଖରେ ତାଙ୍କ ବିରୋଧରେ ଅତିରିକ୍ତ ତହସିଲଦାର ଷଡ଼ଙ୍ଗୀ ଗୋଲନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୫୬/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଜଣେ ମହିଳା ଏସ୍ଡିପିଓଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଅପରପକ୍ଷରେ ଟିକିଟି ଅତିରିକ୍ତ ତହସିଲଦାରଙ୍କ ଅପମାନ ସହି ନ ପାରି ସ୍ୱାମୀ କୀଟନାଶକ ପିଇଛନ୍ତି ବୋଲି ପିଇଓ ଦଣ୍ଡପାଣିଙ୍କ ସ୍ତ୍ରୀ ବି. ଜାନକୀ ପାତ୍ର ଗତ ୯ରେ ଗୋଲନ୍ଥରା ଥାନାରେ ଅଭିଯୋଗ କରିଥିଲେ।


## ଓଡ଼ିଶା ସରକାର

# କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

File No. 43 — Date: 05.02.2026

No. 24001/35/2526: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଏହି ଘୋଷଣାନାମା ଦିଆଯାଉଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ତିଜମାଳି, ଥାନା: ଥୁଆମୂଳ ରାମପୁର (ଥାନା ନଂ. ୨୦୮), ତହସିଲ: ଥୁଆମୂଳ ରାମପୁର, ଜିଲ୍ଲା: କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: କଳାହାଣ୍ଡି ଜିଲ୍ଲାରେ ''ବେଦାନ୍ତ ଲିମିଟେଡ୍ ଦ୍ୱାରା ସିଜିମାଳି ବକ୍ସାଇଟ ଖଣି ଖନନ'' ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା – ୫୪୧, ତା: ୦୬।୦୫।୨୦୨୫ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ତିଜମାଳି, ଥାନା: ଥୁଆମୂଳ ରାମପୁର (ଥାନା ନଂ. ୨୦୮), ତହସିଲ: ଥୁଆମୂଳ ରାମପୁର, ଜିଲ୍ଲା: କଳାହାଣ୍ଡି ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର – ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍ସାଇଟ୍ **https://kalahandi.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାରେ ଭୂମି ନକ୍ସା ପୁନର୍ବାସ ଥଇଥାନ ପ୍ରଶାସକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

**ଜିଲ୍ଲା: କଳାହାଣ୍ଡି** — **ତହସିଲ: ଥୁଆମୂଳ ରାମପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍ର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଛି। | | | | | | | |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ..................... ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

**ଜିଲ୍ଲା: କଳାହାଣ୍ଡି** — **ତହସିଲ: ଥୁଆମୂଳ ରାମପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କୁରକୁଟି | ଗ୍ରାମାଞ୍ଚଳ | ୨୧ | ୧୯ | ପତିତ | ୧୭.୬୫୦ | ୧୭.୬୫୦ | ଆବାଦ ଯୋଗ୍ୟ ଅନାବାଦୀ |
| | | | ୧୯/୧୮୭ | ପତିତ | ୪.୮୦ | ୪.୮୦୦ | |
| | | | ୨୮ | ପତିତ | ୧୪.୦୦ | ୧୪.୦୦୦ | |
| | | | ୨୮/୧୮୮ | ପତିତ | ୫.୨୦ | ୫.୨୦୦ | |
| | | | | (ମୋଟ) | **୪୧.୬୫୦** | **୪୧.୬୫୦** | |

ଘୋଷଣା ବୈଧ ତାରିଖ: ୦୫।୦୨।୨୦୨୬।

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା./– ଜିଲ୍ଲାପାଳ, କଳାହାଣ୍ଡି**

## ଭୂମି ଅନୁସୂଚୀ

**ପ୍ରକଳ୍ପର ନାମ: ବେଦାନ୍ତ ଲିମିଟେଡ୍ ଦ୍ୱାରା କଳାହାଣ୍ଡି ଜିଲ୍ଲାର ସିଜିମାଳି ବକ୍ସାଇଟ ଖଣି ଖନନ**
**ମୌଜା: ତିଜମାଳି, ପ୍ରସ୍ତାବିତ ଅଧିକୃତ ରକବା: ଏ.୭୦.୫୦୦ଡି.**
**ଥାନା: ଥୁଆମୂଳ ରାମପୁର, ତହସିଲ: ଥୁଆମୂଳ ରାମପୁର, ଜିଲ୍ଲା: କଳାହାଣ୍ଡି**

| କ୍ରମିକ ସଂଖ୍ୟା | ଖାତା ନମ୍ବର | ପ୍ଲଟ୍ ନମ୍ବର | ମୋଟ ରକବା (ଏକର) | ପ୍ରସ୍ତାବିତ ଅଧିକୃତ ରକବା (ଏକର) | କିସମ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୧ | ୬ | ୦.୫୬୦ | ୦.୫୬୦ | ଆଟ | ଖୁଜା ମାଝୀ, ପି.: ଭାଲୁ ମାଝୀ, ସୁକ ମାଝୀ, ସ୍ୱା.: ଭାଲୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୨ | | ୫୭ | ୧.୫୦୦ | ୧.୫୦୦ | ଆଟ | |
| ୩ | | ୯୯ | ୦.୧୧୦ | ୦.୧୧୦ | ଆଟ | |
| ୪ | | ୧୨୫ | ୦.୦୩୦ | ୦.୦୩୦ | ଘରବାରି | |
| ୫ | | ୧୩୦ | ୦.୩୩୦ | ୦.୩୩୦ | ଆଟ | |
| ୬ | | ୧୩୪ | ୦.୨୫୦ | ୦.୨୫୦ | ଆଟ | |
| ୭ | | ୧୪୯ | ୦.୪୨୦ | ୦.୪୨୦ | ଆଟ | |
| ୮ | | ୧୬୨ | ୦.୩୯୦ | ୦.୩୯୦ | ଆଟ | |
| ୯ | | ୧୬୬ | ୦.୯୭୦ | ୦.୯୭୦ | ଆଟ | |
| ୧୦ | | ୧୭୮ | ୦.୭୬୦ | ୦.୭୬୦ | ଆଟ | |
| ୧୧ | | ୧୮୨ | ୦.୮୧୦ | ୦.୮୧୦ | ଆଟ | |
| ୧୨ | | ୧୮୩ | ୦.୭୫୦ | ୦.୭୫୦ | ଆଟ | |
| ୧୩ | ୨ | ୧୨ | ୦.୪୮୦ | ୦.୪୮୦ | ଆଟ | ଜାମୁ ମାଝୀ, ପି.: ଗୁରୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୪ | ୩ | ୨୩ | ୦.୬୦୦ | ୦.୬୦୦ | ଆଟ | ଦାନୁ ମାଝୀ, ପି.: ମେଘା ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୫ | | ୩୩ | ୦.୮୫୦ | ୦.୮୫୦ | ମାଳ | |
| ୧୬ | | ୪୦ | ୦.୪୪୦ | ୦.୪୪୦ | ମାଳ-୨ | |
| ୧୭ | | ୫୫ | ୧.୩୩୦ | ୧.୩୩୦ | ଆଟ | |
| ୧୮ | | ୭୬ | ୦.୯୩୦ | ୦.୯୩୦ | ଆଟ | |
| ୧୯ | | ୧୨୦ | ୦.୦୨୦ | ୦.୦୨୦ | ଘରବାରି | |
| ୨୦ | | ୧୬୯ | ୦.୬୩୦ | ୦.୬୩୦ | ଆଟ | |
| ୨୧ | | ୧୭୩ | ୧.୧୦୦ | ୧.୧୦୦ | ଆଟ | |
| ୨୨ | | ୧୮୮ | ୧.୨୮୦ | ୧.୨୮୦ | ଆଟ | |
| ୨୩ | ୪ | ୨୦ | ୦.୨୩୦ | ୦.୨୩୦ | ଆଟ | ଦିଆନ ମାଝୀ, ପି.: ନାରାଙ୍ଗ ମାଝୀ, ସୁକ ମାଝୀ, ସ୍ୱା.: ନାରାଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୨୪ | | ୨୬ | ୦.୬୮୦ | ୦.୬୮୦ | ଆଟ | |
| ୨୫ | | ୩୪ | ୦.୧୬୦ | ୦.୧୬୦ | ମାଳ-୨ | |
| ୨୬ | | ୪୧ | ୦.୩୪୦ | ୦.୩୪୦ | ମାଳ | |
| ୨୭ | | ୪୨ | ୦.୦୫୦ | ୦.୦୫୦ | ମାଳ | |
| ୨୮ | | ୫୪ | ୧.୮୮୦ | ୧.୮୮୦ | ଆଟ | |
| ୨୯ | | ୭୨ | ୦.୭୩୦ | ୦.୭୩୦ | ଆଟ | |
| ୩୦ | | ୭୮ | ୦.୩୫୦ | ୦.୩୫୦ | ଆଟ | |
| ୩୧ | | ୮୧ | ୦.୩୦୦ | ୦.୩୦୦ | ଆଟ | |
| ୩୨ | | ୧୧୮ | ୦.୦୨୦ | ୦.୦୨୦ | ଘରବାରି | |
| ୩୩ | | ୧୩୧ | ୦.୪୬୦ | ୦.୪୬୦ | ଆଟ | |
| ୩୪ | | ୧୬୭ | ୦.୭୬୦ | ୦.୭୬୦ | ଆଟ | |
| ୩୫ | | ୧୭୨ | ୦.୫୩୦ | ୦.୫୩୦ | ଆଟ | |
| ୩୬ | | ୧୭୪ | ୦.୪୬୦ | ୦.୪୬୦ | ଆଟ | |
| ୩୭ | ୫ | ୫ | ୧.୦୦୦ | ୧.୦୦୦ | ଆଟ | ପୁଲୁ ମାଝୀ, ପି.: ମୁକୁଲିଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୩୮ | | ୧୬ | ୦.୪୪୦ | ୦.୪୪୦ | ଆଟ | |
| ୩୯ | | ୫୨ | ୧.୦୨୦ | ୧.୦୨୦ | ଆଟ | |
| ୪୦ | | ୭୯ | ୦.୧୩୦ | ୦.୧୩୦ | ଆଟ | |
| ୪୧ | | ୧୦୦ | ୦.୪୦୦ | ୦.୪୦୦ | ଆଟ | |
| ୪୨ | | ୧୧୨ | ୦.୦୧୦ | ୦.୦୧୦ | ଘରବାରି | |
| ୪୩ | | ୧୧୩ | ୦.୦୧୦ | ୦.୦୧୦ | ଘରବାରି | |
| ୪୪ | | ୧୫୦ | ୧.୦୩୦ | ୧.୦୩୦ | ଆଟ | |
| ୪୫ | | ୧୫୩ | ୧.୨୯୦ | ୧.୨୯୦ | ଆଟ | |
| ୪୬ | ୬ | ୪୮ | ୦.୭୫୦ | ୦.୭୫୦ | ଆଟ | ପେଡ଼ା ମାଝୀ, ଦାନୁ ମାଝୀ, ପି.: ମୁକୁଲିଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୪୭ | | ୯୧ | ୦.୬୮୦ | ୦.୬୮୦ | ଆଟ | |
| ୪୮ | | ୯୫ | ୦.୩୦୦ | ୦.୩୦୦ | ଆଟ | |
| ୪୯ | | ୧୧୪ | ୦.୦୧୦ | ୦.୦୧୦ | ଘରବାରି | |
| ୫୦ | | ୧୧୫ | ୦.୦୨୦ | ୦.୦୨୦ | ଗରବାରି | |
| ୫୧ | | ୧୨୭ | ୦.୨୫୦ | ୦.୨୫୦ | ମାଳ | |
| ୫୨ | | ୧୩୫ | ୧.୫୦୦ | ୧.୫୦୦ | ଆଟ | |
| ୫୩ | | ୧୫୨ | ୦.୫୯୦ | ୦.୫୯୦ | ଆଟ | |
| ୫୪ | | ୧୭୯ | ୧.୩୪୦ | ୧.୩୪୦ | ଆଟ | |
| ୫୫ | ୭ | ୨ | ୧.୭୦୦ | ୧.୭୦୦ | ଆଟ | ମଙ୍ଗଲୁ ମାଝୀ, ପି.: ନାରାଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୫୬ | | ୩୯ | ୦.୪୮୦ | ୦.୪୮୦ | ମାଳ-୨ | |
| ୫୭ | | ୭୭ | ୦.୬୨୦ | ୦.୬୨୦ | ଆଟ | |
| ୫୮ | | ୮୬ | ୦.୨୯୦ | ୦.୨୯୦ | ଆଟ | |
| ୫୯ | | ୧୨୧ | ୦.୦୨୦ | ୦.୦୨୦ | ଘରବାରି | |
| ୬୦ | | ୧୩୯ | ୦.୨୦୦ | ୦.୨୦୦ | ମାଳ-୫ | |
| ୬୧ | | ୧୮୯ | ୧.୨୨୦ | ୧.୨୨୦ | ଆଟ | |
| ୬୨ | ୮ | ୮୪ | ୦.୫୧୦ | ୦.୫୧୦ | ଆଟ | ମେଘା ମାଝୀ, ପି.: ମାଳି ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୬୩ | ୯ | ୧୦ | ୦.୮୦୦ | ୦.୮୦୦ | ଆଟ | ମାଙ୍ଗଡୁ ମାଝୀ, ପି.: ନାରାଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୬୪ | ୧୦ | ୩ | ୦.୬୬୦ | ୦.୬୬୦ | ଆଟ | ରାଜିଙ୍ଗ ମାଝୀ, ପି.: ମାଳି ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୬୫ | | ୧୯ | ୦.୨୨୦ | ୦.୨୨୦ | ଆଟ | |
| ୬୬ | | ୪୩ | ୦.୨୮୦ | ୦.୨୮୦ | ମାଳ-୪ | |
| ୬୭ | | ୫୬ | ୧.୮୭୦ | ୧.୮୭୦ | ଆଟ | |
| ୬୮ | | ୮୩ | ୦.୨୮୦ | ୦.୨୮୦ | ଆଟ | |
| ୬୯ | | ୮୭ | ୦.୬୬୦ | ୦.୬୬୦ | ଆଟ | |
| ୭୦ | | ୧୧୬ | ୦.୦୨୦ | ୦.୦୨୦ | ଘରବାରି | |
| ୭୧ | | ୧୪୦ | ୦.୩୬୦ | ୦.୩୬୦ | ଆଟ | |
| ୭୨ | | ୧୬୦ | ୦.୫୫୦ | ୦.୫୫୦ | ଆଟ | |
| ୭୩ | | ୧୭୫ | ୧.୩୦୦ | ୧.୩୦୦ | ଆଟ | |
| ୭୪ | | ୧୮୭ | ୦.୮୨୦ | ୦.୮୨୦ | ଆଟ | |
| ୭୫ | ୧୧ | ୧୦୬ | ୦.୦୪୦ | ୦.୦୪୦ | ମାଳ | ଲାଖି ମାଝୀ, ଜାମୁ ମାଝୀ, ପି.: ଗୁରୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୭୬ | | ୧୦୭ | ୦.୦୪୦ | ୦.୦୪୦ | ମାଳ | |
| ୭୭ | | ୧୦୮ | ୧.୨୦୦ | ୧.୨୦୦ | ଆଟ | |
| ୭୮ | | ୧୨୪ | ୦.୦୧୦ | ୦.୦୧୦ | ଘରବାରି | |
| ୭୯ | | ୧୯୧ | ୧.୧୩୦ | ୧.୧୩୦ | ଆଟ | |
| ୮୦ | ୧୨ | ୭୩ | ୧.୧୪୦ | ୧.୧୪୦ | ଆଟ | ସାନି ମାଝୀ, ପି.: ମେଘା ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୮୧ | | ୮୨ | ୦.୭୨୦ | ୦.୭୨୦ | ଆଟ | |
| ୮୨ | | ୧୧୯ | ୦.୦୨୦ | ୦.୦୨୦ | ଘବରାରି | |
| ୮୩ | | ୧୬୮ | ୦.୧୨୦ | ୦.୧୨୦ | ଆଟ | |
| ୮୪ | | ୧୭୭ | ୧.୯୦୦ | ୧.୯୦୦ | ଆଟ | |
| ୮୫ | ୧୩ | ୨୪ | ୦.୯୬୦ | ୦.୯୬୦ | ଆଟ | ସାରୁ ମାଝୀ, ପି.: ନାରାଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୮୬ | | ୨୭ | ୦.୬୬୦ | ୦.୬୬୦ | ଆଟ | |
| ୮୭ | | ୭୦ | ୦.୨୫୦ | ୦.୨୫୦ | ମାଳ | |
| ୮୮ | | ୮୦ | ୦.୪୬୦ | ୦.୪୬୦ | ଆଟ | |
| ୮୯ | | ୧୩୮ | ୦.୧୬୦ | ୦.୧୬୦ | ମାଳ | |
| ୯୦ | | ୧୬୧ | ୦.୧୯୦ | ୦.୧୯୦ | ଆଟ | |
| ୯୧ | | ୧୨୫/୧୯୮ | ୦.୦୨୦ | ୦.୦୨୦ | ଘରବାରି | |
| ୯୨ | ୧୪ | ୧୨୯ | ୦.୩୭୦ | ୦.୩୭୦ | ଆଟ | ହାଜିଙ୍ଗ ମାଝୀ, କିଆଫୁଲ ମାଝୀ, ପି.: ମୁକୁଲିଙ୍ଗ ମାଝୀ, ଶୁକୁରୀ ମାଝୀ, ସ୍ୱା.: ମୁକୁଲିଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୯୩ | | ୧୪୨ | ୦.୯୦୦ | ୦.୯୦୦ | ଆଟ | |
| ୯୪ | | ୧୫୧ | ୦.୮୪୦ | ୦.୮୪୦ | ଆଟ | |
| ୯୫ | | ୧୭୬ | ୧.୧୧୦ | ୧.୧୧୦ | ଆଟ | |
| ୯୬ | | ୧୯୦ | ୧.୩୮୦ | ୧.୩୮୦ | ଆଟ | |
| ୯୭ | ୧୫ | ୧୫ | ୦.୩୬୦ | ୦.୩୬୦ | ଆଟ | ହାଦାନ ମାଝୀ, ପି.: ମୁକୁଲିଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୯୮ | | ୩୮ | ୦.୨୬୦ | ୦.୨୬୦ | ମାଳ | |
| ୯୯ | | ୯୪ | ୦.୧୪୦ | ୦.୧୪୦ | ଆଟ | |
| ୧୦୦ | | ୧୧୦ | ୦.୦୧୦ | ୦.୦୧୦ | ଘରବାରି | |
| ୧୦୧ | | ୧୧୧ | ୦.୦୧୦ | ୦.୦୧୦ | ଘରବାରି | |
| ୧୦୨ | | ୧୩୩ | ୦.୧୭୦ | ୦.୧୭୦ | ଆଟ | |
| ୧୦୩ | | ୧୪୧ | ୨.୫୫୦ | ୨.୫୫୦ | ଆଟ | |
| ୧୦୪ | | ୧୮୫ | ୦.୬୮୦ | ୦.୬୮୦ | ଆଟ | |
| ୧୦୫ | ୧୬ | ୪୯ | ୦.୩୨୦ | ୦.୩୨୦ | ଆଟ | ହନ୍ଦିଙ୍ଗ ମାଝୀ, ମାଙ୍ଗଡୁ ମାଝୀ, ମୁକୁଲିଙ୍ଗ ମାଝୀ, ପି.: ପାତଡ଼ି ମାଝୀ, ଖୁଜୀ ମାଝୀ, ସ୍ୱା.: ପାତଡ଼ି ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୦୬ | | ୫୧ | ୧.୧୩୦ | ୧.୧୩୦ | ଆଟ | |
| ୧୦୭ | | ୧୦୯ | ୦.୫୬୦ | ୦.୫୬୦ | ଆଟ | |
| ୧୦୮ | | ୧୧୭ | ୦.୦୨୦ | ୦.୦୨୦ | ଘରବାରି | |
| ୧୦୯ | | ୧୨୩ | ୦.୦୨୦ | ୦.୦୨୦ | ଘରବାରି | |
| ୧୧୦ | | ୧୩୬ | ୧.୧୫୦ | ୧.୧୫୦ | ଆଟ | |
| ୧୧୧ | | ୧୩୭ | ୦.୧୧୦ | ୦.୧୧୦ | ମାଳ-୨ | |
| ୧୧୨ | | ୧୪୫ | ୦.୮୪୦ | ୦.୮୪୦ | ଆଟ | |
| ୧୧୩ | | ୧୬୫ | ୦.୮୭୦ | ୦.୮୭୦ | ଆଟ | |
| ୧୧୪ | | ୧୮୧ | ୦.୩୭୦ | ୦.୩୭୦ | ଆଟ | |
| ୧୧୫ | | ୧୮୪ | ୧.୧୬୦ | ୧.୧୬୦ | ଆଟ | |
| ୧୧୬ | ୧୬/୧ | ୮୮/୧୯୯ | ୦.୦୪୦ | ୦.୦୪୦ | ଘରବାରି | ସାନି ମାଝୀ, ପି.: ମେଘ ମାଝୀ, ଉଜ ଦେଇ, ସ୍ୱା.: ସାନି ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୧୭ | ୧୬/୨ | ୮୮/୨୦୦ | ୦.୦୪୦ | ୦.୦୪୦ | ଘରବାରି | ହାଦିଙ୍ଗ ମାଝୀ, ପି.: ପାଚିଡ଼ି ମାଝୀ, ସୁରଙ୍ଗ ଦେଇ, ସ୍ୱା.: ହାଦିଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୧୮ | ୧୬/୩ | ୮୮/୨୦୧ | ୦.୦୪୦ | ୦.୦୪୦ | ଘରବାରି | ଦିଆନ ମାଝୀ, ପି.: ନାରଙ୍ଗା ମାଝୀ, ଆନା ଦେଇ, ସ୍ୱା.: ଦିଆନ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୧୯ | ୧୬/୪ | ୮୫/୨୦୨ | ୦.୦୪୦ | ୦.୦୪୦ | ଘରବାରି | ଦାନୁ ମାଝୀ, ପି.: ମେଘା ମାଝୀ, ଜମୁନା ଦେଇ, ସ୍ୱା.: ଦାନୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୦ | ୧୬/୫ | ୮୫/୨୦୩ | ୦.୦୪୦ | ୦.୦୪୦ | ଘରବାରି | ରାଜିଙ୍ଗ ମାଝୀ, ପି.: ସାନି ମାଝୀ, ଜନଦେଇ ମାଝୀ, ସ୍ୱା.: ରାଜିଙ୍ଗ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୧ | ୧୬/୬ | ୮୫/୨୦୪ | ୦.୦୪୦ | ୦.୦୪୦ | ଘରବାରି | ପୋଡ଼ା ମାଝୀ, ପି.: ମୁକୁଲିଙ୍ଗ ମାଝୀ, ସୋନାମତି ଦେଇ, ସ୍ୱା.: ପୋଡ଼ା ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୨ | ୧୬/୭ | ୮୫/୨୦୫ | ୦.୦୪୦ | ୦.୦୪୦ | ଘରବାରି | ପୁଲୁ ମାଝୀ, ପି.: ମୁକଲିଙ୍ଗ ମାଝୀ, ଆଲମତି ଦେଇ, ସ୍ୱା.: ପୁଲୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୩ | ୧୬/୮ | ୮୫/୨୦୬ | ୦.୦୪୦ | ୦.୦୪୦ | ଘରବାରି | ବାଲସିଂହ ମାଝୀ, ପି.: ପୁଲୁ ମାଝୀ, ଲିପା ଦେଇ, ସ୍ୱା.: ବାଲସିଂହ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୪ | ୧୬/୯ | ୮୯/୨୦୭ | ୦.୦୪୦ | ୦.୦୪୦ | ଘରବାରି | ମୁଗୁରି ମାଝୀ, ପି.: ପେଡ଼ା ମାଝୀ, ରାଣିଙ୍ଗ ଦେଇ, ସ୍ୱା.: ମୁଗୁରି ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୫ | ୧୬/୧୦ | ୮୯/୨୦୮ | ୦.୦୪୦ | ୦.୦୪୦ | ଘରବାରି | ହାଦାନ ମାଝୀ, ପି.: ମୁକୁଲିଙ୍ଗ ମାଝୀ, ଚାଉଲ ଦେଇ, ସ୍ୱା.: ହାଦାନ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୬ | ୧୬/୧୧ | ୮୯/୨୦୯ | ୦.୦୪୦ | ୦.୦୪୦ | ଘରବାରି | ବଡ଼ଦାନୁ ମାଝୀ, ପି.: ମୁକୁଲିଙ୍ଗ ମାଝୀ, ଦାନଦେଇ ମାଝୀ, ସ୍ୱା.: ବଡ଼ଦାନୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୭ | ୧୬/୧୨ | ୮୯/୨୧୦ | ୦.୦୪୦ | ୦.୦୪୦ | ଘରବାରି | ମାଙ୍ଗଡୁ ମାଝୀ, ପି.: ପାତିଡ଼ି ମାଝୀ, ସନଙ୍ଗ ଦେଇ, ସ୍ୱା.: ମାଙ୍ଗଡୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୮ | ୧୬/୧୩ | ୮୯/୨୧୧ | ୦.୦୪୦ | ୦.୦୪୦ | ଘରବାରି | ସାରୁ ମାଝୀ, ପି.: ନାରଙ୍ଗା ମାଝୀ, ଲକ୍ଷ୍ମୀଦେଇ ମାଝୀ, ସ୍ୱା.: ସାରୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୨୯ | ୧୬/୧୪ | ୮୯/୨୧୨ | ୦.୦୪୦ | ୦.୦୪୦ | ଘରବାରି | ଅର୍ଜୁନ ମାଝୀ, ପି.: ଖୁଜା ମାଝୀ, ଘସେନ ମାଝୀ, ସ୍ୱା.: ଅର୍ଜୁନ ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୩୦ | ୧୬/୧୫ | ୮୯/୨୧୩ | ୦.୦୪୦ | ୦.୦୪୦ | ଘରବାରି | ତାମ୍ବା ମାଝୀ, ପି.: ବେଡ଼ା ମାଝୀ, ସୁନା ଦେଇ, ସ୍ୱା.: ତାମ୍ବା ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୩୧ | ୧୬/୧୬ | ୮୯/୨୧୪ | ୦.୦୪୦ | ୦.୦୪୦ | ଘରବାରି | ମୁକ୍କି ମାଝୀ, ପି.: ପାତିଡ଼ି ମାଝୀ, ମନିଦେଇ ମାଝୀ, ସ୍ୱା.: ମୁକ୍କି ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୩୨ | ୧୬/୧୭ | ୮୯/୨୧୫ | ୦.୦୪୦ | ୦.୦୪୦ | ଘରବାରି | କୁଜା ମାଝୀ, ପି.: ବାଲୁ ମାଝୀ, ଜନେ ଦେଇ, ସ୍ୱା.: କୁଜା ମାଝୀ, ଜା: କନ୍ଧ, ବା: ନିଜଗାଁ |
| ୧୩୩ | ୧୬/୧୮ | ୮୯/୨୧୬ | ୦.୦୪୦ | ୦.୦୪୦ | ଘରବାରି | ମଙ୍ଗଲୁ ମାଝୀ, ପି.: ନାରଙ୍ଗା ମାଝୀ, କଳା ଦେଇ, ସ୍ୱା.: ମଙ୍ଗଲୁ ମାଝୀ, ଜା: କନ୍ଧ, ବା: ନିଜଗାଁ |
| | | ମୋଟ | | ୭୦.୫୦୦ | | |

**ସ୍ୱା./– ଭୂ-ଅର୍ଜନ ଅଧିକାରୀ**
**କଳାହାଣ୍ଡି**

OIPR-24001/24236/3/25-26/0001

# ଆଜି ନେଦରଲାଣ୍ଡକୁ ଭେଟିବ ଭାରତ

ଅହମଦାବାଦ,୧୭।୨(ପି.ଟି.)

ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳ ବୁଧବାର ତା’ର ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ନେଦରଲାଣ୍ଡକୁ ଭେଟିବ। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜିତ ରହିଥିବା ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପ୍ରତ୍ୟେକ ବିଭାଗରେ ଭଲ ପ୍ରଦର୍ଶନ କରିଛି। କେବଳ ବିସ୍ଫୋରକ ଓପ୍‌ନର ଅଭିଷେକ ଶର୍ମାଙ୍କୁ ଛାଡ଼ିଦେଲେ ଦଳର ଅନ୍ୟ ଖେଳାଳି ଗତ କିଛି ମ୍ୟାଚ୍‌ରେ ଦଳର ବିଜୟରେ ଯୋଗଦାନ ଦେଇଛନ୍ତି।

ଟି୨୦ ଫର୍ମାଟ୍‌ରେ ୱାର୍ଲ୍ଡ ନଂ.୧ ବ୍ୟାଟର ଅଭିଷେକ ଏପର୍ଯ୍ୟନ୍ତ ବିଶ୍ୱକପ୍‌ରେ ଖାତା ଖୋଲିପାରିନାହାନ୍ତି। ଆମେରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଖାତା ଖୋଲିପାରି ନ ଥିବା ଅଭିଷେକ ପେଟ ସଂକ୍ରମଣ କାରଣରୁ ନାମ୍ବିଆ ବିପକ୍ଷ ମ୍ୟାଚ୍‌ରୁ ବାଦ୍ ପଡ଼ିଥିଲେ। ପାକିସ୍ତାନ ବିପକ୍ଷ ହାଇଭୋଲ୍ଟେଜ ମ୍ୟାଚ୍ ଲାଗି ସେ ଦଳକୁ ଫେରିଥିଲେ। ହେଲେ ପୁଣିଥରେ ଖାତା ଖୋଲିବାରେ ବିଫଳ ହୋଇଥିଲେ। ମାତ୍ର କ୍ୟାରିୟରର ଶୀର୍ଷ ଫର୍ମରେ ଥିବା ଇଶାନ କିଶନ ଭାରତକୁ ଭଲ ସ୍କୋର ଲାଗି ଦୃଢ଼ ମୂଳଦୁଆ ଯୋଗାଉଛନ୍ତି। କିଶନଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ଅଭିଷେକଙ୍କ ବ୍ୟାଟ୍ ନ ଚାଲିବାର କୌଣସି ପ୍ରଭାବ ଦଳ ଉପରେ ପଡ଼ିନାହିଁ। ୨୫ ବର୍ଷୀୟ ବ୍ୟାଟର ସର୍ବଦା ହାଇ ରିସ୍କ ଶଟ୍ ଖେଳନ୍ତି, ଯାହାକି ଗତ ୧୮ ମାସରେ ଭାରତକୁ ଅନେକ ମ୍ୟାଚ୍ ଜିତାଇଛି। ମାତ୍ର ଗତ ୬ ମ୍ୟାଚ୍‌ରେ ତାଙ୍କର ୪ ଶୂନ୍ୟ ଦର୍ଶାଉଛି, ଫଳରେ ତାଙ୍କୁ ତାଙ୍କ ଯୋଜନାରେ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ତାଙ୍କ ପାଖରେ ଦଳର ଅନ୍ୟ ବ୍ୟାଟରଙ୍କ ଭଳି ଖୁବ୍ ସାରା ଶଟ୍ ନ ଥିବା ଅଭିଷେକ ନିଜେ ସ୍ୱୀକାର କରିଛନ୍ତି। ଏଣୁ ସେ କ୍ରିଜ୍ ଓ ତାଙ୍କର ବ୍ୟାଟ୍ ଫ୍ଲୋକୁ ବ୍ୟବହାର କରନ୍ତି। ସେ ପାୱାରପ୍ଲେରେ ଡିପ୍ କଭର ଅଞ୍ଚଳରେ ଶଟ୍ ଖେଳନ୍ତି। ଏଥିଯୋଗୁ ବିଭିନ୍ନ ଦଳ ତାଙ୍କ ବିପକ୍ଷରେ ସମାନ ଅଞ୍ଚଳରେ ଫିଲ୍ଡର ରଖୁଛନ୍ତି। ପାକିସ୍ତାନ ମଧ୍ୟ ସମାନ ଫିଲ୍ଡ ସେଟିଂ କରିଥିଲା। ଭାରତ ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହୋଇସାରିଥିବାରୁ ଅଭିଷେକଙ୍କୁ ନେଦରଲାଣ୍ଡ ବିପକ୍ଷରେ ଫର୍ମକୁ ଫେରିବାକୁ ସୁଯୋଗ ମିଳିବ।

ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଇଶାନଙ୍କ ବିସ୍ଫୋରକ ବ୍ୟାଟିଂ ଓ ବୋଲର ଭାରତକୁ ମ୍ୟାଚ୍ ଜିତାଇଥିଲେ। ଇଶାନଙ୍କ ବ୍ୟତୀତ ଅନ୍ୟ ବ୍ୟାଟର ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ସେଭଳି ଆଖିଦୃଶିଆ ପ୍ରଦର୍ଶନ କରିନାହାନ୍ତି। ଏଣୁ ସେମାନଙ୍କ ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ।

ବ୍ୟାଟିଂ ବିଭାଗରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବା ବେଳେ ବୋଲିଂ ବିଭାଗରେ ପ୍ରିମିୟର ପେସର ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯିବ। ପାକିସ୍ତାନ ବିପକ୍ଷ ମ୍ୟାଚ୍ କଲମ୍ବୋରେ ଖେଳାଯାଇଥିବାରୁ ଭାରତ ଅର୍ଶଦୀପ ସିଂଙ୍କ ବଦଳରେ କୁଲଦୀପ ଯାଦବଙ୍କୁ ଖେଳାଇଥିଲା। ଏଣୁ ଟିମ୍ ମ୍ୟାନେଜ୍‌ମେଣ୍ଟ ପୁରୁଣା କମ୍ବିନେଶନକୁ ଫେରିବ ବୋଲି ଆଶା କରାଯାଉଛି। ଯଦି ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଏ, ତେବେ ଅର୍ଶଦୀପ ଓ ମହମ୍ମଦ ସିରାଜ ପେସ୍ ବିଭାଗ ସମ୍ଭାଳିବେ। ଦୁଇ ସ୍ପିନର ଭାବେ ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀ ଖେଳିବେ।

ଅହମଦାବାଦରେ ଚଳିତ ଟି୨୦ ବିଶ୍ୱକପ୍‌ର ସର୍ବାଧିକ ସ୍କୋର(୨୧୪/୪) ଦେଖିବାକୁ ମିଳିଥିଲା। ଏହି ସ୍କୋର କାନାଡ଼ା ବିପକ୍ଷ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା କରିଥିଲା। ହେଲେ ଏଠାରେ ଖେଳାଯାଇଥିବା ଗତ ଦୁଇ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୨୦୦ ଅତିକ୍ରମ କରିପାରି ନ ଥିଲେ।

**ସମ୍ଭାବ୍ୟ ଭାରତୀୟ ଦଳ:** ଅଭିଷେକ ଶର୍ମା, ଇଶାନ କିଶନ(ଉଇକେଟ୍‌କିପର), ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ୍ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଅର୍ଶଦୀପ ସିଂ, ମହମ୍ମଦ ସିରାଜ, ବରୁଣ ଚକ୍ରବର୍ତ୍ତୀ।

**ଟି୨୦ ବିଶ୍ୱକପ୍**

**(ଆଜିର ମ୍ୟାଚ୍)**

**ଦକ୍ଷିଣ ଆଫ୍ରିକା ବନାମ ୟୁଏଇ**
ସ୍ଥାନ: ଦିଲ୍ଲୀ
ସମୟ: ପୂର୍ବାହ୍ନ ୧୧ଟା

**ନାମ୍ବିଆ ବନାମ ପାକିସ୍ତାନ**
ସ୍ଥାନ: କଲମ୍ବୋ
ସମୟ: ଅପରାହ୍ନ ୩ଟା

**ଭାରତ ବନାମ ନେଦରଲାଣ୍ଡ**
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର



ନେଟ୍ସ ଅବସରରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସହ ତିଳକ ବର୍ମା ଓ ସୂର୍ଯ୍ୟକୁମାର ଯାଦବ।

## ଟି୨୦ ବିଶ୍ୱକପ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| **ଗ୍ରୁପ୍ ‘ଏ’** | | | | | |
| ଭାରତ | ୩ | ୩ | ୦ | ୬ | +୩.୦୫୦ |
| ଆମେରିକା | ୪ | ୨ | ୨ | ୪ | +୦.୭୮୮ |
| ପାକିସ୍ତାନ | ୩ | ୨ | ୧ | ୪ | −୦.୪୦୩ |
| ନେଦରଲାଣ୍ଡ | ୩ | ୧ | ୨ | ୨ | −୧.୩୫୨ |
| ନାମ୍ବିଆ | ୩ | ୦ | ୩ | ୦ | −୨.୪୪୩ |
| **ଗ୍ରୁପ୍ ‘ବି’** | | | | | |
| ଶ୍ରୀଲଙ୍କା | ୩ | ୩ | ୦ | ୬ | +୨.୪୬୨ |
| ଜିମ୍ବାୱେ | ୩ | ୨ | ୦ | ୫ | +୧.୯୮୪ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୨ | +୦.୪୧୪ |
| ଆୟର୍ଲାଣ୍ଡ | ୪ | ୧ | ୨ | ୩ | +୦.୧୫୦ |
| ଓମାନ | ୩ | ୦ | ୩ | ୦ | −୪.୫୪୬ |
| **ଗ୍ରୁପ ‘ସି’** | | | | | |
| ୱେଷ୍ଟଇଣ୍ଡିଜ | ୩ | ୩ | ୦ | ୬ | +୧.୮୨୦ |
| ଇଂଲଣ୍ଡ | ୪ | ୩ | ୧ | ୬ | +୦.୨୦୧ |
| ସ୍କଟଲାଣ୍ଡ | ୪ | ୧ | ୩ | ୨ | +୦.୧୮୪ |
| ଇଟାଲି | ୩ | ୧ | ୨ | ୨ | −୦.୫୮୮ |
| ନେପାଳ | ୪ | ୧ | ୩ | ୨ | −୧.୩୪୯ |
| **ଗ୍ରୁପ୍ ‘ଡି’** | | | | | |
| ଦ.ଆଫ୍ରିକା | ୩ | ୩ | ୦ | ୬ | +୧.୪୭୭ |
| ନ୍ୟୁଜିଲାଣ୍ଡ | ୪ | ୩ | ୧ | ୬ | +୧.୨୨୭ |
| ଆଫଗାନିସ୍ତାନ | ୩ | ୧ | ୨ | ୨ | −୦.୨୧୫ |
| ୟୁଏଇ | ୩ | ୧ | ୨ | ୨ | −୦.୭୯୭ |
| କାନାଡ଼ା | ୩ | ୦ | ୩ | ୦ | −୧.୮୬୫ |

## ବିଦାୟନେଲା ଅଷ୍ଟ୍ରେଲିଆ ସୁପର-୮ରେ ଜିମ୍ବାୱେ

**ପାଲିକେଲ,୧୭।୨(ପି.ଟି.):** ଗତ ସଂସ୍କରଣରେ ଯୋଗ୍ୟତା ହାସଲ କରିପାରି ନ ଥିବା ଜିମ୍ବାୱେ ଚଳିତ ଟି୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟରେ ପ୍ରବେଶ କରିଛି। ମଙ୍ଗଳବାର ଆୟର୍ଲାଣ୍ଡ ଓ ଜିମ୍ବାୱେ ମଧ୍ୟରେ ଖେଳାଯିବାକୁ ଥିବା ଗ୍ରୁପ୍-ବି’ ମ୍ୟାଚ୍ ବର୍ଷାରେ ଧୋଇ ହୋଇଯାଇଛି। ଏଣୁ ଦୁଇ ଦଳକୁ ୧ ଲେଖାଏ ପଏଣ୍ଟ ପ୍ରଦାନ କରାଯାଇଛି। ଫଳରେ ଜିମ୍ବାୱେ ୫ ପଏଣ୍ଟ ସହ ଗ୍ରୁପ୍-ବି’ରୁ ଦ୍ୱିତୀୟ ଦଳ ଭାବେ ସୁପର-୮ରେ ସ୍ଥାନ ପକ୍କା କରିଛି। ହେଲେ ଅନ୍ୟପକ୍ଷରେ ପୂର୍ବତନ ଚାମ୍ପିୟନ ଅଷ୍ଟ୍ରେଲିଆ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛି। ଟୁର୍ନାମେଣ୍ଟ ଇତିହାସରେ ଅଷ୍ଟ୍ରେଲିଆ ପ୍ରଥମଥର ପାଇଁ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟନେବ।

ସୁପର-୮ ପର୍ଯ୍ୟାୟକୁ ସପ୍ତମ ଦଳ ଭାବେ ଯୋଗ୍ୟତା ହାସଲ କରିଥିବା ଜିମ୍ବାୱେ ଆସନ୍ତା ୨୬ ତାରିଖରେ ଚେନ୍ନାଇଠାରେ ତା’ର ପ୍ରଥମ ମ୍ୟାଚ୍‌ରେ ଭାରତକୁ ଭେଟିବ। ଜିମ୍ବାୱେ ଜି-୧ ଗ୍ରୁପ୍‌ରେ ଭାରତ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍ ସହ ରହିଛି। ସିକନ୍ଦର ରାଜାଙ୍କ ନେତୃତ୍ୱାଧୀନ ଜିମ୍ବାୱେ ଆସନ୍ତା ଗୁରୁବାର ତା’ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ସହଆୟୋଜକ ଶ୍ରୀଲଙ୍କାକୁ ଭେଟିବ।

# ଶତକ ହାସଲରେ ସମରା ସର୍ବକନିଷ୍ଠ

ଚେନ୍ନାଇ, ୧୭।୨(ପି.ଟି.)



ଶଟ୍ ଖେଳୁଛନ୍ତି ଯୁବରାଜ ସମରା।

ଆଇସିସି ଟି୨୦ କ୍ରିକେଟ୍ ବିଶ୍ୱକପ୍‌ରେ ସର୍ବକନିଷ୍ଠ ଖେଳାଳି ଭାବେ ଶତକ ହାସଲକରି ରେକର୍ଡ ପ୍ରତିଷ୍ଠା କରିଛନ୍ତି କାନାଡ଼ାର ଭାରତୀୟ ବଂଶୋଦ୍ଭବ ବ୍ୟାଟର ଯୁବରାଜ ସମରା। ତାଙ୍କୁ ବର୍ତ୍ତମାନ ୧୯ ବର୍ଷ ହୋଇଥିବାବେଳେ ମଙ୍ଗଳବାର ନ୍ୟୁଜିଲାଣ୍ଡ ବିପକ୍ଷ ଗ୍ରୁପ୍ ‘ଡି’ ମ୍ୟାଚ୍‌ରେ ସେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୬୫ ବଲ୍‌ରେ ୧୧୦ ରନ୍ ସଂଗ୍ରହ କରିଛନ୍ତି। ଏହି ଯୁବ ଖେଳାଳିଙ୍କ ପିତା ବଲଜିତ ସମରା ହେଉଛନ୍ତି ଭାରତୀୟ ବିସ୍ଫୋରକ ବ୍ୟାଟର ଯୁବରାଜ ସିଂଙ୍କର ଜଣେ ପ୍ରଶଂସକ। ତେଣୁ ସେ ତାଙ୍କ ପୁତ୍ରର ନାମ ଯୁବରାଜ ରଖିଥିଲେ। କାନାଡ଼ାର ବ୍ରାମ୍ପଟନ୍‌ରେ ସମରା ଜନ୍ମଗ୍ରହଣ କରିଛନ୍ତି। ସମରା ତାଙ୍କ ବିସ୍ଫୋରକ ଇନିଂସ୍‌ରେ ୧୧ ଚୌକା ଏବଂ ୩ ଛକା ଲଗାଇଥିଲେ। ପୂର୍ବରୁ ଟି୨୦ ବିଶ୍ୱକପ୍‌ରେ ସର୍ବକନିଷ୍ଠ ଶତକ ରେକର୍ଡ ପାକିସ୍ତାନର ଅହମଦ ଶେହଜାଦଙ୍କ ନାମରେ ରହିଥିଲା। ସେ ୨୦୧୪ରେ ମାତ୍ର ୨୨ ବର୍ଷ ବୟସରେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ।

# ନ୍ୟୁଜିଲାଣ୍ଡକୁ ଜିତାଇଲେ ଫିଲିପ୍ସ-ରବୀନ୍ଦ୍ର

ଚେନ୍ନାଇ,୧୭।୨

ଗ୍ଲେନ୍ ଫିଲିପ୍ସ ଓ ରାଚିନ ରବୀନ୍ଦ୍ରଙ୍କ ଶତକୀୟ ଭାଗୀଦାରି ବଳରେ ମଙ୍ଗଳବାର ପୂର୍ବାହ୍ନରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୮ ଉଇକେଟରେ କାନାଡ଼ାକୁ ପରାସ୍ତ କରିଛି। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ପରେ ଗ୍ରୁପ୍-ଡି’ରୁ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦଳ ଭାବେ ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି।

ଯୁବରାଜ ସମ୍ରାଙ୍କ ୬୫ ବଲ୍‌ରେ ୧୧୦(୧୧ ଚୌକା ଓ ୬ ଛକା) ରନ୍‌ର ଶତକୀୟ ଇନିଂସ୍ ବଳରେ କାନାଡ଼ା ୨୦ ଓଭରରେ ୪ ଉଇକେଟ ହରାଇ ୧୭୩ ରନ୍ କରିଥିଲା। ଦଳୀୟ ଅଧିନାୟକ ଦିଲପ୍ରୀତ ବାଜୱା ୩୬(୪ ଚୌକା) ରନ୍ କରିଥିଲେ। ଜବାବରେ ୩୦ ରନ୍ ମଧ୍ୟରେ ନ୍ୟୁଜିଲାଣ୍ଡ ଦୁଇ ଓପ୍‌ନରଙ୍କ ଉଇକେଟ ହରାଇଥିଲା। ହେଲେ ତୃତୀୟ ଉଇକେଟ ଲାଗି ଫିଲିପ୍ସ ଓ ରବୀନ୍ଦ୍ର ୧୪୬ ରନ୍‌ର ଭାଗୀଦାରି କରି ଦଳକୁ ଜିତାଇଥିଲେ। ନ୍ୟୁଜିଲାଣ୍ଡ ୧୫.୧ ଓଭରରେ ୨ ଉଇକେଟରେ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ଫିଲିପ୍ସ ୩୬ ବଲରେ ୭୬(୪ ଚୌକା ଓ ୬ ଛକା) ଓ ରାଚିନ ୩୯ ବଲ୍‌ରେ ୫୯(୪ ଚୌକା ଓ ୩ ଛକା) ରନ୍‌କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

କାନାଡା: ୨୦ ଓଭରରେ ୧୭୩/୪(ଯୁବରାଜ ସମ୍ରା-୧୧୦, ଦିଲପ୍ରୀତ ବାଜୱା-୩୬, ଜେକବ ଡଫି-୧/୨୫)। ନ୍ୟୁଜିଲାଣ୍ଡ: ୧୫.୧ ଓଭରରେ ୧୭୬/୨(ଗ୍ଲେନ ଫିଲିପ୍ସ-୭୬*, ରାଚିନ ରବୀନ୍ଦ୍ର-୫୯*, ସାଦ ବିନ ଜାଫର-୧/୨୯)।



ଶତକୀୟ ଭାଗୀଦାରି ଅବସରରେ ଗ୍ଲେନ୍ ଫିଲିପ୍ସ ଓ ରାଚିନ ରବୀନ୍ଦ୍ର।

# ଇମ୍ରାନ୍‌ଙ୍କ ଚିକିତ୍ସା ଲାଗି ଅନୁରୋଧ କଲେ ଗାଭାସ୍କର, କପିଳ ଦେବ

ନୂଆଦିଲ୍ଲୀ,୧୭।୨(ପି.ଟି.)

ସୁନୀଲ ଗାଭାସ୍କର ଓ କପିଳ ଦେବଙ୍କ ଭଳି ଭାରତର ମହାନ୍ କ୍ରିକେଟରଙ୍କ ସହିତ ୧୨ ପୂର୍ବତନ ଅଧିନାୟକ ଜେଲରେ ଥିବା ଇମ୍ରାନ୍ ଖାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତାବ୍ୟକ୍ତ କରିବା ସହ ତାଙ୍କୁ ଅନ୍ତର୍ଜାତୀୟସ୍ତରର ଚିକିତ୍ସା ସେବା ଯୋଗାଇଦେବାକୁ ପାକିସ୍ତାନ ସରକାରଙ୍କୁ ଅନୁରୋଧ କରିଛନ୍ତି। କିଛି ରିପୋର୍ଟ ମୁତାବକ, କ୍ରିକେଟର୍‌ରୁ ରାଜନେତା ପାଲଟିଥିବା ଇମ୍ରାନ୍ ଚିକିତ୍ସା ଅବହେଳା କାରଣରୁ ବର୍ତ୍ତମାନ ତାଙ୍କର ୮୫ ପ୍ରତିଶତ ଦୃଷ୍ଟିଶକ୍ତି ହରାଇଛନ୍ତି।

ପୂର୍ବତନ ଅଧିନାୟକଙ୍କ ହସ୍ତାକ୍ଷର ଥିବା ‘ଅପିଲ ବାଏ ଫରମର ଇଣ୍ଟରନ୍ୟାଶନାଲ କ୍ରିକେଟ କ୍ୟାପ୍ଟେନ୍ସ’ ନାମକ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଆମେ ଆମ ଜାତୀୟ ଦଳର ପୂର୍ବତନ ଅଧିନାୟକ, ପାକିସ୍ତାନର ବିଶିଷ୍ଟ ପୂର୍ବତନ ଅଧିନାୟକ ତଥା ବିଶ୍ୱ କ୍ରିକେଟ୍‌ର ଜଣେ କିମ୍ବଦନ୍ତୀ ଖେଳାଳି ଇମ୍ରାନ୍ ଖାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତି ଗଭୀର ଚିନ୍ତାବ୍ୟକ୍ତ କରି ଏହି ଚିଠି ଲେଖୁଛୁ। ନିକଟରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ, ବିଶେଷକରି ହାଜତରେ ଥିବା ସମୟରେ ତାଙ୍କ ଦୃଷ୍ଟିଶକ୍ତିର ଚିନ୍ତାଜନକ ଅବନତି ଘଟିଛି। ଏଥିସହିତ ଗତ ଅଢ଼େଇ ବର୍ଷ କାରାଦଣ୍ଡରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗଭୀର ଚିନ୍ତାର କାରଣ ପାଲଟିଛି। ସାଥୀ କ୍ରିକେଟର ଭାବେ ଆମ ବିଶ୍ୱାସକରୁ ଯେ, ଇମ୍ରାନ୍‌ଙ୍କ ଭଳି ଜଣେ ପୂର୍ବତନ ଜାତୀୟ ନେତା ଓ ବିଶ୍ୱସ୍ତରୀୟ କ୍ରୀଡ଼ା ଆଇକନ୍‌ଙ୍କୁ ମର୍ଯ୍ୟାଦା ଓ ମୌଳିକ ମାନବିକ ବିଚାର ସହିତ ଚିକିତ୍ସା କରାଯିବା ଉଚିତ’ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏହି ଚିଠିରେ ମାଇକେଲ ଆଥର୍ଟନ, ଆଲାନ ବର୍ଡର, ମାଇକେଲ ବ୍ରିୟର୍ଲି, ଗ୍ରେଗ୍ ଚାପେଲ, ଇଆନ୍ ଚାପଲେ, ବେଲିଣ୍ଡା କ୍ଲାର୍କ, ଡେଭିଡ୍ ଗାୱର, କିମ୍ ହ୍ୟୁଜ୍, ନାସେର ହୁସେନ, କ୍ଲାଇଭ୍ ଲୟଡ୍, ଷ୍ଟିଭ୍ ୱ ଓ ଜନ୍ ରାଇଟ୍‌ଙ୍କ ସ୍ୱାକ୍ଷର ରହିଛି।

## ପୁଣି ମୁଖ୍ୟକୋଚ୍ ହେବାକୁ ଶ୍ରୀଜେଶ ଆଗ୍ରହୀ

**ନୂଆଦିଲ୍ଲୀ, ୧୭।୨ (ପି.ଟି.):** ଭାରତ ଜୁନିୟର ପୁରୁଷ ହକି ଦଳର ମୁଖ୍ୟକୋଚ୍ ହେବାକୁ ଆଗ୍ରହ ପ୍ରକାଶ କରିଛନ୍ତି ପି. ଆର୍ ଶ୍ରୀଜେଶ। ସେ ପୂର୍ବରୁ ଏହି ପଦବୀରେ ଥିଲେ। ତାଙ୍କ କାର୍ଯ୍ୟକାଳ ଡିସେମ୍ବରରେ ଶେଷ ହୋଇଛି। ଜାତୀୟ ଜୁନିୟର ପୁରୁଷ ହକି ଦଳର ମୁଖ୍ୟ କୋଚ୍ କିଏ ହେବ, ତାହା ୧୫ ଦିନ ମଧ୍ୟରେ ଚୂଡ଼ାନ୍ତ ହେବ।

# ନେପାଳର ପ୍ରଥମ ବିଜୟ

ମୁମ୍ବାଇ,୧୭।୨(ପି.ଟି.)

ଦୀପେନ୍ଦ୍ର ସିଂ ଆଇରିଙ୍କ ଅର୍ଦ୍ଧଶତକ ବଳରେ ନେପାଳ ଏଠାରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ର ଏକ ମ୍ୟାଚ୍‌ରେ ସ୍କଟଲାଣ୍ଡକୁ ୭ ଉଇକେଟରେ ପରାସ୍ତ କରିଛି। ଟି୨୦ ବିଶ୍ୱକପ୍ ଇତିହାସରେ ଏହା ନେପାଳର ପ୍ରଥମ ବିଜୟ। ନେପାଳ ଏହି ବିଜୟ ସହ ଚଳିତ ବିଶ୍ୱକପ୍‌ରେ ଅଭିଯାନ ଶେଷ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ସ୍କଟଲାଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୧୭୦ ରନ କରିଥିଲା। ଦଳ ପାଇଁ ମାଇକେଲ ଜୋନ୍ସ ୪୫ ବଲରେ ୭୧ (୮ ଚୌକା ଓ ୩ ଛକା) ରନ କରିଥିଲେ। ନେପାଳ ପକ୍ଷରୁ ସୋମପାଲ କାମି ୩ ଓ ନନ୍ଦନ ଯାଦବ ୨ ଉଇକେଟ ନେଇଥିଲେ। ଜବାବରେ ନେପାଳକୁ ଦୁଇ ଓପନର କୁଶାଲ ଭୁର୍ଟେଲ (୪୩ ରନ, ୧ ଚୌକା ଓ ୪ ଛକା) ଓ ଅସିଫ ଶେଖ (୩୩ ରନ, ୨ ଛକା) ଭଲ ଆରମ୍ଭ ଦେଇଥିଲେ। ଦୁହେଁ ୯.୧ ଓଭରରେ ୭୪ ରନ ଯୋଡ଼ିଥିଲେ। ହେଲେ ମାଇକେଲ ଲିସ୍କ କ୍ରମାଗତ ବ୍ୟବଧାନରେ ୩ ଉଇକେଟ ନେବାରୁ ସ୍କଟଲାଣ୍ଡ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ହେଲେ ଦୀପେନ୍ଦ୍ର ସିଂ ଓ ଗୁଲଶନ ଝା ଅବିଭାଜିତ ଚତୁର୍ଥ ଉଇକେଟରେ ୭୩ ରନ କରି ନେପାଳକୁ ଜିତାଇଥିଲେ। ନେପାଳ ୧୯.୨ ଓଭରରେ ୩ ଉଇକେଟରେ ୧୭୧ ରନ କରିଥିଲା। ଦଳ ପାଇଁ ଦୀପେନ୍ଦ୍ର ୨୩ ବଲରେ ୫୦ (୪ ଚୌକା ଓ ୩ ଛକା) ଓ ଗୁଲଶନ ୨୪ (୧ ଚୌକା ଓ ୨ ଛକା) ରନ କରି ଅପରାଜିତ ଥିଲେ।

**ସଂକ୍ଷିପ୍ତ ସ୍କୋର**

ସ୍କଟଲାଣ୍ଡ: ୨୦ ଓଭରରେ ୧୭୦/୭(ମାଇକେଲ ଜୋନ୍ସ-୭୧, ସୋମପାଲ କାମି-୩/୨୫, ନନ୍ଦନ ଯାଦବ-୨/୨୪)। ନେପାଳ: ୧୯.୨ ଓଭରରେ ୧୭୧/୩ (ଦୀପେନ୍ଦ୍ର ସିଂ ଆଇରି-୫୦*, କୁଶାଲ ଭୁର୍ଟେଲ-୪୩, ଅସିଫ ଶେଖ-୩୩, ମାଇକେଲ ଲିସ୍କ-୩/୩୦)।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଦୀପେନ୍ଦ୍ର ସିଂ ଆଇରି।

# ଆରମ୍ଭ ହେଲା କଳାହାଣ୍ଡି କପ୍

କଟକ,୧୭।୨(କୁମାରଶ୍ରୀ)

**ଭୁବନେଶ୍ୱର, କଟକ-ବି ସୁନ୍ଦରଗଡ଼, ନୟାଗଡ଼, ନବରଙ୍ଗପୁର ବିଜୟୀ**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ସିନିୟର ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ପ୍ରଥମ ପର୍ଯ୍ୟାୟ ଲିଗ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ କେବଳ ଗ୍ରୁପ-‘ଏ’, ‘ବି’ ଏବଂ ‘ସି’ର ସମସ୍ତ ମ୍ୟାଚ୍ ଖେଳାଯିବ। ଏକଦିବସୀୟ ଫର୍ମାଟରେ ଆୟୋଜିତ ଏହି ପ୍ରତିଯୋଗିତାର ବିଭିନ୍ନ ମ୍ୟାଚ୍ କଟକ ଏବଂ ଭୁବନେଶ୍ୱରର ଏକାଧିକ ଗ୍ରାଉଣ୍ଡରେ ଖେଳାଯାଉଛି।

ଖୋର୍ଦ୍ଧା ବିଜେବି ସ୍କୁଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରଗଡ଼ ୪ ଉଇକେଟରେ ସମ୍ବଲପୁର ‘ବି’କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ‘ବି’ ୧୮୨ରନରେ ଅଲଆଉଟ ହୋଇଥିଲା। ପ୍ରିୟରଞ୍ଜନ ନାଥ ସର୍ବାଧିକ ୪୧ରନ କରିଥିଲେ। ସୁନ୍ଦରଗଡ଼ର ସୌମ୍ୟରଞ୍ଜନ ଲେଙ୍କା ଏବଂ ୱାଲଟର ଓପ୍ପୋ ଯଥାକ୍ରମେ ୩ଟି ଏବଂ ୨ଟି ଉଇକେଟ ଦଖଲ କରିଥିଲେ। ୧୯.୪ ଓଭରରେ ୬ ଉଇକେଟ ହରାଇ ସୁନ୍ଦରଗଡ଼ ବିଜୟ ହାସଲ କରିଥିଲା। ସ୍ୱସ୍ତିକ ସାମଲ ୩୮ବଲରୁ ୮୮ରନର ବିସ୍ଫୋରକ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ଗୋଟିଏ ଉଇକେଟ ଅକ୍ତିଆର ସହ ଅର୍ଦ୍ଧଶତକ ହାସଲ କରିଥିବା ସ୍ୱସ୍ତିକଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଅଡ଼ଶପୁର ଗ୍ରାଉଣ୍ଡରେ ନୟାଗଡ଼ ୯୧ରନରେ ଢେଙ୍କାନାଳକୁ ହରାଇଛି। ବିଶ୍ୱଜିତ ପ୍ରଧାନଙ୍କ ୮୮ରନ ସହାୟତାରେ ନୟାଗଡ ୭ ଉଇକେଟ ବିନିମୟରେ ୨୪୧ରନ କରିଥିଲା। ଜବାବରେ ଢେଙ୍କାନାଳର ଇନିଂସ ୧୫୦ରନରେ ସୀମିତ ରହିଥିଲା। ବିଜୟୀ ଦଳର ଆଶୁତୋଷ ଦାସ ୪ ଉଇକେଟ ଦଖଲ କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଉଦ୍‌ଘାଟନୀ ଦିବସରେ ଖେଳାଯାଇଥିବା ଅନ୍ୟମ୍ୟାଚ୍ ଗୁଡିକରେ ନବରଙ୍ଗପୁର ୨୮ରନରେ କେନ୍ଦ୍ରାପଡ଼ାକୁ, ପୂର୍ବତଟ ରେଳପଥ ୭୫ରନରେ ସମ୍ବଲପୁର ‘ଏ’କୁ, ବଲାଙ୍ଗୀର ୮୩ରନରେ ଖୋର୍ଦ୍ଧାକୁ, କଟକ-ବି ୫୮ରନରେ ସୋନପୁରକୁ, ଭୁବନେଶ୍ୱର ୪୬ରନରେ ଯାଜପୁରକୁ, କୋରାପୁଟ ୧୧ରନରେ ମାଲକାନଗିରିକୁ, ଦେବଗଡ ୧୫ରନରେ ବୌଦ୍ଧକୁ ପରାସ୍ତ କରିଥିଲା।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା-୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୮/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Wednesday, February 18/2026 | Page 16 | ₹ 7.00 | BERHAMPUR
୫୨ଶ ଭାଗ ୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 86 | ମୂଲ୍ୟ ₹୭/-

CBC 06124/13/0013/2526
AI IMPACT SUMMIT भारत 2026 INDIA
सर्वजन हिताय | सर्वजन सुखाय
WELFARE FOR ALL | HAPPINESS OF ALL
ଫେବୃଆରୀ ୧୬-୨୦, ୨୦୨୬ । ନୂଆଦିଲ୍ଲୀ, ଭାରତ
ଏଆଇକୁ କରୁଛୁ ସୁଲଭ, ସୁରକ୍ଷିତ ଏବଂ ସମାବେଶୀ
ଉଦ୍‌ଘାଟନ କରିବେ
ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ଫେବୃଆରୀ ୧୯, ୨୦୨୬ | ପୂର୍ବାହ୍ନ ୧୦.୦୦ ଘଟିକା | ଭାରତ ମଣ୍ଡପମ୍, ନୂଆଦିଲ୍ଲୀ
କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ ରେ


# ଟେକ୍ସଟାଇଲ ପାର୍କ ଆଶାରେ ବଲାଙ୍ଗୀର



ବଲାଙ୍ଗୀର ଜିଲା ପାଟଣାଗଡ଼ ଅନ୍ତର୍ଗତ ଗୋହିରାମୁଣ୍ଡା ସ୍ଥିତ ଏକ କିଆରିରେ କପା ତୋଳୁଛନ୍ତି ମହିଳା।

**ବଲାଙ୍ଗୀର,୧୭।୨ (ବୀରେନ୍ଦ୍ର କୁମାର ଝାଙ୍କର)**

ଦାଦନପ୍ରବଣ ତଥା ଶିଳ୍ପବିହୀନ ବଲାଙ୍ଗୀର ଜିଲାରେ ଟେକ୍ସଟାଇଲ ପାର୍କ(କ୍ଲଷ୍ଟର) ପ୍ରତିଷ୍ଠା ଘୋଷଣାରେ ଅଟକିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ ୨୦୨୫'ରେ ଏନେଇ ଘୋଷଣା କରିଥିଲେ। ଏହାପରେ ବଲାଙ୍ଗୀର ଜିଲାରେ ନିଯୁକ୍ତିଭିତ୍ତିକ ଟେକ୍ସଟାଇଲ ଏବଂ ଆପାରାଲ କ୍ଲଷ୍ଟର ପ୍ରତିଷ୍ଠା ଆଶା ଉଜ୍ଜୀବିତ ହୋଇଥିଲା। ଇତିମଧ୍ୟରେ ୬ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ହେଁ ଘୋଷିତ ଟେକ୍ସଟାଇଲ ପ୍ରକଳ୍ପର ସ୍ଥିତାବସ୍ଥା କ'ଣ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ଓଡ଼ିଶାରେ ଯେତିକି କପା ଉତ୍ପାଦନ ହେଉଛି ତାର ୯୦ପ୍ରତିଶତରୁ ଊର୍ଦ୍ଧ୍ୱ କେବଳ ବଲାଙ୍ଗୀର, କଳାହାଣ୍ଡି, ରାୟଗଡା ଓ ନୂଆପଡା ଜିଲାରେ ଉତ୍ପାଦନ ହେଉଛି। ବୌଦ୍ଧ, ବରଗଡ ଓ ସୁବର୍ଣ୍ଣପୁର ଜିଲାର କପା ଉତ୍ପାଦନକୁ ମିଶାଇଲେ ଓଡ଼ିଶାର ୯୭ପ୍ରତିଶତରୁ ଅଧିକ ଅମଳ ହେଉଛି। ବଲାଙ୍ଗୀର ଜିଲାରେ ୭୦୯୯୮ ହେକ୍ଟର, କଳାହାଣ୍ଡିରେ ୭୧୪୦୭, ରାୟଗଡାରେ ୪୯୪୭୩, ନୂଆପଡାରେ ୧୯୫୫୦, ବୌଦ୍ଧରେ ୭୨୮୫, ବରଗଡରେ ୫୮୨୫ ଏବଂ ସୁବର୍ଣ୍ଣପୁରରେ ୫୫୫୩ ହେକ୍ଟର ଜମିରେ କପାଚାଷ ହେଉଛି। ଏହି ଅଞ୍ଚଳରୁ ଉତ୍ପାଦିତ କପା ଅତ୍ୟନ୍ତ ଉତ୍କୃଷ୍ଟ ମାନର ହୋଇଥିବାରୁ ଜାତୀୟ ଏବଂ ବିଶ୍ୱସ୍ତରରେ ଏହାର ଚାହିଦା ରହିଛି। ଖାଲି ଏତିକି ନୁହେଁ ବଲାଙ୍ଗୀର, କଳାହାଣ୍ଡି, ରାୟଗଡା, ବରଗଡ଼, ନୂଆପଡ଼ା ଓ ସୁବର୍ଣ୍ଣପୁର ଜିଲାରେ ଓଡିଶାର ପ୍ରାୟ ୯୦ ପ୍ରତିଶତ ଜିନିଂ ମିଲ୍ ମଧ୍ୟ ରହିଛି। ଏହାସହିତ ଏହି ଅଞ୍ଚଳରେ ରହିଛି ପର୍ଯ୍ୟାପ୍ତ ମାନବ ସମ୍ବଳ। ଜମି, ବିଦ୍ୟୁତ୍ ଏବଂ ଯାତାୟାତ ସୁବିଧା ମଧ୍ୟ ଭରପୂର ରହିଛି। ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଥିବା ସତ୍ତ୍ୱେ ଏହି ଅଞ୍ଚଳରେ ଏ ପର୍ଯ୍ୟନ୍ତ ଗୋଟିଏ ବି ଟେକ୍ସଟାଇଲ ପାର୍କ, ବୟନ କ୍ଲଷ୍ଟର, ଟେକ୍ନୋ କି ଆପାରାଲ ପାର୍କ ପ୍ରତିଷ୍ଠା ହୋଇନାହିଁ। ଓଡ଼ିଶା ଟେକ୍ସଟାଇଲ କନକ୍ଲେଭ ୨୦୨୫ରେ ୭୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା କୁହାଯାଇଥିଲା। ଟେକ୍ସଟାଇଲ ପାର୍କ ଏବଂ ଆପାରାଲ ୟୁନିଟ୍ ଜରିଆରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କ ଲକ୍ଷ୍ୟ ବୋଲି କୁହାଯାଇଥିଲା। ଉକ୍ତ କନକ୍ଲେଭରେ ମୁଖ୍ୟମନ୍ତ୍ରୀ ଜଗତ୍‌ସିଂହପୁର ଓ ଭଦ୍ରକରେ ଦୁଇଟି ଟେକ୍ସଟାଇଲ ଏବଂ ଫୁଟୱେର ପାର୍କ ଲୋକାର୍ପଣ ମଧ୍ୟ କରିଥିଲେ। ଇତିମଧ୍ୟରେ ଖୋର୍ଦ୍ଧା ଓ କଟକ ଜିଲାରେ ଏକାଧିକ ଟେକ୍ସଟାଇଲ ଏବଂ ଆପାରାଲ ୟୁନିଟ୍ ପ୍ରତିଷ୍ଠା ହୋଇଥିବା ଜଣାପଡିଛି। ଗତ ୧ ତାରିଖ ଦିନ ମୁଖ୍ୟମନ୍ତ୍ରୀ ସୋନପୁର ଗସ୍ତରେ ଆସିଥିବା ବେଳେ ବଲାଙ୍ଗୀର ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ନିଶ୍ଚିତ ବୋଲି କହିଥିଲେ ମଧ୍ୟ କେବେ ସୁଦ୍ଧା ପ୍ରତିଷ୍ଠା ହେବ ସେନେଇ ନିର୍ଦ୍ଦିଷ୍ଟ ସମୟସୀମା କହି ନ ଥିଲେ। ଚଳିତମାସ ୧୪ ତାରିଖରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲା ଗସ୍ତରେ ଯାଇ ସେଠାରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ ପାର୍କର ଶିଳାନ୍ୟାସ କରିଛନ୍ତି। ବଲାଙ୍ଗୀର, କଳାହାଣ୍ଡି, ନୂଆପଡା, ବରଗଡ, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାରୁ ପ୍ରତିବର୍ଷ ଲକ୍ଷାଧିକ ଶ୍ରମିକ ରାଜ୍ୟ ବାହାରକୁ କାମ ଅନ୍ୱେଷଣରେ ଯାଉଛନ୍ତି। ଅର୍ଥନୈତିକ ଦୃଷ୍ଟିରୁ ଏହି ଅଞ୍ଚଳ ଅନଗ୍ରସର ରହିଛି। ଏହି ଅଞ୍ଚଳରେ ପର୍ଯ୍ୟାପ୍ତ କପା, ଉପଯୁକ୍ତ ଭିତ୍ତିଭୂମି ଏବଂ ଦକ୍ଷ ମାନବ ସମ୍ବଳ ରହିଥିଲେ ସୁଦ୍ଧା ନିଯୁକ୍ତିଭିତ୍ତିକ ଟେକ୍ସଟାଇଲ କ୍ଲଷ୍ଟର ପ୍ରତିଷ୍ଠାରେ କାହିଁକି ବିଳମ୍ବ କରାଯାଉଛି ଜଣାପଡୁନାହିଁ। ଏ ନେଇ ନାନା ସନ୍ଦେହ ଉପୁଜୁଛି। ବଲାଙ୍ଗୀରରେ ଟେକ୍ସଟାଇଲ ପ୍ରକଳ୍ପ ପ୍ରତିଷ୍ଠା ନ ହେବା ନେଇ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ବଲାଙ୍ଗୀର ଜିଲାରୁ ଉପମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ଶାସକ ଓ ବିରୋଧୀ ଦଳର ବିଧାୟକ ରହିଛନ୍ତି। ଏହି ପ୍ରକଳ୍ପ ବିଳମ୍ବକୁ ନେଇ ସେମାନଙ୍କ ଆଭିମୁଖ୍ୟ କ'ଣ ରହିଛି ତାହା ଏବେ ଆଲୋଚନାର ବିଷୟ ହୋଇଛି।

# ପାଣି ପାଇଁ ରାଜପଥ ଅବରୋଧ

**ପରଜଙ୍ଗ,୧୭।୨ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବଡ଼ଝରା ଗ୍ରାମ ଦଳିତ ସାହିରେ ଲୋକମାନେ ଦୀର୍ଘ ୧୦ ଦିନ ହେଲା ପାନୀୟ ଜଳ ଯୋଗାଣରୁ ବଞ୍ଚିତ ଅଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ କର୍ଣ୍ଣପାତ କରୁନାହାନ୍ତି କି ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ସକାଳେ ବଡ଼ଝରା ଗ୍ରାମ ନିକଟସ୍ଥ ୫୩ନଂ. ଜାତୀୟ ରାଜପଥକୁ ଶତାଧିକ ମହିଳା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପରଜଙ୍ଗ ବିଡିଓ ସୌଭାଗ୍ୟ ବେହେରା, ପୋଲିସ, ପାନୀୟଜଳ ☞ପୃଷ୍ଠା-୩

11001/20/2526
ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର
ସୂଚନା

ଦ୍ୱାଦଶ ଶ୍ରେଣୀ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୬ ଚଳିତ ବର୍ଷ ୧୮.୦୨.୨୦୨୬ ଠାରୁ ଆରମ୍ଭ ହେଉଛି । ଏଥିପାଇଁ ପରିଷଦ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି ।

ପରୀକ୍ଷାକୁ ସ୍ୱଚ୍ଛତା ଓ ନିରପେକ୍ଷତା ସହିତ ପରିଚାଳନା କରିବା ନିମନ୍ତେ ପରିଷଦ ସମସ୍ତ ପ୍ରକାର ବ୍ୟବସ୍ଥା କରିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସମେତ ସମସ୍ତ ସରକାରୀ ବିଭାଗ ସଦା ଜାଗ୍ରତ ଅଛନ୍ତି ଏବଂ ନିର୍ବିଘ୍ନରେ ପରୀକ୍ଷା ପରିଚାଳନା ପାଇଁ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ପରୀକ୍ଷା ସମୟରେ ସ୍ଥଳ ବିଶେଷରେ ବିଭ୍ରାନ୍ତିକର ମିଥ୍ୟା ଖବର ନଜରକୁ ଆସିଥାଏ । ପରୀକ୍ଷାର୍ଥୀ ଓ ଅଭିଭାବକମାନେ ସେଥିରେ ପ୍ରଭାବିତ ବା ବିଚଳିତ ନ ହେବାକୁ ପରାମର୍ଶ ଦିଆଯାଉଛି । ତତ୍‌ସହିତ ପରୀକ୍ଷା ସମ୍ବନ୍ଧୀୟ କୌଣସି ପ୍ରକାର ଗୁଜବ ରଟନା ନ କରିବାକୁ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନମାନଙ୍କୁ ମଧ୍ୟ ସତର୍କ କରାଇଦିଆଯାଉଅଛି ।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ପୁଣି ଥରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଉଛି ।

ମୃଣାଳକାନ୍ତି ଦାସ,
ଅଧ୍ୟକ୍ଷ
ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ,
ଓଡ଼ିଶା, ଭୁବନେଶ୍ୱର
OIPR-11001/11003/2/25-26/0001

# ୪୬ ପଇସା ପାଇଁ ୫ ହଜାର ଦଣ୍ଡ

## ଚୁକ୍ତିଠାରୁ ଅଧିକ ମୂଲ୍ୟ ନେବା ମହଙ୍ଗା ପଡ଼ିଲା

**ଜଗତ୍‌ସିଂହପୁର, ୧୭।୨ (ପ୍ରମୋଦ କୁମାର ନାୟକ)**

ଚୁକ୍ତିଠାରୁ ଗ୍ରାହକଙ୍କ ପାଖରୁ ଅଧିକ ୪୬ ପଇସା ନେବା ଶୋ'ରୁମ୍ ମାଲିକଙ୍କ ପାଇଁ ମହଙ୍ଗା ପଡ଼ିଛି। ଖାଉଟି ବିବାଦ ପ୍ରତିକାର ଆୟୋଗ ତାଙ୍କୁ ୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଡ୍ଡୁଆ ତଅଁରା ଗ୍ରାମରେ ଏହି ଘଟଣା ଘଟିଛି।

ଏହି ଗ୍ରାମର ରମେଶ ଚନ୍ଦ୍ର ରାଉତ(୪୭) ୨୦୨୪ରେ ସ୍ଥାନୀୟ ସେଣ୍ଟ୍ରାଲ ମାର୍କେଟ୍‌ସ୍ଥିତ କାଞ୍ଚନ ମୁରଲୀ ହୋଣ୍ଡାରେ ତାଙ୍କ ବାଇକ୍ ସାଇଲେନ୍ସର ବଦଳାଇଥିଲେ। କିନ୍ତୁ ହୋଣ୍ଡା ଶୋ'ରୁମ୍ ପକ୍ଷରୁ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ନିଆଯାଇଥିବା ଅଭିଯୋଗ କରି ସ୍ଥାନୀୟ ଖାଉଟି ବିବାଦ ପ୍ରତିକାର ଆୟୋଗର ଦ୍ୱାରସ୍ଥ ହୋଇଥିଲେ। ଏହାର ବିଚାରକରି ଆୟୋଗ ସଭାପତି ପ୍ରଭାତ କୁମାର ପାଢ଼ୀ ଓ ସଦସ୍ୟା ମଧୁସ୍ମିତା ସ୍ୱାଇଁ କାଞ୍ଚନ ମୁରଲୀ ହୋଣ୍ଡା ଶୋ'ରୁମ୍‌କୁ ଚୁକ୍ତିଠାରୁ ଅଧିକ ନେଇଥିବା ୪,୨୭୯ ଟଙ୍କା ସହ ବିବାଦ ଖର୍ଚ୍ଚ ୧ ହଜାର ଦେବାକୁ କାଞ୍ଚନ ମୁରଲୀ ହୋଣ୍ଡା ପ୍ରୋପ୍ରାଇଟରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୪୫ ଦିନ ଭିତରେ ଏହି ଟଙ୍କା ଦେବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ରାଉତଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ରାଜ୍ୟ ଉପଭୋକ୍ତା ମହାସଂଘ (ଉପଭୋକ୍ତା ସୁରକ୍ଷା ଅଭିଯାନ, ଓଡ଼ିଶା) ସମ୍ପାଦକ ଗୋବିନ୍ଦ ଓଝା କହିଛନ୍ତି, ଅଭିଯୋଗ ଅନୁଯାୟୀ, ବାଇକ୍ (ନଂ.ଓଡି ୨୧ କେ-୯୭୩୪)ର ସାଇଲେନ୍ସର ବଦଳାଇବା ପାଇଁ ସେ ଉପରୋକ୍ତ ଶୋ'ରୁମ୍‌ରେ ୨୦୨୪ ଜୁଲାଇ ୭ରେ ପହଞ୍ଚିଥିଲେ। ଶୋ'ରୁମ୍ ପକ୍ଷରୁ ୮ ହଜାର ଟଙ୍କା ଖର୍ଚ୍ଚ ଆକଳନ କରାଯାଇଥିଲା। ଏହାପରେ ତାଙ୍କଠାରୁ ଅଗ୍ରିମ ୩ ହଜାର ନିଆଯାଇ ରସିଦ୍(ସଂଖ୍ୟା ୨୭୨୦୪) ଦିଆଯାଇଥିଲା। ୭ ଦିନ ମଧ୍ୟରେ ଆସି ସାଇଲେନ୍ସର ଲଗାଇ ନେବାକୁ ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। ୭ ଦିନ ପରେ ସେ ବାରମ୍ବାର ହୋଣ୍ଡା ଶୋ'ରୁମ୍ ଯାଇ ନିରାଶ ହୋଇଥିଲେ। ୨୦୨୪ ଅଗଷ୍ଟ ୭ରେ ସାଇଲେନ୍ସର ଲଗାଯିବା ପାଇଁ ବ୍ୟବସ୍ଥା ହୋଇଥିଲା। କିନ୍ତୁ ୮ ହଜାର ପରିବର୍ତ୍ତେ ୧୨,୨୭୮.୫୪ ଟଙ୍କାର ବିଲ୍ ଦିଆଯାଇଥିଲା, ଯେଉଁଥିରେ କି ଅଗ୍ରିମ ଦିଆଯାଇଥିବା ୩ ହଜାର ବାଦ୍ ଦେଇ ଅବଶିଷ୍ଟ ☞ପୃଷ୍ଠା-୩


ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୬ ଫେବୃଆରୀ ୧୮ ତାରିଖ ଠାରୁ ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ।

ସବୁ ପରୀକ୍ଷାର୍ଥୀ ଚାପମୁକ୍ତ ହୋଇ ଯେପରି ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିପାରିବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ଶାନ୍ତିପୂର୍ଣ୍ଣ ଓ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ପରୀକ୍ଷା ପାଇଁ ଶୁଭକାମନା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା
OIPR-11001/11003/2/25-26/0002

11001/22/2526
ବାର୍ତ୍ତା

ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମ ନିମନ୍ତେ ଫେବୃଆରୀ ୧୮ ତାରିଖରୁ ମାର୍ଚ୍ଚ ୨୮ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ସେମାନଙ୍କର ସଫଳତା କାମନା କରୁଛି । ଚାପମୁକ୍ତ ହୋଇ ପରୀକ୍ଷା ଦିଅନ୍ତୁ । ପରିଶ୍ରମ ଓ ଆତ୍ମବିଶ୍ୱାସ ତୁମମାନଙ୍କୁ ସଫଳତା ଆଣିଦେବ । ପରୀକ୍ଷାର ସମସ୍ତ ବାଧାକୁ ଦୂର କରି କଠିନ ଅଧ୍ୟବସାୟ ବଳରେ ତୁମେମାନେ ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି ମୋର ଦୃଢ଼ ବିଶ୍ୱାସ ।

ଏହି ଶୁଭ ମୁହୂର୍ତ୍ତରେ ପରୀକ୍ଷା ପରିଚାଳନା ନିମନ୍ତେ ସମ୍ପୃକ୍ତ ସମସ୍ତ ପଦାଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ, ଜିଲ୍ଲା ପ୍ରଶାସନ ଓ ପୋଲିସର ସହଯୋଗ କାମନା କରୁଛି ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

# ମ୍ୟୁଲ୍ ଆକାଉଣ୍ଟ ଜରିଆରେ ୫୮ ଲକ୍ଷ ଠକେଇ



ଗିରଫ ୪ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

■ ଧରାପଡ଼ିଲେ ୪ ସାଇବର ଅପରାଧୀ

■ ବିଭିନ୍ନ ବ୍ୟାଙ୍କର ଚେକ୍, ପାସ୍‌ବୁକ୍, ଏଟିଏମ୍ କାର୍ଡ ଓ ଦାମୀ କାର୍ ଜବତ

ବାଲେଶ୍ୱର,୧୭।୨(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ସାଇବର ଥାନା ପୋଲିସ ମଙ୍ଗଳବାର ଏକ ବଡ଼ ଧରଣର ଠକେଇର ପର୍ଦ୍ଦାଫାଶ୍ କରିଛି। ମ୍ୟୁଲ(ଅନ୍ୟଜଣଙ୍କ ନାଁରେ ଆକାଉଣ୍ଟ ଖୋଲି ବେଆଇନ ଭାବେ ଆର୍ଥିକ ପରିଚାଳନା) ଆକାଉଣ୍ଟ ଜରିଆରେ ୫୮ ଲକ୍ଷର ସାଇବର ଠକେଇ ହୋଇଛି। ଏହି ଘଟଣାରେ ସାଇବର ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବିଭିନ୍ନ ବ୍ୟାଙ୍କର ୪୯ଟି ଚେକ୍, ୧୪୭ଟି ଏଟିଏମ୍ କାର୍ଡ, ୪ଟି ବ୍ୟାଙ୍କ ପାସ୍‌ବୁକ୍, ଗୋଟିଏ ଦାମୀ କାର୍ ଓ ୪ଟି ମୋବାଇଲ ଫୋନ୍ ଜବତ କରାଯାଇଥିବା ଜିଲା ପୋଲିସ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଗାୟତ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ନିରୀହ ଲୋକଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ସମ୍ପୃକ୍ତ ଆକାଉଣ୍ଟକୁ ପରିଚାଳନା କରୁଥିଲେ। ଏସବୁ ଆକାଉଣ୍ଟ ଜରିଆରେ ବିଭିନ୍ନ ଲୋକଙ୍କଠାରୁ ୫୮ ଲକ୍ଷ ଟଙ୍କା ସାଇବର ଠକେଇ କରିଥିଲେ। ଅଭିଯୁକ୍ତମାନଙ୍କୁ ସାଇବର ଥାନା ପୋଲିସ ଖନ୍ତାପଡ଼ା ଅଞ୍ଚଳରୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖନ୍ତାପଡ଼ା ଅଞ୍ଚଳର ଗୌତମ କୁମାର ଦାସ, ରବୀନ୍ଦ୍ର କୁମାର ମାଝି, କାର୍ତ୍ତିକ ସିଂ ଓ ଦୀନକୃଷ୍ଣ ବେହେରା। ଏନେଇ ବାଲେଶ୍ୱର ସାଇବର ଥାନାରେ ମାମଲା (ନଂ. ୧୨/୨୬) ରୁଜୁ ହୋଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଘଟଣାରେ ଏକ ବଡ଼ ର୍ୟାକେଟ୍ କାର୍ଯ୍ୟ କରୁଥିବା ସନ୍ଦେହ କରାଯାଉଛି ବୋଲି ଅତିରିକ୍ତ ଏସ୍‌ପି ପ୍ରଧାନ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସାଇବର ଥାନା ଆଇଆଇସି ମୀନା ବିନ୍ଧାଣୀ ଉପସ୍ଥିତ ଥିଲେ।

# ୨୭ ସିମ୍‌କାର୍ଡ ଜବତ, ଅଭିଯୁକ୍ତ ଗିରଫ

ଲଖନପୁର, ୧୭।୨(ଗୌତମ ସାହୁ)

ବେଆଇନ ଭାବେ ସିମ୍‌କାର୍ଡ ବିକ୍ରି କରିବା ଘଟଣାରେ ଝାରସୁଗୁଡ଼ା ଜିଲା ରେଙ୍ଗାଲି ପୋଲିସ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ରେଙ୍ଗାଲି ଥାନା ଅଧୀନ କୁଡାବଗା ଗ୍ରାମର ପୁରୁଷୋତ୍ତମ ଗଡ଼ିଆ। ତାଙ୍କ ନିକଟରୁ ୨୭ଟି ସିମ୍‌କାର୍ଡ, ଏକ ବାୟୋମେଟ୍ରିକ ଡିଭାଇସ ଏବଂ ୩ଟି ମୋବାଇଲ ଜବତ କରାଯାଇଥିବା ନେଇ ମଙ୍ଗଳବାର ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ୪୯ ନମ୍ବର ଜାତୀୟ ରାଜପଥର ଗୋବିନ୍ଦପୁର ଛକରେ ଥିବା ଏକ ମୋବାଇଲ ଦୋକାନରେ ବେଆଇନ ଭାବେ ଆକ୍ଟିଭ ସିମ୍ ବିକ୍ରି ହେଉଥିଲା। ଖବରପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଉକ୍ତ ଦୋକାନ ପକ୍ଷରୁ ଆକ୍ଟିଭ କରାଯାଇଥିବା ଏକ ସିମ୍‌କାର୍ଡ ସାଇବର ଠକେଇ ମାମଲାରେ ବ୍ୟବହାର କରାଯାଇଥିବା ନେଇ ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଥିଲା। ଏହି ସିମ୍‌କାର୍ଡ ଦ୍ୱାରା ପ୍ରାୟ ୧୪ ଲକ୍ଷ ୯୯ ହଜାର ୬୦୦ ଟଙ୍କା ଠକେଇ ହୋଇଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ହୋଇପାରିଲାନି ଚାର୍ଜଫ୍ରେମ୍, ୨୪ରେ ପରବର୍ତ୍ତୀ ଶୁଣାଣି


## ପୀତବାସ ପଣ୍ଡା ହତ୍ୟା ମାମଲା

### ପୁଣି ଏମ୍‌କେସିଜି ମେଡିକାଲ୍‌ରେ ଭର୍ତ୍ତିହେଲେ ବିକ୍ରମ

ବ୍ରହ୍ମପୁର,୧୭।୨(ସୁବାସ ଚନ୍ଦ୍ର ପାଢ଼ୀ)

ପୀତବାସ ପଣ୍ଡା ହତ୍ୟା ମାମଲାର ବିଚାର ବ୍ରହ୍ମପୁରସ୍ଥିତ ଅତିରିକ୍ତ ଜିଲାଜଜ୍-୩ଙ୍କ କୋର୍ଟରେ ଚାଲିଛି। ଅଭିଯୁକ୍ତ ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଅସୁସ୍ଥତା ଏବଂ ପୋଲିସ ପକ୍ଷରୁ ଦାଖଲ ସିଡିର ଡକ୍ୟୁମେଣ୍ଟକୁ ନେଇ ଏକାଧିକ ପିଟିଶନ ଦାଖଲ ହୋଇଥିବାରୁ ମଙ୍ଗଳବାର କୋର୍ଟରେ ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜଫ୍ରେମ ହୋଇପାରିନାହିଁ। ସେହିପରି ୫ଜଣ ଅଭିଯୁକ୍ତଙ୍କ ପକ୍ଷରୁ ଦାଖଲ ଜାମିନ ପିଟିଶନର ମଧ୍ୟ ଶୁଣାଣି ହୋଇପାରିନାହିଁ। ଆସନ୍ତା ୨୪ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ପିପି କାଳୀଚରଣ ମିଶ୍ର ସୂଚନା ଦେଇଛନ୍ତି। ଅପରପକ୍ଷରେ ମଙ୍ଗଳବାର ରାତିରେ ବିକ୍ରମ ପୁଣି ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି।

ଅସୁସ୍ଥତା କାରଣରୁ ଏମ୍‌କେସିଜିରେ ଭର୍ତ୍ତି ହୋଇଥିବା ବିକ୍ରମଙ୍କୁ ସୋମବାର ଜୋର୍‌ଜବରଦସ୍ତି ଡିସ୍‌ଚାର୍ଜ କରି ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ଏହାକୁ ନେଇ ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ କୋର୍ଟରେ



ବିକ୍ରମ ପଣ୍ଡା

ପିଟିଶନ ଦାଖଲ କରିଥିଲେ। ମେଡିକାଲ କର୍ତ୍ତୃପକ୍ଷ, ପୋଲିସ ଓ ଜେଲ ପ୍ରଶାସନ ବିକ୍ରମଙ୍କୁ ଏମ୍‌କେସିଜିରୁ ଜୋର ଜବରଦସ୍ତି ଡିସଚାର୍ଜ କରି ଜେଲକୁ ନେଇଯାଇଥିବା କୁହାଯାଇଥିଲା। ବିକ୍ରମ ଅପରେଶନ ପାଇଁ ପ୍ରସ୍ତୁତ ଥିଲେ ବି ତାଙ୍କୁ ଡିସଚାର୍ଜ କରାଯାଇଥିବା ଅଭିଯୋଗ ହୋଇଥିଲା। ଏପରିକି ଜେଲ ଭିତରେ ଥିବା ବିକ୍ରମଙ୍କୁ ଭୁବନେଶ୍ୱରର କୌଣସି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଅନୁମତି ଦେବାକୁ କୋର୍ଟଙ୍କୁ ଅନୁରୋଧ କରାଯାଇଥିଲା। ଏହା ଜାଣିବା ପରେ ଜଜ୍ ଉକ୍ତ ପିଟିଶନକୁ ଗ୍ରହଣ କରି ଜେଲ ଭିତରକୁ ଯାଇ ଅପରେଶନ ପାଇଁ ବିକ୍ରମଙ୍କ ସହମତିପତ୍ର ଆଣିବାକୁ ଓକିଲ ଦୀପକ ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପୀତବାସ ହତ୍ୟା ମାମଲାର ତଦନ୍ତ ବେଳେ ଯେଉଁ କାଗଜପତ୍ର ଓ ସାମଗ୍ରୀ ଜବତ ହୋଇଥିଲା ତାହାର ଠିକ ଡକ୍ୟୁମେଣ୍ଟ କୋର୍ଟରେ ପୋଲିସ ଦାଖଲ କରିନାହିଁ। ତେଣୁ ସେଗୁଡ଼ିକ ଠିକ ଭାବେ ପ୍ରଦାନ ପାଇଁ ଏକ ପିଟିଶନ ଦାଖଲ କରାଯାଇଥିଲା ବୋଲି ଆଇନଜୀବୀ ପଟ୍ଟନାୟକ କହିଛନ୍ତି। ସେହି ପିଟିଶନର ଶୁଣାଣି କରି ଆସନ୍ତା ୨୪ ତାରିଖ ମଧ୍ୟରେ ପ୍ରତିପକ୍ଷଙ୍କୁ ଠିକ୍ ଡକ୍ୟୁମେଣ୍ଟ ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି। ସେହିକ୍ରମରେ ମାମଲାରେ ଅଭିଯୁକ୍ତ ଥିବା ୫ ଜଣ ଯଥା ସୁନୀଲ ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାୟକ, କୁନ୍ଦନ କୁମାର, ଶିଶୁପାଳ ପାଣ୍ଡାଙ୍କ ଜାମିନ ଶୁଣାଣି ହୋଇପାରି ନଥିଲା। ମଙ୍ଗଳବାର ଶୁଣାଣି ବେଳେ ଜେଲରେ ଥିବା ସମସ୍ତ ଅଭିଯୁକ୍ତ ଆଭାସୀରେ ଯୋଗ ଦେଇଥିଲେ। ବିକ୍ରମ ଜେଲ ଭିତରେ ଥିବା ମେଡିକାଲରେ ଚିକିତ୍ସାଧୀନ ଥିବାରୁ ତାଙ୍କୁ ଆଭାସୀରେ ହାଜର କରାଯାଇ ନ ଥିଲା।

# ସ୍ୱାମୀ ଠେଙ୍ଗାମାଡ଼ରେ ସ୍ତ୍ରୀ ମୃତ

ବାରିପଦା,୧୭।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ଖଡ଼ିଆଶୋଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ନିଶାସକ୍ତ ସ୍ୱାମୀ ଠେଙ୍ଗାମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ବୁଧ ଦେହୁରୀ(୪୩)। ପୋଲିସ ଅଭିଯୁକ୍ତ ସ୍ୱାମୀ ସୁକାନ୍ତ ଦେହୁରୀଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ହତ୍ୟା ମାମଲା (ନଂ.୫୭/୨୬) ରୁଜୁହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛି। ସୂଚନାଯୋଗ୍ୟ, ସୋମବାର ରାତିରେ କୌଣସି କାରଣକୁ ନେଇ ସ୍ତ୍ରୀ,ସ୍ୱାମୀଙ୍କ ମଧ୍ୟ ରେ ବଚସା ଆରମ୍ଭ ହୋଇଥିଲା। ଏଥିରେ ସୁକାନ୍ତ ଉତ୍ତ୍ୟକ୍ତ ହୋଇ ଏକ ଠେଙ୍ଗାରେ ବୁଧଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସକାଳେ ପଡ଼ୋଶୀ ଲୋକେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି।

# ଲୁହାପଥର ବୋଝେଇ ଟ୍ରକ୍ ଜବତ, ଜଣେ ଗିରଫ

ଯୋଡ଼ା,୧୭।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ପଳଶା ସଂରକ୍ଷିତ ଜଙ୍ଗଲରେ ଲୁହାପଥର ଚୋରାଚାଲାଣ ବେଳେ ପୋଲିସ ଚଢ଼ାଉ କରିଛି। ଘଟଣାସ୍ଥଳରୁ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏଥିସହ ଲୋଡର ମେଶିନ, ଲୁହାପଥର ବୋଝେଇ ଟ୍ରକ୍, ସ୍କର୍ପିଓ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କୋଟୁପାଲି ଗ୍ରାମର ଲୋଡର ମାଲିକ ମହେନ୍ଦ୍ର ବେହେରା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ପଳଶା ସଂରକ୍ଷିତ ଜଙ୍ଗଲରେ ଖଣିଜ ଚୋରମାନେ ଏକ ୧୬ ଚକିଆ ଟ୍ରକ୍‌ରେ ଲୋଡର ମେଶିନ ସହାୟତାରେ ଲମ୍ପସ ଲୁହାପଥର ବୋଝେଇ କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ସଦଳବଳ ଚଢ଼ାଉ କରିଥିଲା। ଏକ ଟ୍ରକ୍ (ନଂ. ୟୁପି ୪୪ ବିଟି ୨୯୪୧), ସ୍କର୍ପିଓ (ନଂ. ଓଡି ୦୯ ଭି ୨୦୫୮) ଓ ଲୋଡର ମେଶିନ (ନଂ. ଓଡି ୦୯ ଇ ୧୪୧୦)କୁ ଜବତ କରିଥିଲା। ଏଥିରେ ସମ୍ପୃକ୍ତି ଅଭିଯୋଗରେ ଲୋଡର ମାଲିକଙ୍କୁ ଗିରଫ କରିଥିଲା। ଟ୍ରକ୍‌ରେ ପ୍ରାୟ ୩୬ ମେଟ୍ରିକ ଟନ୍ ଉନ୍ନତମାନର ଲୁହାପଥର ବୋଝେଇ ହୋଇଥିଲା। ଚୋରା କାରବାରରେ ଏକାଧିକ ଖଣିଜ ଚୋରା ବ୍ୟବସାୟୀ ସମ୍ପୃକ୍ତ ଥିବା ପୋଲିସ




ଜବତ ଟ୍ରକ।

ଅନୁସନ୍ଧାନରୁ ଜାଣିବାକୁ ପାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ବାମେବାରି ଥାନା ଆଇଆଇସି ଯସକେତନ ଭୋଇ ସୂଚନା ଦେଇଛନ୍ତି। ତେବେ ପ୍ରଥମ ଥର ପୋଲିସ ଅନୁସନ୍ଧାନ କରି ଚୋରା କାରବାରରେ ସମ୍ପୃକ୍ତ ଗାଡ଼ି ମାଲିକଙ୍କୁ ଗିରଫ କରିଥିବାରୁ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଘଟଣା ପରେ ଗାଡ଼ି ମାଲିକଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି। ଏ ନେଇ ବାମେବାରି ଥାନାରେ ଏକ ମାମଲା(ନଂ.୩୬/୨୦୨୬) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି।

# ପୋଲିସକୁ ଚକ୍‌ମା ଦେଇ ଖସିଗଲେ ଅଭିଯୁକ୍ତ, ୨ କନ୍‌ଷ୍ଟେବଲ ନିଲମ୍ବିତ

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲାରେ ଉଠାଇ ନେଇଥିଲା ପୋଲିସ

ଭଦ୍ରକ,୧୭।୨(ସନାତନ ରାଉତ)

ଭଦ୍ରକ ଜିଲା ଚରମ୍ପାସ୍ଥିତ ରିଜର୍ଭ ପୋଲିସ ବାରାକ୍‌ଠାରେ ମଙ୍ଗଳବାର ସକାଳେ ପୋଲିସକୁ ଚକ୍‌ମା ଦେଇ ଜଣେ ଅଭିଯୁକ୍ତ ଖସିଯାଇଛନ୍ତି। ଏହି ଘଟଣାକୁ ନେଇ ଟାଉନ ଥାନା କନ୍‌ଷ୍ଟେବଲ କମଳାକାନ୍ତ ସିଂ ଓ ରିଜର୍ଭ ବାରାକ୍‌ର କନ୍‌ଷ୍ଟେବଲ ରମାକାନ୍ତ ବେହେରାଙ୍କୁ ଏସ୍‌ପି ମନୋଜ ରାଉତ ନିଲମ୍ବନ କରିଛନ୍ତି। ସୂଚନା ଅନୁଯାୟୀ, ୪ ଦିନ ତଳେ ଭଦ୍ରକ କଲେଜ ପଡ଼ିଆରେ ୨ଜଣ ଯୁବତୀଙ୍କୁ କାର୍‌ରେ ଯାଉଥିବା ଭଦ୍ରକ ନାଥସାହିର କେତେଜଣ ଯୁବକ କମେଣ୍ଟ ମାରିଥିଲେ। ସେମାନଙ୍କୁ ଫେରିବା ବାଟରେ ଅଟକାଇ ଭଦ୍ରକ ଜଗନ୍ନାଥପୁରର ଦୀପକ ଡାକୁଆ ଓ ତାଙ୍କ ସହଯୋଗୀମାନେ ପଚାରିବାରୁ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ସହ ହାତାହାତି ହୋଇଥିଲା। ଟାଉନ ପୋଲିସ ପହଞ୍ଚି ମାମଲା ରଫାଦଫା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦୀପକ ଏକ ପାର୍ଲରରେ ବସିଥିବା ବେଳେ କିଛି ସମୟ ପରେ ସେହି କାର୍‌ରେ ଯୁବକମାନେ ପୁନର୍ବାର ଆସି ତାଙ୍କୁ ଆକ୍ରମଣ କରିବା ସହ ଗାଡ଼ିରେ ଉଠାଇ ନେଇଥିଲେ। କାର୍‌ରେ ନେବା ବେଳେ ତାଙ୍କୁ ମାଡ଼ ମାରିବା ସହ ନାଥସାହି ପେଟ୍ରୋଲ ପମ୍ପ ନିକଟ ବିଲକୁ ନେଇ ନିର୍ଘାତ ମାଡ଼ ମାରିଥିଲେ ବୋଲି ଦୀପକ କହିଛନ୍ତି। ଜଣେ ବ୍ୟକ୍ତି ତାଙ୍କୁ ସେମାନଙ୍କ କବଳରୁ ଉଦ୍ଧାର କରି ଏକ ସ୍କୁଟି ଯୋଗେ ସେହି ସ୍ଥାନରୁ ପଠାଇ ଦେଇଥିଲେ। ପରେ ପରିବାର ଲୋକ ଦୀପକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ଦୀପକଙ୍କ ମା’ ସୁଲୋଚନା ଡାକୁଆଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ମାମଲା (ନଂ.୧୨୩/୨୬) ରୁଜୁ ହୋଇଛି। ପୋଲିସ ଘଟଣା ଦିନ ନାଥସାହିର ଆଶିଷ ନାଥଙ୍କୁ ଗିରଫ କରିଥିବା ବେଳେ ସୋମବାର ରାତିରେ ସ୍ମୃତିରଞ୍ଜନ ନାଥଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ବିଷୟରେ ପଚରାଉଚରା କରିବା ପାଇଁ ସ୍ମୃତିରଞ୍ଜନଙ୍କୁ ସକାଳେ ଚରମ୍ପାସ୍ଥିତ ରିଜର୍ଭ ପୋଲିସ ବାରାକ୍‌କୁ ନିଆଯାଇଥିଲା। ତାଙ୍କୁ ୨ କନ୍‌ଷ୍ଟେବଲ ଜଗିଥିବା ବେଳେ ସେ କୌଶଳକ୍ରମେ ଖସି ଯାଇଛନ୍ତି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## BUSINESS

# ଏଆଇ ଇମ୍ପାକ୍ଟ ସମିଟ୍‌ରେ ଓଡ଼ିଶା ପାଭିଲିୟନ

## ଭାରତ ଏଆଇ ଇମ୍ପାକ୍ଟ ସମିଟ୍

ଭୁବନେଶ୍ୱର,୧୭।୨
(ଅନୁରାଧା ମହାରଣା)

ନୂଆଦିଲ୍ଲୀର ଭାରତମଣ୍ଡପମଠାରେ ଚାଲିଥିବା ‘ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ ୨୦୨୬’ରେ ଏକ ସ୍ୱତନ୍ତ୍ର ‘ଓଡ଼ିଶା ପାଭିଲିୟନ’ ମାଧ୍ୟମରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା) କ୍ଷେତ୍ରରେ ନିଜର ଦୂରଦୃଷ୍ଟି ଓ ପ୍ରସ୍ତୁତି ପ୍ରଦର୍ଶନ କରୁଛି। ଓଡ଼ିଶା ପାଭିଲିୟନ ରାଜ୍ୟର ‘ଓଡ଼ିଶା - ଏଆଇ ଟୁ ଇମ୍ପାକ୍ଟ’ ଆଭିମୁଖ୍ୟକ ଉପସ୍ଥାପନ କରୁଛି। ଏଥିରେ ଓଡ଼ିଶା ପ୍ରଶାସନ, ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା,



ବିପର୍ଯ୍ୟୟ ପରିଚାଳନା ଏବଂ ସହରାଞ୍ଚଳ ଭିତ୍ତିଭୂମି କ୍ଷେତ୍ରରେ ଏଆଇର ବାସ୍ତବିକ ପ୍ରୟୋଗ କରୁଛି, ତାହା ପ୍ରଦର୍ଶିତ ହେଇଛି। ଏହା ଏକ ସୁସଂଗଠିତ କାର୍ଯ୍ୟକାରୀ ମଡେଲ ଏବଂ ସାଂସ୍ଥାନିକ ଦକ୍ଷତା ଦ୍ୱାରା ପରିଚାଳିତ। ଏହି ଶିଖର ସମ୍ମିଳନୀର ଏକ ପ୍ରମୁଖ ଆକର୍ଷଣ ହେଉଛି ‘ସର୍ବମ’ ସହ ଓଡ଼ିଶାର ରଣନୈତିକ ସହଭାଗିତା। ଏହା ସାର୍ବଭୌମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷମତା ବିକଶିତ କରିବା, ବ୍ୟାପକ ସ୍ତରରେ ଓଡ଼ିଆ ଭାଷାଭିତ୍ତିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରୟୋଗକୁ ସକ୍ଷମ କରିବା ଏବଂ ଉନ୍ନତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭିତ୍ତିଭୂମି ଓ କ୍ଷେତ୍ରରେ ଦୀର୍ଘକାଳୀନ ଲକ୍ଷ୍ୟ ସହ ଓଡ଼ିଶାକୁ ଏକ ଉଦୀୟମାନ ଏଆଇ ହବ୍‌ଭାବରେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟର ସଂକଳ୍ପକୁ ପ୍ରତିଫଳିତ କରୁଛି। ଏହି ପାଭିଲିୟନରେ ୧୦ରୁ ଅଧିକ ଇନୋଭେଶନ ଷ୍ଟାର୍ଟଅପ ଏବଂ ଇକୋସିଷ୍ଟମ ସଂସ୍ଥା ପ୍ରଦର୍ଶିତ ହେଉଛି, ଯେଉଁଥିରେ ଆପ୍ଲାଏଡ୍ ଏଆଇ ଷ୍ଟାର୍ଟଅପ, ଗବେଷଣା ପ୍ରତିଷ୍ଠାନ, ଟେକ୍ନୋଲୋଜି ପାର୍ଟନର ଏବଂ ସରକାରୀ ଏଆଇ ପଦକ୍ଷେପର ମିଶ୍ରଣ ରହିଛି।

# ଦକ୍ଷିଣ-ପୂର୍ବ ରେଳପଥ ପାଳିଲା ୭୦ତମ ରେଳ ସପ୍ତାହ

ଭୁବନେଶ୍ୱର,୧୭।୨
(ଅନୁରାଧା ମହାରଣା)

ଦକ୍ଷିଣ-ପୂର୍ବ ରେଳପଥ କୋଲକାତାସ୍ଥିତ ମୁଖ୍ୟାଳୟ ଗାର୍ଡେନ ରିଚ୍‌ରେ ୭୦ତମ ରେଳ ସପ୍ତାହ ତଥା ବିଶିଷ୍ଟ ରେଳ ସେବା ପୁରସ୍କାର ଉତ୍ସବ ପାଳନ କରିଛି। ଦକ୍ଷିଣ-ପୂର୍ବ ରେଳପଥର ମହାପରିଚାଳକ ଅନିଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅତିରିକ୍ତ ମହାପରିଚାଳକ ସୌମିତ୍ର ମଜୁମଦାର, ବରିଷ୍ଠ ଉପ ମହାପରିଚାଳକ ସୁରିନ୍ଦର ପାଲଙ୍କ ସମେତ ସମସ୍ତ ପ୍ରଧାନ ବିଭାଗୀୟ ମୁଖ୍ୟ ଏବଂ ୪ ଡିଭିଜନର ଡିଭିଜନାଲ ରେଳ ପରିଚାଳକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୨୪-୨୫ ବର୍ଷରେ ବିଶିଷ୍ଟ ସେବା ଓ କର୍ତ୍ତବ୍ୟନିଷ୍ଠା ପାଇଁ ୮୧ଜଣ ନିର୍ବାଚିତ ରେଳ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ୩୫ଜଣ ରେଳ



କର୍ମଚାରୀଙ୍କୁ ରେଳ ସେବା ପୁରସ୍କାର-୨୦୨୪ ଏବଂ ୩୭ଜଣଙ୍କୁ ରେଳ ସେବା ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ସମଗ୍ର ଦକ୍ଷତା ଶିଲ୍ଡ ସର୍ବୋତ୍ତମ ସର୍ବାଙ୍ଗୀନ ପ୍ରଦର୍ଶନ ପାଇଁ ଆଦ୍ରା ଡିଭିଜନକୁ ପ୍ରଦାନ କରାଯାଇଥିଲା। ଅନ୍ୟ ବିଭିନ୍ନ ବର୍ଗରେ ମଧ୍ୟ ଡିଭିଜନ ଓ ୱାର୍କଶପଗୁଡ଼ିକୁ ଦକ୍ଷତା ଶିଲ୍ଡ ପ୍ରଦାନ କରାଯାଇଥିଲା। ମୋଟ ୩୩ଟି ଦକ୍ଷତା ଶିଲ୍ଡ ବିଭିନ୍ନ ଡିଭିଜନ ଓ ୟୁନିଟ୍‌କୁ ଦିଆଯାଇଛି। ଟାଟାନଗର ରେଳଷ୍ଟେଶନକୁ ସର୍ବୋତ୍ତମ ରକ୍ଷଣାବେକ୍ଷଣ ଷ୍ଟେଶନ ଭାବରେ ମନୋନୀତ କରାଯାଇଛି। ସୂଚନା ଥାଉକି, ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଜାନୁଆରୀ ପର୍ଯ୍ୟନ୍ତ ଦକ୍ଷିଣ-ପୂର୍ବ ରେଳପଥ ୧୭୧ ମିଲିୟନ ଟନ ଭଣ୍ଡାର ଲୋଡିଂ ହାସଲ କରିଛି ଏବଂ ଏହି ସମୟରେ ଆୟ ୧୫,୭୦୮ କୋଟି ରହିଛି। ଏହି ଅବଧିରେ ଦକ୍ଷିଣ-ପୂର୍ବ ରେଳପଥ ପ୍ରାୟ ୧୮.୬ କୋଟି ଯାତ୍ରୀ ବହନ କରିଛି ଏବଂ ପ୍ରାରମ୍ଭିକ ଯାତ୍ରୀ ଭଡ଼ା ଆୟ ୨,୪୭୪ କୋଟି ଟଙ୍କା ହୋଇଛି।

# ଏଲ୍‌ପିୟୁର ୧୫ ଅତ୍ୟାଧୁନିକ ଏଆଇ ଉଦ୍ଭାବନ ପ୍ରଦର୍ଶିତ



ଭୁବନେଶ୍ୱର,୧୭।୨(ଅନୁରାଧା ମହାରଣା)

ନୂଆଦିଲ୍ଲୀରେ ଚାଲିଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ରେ ଲଭ୍‌ଲି ପ୍ରୋଫେସନାଲ ୟୁନିଭର୍ସିଟି (ଏଲ୍‌ପିୟୁ)ର ଛାତ୍ର ଓ ଗବେଷଣା ଦଳ ଦ୍ୱାରା ବିକଶିତ ୧୫ଟି ଏଆଇ ଆଧାରିତ ପ୍ରକଳ୍ପ ପ୍ରଦର୍ଶନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଶିକ୍ଷା, କୃଷି, ରୋବୋଟିକ୍ସ, ଏଣ୍ଟରପ୍ରାଇଜ ଟେକ୍ନୋଲୋଜି, ଆକ୍ସେସିବିଲିଟି ଏବଂ ସ୍ୱାସ୍ଥ୍ୟ ଭଳି ବିଭିନ୍ନ କ୍ଷେତ୍ରରେ ବ୍ୟବହାରିକ ପ୍ରୟୋଗ ଉପରେ କେନ୍ଦ୍ରୀଭୂତ। ଏଲ୍‌ପିୟୁର ଛାତ୍ରମାନେ ହାର୍ଡୱେର୍ ଡିଜାଇନ, ଏଣ୍ଟରପ୍ରାଇଜ ପ୍ଲାଟ୍‌ଫର୍ମ, ଡିଜିଟାଲ ସହଯୋଗ ଏବଂ ସହାୟକ ଟେକ୍ନୋଲୋଜି ଭଳି କ୍ଷେତ୍ରରେ ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି। ଏହା ମଧ୍ୟରେ ରହିଛି ଦି ଆପ୍ଲିକେବଲ - ଏକ ବ୍ରାଉଜର୍ ଆଧାରିତ ଇଲେକ୍ଟ୍ରୋନିକ୍ସ ଡେଭେଲପମେଣ୍ଟ ପ୍ଲାଟ୍‌ଫର୍ମ, ଜେନୋମା ସ୍ପେସ୍- ନୋ-କୋଡ୍ ଏବଂ ପ୍ରୋ-କୋଡ୍ ୱର୍କଫ୍ଲୋ ସମର୍ଥିତ ଏଆଇ ମଡେଲ ବିଲ୍ଡିଂ ପରିବେଶ, ଏକ୍ସାନର୍- ଆର୍ଥିକ ଏବଂ ଆନାଲିଟିକ୍ସ ଏକୀକରଣ କରିଥିବା ଏଆଇ ଆଧାରିତ ବ୍ୟବସାୟ ପରିଚାଳନା ସମାଧାନ ଏବଂ ମ୍ୟାକ୍ସିଜ - ଶିକ୍ଷାଗତ ସହଯୋଗ ଏବଂ ଛାତ୍ର ସମୁଦାୟକୁ ସମର୍ଥନ କରୁଥିବା ଡିଜିଟାଲ ପ୍ଲାଟ୍‌ଫର୍ମ। ଏଲ୍‌ପିୟୁର ପ୍ରତିଷ୍ଠାତା ଚାନ୍ସେଲର ଡ. ଅଶୋକ କୁମାର ମିତ୍ତଲ କହିଛନ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କେବଳ ଆର୍ଥିକ ବୃଦ୍ଧି ନୁହେଁ, ସମାନତା ଏବଂ ସ୍ଥାୟିତ୍ୱରେ ମଧ୍ୟ ଯୋଗଦାନ କରିବା ଉଚିତ। ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ ଭଳି ପ୍ଲାଟ୍‌ଫର୍ମ ଗବେଷକ ଏବଂ ଛାତ୍ର ଉଦ୍ଭାବକମାନଙ୍କ ପାଇଁ ସହଯୋଗ ଏବଂ ବିଶ୍ୱସ୍ତରୀୟ ଏକ୍ସପୋଜର ପ୍ରଦାନ କରୁଛି।

# ଭବ୍ୟ ତୋଷାଳି ସ୍ୱଦେଶୀ ମେଳାରେ ଫ୍ରିଡମ ଷ୍ଟଲ୍

ଭୁବନେଶ୍ୱର,୧୭।୨ (ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଚାଲିଥିବା ୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳାରେ ଫ୍ରିଡମ ଷ୍ଟଲ୍‌ରେ ପ୍ରବଳ ଜନଗହଳି ଦେଖିବାକୁ ମିଳୁଛି। ପ୍ରତ୍ୟେକ ଫ୍ରିଡମ ତେଲ କମ୍ବୋ ଅଫର ଆକର୍ଷଣୀୟ ଦରରେ ମିଳୁଥିବା ବେଳେ ୫ ଲିଟର ସନ୍‌ଫ୍ଲାୱାର ଜାର୍ ଉପରେ ଦେଢ଼ଶହ ଗ୍ରାମର ମେଶ୍ୱାକ୍ ଟୁଥ୍‌ପେଷ୍ଟ ମାଗଣା ରହିଥିବା ବେଳେ ୫ଲିଟର ରାଇସ୍‌ବ୍ରାନ୍ ତେଲ କିଣିଲେ ଗୋଟିଏ ବାଲ୍ଟି ମାଗଣା ରହିଛି। ଏଥିସହ ସୋରିଷ




ତେଲର ରିୟୁଜଏବଲ ଜାର୍ ଉପଲବ୍ଧ ରହିଛି ବୋଲି ଫ୍ରିଡମ ଓଡ଼ିଶା ହେଡ୍ ଅମିୟ କୁମାର ଧଳ ସୂଚନା ଦେଇଛନ୍ତି। ଏହି ଷ୍ଟଲ୍ ପରିଚାଳନା ଦାୟିତ୍ୱରେ ଅଶୋକ କୁମାର ସାହୁ, ସୌମ୍ୟରଞ୍ଜନ ନାୟକ, ଜୀବନେଶ୍ୱର ବେହେରା ପ୍ରମୁଖ ରହିଛନ୍ତି।

# ୩,୦୦୦ ଛାତ୍ରଙ୍କ ସହ ଆଲୋଚନାକଲେ ଅଶ୍ୱିନୀ

ଭୁବନେଶ୍ୱର,୧୭।୨(ଅନୁରାଧା ମହାରଣା)

ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ରେ ଯୁବଏଆଇ ହ୍ୟାକାଥନରେ ଅଂଶଗ୍ରହଣ କରିଥିବା ୩,୦୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ସହ ରେଳପଥ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଲୋଚନା କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଛାତ୍ରମାନେ ଡୋମେନ-ଆଧାରିତ ଏବଂ ସ୍ଥାନୀୟ ଭାଷାରେ ଏଆଇ ଆଧାରିତ ସମାଧାନ ପ୍ରଦର୍ଶନ କରିଛନ୍ତି। ଏହି ଆଲୋଚନା ସମୟରେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଛନ୍ତ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏକ ଶକ୍ତିଶାଳୀ ଉପକରଣ ଯାହା ସମସ୍ତେ ବ୍ୟବହାର କରିପାରିବେ। ଏହା ଦୈନନ୍ଦିନ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ଏବଂ ବ୍ୟକ୍ତିଗତ ତଥା ସମୁଦାୟଗତ ଆବଶ୍ୟକତା ଅନୁଯାୟୀ ସମାଧାନ ସୃଷ୍ଟି କରିବାରେ ସାହାଯ୍ୟ କରିପାରିବ। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି , ଏହି ସମିଟ୍ ବିଶ୍ୱସ୍ତରରେ ବ୍ୟାପକ ଆଗ୍ରହ ଆକର୍ଷଣ କରିଛି। ଏହାର ପ୍ରାୟ ୧୭ ବିଲିୟନ ଡଲାରର ଭେଞ୍ଚର କ୍ୟାପିଟାଲ ଫଣ୍ଡିଂ ଏବଂ ୨୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ଇନ୍‌ଫ୍ରାଷ୍ଟ୍ରକ୍ଚର ନିବେଶର ପ୍ରତିଶ୍ରୁତି ପ୍ରକାଶ ପାଇଛି। ଏହା ଭାରତର ଏଆଇ ଇକୋସିଷ୍ଟମ ପ୍ରତି ବିଶ୍ୱର ଉଚ୍ଚସ୍ତରୀୟ ଆଗ୍ରହକୁ ପ୍ରତିଫଳିତ କରୁଛି। ଦେଶରେ ବିଶ୍ୱର ସବୁଠାରୁ ବଡ଼ ଏଆଇ ସମିଟ୍ ଆୟୋଜନ କରାଯିବା ଭାରତର ବିଶ୍ୱସ୍ତରୀୟ ଏଆଇ ଆନ୍ଦୋଳନରେ ବଢୁଥିବା ପ୍ରତିଷ୍ଠାକୁ ପ୍ରମାଣ କରୁଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ଡିଜିଟାଲ ଠକଙ୍କ ଟାର୍ଗେଟରେ ବରିଷ୍ଠ ନାଗରିକ

## ଡିଜିଟାଲ ପେମେଣ୍ଟ ସୁରକ୍ଷା ପାଇଁ ସତର୍କକଲା ଏନ୍‌ପିସିଆଇ

ଭୁବନେଶ୍ୱର,୧୭।୨
(ଅନୁରାଧା ମହାରଣା)

ଡିଜିଟାଲ ପେମେଣ୍ଟ ବରିଷ୍ଠ ନାଗରିକମାନଙ୍କ ନିତିଦିନିଆ ଜୀବନରେ ପରିବର୍ତ୍ତନ ଆଣିଛି। ଗ୍ରୋସେରି, ଔଷଧ କିଣିବା ଓ ଯାତାୟାତ ବୁକିଂକୁ ସହଜ କରିଛି। ନଗଦ ଟଙ୍କା ନେବାକୁ ପଡୁ ନ ଥିବାରୁ ଏହା ସୁରକ୍ଷା ଓ ନିୟନ୍ତ୍ରଣ ପ୍ରଦାନ କରୁଥିବା ବେଳେ ଚୋରିର ଆଶଙ୍କା କମ୍ କରିଛି। ପ୍ରତିଟି ପେମେଣ୍ଟର ତଥ୍ୟ ରହୁଛି। ତେବେ ଡିଜିଟାଲ ପେମେଣ୍ଟ ବଢ଼ିବା ସହ ଡିଜିଟାଲ ଠକମାନେ ଠକେଇ କରିବାକୁ ଉଦ୍ୟମ କରୁଛି। ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ଉପାୟରେ ଟାର୍ଗେଟ କରାଯାଉଛି। ଠକମାନେ ଆପଣାଇଥିବା ଏକ ପ୍ରମୁଖ ପଦ୍ଧତି ହେଉଛି ଡିଜିଟାଲ ଆରେଷ୍ଟ ଯେଉଁଥିରେ ମିଛ ମାମଲାରେ ଫସାଇ ଓ ଚାପଗ୍ରସ୍ତକରି ବରିଷ୍ଠ ନାଗରିକମାନଙ୍କଠାରୁ ଗୋପନୀୟ ବ୍ୟକ୍ତିଗତ ତଥ୍ୟ ହାସଲ କରିବାକୁ ଉଦ୍ୟମ କରାଯାଉଛି। ଏଭଳି ପରିସ୍ଥିତିରେ ଏନ୍‌ପିସିଆଇ ବରିଷ୍ଠ ନାଗରିକମାନଙ୍କୁ ସତର୍କ କରିଛି। ସରକାର କିମ୍ବା କୌଣସି ସରକାରୀ ଏଜେନ୍ସି କେବେ ତଦନ୍ତ ପାଇଁ ଫୋନ୍ ଓ ଭିଡିଓ କଲ୍‌ରେ ଟଙ୍କା ମାଗନ୍ତି ନାହିଁ। ନିବେଶ ଠକେଇ ସାଇବର ଠକଙ୍କ ପାଇଁ ଆଉ ଏକ ଅସ୍ତ୍ର ହୋଇଛି। ଏଥିରେ ଠକମାନେ ଆର୍ଥିକ ବିଶେଷଜ୍ଞ ଭାବେ ନିଜକୁ ଏକ ଲୋକପ୍ରିୟ ସଂସ୍ଥାର ପ୍ରତିନିଧି ଭାବେ ପରିଚୟ ଦେଇ ଅଧିକ ରିଟର୍ନ ପାଇବାର ଲୋଭ ଦେଖାଇ ଠକିବାକୁ ଉଦ୍ୟମ କରନ୍ତି। କୌଣସି ନିବେଶ ପ୍ରସ୍ତାବ ଅତି ଭଲ ଲାଗିଲେ ତେବେ ତାହା ଠକେଇ ହୋଇଥାଇପାରେ ବୋଲି ଏନ୍‌ପିସିଆଇ ସୂଚାଇଛି। ଫିସିଂ ଓ ଭିସିଂ ସ୍କାମ୍ ଯେଉଁଥିରେ ଇମେଲ୍, ମେସେଜ ଓ କଲ୍ ଜରିଆରେ ବ୍ୟାଙ୍କ କିମ୍ବା ସରକାରୀ ସଂସ୍ଥାର ପ୍ରତିନିଧି ଭାବେ ପରିଚୟ ଦେଇ ଓଟିପି ଓ ଅନ୍ୟାନ୍ୟ ସମ୍ବେଦନଶୀଳ ତଥ୍ୟ ହାସଲ କରିବାକୁ ଠକମାନେ ଉଦ୍ୟମ କରନ୍ତି। ଟେକ୍ ସପୋର୍ଟ ସ୍କାମ୍ ଜରିଆରେ ନିର୍ଦ୍ଦିଷ୍ଟ ଫାଇଲ ଡାଉନଲୋଡ୍ କରିବାକୁ ବରିଷ୍ଠ ନାଗରିକମାନଙ୍କୁ ପ୍ରବର୍ତ୍ତାଇ ଠକେଇ କରିବାକୁ ଉଦ୍ୟମ କରାଯାଏ। ରିଫଣ୍ଡ ଓ ପେମେଣ୍ଟ ଲିଙ୍କ୍ ମାଧ୍ୟମରେ ମଧ୍ୟ ଠକେଇ କରିବାକୁ ଉଦ୍ୟମ ହେଉଛି। କେବେବି ୟୁପିଆଇ ପିନ୍, ଓଟିପି, ପାସ୍‌ୱାର୍ଡ, ବ୍ୟାଙ୍କ ବିବରଣୀ ଓ ଲଗ୍ ଇନ୍ ବିବରଣୀ କାହାକୁ ଦିଅନ୍ତୁ ନାହିଁ। ଅଜଣା ଲିଙ୍କ୍‌ରେ କ୍ଲିକ୍ କରନ୍ତୁ ନାହିଁ ଓ ଅଜଣା ଆପ୍ ଇନ୍‌ଷ୍ଟଲ କରନ୍ତୁ ନାହିଁ। ଅଜଣା ଲୋକଙ୍କ ସହ ସ୍କ୍ରିନ୍ ଶେୟାର କରନ୍ତୁ ନାହିଁ।

# ଭାରତ ବିଶ୍ୱସ୍ତରରେ ଶ୍ରେଷ୍ଠ ୩ଟି ଏଆଇ ମହାଶକ୍ତି ମଧ୍ୟରେ ସ୍ଥାନ ପାଇବା ଉଚିତ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଆରମ୍ଭ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖବର ସରବରାହ ସଂସ୍ଥା ଏଏନ୍ଆଇକୁ ସ୍ୱତନ୍ତ୍ର ସାକ୍ଷାତ୍କାର ଦେଇଛନ୍ତି । ଏଥିରେ ସେ ସମ୍ମିଳନୀର ବାର୍ତ୍ତା 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' (ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କ ଖୁସି) ଉପରେ ଆଲୋକପାତ କରିଛନ୍ତି ।**

## ଏଏନ୍ଆଇକୁ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସାକ୍ଷାତ୍କାର

**ଏଏନ୍ଆଇ :** ଭାରତ ପ୍ରଥମ ଥର ପାଇଁ ଗ୍ଲୋବାଲ ସାଉଥ୍‌ରେ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ ଆୟୋଜନ କରୁଛି। ଏହାର ମୂଳମନ୍ତ୍ର ହେଉଛି 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' । ଏହି ସମ୍ମିଳନୀର ଉଦ୍ଦେଶ୍ୟ କ'ଣ ଓ ଏପରି ବାର୍ତ୍ତା କାହିଁକି ରଖାଯାଇଛି ?

**ପ୍ରଧାନମନ୍ତ୍ରୀ:** ଆଜି ଏଆଇ ଏକ ସଭ୍ୟତାର ପରିବର୍ତ୍ତନ ବିନ୍ଦୁରେ ଠିଆ ହୋଇଛି। ଏହା ଅଭୂତପୂର୍ବ ଉପାୟରେ ମାନବ କ୍ଷମତାକୁ ବିସ୍ତାର କରିପାରିବ, କିନ୍ତୁ ଯଦି ଏହାକୁ ଠିକ୍ ମାର୍ଗଦର୍ଶନ କରା ନ ଯାଏ, ତେବେ ଏହା ବର୍ତ୍ତମାନ ସାମାଜିକ ଭିତ୍ତିଭୂମିକୁ ମଧ୍ୟ କ୍ଷତିଗ୍ରସ୍ତ କରିପାରେ। ସେଥିପାଇଁ ଆମେ ଜାଣିଶୁଣି ଏହି ଶିଖର ସମ୍ମିଳନୀକୁ ଏପରି ପ୍ରସ୍ତୁତ କରିଛୁ ଯାହା କେବଳ ନବୋନ୍ମେଷ ନୁହେଁ, ବରଂ ଅର୍ଥପୂର୍ଣ୍ଣ ଏବଂ ସମାନ ଫଳାଫଳ ସୁନିଶ୍ଚିତ କରେ। ସମ୍ମିଳନୀର ବାର୍ତ୍ତା, 'ସର୍ବଜନ ହିତାୟ, ସର୍ବଜନ ସୁଖାୟ', ଭାରତର ସଭ୍ୟତାଗତ ଦର୍ଶନକୁ ପ୍ରତିଫଳିତ କରେ। ପ୍ରଯୁକ୍ତିର ଶେଷ ଲକ୍ଷ୍ୟ 'ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କ ଖୁସି' ହେବା ଉଚିତ। ପ୍ରଯୁକ୍ତିବିଦ୍ୟା ମାନବତାର ସେବା ପାଇଁ ରହିଛି, ଏହାକୁ ବଦଳାଇବା ପାଇଁ ନୁହେଁ। ଏହି ସମ୍ମିଳନୀ ସାଧାରଣ ଲୋକ, ପୃଥିବୀ ଏବଂ ପ୍ରଗତି ଉପରେ ଆଧାରିତ। ଏଆଇ ସିଷ୍ଟମ୍‌ଗୁଡ଼ିକ ବିଶ୍ୱବ୍ୟାପୀ ସମାଜରେ ସୃଷ୍ଟି ହୋଇଥିବା ଜ୍ଞାନ ଏବଂ ତଥ୍ୟ ଉପରେ ନିର୍ଭର କରେ। ତେଣୁ ଆମେ ଚାହୁଁଛୁ, ଏଆଇର ଲାଭ ସମସ୍ତଙ୍କ ନିକଟରେ ପହଞ୍ଚୁ ଏବଂ କେବଳ ପ୍ରାରମ୍ଭିକ ଗ୍ରହଣକାରୀଙ୍କ ପାଖରେ ସୀମିତ ନ ରହୁ। ଗ୍ଲୋବାଲ ସାଉଥ୍‌ରେ ଆୟୋଜିତ ପ୍ରଥମ ବିଶ୍ୱ ଏଆଇ ଶିଖର ସମ୍ମିଳନୀ ଆୟୋଜନ କରି ଭାରତ ଏକ ପ୍ଲାଟଫର୍ମ ସୃଷ୍ଟି କରୁଛି, ଯାହା ସମସ୍ତଙ୍କ ସ୍ୱର ଏବଂ ବିକାଶକୁ ପ୍ରାଥମିକତା ଦେଉଛି। ଏଆଇ ଶାସନ, ସମାବେଶୀ ଡାଟାସେଟ, ଜଳବାୟୁ ପ୍ରୟୋଗ, କୃଷି ଉତ୍ପାଦକତା, ଜନସ୍ୱାସ୍ଥ୍ୟ ଏବଂ ବହୁଭାଷୀ ଉପଲବ୍ଧତା ଆମ ପାଇଁ ସୀମିତ ପ୍ରସଙ୍ଗ ନୁହେଁ, ବରଂ ସେଗୁଡ଼ିକ ମୁଖ୍ୟ ପ୍ରସଙ୍ଗ । ଆମର ଦୃଷ୍ଟିକୋଣ ସ୍ପଷ୍ଟ: ଏଆଇ ଗଭୀର ଭାବରେ ମାନବକେନ୍ଦ୍ରିକ ରହି ବିଶ୍ୱବିକାଶକୁ ତ୍ୱରାନ୍ୱିତ କରିବା ଉଚିତ।

**ଏଏନ୍ଆଇ :** ଆପଣ ସବୁବେଳେ ସଶକ୍ତୀକରଣ ଓ ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ବିଷୟରେ କହିଛନ୍ତି। ୨୦୪୭ ମସିହାରେ ଏଆଇର ଭୂମିକାକୁ ଆପଣ କିପରି ଦେଖନ୍ତି ?

**ପ୍ରଧାନମନ୍ତ୍ରୀ:** ଏଆଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଅଭିମୁଖୀ ଯାତ୍ରାରେ ଏକ ପରିବର୍ତ୍ତନକାରୀ ସୁଯୋଗକୁ ପ୍ରତିନିଧିତ୍ୱ କରେ। ଏକ ରଣନୀତିକ ଦୃଷ୍ଟିକୋଣ ସହିତ ଏଆଇକୁ ସଚେତନ ଭାବରେ ବ୍ୟବହାର କରିବା ଦ୍ୱାରା ସମ୍ପୂର୍ଣ୍ଣ ନୂତନ ଆର୍ଥିକ ସୁଯୋଗ ସୃଷ୍ଟି ହେବା ସହିତ ଗଭୀର ବିକାଶମୂଳକ ଆହ୍ୱାନଗୁଡ଼ିକୁ ମୁକାବିଲା କରିବାରେ ସାହାଯ୍ୟ ମିଳିଥାଏ। ଏହାଦ୍ୱାରା ସମାବେଶୀ ଅଭିବୃଦ୍ଧି ସକ୍ଷମ ହୋଇଥାଏ, ସହରାଞ୍ଚଳ-ଗ୍ରାମାଞ୍ଚଳ ବିଭାଜନ ଦୂର ହୁଏ ଏବଂ ସୁଯୋଗର ପ୍ରବେଶକୁ ବିସ୍ତାର କରାଯାଏ।

**ଏଏନ୍ଆଇ :** ପ୍ୟାରିସରେ ଏଆଇ ଆକ୍ସନ ଶିଖର ସମ୍ମିଳନୀ ୨୦୨୫ ଅଭିଭାଷଣରେ ଆପଣ ଏଆଇର ପକ୍ଷପାତିତା ଓ ସୀମାବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହି ତୁଳନାରେ ବର୍ତ୍ତମାନ ପରିସ୍ଥିତି ବଦଳିଛି କି? ଭାରତ କିପରି ଏହି ସମସ୍ୟାର ସମାଧାନ କରିବ ବୋଲି ଆପଣ ଭାବୁଛନ୍ତି ?

**ପ୍ରଧାନମନ୍ତ୍ରୀ:** ଏଆଇରେ ପକ୍ଷପାତିତା ଓ ସୀମାବଦ୍ଧତାକୁ ନେଇ ଚିନ୍ତା ଗଭୀର ପ୍ରାସଙ୍ଗିକ ରହିଛି। ଏଆଇ ଗ୍ରହଣୀୟତା ତ୍ୱରାନ୍ୱିତ ହେବା ସହିତ ବିପଦ ମଧ୍ୟ ବୃଦ୍ଧି ପାଇଥାଏ। ଏଆଇ ସିଷ୍ଟମ୍‌ଗୁଡ଼ିକ ଅଜାଣତରେ ଲିଙ୍ଗ, ଭାଷା ଏବଂ ସାମାଜିକ-ଆର୍ଥିକ ପୃଷ୍ଠଭୂମି ସହିତ ଜଡ଼ିତ ପକ୍ଷପାତିତାକୁ ସ୍ଥାୟୀ କରିପାରେ। ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬ ବିଭିନ୍ନ ଅଂଶୀଦାରମାନଙ୍କୁ ଏକାଠି କରୁଛି ଓ ଏଆଇର ପକ୍ଷପାତିତା ଏବଂ ସୀମାବଦ୍ଧତା ଭଳି ବିଷୟଗୁଡ଼ିକ ଉପରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରୁଛି।

**ଏଏନ୍ଆଇ:** ଆଧାର ଓ ୟୁପିଆଇ ଭଳି କମ୍ ମୂଲ୍ୟର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ନିର୍ମାଣରେ ଭାରତର ସଫଳତା ଅଭୂତପୂର୍ବ। ଡିପିଆଇ ଏବଂ ଏଆଇର ସମନ୍ୱୟ ସାର୍ବଜନୀନ ସେବା ପ୍ରଦାନରେ ଉଲ୍ଲେଖନୀୟ ଉନ୍ନତି ଆଣିପାରେ। ଏଥିରେ ଭାରତ କ'ଣ ଶିଖୁଛି, ଯାହା ଗ୍ଲୋବାଲ ସାଉଥ୍‌କୁ ସାହାଯ୍ୟ କରିପାରିବ ?

**ପ୍ରଧାନମନ୍ତ୍ରୀ:** ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଯାତ୍ରା ଗ୍ଲୋବାଲ ସାଉଥ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ବ୍ୟବହାରିକ ଶିକ୍ଷା ପ୍ରଦାନ କରେ। ଡିପିଆଇ ଏବଂ ଏଆଇର ସମନ୍ୱୟ ହେଉଛି ସମାବେଶୀ ବିକାଶର ପରବର୍ତ୍ତୀ ସୀମା। ଆଧାର, ୟୁପିଆଇ ଏବଂ ଅନ୍ୟାନ୍ୟ ଡିଜିଟାଲ ସାର୍ବଜନୀନ ସାମଗ୍ରୀ ସହିତ ଆମର ସଫଳତା ଆକସ୍ମିକ ନ ଥିଲା। ଏହା କିଛି ପ୍ରତିକୃତିଯୋଗ୍ୟ ନୀତିରୁ ଉତ୍ପନ୍ନ ହୋଇଛି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଆମେ ଏକ ସାର୍ବଜନୀନ ହିତ ଭାବେ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କରିଥିଲୁ, ଏକ ମାଲିକାନା ପ୍ଲାଟଫର୍ମ ଭାବେ ନୁହେଁ। ଏହି ଖୋଲା ଏବଂ ଆନ୍ତଃ-ପରିଚାଳନା ଆଧାରିତ ଢାଞ୍ଚା ଏକ ସାଧାରଣ ଆଧାର ସ୍ତର ଉପରେ ନବସୃଜନକୁ ପ୍ରସ୍ଫୁଟିତ କରିବାକୁ ଅନୁମତି ଦେଇଥିଲା।

**ଏଏନ୍ଆଇ:** ଭାରତ ଇଞ୍ଜିନିୟରିଂ ପ୍ରତିଭାର ଏକ ମହାଶକ୍ତି। ଆମେ ବିଶ୍ୱକୁ ବହୁସଂଖ୍ୟକ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ କର୍ମଚାରୀ ଯୋଗାଇ ଦେଉଛୁ । ଏଆଇ ଯୁଗରେ ଆମେ ଏହାକୁ କିପରି ଆହୁରି ଗଭୀର କରିପାରିବା ?

**ପ୍ରଧାନମନ୍ତ୍ରୀ:** କେବଳ ଏକ ଗ୍ରାହକ ଭାବରେ ନୁହେଁ, ବରଂ ସ୍ରଷ୍ଟା ଭାବରେ ଏକ ଏଆଇ ମହାଶକ୍ତି ହେବା ପାଇଁ ଭାରତରେ ପ୍ରତିଭା ଓ ଉଦ୍ୟୋଗ ଶକ୍ତି ଅଛି। କେନ୍ଦ୍ରୀୟ ବଜେଟ ୨୦୨୬-୨୭ ଏହି ଦୃଷ୍ଟିକୋଣକୁ ସୁଦୃଢ଼ କରେ। ଏହା ଡାଟା ସେଣ୍ଟର ଏବଂ କ୍ଲାଉଡ୍ ଭିତ୍ତିଭୂମି ପାଇଁ ସମର୍ଥନକୁ ବିସ୍ତାର କରେ, ଘରୋଇ କମ୍ପ୍ୟୁଟ୍ କ୍ଷମତାକୁ ମଜବୁତ କରେ।

**ଏଏନ୍ଆଇ:** ଭାରତରେ ଏକ ସକ୍ରିୟ ଆଇଟି କ୍ଷେତ୍ର ରହିଛି, ଯାହା ଆମର ସେବା ରପ୍ତାନିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି। ଏଆଇ ଆମ ଆଇଟି କ୍ଷେତ୍ରକୁ ପ୍ରଭାବିତ କରିବାକୁ ଆପଣ କିପରି ଦେଖୁଛନ୍ତି ?

**ପ୍ରଧାନମନ୍ତ୍ରୀ:** ଭାରତର ଆଇଟି କ୍ଷେତ୍ର ଆମ ସେବା ରପ୍ତାନିର ମେରୁଦଣ୍ଡ ଓ ଆର୍ଥିକ ଅଭିବୃଦ୍ଧିର ଏକ ପ୍ରମୁଖ ଚାଳକ । ଏଆଇ ଏହି କ୍ଷେତ୍ର ପାଇଁ ବିପୁଳ ସୁଯୋଗ ଓ ଆହ୍ୱାନ ଉପସ୍ଥାପନ କରିଥାଏ । ଏଆଇ ବଜାର ଆକଳନ ଦର୍ଶାଉଛି ଯେ ଏଆଇ-ସକ୍ଷମ ଆଉଟସୋର୍ସିଂ ଏବଂ ଡୋମେନ ଆଧାରିତ ଅଟୋମେସନର ନୂତନ ତରଙ୍ଗ ଦ୍ୱାରା ଭାରତର ଆଇଟି କ୍ଷେତ୍ର ୨୦୩୦ ସୁଦ୍ଧା ୪୦୦ ବିଲିୟନ ଡଲାରରେ ପହଞ୍ଚିପାରେ।

**ଏଏନ୍ଆଇ:** ଆମେ ଏଆଇର ଅପବ୍ୟବହାର ହେବାର ଅନେକ ଉଦାହରଣ ଦେଖିଛୁ। ଏଆଇ ପ୍ରଯୁକ୍ତିର ସମ୍ଭାବ୍ୟ କ୍ଷତିରୁ ଆମେ ଭାରତୀୟମାନଙ୍କୁ କିପରି ସୁରକ୍ଷା ପ୍ରଦାନ କରିପାରିବା ?

**ପ୍ରଧାନମନ୍ତ୍ରୀ:** ପ୍ରଯୁକ୍ତିବିଦ୍ୟା ଏକ ଶକ୍ତିଶାଳୀ ଉପକରଣ, କିନ୍ତୁ ଏହା କେବଳ ମାନବ ଉଦ୍ଦେଶ୍ୟ ପାଇଁ ପ୍ରୋତ୍ସାହନକାରୀ। ଏଆଇକୁ ଏକ ଲାଭଦାୟକ ଶକ୍ତିରେ ପରିଣତ କରିବା ଆମ ଉପରେ ନିର୍ଭର କରେ । ଯଦିଓ ଏଆଇ ମାନବ କ୍ଷମତାକୁ ବୃଦ୍ଧି କରିପାରେ, ନିଷ୍ପତ୍ତି ନେବାର ଚୂଡ଼ାନ୍ତ ଦାୟିତ୍ୱ ସର୍ବଦା ମଣିଷଙ୍କ ପାଖରେ ରହିବା ଉଚିତ। ସାରା ବିଶ୍ୱରେ, ସମାଜଗୁଡ଼ିକ ଏଆଇ କିପରି ବ୍ୟବହାର ଏବଂ ଶାସିତ ହେବା ଉଚିତ ତାହା ଉପରେ ବିତର୍କ କରୁଛନ୍ତି। ଭାରତ ଏହି ଆଲୋଚନାକୁ ରୂପ ଦେବାରେ ସାହାଯ୍ୟ କରୁଛି। ଡିପଫେକ୍ ଭିଡିଓ ବୃଦ୍ଧି ଯୋଗୁଁ ଏହି ସୁରକ୍ଷା ବ୍ୟବସ୍ଥାର ଜରୁରି ଆବଶ୍ୟକତା ରହିଛି।

**ଏନଏଆଇ:** ଏଆଇ ସେମାନଙ୍କର ଚାକିରି ଛଡ଼ାଇ ନେବ ବୋଲି ଯୁବବର୍ଗଙ୍କ ମଧ୍ୟରେ ଭୟ ରହିଛି। ଯଦି ଏପରି ହୁଏ, ତେବେ ଭାରତର ଜନସଂଖ୍ୟାଗତ ଲାଭାଂଶକୁ ବ୍ୟବହାର କରିବା କଷ୍ଟକର ହୋଇଯିବ। ଭାରତ ସରକାର ଏହି ଚ୍ୟାଲେଞ୍ଜକୁ କିପରି ମୁକାବିଲା କରୁଛନ୍ତି ?

**ପ୍ରଧାନମନ୍ତ୍ରୀ:** ଚାକିରି ବଜାରରେ ଏଆଇ ପରିଚାଳିତ ବାଧା ବିଷୟରେ ଆମ ଯୁବପିଢ଼ିଙ୍କ ଚିନ୍ତା ମୁଁ ବୁଝିପାରୁଛି। ଭୟର ସର୍ବୋତ୍ତମ ପ୍ରତିଷେଧକ ହେଉଛି ପ୍ରସ୍ତୁତି। ସେଥିପାଇଁ ଆମେ ଏଆଇ ଚାଳିତ ଭବିଷ୍ୟତ ପାଇଁ ଲୋକଙ୍କ ଦକ୍ଷତା ବୃଦ୍ଧି ପାଇଁ ନିବେଶ କରୁଛୁ। ସରକାର ବିଶ୍ୱର ସବୁଠାରୁ ମହତ୍ୱାକାଂକ୍ଷୀ ଦକ୍ଷତା ବିକାଶ ପଦକ୍ଷେପଗୁଡ଼ିକ ମଧ୍ୟରୁ ଅନ୍ୟତମ ଆରମ୍ଭ କରିଛନ୍ତି।

**ଏଏନ୍ଆଇ:** ଆପଣଙ୍କ ନେତୃତ୍ୱରେ, ଭାରତ ୪ଜି-୫ଜି, ଡ୍ରୋନ ଜ୍ଞାନକୌଶଳ ଭଳି ସ୍ୱଦେଶୀ ପ୍ରଯୁକ୍ତି ବିକାଶ କରିଛି। ଆତ୍ମନିର୍ଭର ଭାରତ ପାଇଁ ଆପଣଙ୍କର ଦୃଷ୍ଟିକୋଣ କ'ଣ ?

**ପ୍ରଧାନମନ୍ତ୍ରୀ:** ଆତ୍ମନିର୍ଭର ଭାରତ ଆଡ଼କୁ ଆମର ଯାତ୍ରା ଏକ ମୌଳିକ ନୀତି ଉପରେ ଆଧାରିତ। ତାହା ହେଲା ଭାରତ କେବଳ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବ ନାହିଁ, ବରଂ ଏହାକୁ ସୃଷ୍ଟି କରିବ। ଆତ୍ମନିର୍ଭର ଭାରତରେ ଏଆଇ ପାଇଁ ମୋର ଦୃଷ୍ଟିକୋଣ ତିନୋଟି ସ୍ତମ୍ଭ ଉପରେ ନିର୍ଭର କରେ: ସାର୍ବଭୌମତ୍ୱ, ଅନ୍ତର୍ଭୁକ୍ତିକରଣ ଏବଂ ନବସୃଜନ। ମୋର ଦୃଷ୍ଟିକୋଣ ହେଉଛି ଭାରତ କେବଳ ଏଆଇ ବ୍ୟବହାରରେ ନୁହେଁ ବରଂ ସୃଷ୍ଟିରେ ବିଶ୍ୱସ୍ତରରେ ଶ୍ରେଷ୍ଠ ତିନୋଟି ଏଆଇ ମହାଶକ୍ତି ମଧ୍ୟରେ ରହିବା ଉଚିତ।

# ସୀମାନ୍ତରେ ୨୨ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି, ୧୭।୨ (ସୁଚିତ୍ରା ଦାସ/ ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ୨୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ନୀତି ଏବଂ ପୁନର୍ବାସ ଅଭିଯାନ ଦ୍ୱାରା ପ୍ରଭାବିତ ହୋଇ ଭାଙ୍ଗିପଡୁଥିବା ମାଓବାଦୀ ସଙ୍ଗଠନରୁ ମୁହଁ ଫେରାଇ ସେମାନେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ସୁକ୍‌ମା ଏସ୍‌ପି କିରଣ ଚୌହାନଙ୍କ ନିକଟରେ ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ସମସ୍ତ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସରକାରଙ୍କ ପୁନର୍ବାସ ନୀତିର ଲାଭ ଦିଆଯିବ ଏବଂ ତୁରନ୍ତ ସହାୟତା ଆକାରରେ ୫୦ ହଜାର ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିବା ଏସ୍‌ପି ଚୌହାନ କହିଛନ୍ତି। ସୁକ୍‌ମା ପୋଲିସ ନିକଟରୁ ମିଳିଥିବା ତଥ୍ୟାନୁଯାୟୀ, ସୁକ୍‌ମା ଜିଲାରେ ନିରନ୍ତର ମାଓବାଦୀ ବିରୋଧୀ ଅଭିଯାନ, ନୂତନ ସୁରକ୍ଷା ଶିବିର ପ୍ରତିଷ୍ଠା, ସଡକ ସଂଯୋଗକୁ ସୁଦୃଢ଼ କରିବା ଏବଂ ବିକାଶ ପ୍ରକଳ୍ପର ବୃଦ୍ଧି ଯୋଗୁ ମାଓବାଦୀ ସଙ୍ଗଠନ ପ୍ରଭାବ ଦୁର୍ବଳ ହେଉଛି। ଛତିଶଗଡ଼ରେ ପୋଲିସ ଓ ସୁରକ୍ଷା କର୍ମୀଙ୍କ ଘନ ଘନ ଅପରେଶନ ଚାଲିଥିବାବେଳେ ଏଥିରେ ଭୟଭୀତ ଓ ନିଜର ଜୀବନ ବଞ୍ଚାଇବାକୁ ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କହିଛନ୍ତି। ଏହା ସହ ବିଗତ ଦିନରେ ଅନେକ ବଡ଼ବଡ଼ ମାଓବାଦୀଙ୍କ ମୃତ୍ୟୁ ଓ ଆତ୍ମସମର୍ପଣ ସଙ୍ଗଠନକୁ ଦୁର୍ବଳ କରିଛି। ଫଳରେ ଅନ୍ୟ ମାଓବାଦୀମାନେ ସାଧାରଣ ଜୀବନଯାପନ କରିବାକୁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରୁଛନ୍ତି।

ପ୍ରଥମ ପୃଷ୍ଠାରୁ...

## ପାଣି ପାଇଁ ରାଜପଥ ...


ମହିଳାମାନେ ରାଜପଥ ଅବରୋଧ କରିଛନ୍ତି।

ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ସସ୍ମିତା ସେଠୀ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ଖୁବ୍‌ଶୀଘ୍ର ପାନୀୟଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ କନିଷ୍ଠ ଯନ୍ତ୍ରୀ କହିଛନ୍ତି, ପାଣିଟାଙ୍କିଠାରୁ ଉକ୍ତ ସାହିକୁ ଯାଇଥିବା ପାଇପ୍ ନଷ୍ଟ ହୋଇଯାଇଥିବା ବେଳେ ଦୁଇଥର ମରାମତି କରାଯାଇଥିଲା। ତଥାପି ପାଇପ୍ ଯୋଗେ ପାଣି ଯାଉ ନ ଥିଲା। ପୁନର୍ବାର ନୂଆ ପାଇପ୍ ଲାଇନ ପକାଯାଇ ଜଳ ଯୋଗାଣ ବ୍ୟବସ୍ଥା କରାଯିବ। ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ କହିଛନ୍ତି, ଏବେଠାରୁ ଲୋକମାନେ ପାଣି ପାଇଁ ରାସ୍ତାରେ ବସୁଛନ୍ତି। ବିଭାଗ ସୂଚାରୁ ରୂପେ ପାନୀୟ ଜଳ ଯୋଗାଣ କରିପାରୁନାହିଁ। ଆଗକୁ ଆହୁରି ଜଳ କଷ୍ଟ ଦେଖାଦେଇପାରେ। ତେଣୁ ଏବେଠାରୁ ବିଭାଗ ଯତ୍ନବାନ ହୋଇ ଠିକ ଭାବେ ଲୋକଙ୍କୁ ପାନୀୟ ଜଳ ଯୋଗାଣ କରୁ। ନଚେତ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ।

## ୪୬ ପଇସା ..

୯୨୭୯ ଟଙ୍କା ଦେବାକୁ କୁହାଯାଇଥିଲା। ଏହାଶୁଣି ସେ ବିସ୍ମିତ ହେବାସହ ଏପରି କିପରି ହେଲା ବୋଲି ପଚାରିଥିଲେ। କିନ୍ତୁ ଶୋ'ରୁମ୍ ପରିଚାଳକ ଦାମ୍ ବଢ଼ିଯାଇଥିବା ଦର୍ଶାଇ ଅବଶିଷ୍ଟ ଟଙ୍କା ନ ଦେଲେ ଗାଡ଼ି ଛାଡ଼ିବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ଏ ପରିସ୍ଥିତିରେ ସେ ବାଧ୍ୟହୋଇ ସନ୍ଧ୍ୟାରେ ବିଲ୍‌ଠାରୁ ଅଧିକ ୪୬ ପଇସା ସହ ମୋଟ ୧୨,୨୭୯ ଟଙ୍କା ଦେଇ ବାଇକ୍ ନେଇଥିଲେ। ପରେ ଅର୍ଥାତ୍ ୨୦୨୪ ଅଗଷ୍ଟ ୨୮ରେ ସେ ଏ ସମ୍ପର୍କରେ ଶୋ'ରୁମ୍ ପ୍ରୋପ୍ରାଇଟରଙ୍କୁ ରେଜିଷ୍ଟ୍ରି ଡାକଯୋଗେ ଲିଖିତ ଭାବେ ଜଣାଇ ଚିଠି ପାଇବାର ୧୫ ଦିନମଧ୍ୟରେ ସମାଧାନ ପାଇଁ ଅନୁରୋଧ କରିଥିଲେ। ସମ୍ପୃକ୍ତ ପ୍ରୋପ୍ରାଇଟର ତାଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ସୁଦ୍ଧା କୌଣସି ସମାଧାନ କରି ନ ଥିଲେ। ଶୋ'ରୁମ୍ ପକ୍ଷରୁ ଚୁକ୍ତି ସହ ବିଲ୍‌ଠାରୁ ଅଧିକ ଟଙ୍କା ନେବା ଖାଉଟି ସୁରକ୍ଷା ଆଇନର ଉଲ୍ଲଂଘନ ଦର୍ଶାଇ ରାଉତ ଆୟୋଗରେ ନ୍ୟାୟଭିକ୍ଷା କରିବା ସହ ୪,୫୪, ୦୬୯ ଟଙ୍କା କ୍ଷତିପୂରଣ ସହ କୋର୍ଟ ମାମଲା ଖର୍ଚ୍ଚ କାଞ୍ଚନ ମୁରଲୀ ହୋଣ୍ଡା ପ୍ରୋପ୍ରାଇଟର ପ୍ରଦାନ କରିବାକୁ ଅଭିଯୋଗ କରିଥିଲେ।



ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୬ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମଧ୍ୟମା ପରୀକ୍ଷା ଚଳିତ ବର୍ଷ ଫେବୃଆରୀ ୧୯ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ତେଣୁ ଛାତ୍ରଛାତ୍ରୀମାନେ ଯେପରି ସମ୍ପୂର୍ଣ୍ଣ ଚାପମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ । ଏତଦ୍‌ବ୍ୟତୀତ ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-27001/27004/2/25-26/0010

27001/21/2526

ବାର୍ତ୍ତା

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ମାସ ୧୯ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ/ ରାଜ୍ୟ ମୁକ୍ତ ବିଦ୍ୟାଳୟ/ ମଧ୍ୟମା ସଂସ୍କୃତ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି ।

ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମି ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ତେଣୁ ପିଲାମାନେ ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅ । ତୁମେମାନେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା

## ସଂକ୍ଷେପରେ

### ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ଜିଜ୍ଞାସା କାର୍ଯ୍ୟକ୍ରମ

ଧରାକୋଟ,୧୭।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ସ୍ଥିତ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ଆକାଂକ୍ଷୀ ପାଠ୍ୟକ୍ରମ ଅନ୍ତର୍ଗତ ଜିଜ୍ଞାସା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପାରମ୍ପରିକ ଖାଦ୍ୟର ପୁଷ୍ଟିକତା, ସନ୍ତୁଳିତ ଖାଦ୍ୟ ଥାଳି ଯାହାକି ଯୁବଗୋଷ୍ଠୀର ଉତ୍ତମ ଖାଦ୍ୟ ଉପରେ ଆଧାରିତ ତାହା ପ୍ରଦର୍ଶନ କରାଯାଇଥିଲା। ପ୍ରଧାନ ଶିକ୍ଷକ ତଥା ବିଇଓ ରମେଶ ଚନ୍ଦ୍ର ସାହୁ ଏହି ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଓ ଛାତ୍ରୀଛାତ୍ର ଖାଦ୍ୟର ସ୍ୱାଦ ଓ ମାନ ପରୀକ୍ଷା କରିଥିଲେ। ଆଧୁନିକ ଯୁବ ଗୋଷ୍ଠୀଙ୍କୁ ପାରମ୍ପରିକ ଖାଦ୍ୟ ପ୍ରତି ଆକୃଷ୍ଟ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଅଟେ। ପ୍ରକଳ୍ପ ସଂଯୋଜକ ବିଜ୍ଞାନ ଶିକ୍ଷକ ସୁନିଲ କୁମାର ସାହୁ ଏହି କାର୍ଯ୍ୟକ୍ରମର ମାର୍ଗ ଦର୍ଶନ କରିଥିଲେ।

# କଲ୍ୟାଣ ମଣ୍ଡପ ଉନ୍ନତି ନାଁରେ ଅର୍ଥ ଆତ୍ମସାତ ଅଭିଯୋଗ

ଖଜୁରିପଡ଼ା, ୧୭।୨ (ବିଦୁର ବେହେରା)

କନ୍ଧମାଳ ଜିଲ୍ଲା ଖଜୁରିପଡ଼ା ବ୍ଲକ ସଦର ମହକୁମା ଖଜୁରିପଡ଼ାରେ କଲ୍ୟାଣ ମଣ୍ଡପ ଉନ୍ନତି କରଣ ନାଁରେ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସେହି ଟଙ୍କାରେ ନିର୍ମାଣ ହୋଇଥିବା କାର୍ଯ୍ୟ ଦେଖିଲେ ସରକାରୀ ଅର୍ଥ ଠିକାଦାର ଏବଂ ଯନ୍ତ୍ରୀ ହରିଲୁଟ କରିଥିବା ସନ୍ଦେହ ହେଉଥିବା ବ୍ଲକ କଂଗ୍ରେସ ଅଭିଯୋଗ କରିଛି। କଲ୍ୟାଣୀ ମଣ୍ଡପ ଠାରେ ୨ଟି ସୂଚନା ଫଳକ ରହିଛି। ସେଥିରେ ଗୋଟିଏ ସୂଚନା ଫଳକରେ ୯ ଲକ୍ଷ ଅନୁଦାନ ଖର୍ଚ୍ଚ ହୋଇଥିବା ସୂଚନା ଥିବା ବେଳେ ଅନ୍ୟଟିରେ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ରହିଛି। ଆର୍ଥିକ ବର୍ଷ ୨୦୨୪-୨୫ ରେ କଲ୍ୟାଣ ମଣ୍ଡପ ଉନ୍ନତି କରଣ କରିବା ପାଇଁ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଯୋଜନାରେ ୯ ଲକ୍ଷ ଟଙ୍କା ଅନୁଦାନ ସରକାର ପ୍ରଦାନ କରିଥିଲେ। ସେହିଟଙ୍କାରେ ଫେନ୍ସିଙ୍ଗ,ବ୍ଲକ, ଡ୍ରେନ୍, ଆଉ କିଛି ପାଚେରି ନିର୍ମାଣ କାର୍ଯ୍ୟ କରାଯାଇଛି ବୋଲି ଯନ୍ତ୍ରୀ ସନ୍ତୋଷ କୁମାର ପାତ୍ର କହିଥିବା ବେଳେ ଆଉ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା କାର୍ଯ୍ୟ ପୂର୍ବତନ ଯନ୍ତ୍ରୀଙ୍କ ସମୟରେ ହୋଇଛି ବୋଲି କହିଛନ୍ତି। ଆଉ ଏକ ସୂଚନା ଫଳକରେ ଆର୍ଥିକ ବର୍ଷ ୨୦୨୪-୨୫ରେ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଯୋଜନାରେ ୩ ଲକ୍ଷ ଟଙ୍କା ମଧ୍ୟ କଲ୍ୟାଣୀ ମଣ୍ଡପ ଉନ୍ନତି କରଣରେ ଖର୍ଚ୍ଚ ହୋଇଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି। ଏହି ୩ ଲକ୍ଷ ଟଙ୍କା ଖର୍ଚ୍ଚରେ ଯେଉଁ ଟିଣ ଛପର ଷ୍ଟାଣ୍ଡ କରାଯାଇଛି। ସେଥିରେ ନିମ୍ନମାନର ଟିଣ ଛପର ହୋଇଥିବାରୁ ମାସ କେତୋଟି ନ ପୁରୁଣୁ ଟିଣ ଫାଟି ଯାଉଛି। ୯ ଲକ୍ଷ ଟଙ୍କା ଖର୍ଚ୍ଚରେ ଯେଉଁ ଫେନ୍ସିଂ ବ୍ଲକ ଓ ଡ୍ରେନ ନିର୍ମାଣ ହୋଇଛି ତାହା ମଧ୍ୟ ସନ୍ଦେହ ଜନକ। ତେଣୁ ଏହା ଉପରେ ଦୁର୍ନୀତି ନିବାରଣ ବିଭାଗକୁ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କଂଗ୍ରେସର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପିତାମର ସାହୁ, ପୂର୍ବତନ ସମିତି ସଭ୍ୟ ଗୌରିଚରଣ ବେହେରା, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ସ୍ୱାଧୀନ ବେହେରା ପ୍ରମୁଖ କହିଛନ୍ତି। ସହକାରୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ଖଡ଼ଙ୍ଗା ସରକାରୀ ଅର୍ଥ ସଠିକ ଭାବେ ବିନିଯୋଗ ହୋଇଥିବା କହିଛନ୍ତି। ସେହିପରି ବିଡ଼ିଓ ଶୁଭ ଦତ୍ତାତ୍ରେୟ କାଗଜ ପତ୍ରରେ କାମ ଠିକ ଥିବା କହିଛନ୍ତି। ଏମିତି ପ୍ରତିନିଧି ମନୋଜ ପଣ୍ଡା ସୂଚନା ଫଳକରେ ଯେତେ ଟଙ୍କା ଉଲ୍ଲେଖ ରହିଛି ସେତିକି କାମ ହୋଇଥିବା ନେଇ ସନ୍ଦେହ ରହୁଛି ବୋଲି କହିଛନ୍ତି। ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ କହିଛନ୍ତି, ସୂଚନା ଫଳକରେ ଉଲ୍ଲେଖ ଥିବା ଟଙ୍କା ଏବଂ ନିର୍ମାଣ ହୋଇଥିବା କାର୍ଯ୍ୟ ସନ୍ଦେହ ଜନକ ବୋଲି କହିଛନ୍ତି। ବ୍ଲକ ଉପାଧ୍ୟକ୍ଷ ଅମିତ ଦିଗାଲ କାମ ବିଷୟରେ ଜାଣି କ୍ଷୋଭ ପ୍ରକାଶ କରିଛନ୍ତି।




# ଦିବ୍ୟାଙ୍ଗ ଛାତ୍ରଙ୍କ ମାଟ୍ରିକ୍ ପରୀକ୍ଷାକୁ ନେଇ ଅନିଶ୍ଚିତତା

ଦିଗପହଣ୍ଡି,୧୭।୨ (ଅଶେଷ ନାଥ ମିଶ୍ର)

ଗୁରୁବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ସାନଖେମୁଣ୍ଡି ବ୍ଲକ ଖଳିଙ୍ଗି ସରକାରୀ ହାଇସ୍କୁଲର ଦିବ୍ୟାଙ୍ଗ ଛାତ୍ର ଗୌତମ ମହାନ୍ତି ମାଟ୍ରିକ୍ ପରୀକ୍ଷା ଦେବାପାଇଁ ଆଡମିଟ କାର୍ଡ ପାଇଛନ୍ତି। ହେଲେ ତାଙ୍କ ପରୀକ୍ଷାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ବୋର୍ଡ କର୍ତ୍ତୃପକ୍ଷଙ୍କ ନିୟମ ଅନୁସାରେ ଯେଉଁ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଲେଖି ପାରୁ ନ ଥିବେ ସେମାନଙ୍କ ନିମନ୍ତେ ତଳ ଶ୍ରେଣୀରେ ପଢୁଥିବା କେହି ଜଣେ ପରୀକ୍ଷା ହଲରେ ବସି ସେ କହିବା ପ୍ରକାରେ ଉତ୍ତର ଲେଖିବେ। ଗୌତମ ୫୦ ପ୍ରତିଶତ ଦିବ୍ୟାଙ୍ଗ ବୋଲି ପ୍ରମାଣପତ୍ର ପାଇଛନ୍ତି। ସେ ଠିକ ଭାବେ ଲେଖି ପାରୁ ନ ଥିବା କାରଣରୁ ତାଙ୍କ ତରଫରୁ କିଏ ଉତ୍ତର ଖାତାରେ ଲେଖିବେ ତାହାକୁ ନେଇ ମଙ୍ଗଳବାର ସୁଦ୍ଧା କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇପାରି ନ ଥିବା ଗୌତମଙ୍କ ବାପା ଭଗବାନ ମହାନ୍ତି କହିଛନ୍ତି। ଏ ନେଇ ପୂର୍ବରୁ ସେ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ ମଧ୍ୟ ଏଯାଏ ପୁଅ ପାଇଁ କିଏ ପରୀକ୍ଷା ହଲରେ ବସିବେ ତାହା ଜାଣି ନ ଥିବା ଉଲ୍ଲେଖ କରିଛନ୍ତି। ଏନେଇ ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ଉଇକେଙ୍କୁ ଯୋଗାଯୋଗ କରିବାରୁ ସେ ଜିଲ୍ଲା ଶିକ୍ଷାଧିକାରୀ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ସାନଖେମୁଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୋଟେଶ୍ୱ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଗୌତମ ପଢୁଥିବା ହାଇସ୍କୁଲର ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେବେ। ତାଙ୍କ ପାଇଁ ପରୀକ୍ଷା ହଲରେ ବସିବାକୁ ତଳ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରଙ୍କୁ ଚୟନ କରାଯାଇଛି। ଚିହ୍ନଟ ପାଇଁ ତାଙ୍କ ଆଧାର କାର୍ଡ ଓ ସ୍କୁଲ ପରିଚୟପତ୍ର ନକଲ ସଂଗ୍ରହ କରାଯାଇଛି। ନିୟମ ପ୍ରକାରେ ଉତ୍ତର ଲେଖିବା ପାଇଁ ତାଙ୍କୁ ଘଣ୍ଟା ପ୍ରତି ୨୦ ମିନିଟ ହିସାବକୁ ନେଇ ୫୦ ମିନଟ ଅତିରିକ୍ତ ସମୟ ଦିଆଯିବ ବୋଲି କହିଛନ୍ତି।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଭଞ୍ଜନଗର,୧୭।୨(ବାବୁଲା ପ୍ରଧାନ)

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଉଦଘାଟିତ ହୋଇଛି। ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାକୁ ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ଛାତ୍ରୀଛାତ୍ରମାନେ ପାଠ ପଢ଼ା ସହ କ୍ରୀଡା କ୍ଷେତ୍ରରେ ମଧ ନିଜର ଦକ୍ଷତା ପ୍ରଦର୍ଶନ କରିବା ଆବଶ୍ୟକ। ସୁନ୍ଦର ସ୍ୱାସ୍ଥ୍ୟ ପାଇଁ କ୍ରୀଡା ନିହାତି ଆବଶ୍ୟକ ବୋଲିସ୍ ସେ କହିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଅମିତ୍ ମିଶାଲ , ଡ. ରଞ୍ଜନ କୁମାର ନାୟକ ଓ ଶ୍ରୀହର୍ଷ ବାଲା, ଛାତ୍ର ପ୍ରତିନିଧି ଓମ ପ୍ରକାଶ ମହାନ୍ତି ଏବଂ ଜଗଦୀଶ ପ୍ରଧାନ ସଂଯୋଜନା କରିଥିଲେ । ଅନୁଷ୍ଠାନର ଆସିଷ୍ଟାଣ୍ଟ ପ୍ରଫେସର ପ୍ରକାଶ କୁମାର ସାହୁ, ସସ୍ମିତା ବେହେରା, କେ. ପ୍ରକାଶ ରେଡ଼ି, ଡ. ସତ୍ୟବାଦୀ ମାର୍ଥା, ଡ. ବାବୁରାମ ପାଣି, ଅଶ୍ୱିନୀ କୁମାର ସାହୁ, ଅକ୍ଷୟ କୁମାର ସେଠୀ, ବନଲତା ସାମଲ ଓ ଅଣ ଶିକ୍ଷକ କର୍ମଚାରୀ ଜ୍ୟୋସ୍ନା କର, ମାନସ କୁମାର ବେହେରା, ମହେଶ କୁମାର ପଟ୍ଟନାୟକ, ଅକ୍ଷୟ କୁମାର ସାହୁ, ଏମ. ରମେଶ କୁମାର, ରଙ୍କନିଧି ସାହୁ, ମନୁ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

# ୮୦ ବର୍ଷ ପରେ ବି ମିଳୁନି ବର୍ଦ୍ଧିତ ଭତ୍ତା

ଦାରିଙ୍ଗବାଡ଼ି,୧୭।୨ (ଅରୁଣ ସାହୁ)

■ପୁରୁଣା ଭୋଟ ପରିଚୟକୁ ବାଦ ଦେଇ ନୂଆ କରାଯାଇଛି

■୨ଟି ପରିଚୟ ପତ୍ର ଯୋଗୁ ମିଳୁନି ବର୍ଦ୍ଧିତ ଭତ୍ତା

ହାତରେ ବଙ୍କୁଲି ବାଡ଼ି ଧରି ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ପହଞ୍ଚିଲେ। ସେଠାରେ ଅଭିଯୋଗ କରିଥିଲେ ବି ସେ ଅନୁଭବ କଲେ ତାଙ୍କ ଗୁହାରିକୁ କେହି କର୍ଣ୍ଣପାତ କରୁନାହାନ୍ତି। ପରେ ବାହାରକୁ ଆସି କାନ୍ଦି କାନ୍ଦି କହିଲେ ମୋ ଭୋଟ ପରିଚୟ ପତ୍ରରେ କୁଆଡ଼େ ୮୦ବର୍ଷ ହୋଇନାହିଁ । ମୋତେ ତ ସରକାର ଏହି ପରିଚୟ ପତ୍ର ଦେଇଛନ୍ତି। ମୋ ନିକଟରେ ପରିଚୟ ପତ୍ର ରହିଛି। ମୁଁ ଯାହାକୁ ଦେଖାଉଛି ସମସ୍ତେ କହୁଛନ୍ତି ମୋର ଏଠି ୮୦ବର୍ଷ ପାର ହୋଇଛି। ହେଲେ ମୋତେ କାହିଁକି ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଉନାହିଁ ବୋଲି କୋହ ଭରା କଣ୍ଠରେ ଦାରିଙ୍ଗବାଡ଼ି ପଞ୍ଚାୟତ ସାରିଙ୍ଗିଇର୍ପି ଗ୍ରାମର ଦେମେନ୍ତିନା ନାୟକ କହିଛନ୍ତି। ୧୯୯୪ ମସିହାରେ ଦେମେନ୍ତିନାଙ୍କୁ ମିଳିଥିବା ଭୋଟ ପରିଚୟ ପତ୍ରରେ ସେହି ସମୟରେ ତାଙ୍କୁ ଅର୍ଥାତ ୧ ଜାନୁୟାରୀ ୧୯୯୪ ସୁଦ୍ଧା ୪୯ ବର୍ଷ ହୋଇଥିଲା। ଉକ୍ତ ପରିଚୟ ପତ୍ର ନଂ. (ଓଆର /୧୫ /୧୦୩/୩୪୬୪୬୦) ରେ ଏହି ତଥ୍ୟ ରହିଥିବା ବେଳେ ଏବେ ସେହି ପରିଚୟ ପତ୍ର ଅନୁସାରେ ତାଙ୍କ ବୟସ ବୃଦ୍ଧି ପାଇ ୮୧ ରେ ପହଞ୍ଚିଥିବା ଦେମେନ୍ତିନା କହିଛନ୍ତି। କିନ୍ତୁ ତାଙ୍କୁ ୬୯ ବର୍ଷ କୁହାଯାଉଥିବାରୁ ସେ ଆଶ୍ଚର୍ଯ୍ୟ ହୋଇପଡିଛନ୍ତି। ପୂର୍ବରୁ ସେ ବାର୍ଦ୍ଧକ୍ୟ ଭତ୍ତା ପାଉଥିଲେ ହେଲେ ଏବେ ବୟସ ବଢ଼ିଥିବାରୁ ତାଙ୍କୁ ବର୍ଦ୍ଧିତ ଭତ୍ତା ମିଳିବା କଥା। ହେଲେ ତାଙ୍କର ଆଉ ଗୋଟିଏ ପରିଚୟ ପତ୍ର ଅନ୍‌ଲାଇନରେ ଶୋ'କରୁଛି। ପରିଚୟ ପତ୍ର ନଂ. (ଆରଇଡି ୧୨୦୫୫୮୨) ଓ ବୟସ ୬୯ ଫଳରେ ସେ ବର୍ଦ୍ଧିତ ଭତ୍ତା ପାଉ ନ ଥିବାରୁ ଚିନ୍ତାରେ ରହିଛନ୍ତି। ଏନେଇ ଦାରିଙ୍ଗବାଡ଼ି ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଖେତୀଶ ପ୍ରିୟଦର୍ଶୀ ସାହୁ କହିଛନ୍ତି ଯେ, ପୁରୁଣା ପରିଚୟ ପତ୍ର ଅନଲାଇନ୍‌ରେ ରଦ୍ଦ ହୋଇଥିବା ଯୋଗୁ ଶୋ କରୁନି। ତେଣୁ ନୂତନ ପରିଚୟ ପତ୍ର ଅନୁସାରେ ତାଙ୍କ ବୟସ ଅନୁସାରେ ସେ ବର୍ଦ୍ଧିତ ଭତ୍ତା ପାଇପାରିବେ ନାହିଁ। ବ୍ଲକ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୁରେଶ ପଣ୍ଡା କହିଛନ୍ତି ଯେ, ଯଦି ତାଙ୍କ ସ୍କୁଲ ସାର୍ଟିଫିକେଟ ରହିଥିବ ସେହି ଅନୁସାରେ ଏହାକୁ ସଂଶୋଧନ କରିହେବ। ଦେମେନ୍ତିନା କହିଛନ୍ତି ଯେ, ତାଙ୍କର କେହି ନାହାନ୍ତି। ସେ ଏକୁଟିଆ ତେଣୁ ଖାଇବା ସହ ଔଷଧ, ପୋଷାକ ଓ ଅନ୍ୟାନ୍ୟ ଚଳଣି ପାଇଁ ଅର୍ଥ ବାଧକ ସାଜିଛି। ସରକାର ଏହାର ତଦନ୍ତ କରି ତାଙ୍କୁ ବର୍ଦ୍ଧିତ ଭତ୍ତା ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି।



## ବେଟି ବଚାଓ ବେଟି ପଢାଓ, ସାଇବର ସୁରକ୍ଷା ସଚେତନତା

ଧରାକୋଟ,୧୭।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ୍ ମିଶନଶକ୍ତି ଭବନ ପରିସରରେ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ବେଟି ବଚାଓ ବେଟି ପଢାଓ ଏବଂ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଡିପିଓ ସୁନୀଲ ପ୍ରଭା ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡ. ଶଙ୍କର ନାରାୟଣ ବେହେରା, ସମ୍ମାନୀତ ଅତିଥି ଭାବରେ ଆସିକା ଥାନା ସାଇବର ସେଲ ଅଧିକାରୀ ଅଲିସ୍ମିତା ଜେନା, ଏବିଇଓ ସୌରୀ ଶଙ୍କର ବେହେରା, ହୃଦାନନ୍ଦ ଜେନା, ଜିଲା ହବ ସାମର୍ଥ୍ୟର ବବିତା ମହାରଣା, ଏସ୍‌ବିଆଇର କେ.ଦିବ୍ୟଲୋଚନ ପାତ୍ର, ଭିଆଇଡିଏସ୍ କାଉନସିଲର ମଣ୍ଟୁ ଜେନା, ପ୍ରଭାତ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସିଆରସିସି ଜଗନ୍ନାଥ ପଢ଼ିହାରି, ପ୍ରମୋଦ ସେଠୀ, ପ୍ରଭାତ କିରଣ ସାହୁ, କିରଣବାଳା ନାୟକ, ଶର୍ମିଷ୍ଠା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୁପର ଭାଇଜର ରାଜଲକ୍ଷ୍ମୀ ପ୍ରଧାନ ସଂଯୋଜନା କରିଥିଲେ ।

# ନାଟ୍ୟକାର ଆପନ୍ନା ପରିଚ୍ଛାଙ୍କ ଜୟନ୍ତୀ



ପାରଳାଖେମୁଣ୍ଡି,୧୭।୨ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷୀଣି ସମାଜ ସଭାଗୃହରେ ନାଟ୍ୟକାର ଆପନ୍ନା ପରିଚ୍ଛାଙ୍କ ୧୪୮ତମ ଜୟନ୍ତୀ ପାଳିତ ହୋଇଛି। ଆପନ୍ନା ପରିଚ୍ଛା ସ୍ମୃତି ସଂସଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଡ.ସୁଜିତ୍ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଡ.ବିପ୍ଲବ ରଞ୍ଜନ ପ୍ରଧାନ, ଡ.କଲ୍ୟାଣୀ ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଡ.ସୁଜିତ୍ ପଣ୍ଡାଙ୍କୁ ଆପନ୍ନା ପରିଚ୍ଛା ସ୍ମୃତି ସମ୍ମାନ-୨୬, ଶିକ୍ଷାବିତ୍ ଦେବାଶିଷ ମହାପାତ୍ରଙ୍କୁ ଆପନ୍ନା ପରିଚ୍ଛା ପ୍ରତିଭା ସମ୍ମାନ-୨୫, ଓ ଅଷ୍ଟମ ଶ୍ରେଣୀ ଛାତ୍ରୀ ରୋହିଣୀ କୁମ୍ଭଙ୍କୁ ଶିଶୁ ପ୍ରତିଭା ସମ୍ମାନ-୨୫ ପ୍ରଦାନ କରାଯାଇଥିଲା। ସମ୍ପାଦକ ମୂରଲୀଧର ପରିଚ୍ଛା ବିବରଣୀ ପାଠ କରିଥିଲେ। ଅଧାପିକା ଶ୍ୱେତ ପଟ୍ଟନାୟକ, ଅଧାପିକା ଅଞ୍ଜନା ପଟ୍ଟନାୟକ, ଗାୟତ୍ରୀ ପଟ୍ଟନାୟକ, ସ୍ନେହା ବେହେରା, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ନିତ୍ୟାନନ୍ଦ ଚୌଧୁରୀ, ଆର୍ତ୍ତତ୍ରାଣ ଚଇନି, ସଂଗୀତା ପାତ୍ର, ତ୍ରିପତି ପଣ୍ଡା, ବିଷ୍ଣୁ ପଣ୍ଡା, ସୁଜ୍ଞାନ ଚାନ୍ଦ ବ୍ରହ୍ମା ପ୍ରମୁଖ ଯୋଗ ଦେଇଥିଲେ।

## ଦିବ୍ୟାଙ୍ଗଙ୍କୁ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚାଇଲେ ସୁରକ୍ଷାକର୍ମୀ

ଦାରିଙ୍ଗବାଡ଼ି,୧୭।୨ (ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ୍ ସଭାଗୃହରେ ସୋମବାର ଜିଲାପାଳ ବେଦ ଭୂଷଣ ଲୋକଙ୍କ ଅଭିଯୋଗ ଶୁଣୁଥିଲେ। ଅଭିଯୋଗ କରିବା ପାଇଁ ଏକାଧିକ ଦିବ୍ୟାଙ୍ଗ ଓ ବିଭିନ୍ନ ଦୁଃସାଧ ରୋଗରେ ଆକ୍ରାନ୍ତ ରୋଗୀ ପହଞ୍ଚିଥିଲେ। ସେମାନେ ଭିଡ଼ ଭିତରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ସାଧାରଣ ଲୋକଙ୍କ ଭଳି ଯାଇ ପହଞ୍ଚିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ତେବେ ଅଭିଯୋଗ ଶୁଣାଣି ବେଳେ ଏକାଧିକ ସୁରକ୍ଷାକର୍ମୀ ଓଏସ୍‌ଏପି ଭିଡ଼ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ପରିସ୍ଥିତିର ତଦାରଖ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ସୁରକ୍ଷକର୍ମୀ ଦିଲୀପ କୁମାର ସେଠୀ ଜଣେ ଦିବ୍ୟାଙ୍ଗଙ୍କୁ ତାଙ୍କ ଟ୍ରାଇ ସାଇକଲରେ ଜିଲାପାଳଙ୍କ ନିକଟରେ ପହଞ୍ଚାଇବାରେ ସହାୟତା କରିଥିଲେ। ତାଙ୍କର ଏଭଳି କାର୍ଯ୍ୟକୁ ସମସନ୍ତେ ପ୍ରଶଂସା କରିଛନ୍ତି।

## ନିଖୋଜ ଯୁବକଙ୍କ ମୃତଦେହ ଜବତ

ଛତ୍ରପୁର,୧୭।୨(ଦିଲ୍ଲୀପ ସାମଲ):

ଛତ୍ରପୁର ଥାନା ଅଧିନ ପୋଡାପଦର ବଡ଼ଶଙ୍ଖ ନିକଟ କେନାଲରୁ ନିଖୋଜ ହୋଇଥିବା ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ତରେଇପାଟପୁର ଗ୍ରାମର ଜି. ଏଙ୍କେଟ ରାଓ। ଜି. ଏଙ୍କେଟ ବଡ଼ଶଙ୍ଖ ତଳେ ଚପଲ ଓ ଗାଡ଼ି ରହିଥିବା ନେଇ ସନ୍ଦେହ ହେବା ପରେ ପୋଲିସ ଓ ଅଗ୍ନିଶମ ବିଭାଗର ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଖୋଜାଖୋଜି ଜାରି ରଖିଥିଲେ। ସୋମବାର ଜି .ଏଙ୍କେଟ ସୁନ୍ଦରପୁର ଯାତ୍ରା ଦେଖି ପରେ ତାଙ୍କ ବାଇକ ଯୋଗେ ମଲାଡ଼ ଶ୍ୱଶୁର ଘର ଯାଉଥିବା ବେଳେ ଅଘଟଣ ଘଟିଥିବା ଅନୁମାନ କରାଯାଉଛି।

## ୧୨ ଏକର ଗଞ୍ଜେଇ ଗଛ ପୋଡ଼ାଗଲା

ବାଲିଗୁଡ଼ା,୧୭।୨ (ସଞ୍ଜୟ କୁମାର ପାଣିଗ୍ରାହୀ)

କ.ନୂଆଗାଁ ଥାନା ସାଇନ୍‌ପଡା ଅଞ୍ଚଳରୁ ବେଆଇନ ଭାବେ ଲଗା ଯାଇଥିବା ଗଞ୍ଜେଇ ଚାଷକୁ ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ାଉ କରି ନଷ୍ଟ କରିଛି। ବେଆଇନ ଗଞ୍ଜେଇ ଚାଷ ରୋକିବାକୁ ପ୍ରଶାସନ ପ୍ରୟାସ ଚଳାଇଛି। ସାଇନ୍‌ପଡା ଜଙ୍ଗଲ ଅଞ୍ଚଳରେ ପ୍ରାୟ ୧୨ ଏକର ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ କରାଯାଇଥିଲା। ଉକ୍ତ ଗଞ୍ଜେଇ ଗଛ ସବୁ କାଟି ପୋଡ଼ି ଦିଆଯାଇଛି। ଏସଂକ୍ରାନ୍ତରେ କ.ନୂଆଗାଁ ଥାନାରେ ୩୨/୨୬ରେ ଏକ ଏନଡିପିଏ ମାମଲା ରୁଜୁ କରାଯାଇଥିବା ବିଷୟ ଥାନାଧିକାରୀ ଆଶୁତୋଷ ଜେନା କହିଛନ୍ତି।

ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍
ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
ISO 9001-14001 18001 Certified
BALIMELA HYDRO ELECTRIC PROJECT: POST:BALIMELA, DIST: MALKANGIRI (ODISHA): PIN: 764051
Phones:06861-291058(O)/ 291048 (R)< Email- bhep.balimela@gmail.com>/unit.head_balimela@yahoo.com
REGISTERED OFFICE: ODISHA HYDRO POWER CORPORATION LIMITED (A Government of Odisha Undertaking)
Bhoi Nagar, Janapath, Bhubaneswar-751022, Tel:91-0674-2542983, 2542802, 2545526, 2542826, GRAM:HYDROPOWER,
e-mail:ohpc.co@gmail.com/md@ohpcltd.com, WEB: www.ohpcltd.com, CIN: U40101OR1995SGC003963
TENDER CALL NOTICE
NOTICE INVITING TENDER No.BHEP/64/2025-26, Dated 13.02.2026
No.4001/30/2526:Sealed tenders are invited in single part bid (i.e. Techno-Commercial bid) basis for "Refilling of Fire Extinguishers for BHEP, Balimela for the year 2025-26" from Manufacturers/Authorized dealers for the following.

| Sl. No. | Description of Materials | Estimated Cost | Cost of tender paper (Non-re-fundable) in Rs. | EMD in Rs. | Period of avail-ability of tender at OHPC website | Last Date & Time of receipt of Tender | Date & Time of Opening of Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Refilling of Fire Extingusihers of BHEP, Balimela for the year 2025-26 | Rs.4,43,967/- | 2360/- (2000/- GST @ 18%) | 3,800/- | 17.02.2026 To 10.30 Hrs. of 27.02.2026 | Upto 11.30 Hrs. of dated 27.02.2026 | 12.30 Hrs on Dated 27.02.2026 |

For details of the tender documents, terms & conditions please visit our website www.ohpcltd.com.
OIPR-4001/4019/1/25-26/0003
Sd./- C&P Head, BHEP, Balimela

Bhubaneswar Municipal Corporation
SWACHH SURVEKSHAN 2025-26
Progress Through Partnership for Better Bhubaneswar
No.9070/Date : 13.02.2026/
xxxxx-Ⅱ-SBAC 177/2025
Advertisement Notice
No.13001/271/2526 : Bhubaneswar Municipal Corporation (BMC), Bhubaneswar invites the Request for Proposal (RFP) for **Street Sweeping, Bush Cutting, Drain desilting and Collection & Transportation of Collected Waste under 6 work packages,** as reflected hereunder, in conformity with the Detailed Request for Proposal (RFP). The bidders should have the necessary Portal Enrolment (with own Digital Signature Certificate). The bid documents comprising of eligibility criteria, instruction to bidders, scope of the work etc. can be seen / downloaded from e-procurement portal of Govt. of Odisha i.e. www.tendersodisha.gov.in and website of BMC i.e. https://www.bmc.gov.in/. The details are as follows:

| Sl. No. (1) | Name of the Work (2) | Bid Security (3) | Cost of Document (4) | Period of Contact (5) | NIT no. and date (6) |
|---|---|---|---|---|---|
| 1 | Street Sweeping, Bush Cutting, drain desilting and Collection & Transportation of Collected Waste under Package-1 (North Zone-1) ward no. 1,2,3,4,5,6,9,10,11,12,17 & 18 | 5,00,000/- | 10,000/- | 24 months (extendable to further 12 months) | 9026 and 13.02.2026 |
| 2 | Street Sweeping, Bush Cutting, drain desilting and Collection & Transportation of Collected Waste under Package-2 (North Zone-2) ward no. 7,8,13,14,15,16,20,21,22,25,26 and 27 | 5,00,000/- | 10,000/- | 24 months (extendable to further 12 months) | 9032 and 13.02.2026 |
| 3 | Street Sweeping, Bush Cutting, drain desilting and Collection & Transportation of Collected Waste under Package-3 (South West Zone-1) ward no. 44,45,53,54,55,56,57,58,59,60,61 and 67 | 5,00,000/- | 10,000/- | 24 months (extendable to further 12 months) | 9038 and 13.02.2026 |
| 4 | Street Sweeping, Bush Cutting, drain desilting and Collection & Transportation of Collected Waste under Package-4 (South West Zone-1) ward no. 23,24,48,49,50,51,52,62,63,64,65 and 66 | 5,00,000/- | 10,000/- | 24 months (extendable to further 12 months) | 9044 and 13.02.2026 |
| 5 | Street Sweeping, Bush Cutting, drain desilting and Collection & Transportaion of Collected Waste under Package-5 (South East Zone-1) ward no. 19,30,31,32,33,34,41,42 and 43 | 5,00,000/- | 10,000/- | 24 months (extendable to further 12 months) | 9050 and 13.02.2026 |
| 6 | Street Sweeping, Bush Cutting, drain desilting and Collection & Transportaion of Collected Waste under Package-6 (South East Zone-2) ward no. 28,29,35,36,37,38,39,40,46 and 47 | 5,00,000/- | 10,000/- | 24 months (extendable to further 12 months) | 9056 and 13.02.2026 |

The Request for Proposal (RFP) shall be available from 17.02.2026 at 11:00 A.M. till 4:00 P.M. on 11.03.2026 (last date and time of submission of proposal). The technical and financial bids must be submitted online in www.tendersodisha.gov.in and shall be opened online on the same date i.e. at 4:30 P.M. on 11.03.2026. A pre-bid meeting is scheduled to be held at 12:00 noon on 24.02.2026.
Sd./- Additional Commissioner
Bhubaneswar Municipal Corporation
OIPR-13001/13002/1/25-26/0030

No.13001/262/2526
CUTTACK MUNICIPAL CORPORATION
"e" PROCUREMENT NOTICE
Tender Call Notice No.2012 (PW) Date.13.02.2026
Tender ID: 2025_ORULB_123961
Bid Value: Rs.2.48 Lakhs to Rs.48.31 Lakhs
Date and Time Schedule: One Calendar Month to Three Calendar Months.

| Start | End | Opening |
|---|---|---|
| 11.00 AM on dt.17.02.2026 | 5.00 PM on dt.02.03.2026 | 11.00 AM on dt.07.03.2026 |

Tender Details: can be seen from the procurement portal: www.tendersorissa.gov.in
Sd./-
Executive Engineer
City Division-III, CMC
OIPR-13001/13031/1/25-26/0027

ODISHA BIGYAN ACADEMY
No.28001/1/2526:Nominations in the prescribed proforma are invited by the Odisha Bigyan Academy, Science & Technology Department, Government of Odisha, Bhubaneswar for the following Awards for the **Award Year 2024 based on scientific contributions up to 31st December, 2023**.
**1. Odisha Young Scientists Award working within the State of Odisha Category - Life Sciences**
**2. Odisha Young Scientists Award working within the State of Odisha Category - Physical Sciences**
(Upper age of Young Scientists must not exceed 35 years on 31st December, 2023)
For detail guidelines and nomination proforma, please log on to Odisha Bigyan Academy website: **www.odishabigyanacademy.nic.in**
The nomination proforma can be downloaded from the above website. Nominations in the duly filled-in proforma as per guidelines to be sent to the Secretary, Odisha Bigyan Academy in the following address along with all particulars & documents. Nominees for Odisha Young Scientists Award are required to mention Thomson Reuter Impact Factor against the list of publications and should mention number of total Citations, h index & i 10 index at the top of the publications list.
The last date for receipt of nominations is **05.03.2026 (upto 5.00 pm). Nominations received after due date and time shall not be taken into consideration.**
Secretary, Odisha Bigyan Academy,
B/2, Saheed Nagar, Bhubaneswar-751 007,
Odisha (INDIA)
OIPR-28001/28002/1/25-26/0001

idco Your power to grow ISO 9001 & 14001 Corporation
ODISHA NEW OPPORTUNITIES
No.4001/24/2526
OFFICE OF THE CHIEF GENERAL MANAGER (CIVIL)
IDCO, IDCO TOWER, BHUBANESWAR
Bid Identification No.Civil/EST/29/2025-26
TCN No.3143, Dt.03.02.2026
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
**1.Name of the Work:** Construction of Block level Stadium (with Indoor Hall) in Koida Block under Sundargarh District. 2. Value of the Work: Rs.1364.21 Lakhs. 3. Period of Completion: 9 (Nine) Calendar Months. 4. Availability of tender online for Bidding: i. Start Date: 18.00 Hours of dt.18.02.2026. ii. End Date: 17.00 Hours of dt.05.03.2026. iii. Opening Date: 11.30 Hours of dt.06.03.2026.
Tender details can be seen from the e-procurement portal **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**
Sd./-Chief General Manager (Civil)
IDCO, Bhubaneswar
OIPR-4001/4075/1/25-26/0006

THE ODISHA STATE COOPERATIVE BANK LTD.
Pandit Jawaharlal Nehru Marg, Bhubaneswar-751 001
Ref.No.OSCB/HRDD/5929/ 2025-26 Date:16.02.2026
TENDER CALL NOTICE
No.39001/10/2526: Tenders invited from registered and reputed insurance companies/brokers for Group Health Insurance policy of Employees and their dependents of the Odisha State Cooperative Bank, Pandit Jawaharlal Nehru Marg, Bhubaneswar-751001 by quoting premium for a period of 1 (one) year from 07.03.2026 to 06.03.2027.
The detailed list can be obtained only from the official website www.odishascb.com from 17.02.2026 to 27.02.2026. For any queries, please consult the HRD Department of OSCB in the office hours or through No. 0674-2374194/155/156.
OIPR-39001/39012/1/25-26/0001
Sd./- Managing Director

OFFICE OF THE NOTIFIED AREA COUNCIL, CHANDBALI
Pin : 756133 (Odisha)
E-Mail : chandbalin-hud@gov.in/chandbali.nac@gmail.com
LETTER NO - 779 DT : 13.02.2026
Corrigendum
**No.13001/270/2526** : In reference to Tender Call Notice No. 297 dtd. 29.01.2026 (Bid Identification No. EO CHANDBALI & Tender ID 2026_ORULB_125196_1) for "Supplying of Cleaning & Sanitation Manpower and Execution of Road Sweeping, Cleaning & other Sanitation Works in all Chandbali NAC",the following changes shall apply to the Clauses as mentioned below:
**Clause 11. on Page 1** ("As per the Works Department Letter No 5984/Dtd. 27.04.2021, it is hereby decided that, no Provisions regarding Bid Security should be kept in the Bid Documents and only provision for "Bid Security Declaration" should be kept") of DTCN is replaced as mentioned below:
**"The Bid Security/EMD shall be paid at the time of submission of proposal by the bidder."**
Clause 14 "The bidder should not have any record of past blacklisting/ debarment/termination from any Central Govt./State Govt./Govt. organizations/ PSUs." of Page 2 under Eligibility criteria is replaced with the following
**"The bidder should not have any record of blacklisting/debarment/ termination from any Central Govt./State Govt./Govt. organizations/PSUs for a period of last 3 year."**
Under **Annexure III** at page no. 16 the term **"recent past"** shall mean **"for a period of last 3 years."** With the above corrigendum Last date for availability of online bid, receiving of bids & date of opening have been extended as detailed below.

| Sl. No. | Parameter | Date & Time as Notified earlier | Extended Date & time |
|---|---|---|---|
| 1 | Date and time for availability of bids "Online" | 10:00 A.M. of 30.01.2026 to 05:30 P.M. of 17.02.2026 | 10.00 A.M. of 30.01.2026 to 05:30 P.M. of 19.02.2026 |
| 2 | Last Date and Time for received of bids "Online" | 17.02.2026 of 05:30 P.M. | 19.02.2026 05:30 P.M. |
| 3 | Date and Time of Opening of bids | 18.02.2026 by 11:00 A.M. | 20.02.2026 by 11:00 A.M. |

All other terms and conditions remain unchanged.
Sd./- Executive Officer
Chandbali NAC
OIPR-13001/13129/1/25-26/0008

## ସଂକ୍ଷେପରେ

### କୁହୁଡ଼ି ଯୋଗୁ ଦୁର୍ଘଟଣା, ୩ ଗୁରୁତର

ହିଞ୍ଜିଳିକାଟୁ,୧୭।୨(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ସମରଝୋଳ ଛକ ନିକଟରେ ମଙ୍ଗଳବାର ଭୋରରେ ଘନ କୁହୁଡି ଯୋଗୁ ସଡ଼କ ଦୁର୍ଘଟଣା ଘଟି ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବଡଗଡ ଥାନା ଓଳମ୍ବା ଗ୍ରାମର ଶିବରାମ ଭୂୟାଁ (୨୧), ହାଡିଚିରା ଗ୍ରାମର ଫକିର ସ୍ୱାଇଁ (୨୧) ଓ ଶୁଭମ ବିଶୋୟୀ(୧୮)। ସେମାନେ ବ୍ରହ୍ମପୁର ଠାରୁ ଏକ ବାଇକରେ ନିଜ ଗ୍ରାମକୁ ଫେରୁଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଆସିକା,୧୭।୨(ସୁରେନ୍ଦ୍ର ନାଥ ସାହୁ):

କେନ୍ଦୁପଦରସ୍ଥିତ ଏନବିସି କଲେଜରେ ୮ଦିନ ଧରି ଚାଲିଥିବା ବାଳିକା ଆତ୍ମ ରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି । ମଙ୍ଗଳବାର କଲେଜ ପରିସରରେ ଅଧକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପବିତ୍ର ମୋହନ ସାହୁ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାର ଆବଶ୍ୟକତା ଉପରେ କହିଥିଲେ । ଶିବିରରେ ପ୍ରଶିକ୍ଷିକା ଭାବେ ଦାୟିତ୍ୱ ନେଇଥିବା ସଙ୍ଗୀତା ନାହାକ ଏବଂ ଲିଜା ପାତ୍ର ଯୁକ୍ତ୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ଶିଖାଇଥିଲେ । କାର୍ଯ୍ୟକ୍ରମର ସହ ସଂଯୋଜିକା ଅଧ୍ୟାପିକା ସ୍ୱପ୍ନାରାଣୀ ପଟ୍ଟନାୟକ ଓ ଅଧ୍ୟାପିକା ଶୁଭଶ୍ରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବୈଜ୍ଞାନିକ ଓ କୃଷକ ସମନ୍ୱୟ ରହିଲେ କୃଷି ଉତ୍ପାଦନ ବଢ଼ିବ

## ୩୪ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ଭଞ୍ଜନଗର,୧୭।୨(ବାବୁଲା ପ୍ରଧାନ)




ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ୩୪ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବୈଜ୍ଞାନିକ ଏବଂ ଚାଷୀମାନେ ଯୋଗଦେଇଥିଲେ। କୃଷି କ୍ଷେତ୍ରରେ କିଭଳି ଉତ୍ପାଦନ ବୃଦ୍ଧି ପାଇବ ସେ ଉପରେ ଆଲୋଚନା ହୋଇଥିଲା। ବୈଜ୍ଞାନିକ ଓ କୃଷକ ମଧ୍ୟରେ ସମନ୍ୱୟ ରହିଲେ କୃଷି ଉତ୍ପାଦନ ବୃଦ୍ଧି ପାଇବ ଓ କୃଷକମାନଙ୍କ ଆର୍ଥିକ ଉନ୍ନତି ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଅଧକ୍ଷ ପ୍ରଫେସର୍ ପ୍ରସନ୍ନଜିତ୍ ମିଶ୍ର ବୈଠକରେ ଅନଲାଇନ ମାଧ୍ୟମରେ ଅଧକ୍ଷତା କରିଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶବିଦ୍ୟାଳୟ ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଡ. ସନତ କୁମାର ଦ୍ୱିବେଦୀ ସଭାକୁ ସଂଯୋଜନା କରିଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆଳୁ ଗବେଷଣା କେନ୍ଦ୍ରର ଅଧିକାରୀ ପ୍ରଫେସର ଡ. ଅଶୋକ କୁମାର ମିଶ୍ର, କନ୍ଧମାଳ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ନାରାୟଣ ବାର ଓ ବ୍ରହ୍ମପୁର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ ସୁଜିତ କୁମାର ନାଥ, ଗଞ୍ଜାମ ଜିଲା ମୁଖ୍ୟ କୃଷି ଅଧିକାରୀ ଡ ଅଜୟ କୁମାର କର, ଭୁବନେଶ୍ୱର ଉଦ୍ୟାନ ଗବେଷଣା କେନ୍ଦ୍ରର ଡ ଗୋବିନ୍ଦ ଆଚାର୍ଯ୍ୟ, କୋଲକାତା କୃଷି ବିଜ୍ଞାନ କେନ୍ଦ୍ରର ଡ. କଲ୍ୟାଣ ସୁନ୍ଦର ଦାସ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଗଣେଶ ଚନ୍ଦ୍ର ମହାନ୍ତି, ଜି, ଉଦୟଗିରି କୃଷି ଗବେଷଣା କେନ୍ଦ୍ରର ମୁଖ୍ୟ ଡ. ଜ୍ଞାନଲୋକ ଦାସ, ଭଞ୍ଜନଗର ଜିଲା କୃଷି ଅଧିକାରୀ ବ୍ୟୋମକେଶ ମିଶ୍ର, ସହକାରୀ ଉଦ୍ୟାନବିତ୍ ଇତିଶ୍ରୀ ପ୍ରିୟଦର୍ଶିନୀ, ସହକାରୀ ମତ୍ସ୍ୟ ଅଧିକାରୀ ଏସ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ସୂତନୁ ଶତପଥି ସ୍ୱାଗତ ଭାଷଣ ଦେଇଥିଲେ। ୨୦୨୬-୨୭ରେ କ'ଣ ସବୁ କାର୍ଯ୍ୟକ୍ରମ ହେବ ସେନେଇ ଖସଡ଼ା ପ୍ରସ୍ତୁତ ହୋଇଥିଲା । ସମନ୍ୱିତ ଚାଷ, ଉନ୍ନତ ପ୍ରଣାଳୀରେ କଦଳୀ ଏବଂ ପିଜୁଳି ଚାଷ, ପାକଶାଳା ବଗିଚା, ଛତୁ ଚାଷ, କୁକୁଡ଼ା, ଛେଳି, ମେଣ୍ଢା ,ଫୁଲ ଚାଷ ଦ୍ୱାରା କିଭଳି ଚାଷୀଙ୍କ ଆୟ ବୃଦ୍ଧି ହେବ ତାହା ଉପରେ କହିଥିଲେ। ଅତିଥି ମାନଙ୍କ ଦ୍ୱାରା କୃଷି ବିଜ୍ଞାନ କେନ୍ଦ୍ରର ସ୍ମରଣିକା ଉନ୍ମୋଚିତ ହୋଇଛି। ଶିତିକଣ୍ଠ ମିଶ୍ର,ପୂଜାରଣି ବିଷୋୟୀ, ବନଜା ତ୍ରିପାଠୀ, ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆର୍‌ଟିଇ ପଞ୍ଜୀକରଣ ପ୍ରକ୍ରିୟା ଅନୁଧ୍ୟାନ କଲେ ଜିଲାପାଳ



ଆରଟିଇ ପଞ୍ଜୀକରଣ ପ୍ରକ୍ରିୟା ଅନୁଧ୍ୟାନ କରୁଛନ୍ତି ଜିଲାପାଳ।

ଗୋପାଳପୁର୧୭।୨
(ନବୀନରାଜ୍ ଆଚାରୀ)

ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ନିମନ୍ତେ ଘରୋଇ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ରାଜ୍ୟ ସରକାର ଶିକ୍ଷା ଅଧିକାର ଅଧିନିୟମ ଆଇନ-୨୦୦୯(ଆରଟିଇ) ପ୍ରକାରେ ୨୫ ପ୍ରତିଶତ ସିଟ୍ ସଂରକ୍ଷଣ ରଖିବା ବାଧ୍ୟତାମୂଳକ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ରଙ୍ଗେଇଲୁଣ୍ଡା ବ୍ଲକରେ ଅନଲାଇନରେ ପଞ୍ଜୀକରଣ ପ୍ରକ୍ରିୟା ଚାଲିଛି। ମଙ୍ଗଳବାର ଗଞ୍ଜାମ ଜିଲାପାଳ ଭି. କିର୍ତ୍ତି ଭାସନ ରଙ୍ଗେଇଲୁଣ୍ଡା ବିଇଓଙ୍କ କାର୍ଯ୍ୟାଳୟକୁ ଯାଇ ନାମଲେଖା ପ୍ରକ୍ରିୟା କିଭଳି ଚାଲିଛି ତାହା ତଦାରଖ କରିଥିଲେ। ବର୍ତ୍ତମାନ ଏହି ବ୍ଲକରେ ୯୫୨ ଜଣ ପଞ୍ଜିକରଣ କରିଥିବା ବେଳେ ୨୫୦ରୁ ଊର୍ଦ୍ଧ୍ୱ ଫର୍ମ ଯାଞ୍ଚ ସରିଥିବା ସୂଚନା ମିଳିଛି। ଅନ୍ୟପଟେ ଏହି ବିଇଓଙ୍କ ଅଧିନରେ ବ୍ରହ୍ମପୁର ମହାନଗର ନିଗମ, ରଙ୍ଗେଇଲୁଣ୍ଡା ଓ ଗୋପାଳପୁର ଏନଏସି ରହିଛି। ବ୍ରହ୍ମପୁରରେ ୮୧୨, ରଙ୍ଗେଇଲୁଣ୍ଡାରେ ୨୨୭ ଓ ଗୋପାଳପୁର ଏନଏସିରେ ୩୬ଟି ସିଟ୍ ରହିଛି। ନିୟମିତ ଭାବେ ଫର୍ମ ଗୁଡ଼ିକ ଯାଞ୍ଚ କରାଯାଉଛି। ଏହାକୁ ଦେଖି ଜିଲାପାଳ ତୁରନ୍ତ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଭିଣୋଇଙ୍କୁ ହତ୍ୟା ଧମକ ଅଭିଯୋଗରେ ଶାଳକ ଗିରଫ, ବନ୍ଧୁକ ଜବତ

ବୁଗୁଡ଼ା,୧୭।୨(କାଳିଚରଣ ଦାଶ)



ଗିରଫ ଅଭିଯୁକ୍ତ

ବୁଗୁଡ଼ା ଥାନା ଅନ୍ତର୍ଗତ ବାଲିପଦର ଗ୍ରାମ କୁମୁଟିସାହିର ଟୁକୁନା ଡାକୁଆଙ୍କୁ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେବା ଅଭିଯୋଗରେ ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ତାଙ୍କଠାରୁ ବନ୍ଧୁକ ଜବତ କରିଛି। ସେ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଠାକୁରାଣୀ ମନ୍ଦିର ସାହିର ମନୋଜ କୁମାର ଡାକୁଆ(୨୮)। ଏନେଇ କେସ୍ ନଂ. ୭୭/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ପ୍ରକାଶ ଯେ, କିଛି ଦିନ ତଳେ ଭିଣଇ ଟୁକୁନା ତାଙ୍କର ଶାଳକଙ୍କୁ ମ୍ୟୁଚୁଆଲ ଫଣ୍ଡ ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନରେ ନିବେଶ କରିବା ପାଇଁ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆରେ ଏକ ଆକାଉଣ୍ଟ ଖୋଲିବାକୁ ପରାମର୍ଶ ଦେଇଥିଲେ। ପରାମର୍ଶ ଅନୁସାରେ ମନୋଜଙ୍କ ଠାରୁ ନିବେଶ ପାଇଁ ୫ ଜହାର ଟଙ୍କା ନେଇ ଟୁକୁନା ତାହାରି ନାମରେ ବ୍ୟାଙ୍କରେ ଏକ ଆକାଉଣ୍ଟ ଖୋଲି ଜମା କରିଥିଲେ। ପରବର୍ତ୍ତୀ ସମୟରେ ମନୋଜ ଦେଇଥିବା ଟଙ୍କା ବାରମ୍ବାର ମାଗିଥିଲେ ହେଁ ଟୁକୁନା ତାଙ୍କୁ ଭଣ୍ଡାଇ ଚାଲିଥିଲା। ଟଙ୍କା ଫେରସ୍ତରେ ବିଳମ୍ବ ହେତୁ ବିରକ୍ତ ହୋଇ ସୋମବାର ରାତିରେ ମନୋଜ ମଦ୍ୟପାନ କରି ଟୁକୁନାଙ୍କ ଘରେ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇଥିଲା। ଏଥିରେ ଭୟଭୀତ ହୋଇ ଟୁକୁନା ଭିତରପଟୁ ଘର କବାଟ ବନ୍ଦ କରି ଅନ୍ୟ ଜଣକ ସହାୟତାରେ ପୋଲିସକୁ ଖବର ଦେଇଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ମନୋଜଙ୍କୁ ଗିରଫ କରି ତାଙ୍କଠାରୁ ବନ୍ଧୁକ ଜବତ କରିଥିଲା। ଏହି ଘଟଣାର ତଦନ୍ତ ଦାୟିତ୍ୱରେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ରହିଥିବା ଜଣାପଡ଼ିଛି।

# ନୂତନ ବିଜେଡି ବ୍ଲକ ସଭାପତିଙ୍କୁ ସମ୍ବର୍ଦ୍ଧନା

ଚକାପାଦ,୧୭।୨
(ପ୍ରତାପ କିଶୋର ବେହେରା)

ବିଜେଡି ସୁପ୍ରିମୋଙ୍କ ନିର୍ଦ୍ଦେଶକ୍ରମେ ଚକାପାଦ ବ୍ଲକ୍‌ର ବିଜେଡି ସଭାପତି ଭାବେ ପ୍ରେମାନନ୍ଦ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ୧୨ ପଞ୍ଚାୟତର ସମସ୍ତ କର୍ମୀ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରତି ପଞ୍ଚାୟତର ସଭାପତି ନୂତନ ବ୍ଲକ ସଭାପତିଙ୍କ ମାର୍ଗଦର୍ଶନ ଅନୁଯାୟୀ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି ଦଳୀୟ ସଂଗଠନ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ଅତିଥି ଭାବେ ବ୍ଲକ୍ ଅଧକ୍ଷ ବୈନେନ୍ଦ୍ର କହଁର, ଉପାଧକ୍ଷ ସୋମନାଥ ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ କର୍ମୀ ବିମଳ ଦିଗଲ ପରିଚାଳନା କରିଥିଲେ। ଶେଷରେ ସଂଗଠନକୁ ମଜଭୁତ ପାଇଁ ଯାହା ଆବଶ୍ୟକ ପଡ଼ିବ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ, ଜେଲ ଗଲେ ଅଭିଯୁକ୍ତ

ଦିଗପହଣ୍ଡି,୧୭।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଅଞ୍ଚଳର ଏକ କଲେଜରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳା ଶ୍ରେଣୀରେ ପଢୁଥିବା ୧୭ ବର୍ଷୀୟା ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ସେ ହେଲେ ପଦ୍ମ ନାୟକ। ଏନେଇ ପଦ୍ମଙ୍କୁ ତଦନ୍ତକାରୀ ଅଧିକାରୀ ଦିଗପହଣ୍ଡି ଥାନା ଏସଆଇ ରାଜ କିଶୋର ପାତ୍ର ବ୍ରହ୍ମପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରିଛନ୍ତି। ନଂ.୧୮/୨୬ ଭାରତୀୟ ନ୍ୟାୟ ସଂହିତାର ଦଫା – ୧୩୭(୨)/୮୭ ସମେତ ୨୦୧୨ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ ଅନୁଯାୟୀ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଜାନୁଆରୀ ୬ ତାରିଖରୁ ଛାତ୍ରୀଙ୍କୁ ଅପହରଣ କରାଯାଇଥିଲା। ଘରେ ମା'ଙ୍କୁ କଲେଜ ଯାଉଛି କହି ଛାତ୍ରୀ ଜଣକ ଯାଇଥିଲେ। ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କ ସନ୍ଧାନ ମିଳି ନ ଥିଲା। ଜାନୁଆରୀ ୧୩ରେ ଛାତ୍ରୀଙ୍କ ବାପା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ସଦଳବଳେ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢାଉ କରିଥିଲେ ମଧ ଛାତ୍ରୀଙ୍କ ସନ୍ଧାନ ମିଳି ନ ଥିଲା। ଅଭିଯୁକ୍ତ ତାଙ୍କ ମୋବାଇଲ ଫୋନରୁ ଛାତ୍ରୀଙ୍କ ପରିବାର ଲୋକଙ୍କୁ ନାନା କଥା କହି ଧମକ ଦେଇଥିଲେ। ଉକ୍ତ ଫୋନ ନମ୍ବରକୁ ପୋଲିସ ଟ୍ରାକିଂ କରିଥିଲେ। ସୋମବାର ଅପରାହ୍ନ ପ୍ରାୟ ୪ ଟାରେ ଅଭିଯୁକ୍ତ ଛାତ୍ରୀଙ୍କୁ ନେଇ ବ୍ରହ୍ମପୁର ରେଲୱେ ଷ୍ଟେଶନରେ ଥିବା ଖବର ପାଇ ଦିଗପହଣ୍ଡି ପୋଲିସ ଟିମ୍ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଛାତ୍ରୀଙ୍କୁ ଉଦ୍ଧାର କରିଥିଲା। ପରେ ବ୍ରହ୍ମପୁର ନିମଖଣ୍ଡି ଥାନା ଏସଆଇ ଶକ୍ତିମୟୀ ବେହେରା ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା। କୋର୍ଟରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଅଭିଯୁକ୍ତ ଛାତ୍ରୀଙ୍କୁ ଅପହରଣ କରି ତାମିଲନାଡୁର ଚିଟୋଡେ ସହରକୁ ନେଇଯାଇଥିଲେ। ଜାନୁଆରୀ ୯ ରେ ଅଭିଯୁକ୍ତ ଏକ ଘରଭଡ଼ା କରି ସେଠାରେ ୧୪ ତାରିଖ ଯାଏ ରଖି ବାରମ୍ବାର ବଳାତ୍କାର କରିଥିଲେ। ପରେ ତାଙ୍କୁ ଆନ୍ଧ୍ରର ବିଶାଖାପାଟଣା ନେଇ ଆସିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି।

# ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଉଦ୍‌ଘାଟିତ

ତୁମୁଡିବନ୍ଧ,୧୭।୨(ଦୀପକ କୁମାର ପରାସେଠ)

ତୁମୁଡିବନ୍ଧ ବ୍ଲକ ସଭା ଗୃହରେ ମଙ୍ଗଳବାର ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ତୁମୁଡିବନ୍ଧ ବ୍ଲକ ଆକାଂକ୍ଷୀ ସହାୟକ ଉଦୟ ଖିଲାର ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବରେ ତୁମୁଡିବନ୍ଧ ବ୍ଲକ ଅଧକ୍ଷା ବାସନ୍ତୀ ମାଝି, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧକ୍ଷ ସନ୍ତୋଷ କୁମାର ସାହୁ, ବିଡିଓ ବନବିହାରୀ ହରପାଲ, ସିଡିପିଓ ବନଜା ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଡମ୍ବରୁ ଧର ସାହୁ, ଅତିରିକ୍ତ କୃଷି ଅଧିକାରୀ ସରୋଜ କୁମାର ଶତପଥୀ ଓ ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜକ ବାଦଲ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ମୁଖ୍ୟ ଓ ସମ୍ମାନୀତ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା। ନୀତି ଆୟୋଗର ମାନଦଣ୍ଡ ଅନୁସାରେ ତୁମୁଡିବନ୍ଧ ଆକାଂକ୍ଷାଭିମୁଖୀ ବ୍ଲକ ହୋଇଥିବାରୁ ଛଅ ଗୋଟି ମୁଖ୍ୟ କାର୍ଯ୍ୟ ଦକ୍ଷତା ସୂଚକ ମାନଦଣ୍ଡକୁ ଶତ ପ୍ରତିଶତ ପରିପୂର୍ଣ୍ଣତା କରିବା ଉପରେ ଉପସ୍ଥିତ ଥିବା ସମସ୍ତେ ଶପଥ ନେଇଥିଲେ।

# ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ

ଫୁଲବାଣୀ,୧୭।୨(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଚକାପାଦ ବ୍ଲକ ବେହେରା ଗାଁ ପଞ୍ଚାୟତ ସୁନାପାଙ୍ଗା, ଲଦା ଗ୍ରାମକୁ ଲକ୍ଷ୍ମୀ ବସ୍ ଚଳାଚଳ କରୁନାହିଁ। କିନ୍ତୁ ବସ୍ ସମ୍ମୁଖରେ ଲାଗିଥିବା ବୋର୍ଡରେ ଲେଖା ଯାଇଛି। ଏନେଇ ବାରମ୍ବାର ଅଭିଯୋଗ କରାଯାଉ ଥିଲେ ହେଁ ବ୍ଲକ୍ ପ୍ରଶାସନ କିଛି ଶୁଣୁନାହିଁ। ସେହିପରି ସୁନାପାଙ୍ଗା ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଗ୍ରାମରେ ଯେଉଁ କେତୋଟି ନଳକୂପ ଥିଲା, ସେଥିରୁ ଅଧିକ ଅଚଳ ହୋଇପଡିଛି। ତାହା ମରାମତି କରାଯାଉ ନାହିଁ। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏସବୁ ସମସ୍ୟାର ସମାଧାନ ପାଇଁ ଗ୍ରାମର ବହୁ ମହିଳା ବିଡଓଙ୍କୁ ଭେଟିବାକୁ ଯାଇଥିଲେ। ହେଲେ ବିଡିଓ ତାଙ୍କ କଥା ଶୁଣି ନ ଥିଲେ । ବାଧ ହୋଇ ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ସୌଦାମିନୀ କହଁର, ସମିଲତା ପ୍ରଧାନ, ରଚନା କହଁର, ବାସନ୍ତୀ ବେହେରାଙ୍କ ସମେତ ବହୁ ମହିଳା ଆସି ଏହି ଦାବିପତ୍ର ପ୍ରଦାନ କରିଥିଲେ ।

# ବିଶ୍ୱଶାନ୍ତି ମହାଯଜ୍ଞରେ ପ୍ରବଚନ

ଗଞ୍ଜାମ,୧୭।୨(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଝାଡେଶ୍ୱର ଶୈବପୀଠରେ ୧୧ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ମହା ଆଡ଼ମ୍ବର ସହକାରେ ଆୟୋଜିତ ହେଉଛି। ଏଥିରେ ବଡ଼ମ୍ବା ଅଞ୍ଚଳର ପ୍ରବଚକ ସୁକାନ୍ତ ଦାଶ ମହାରାଜ ଯୋଗଦେଇ ପ୍ରବଚନ ଦେଇଥିଲେ। ଭାଗବତ ଜଗନ୍ନାଥ ସଂସ୍କୃତି, ରାମାୟଣ କଥା ସମ୍ପର୍କରେ ପ୍ରବଚନ ଦେଇଥିଲେ। ହଜାର ହଜାର ଶ୍ରଦ୍ଧାଳୁ ପ୍ରବଚନ ଶ୍ରବଣ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।ଏହି କାର୍ଯ୍ୟକ୍ରମକୁ ସମାଜିକ କର୍ମୀ ଦୁର୍ଯ୍ୟୋଧନ ସାହୁ ସମେତ ସମସ୍ତ ମନ୍ଦିର ପରିଚାଳନା କମିଟି ଏହାର ସୁପରିଚାଳନାରେ ସହଯୋଗ କରିଥିଲେ।


**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE: C/2, Nayapalli, Bhubaneswar - 751012
CIN: U51211OR1980SGC000894
Tel. No.: 0674-239539, Fax No.: 0674-2395291, Website: www.oscsc.in
Tender No. 2809/P-II/25/2025/PDS Dt.16.02.26
No. 7001/10/2526: Managing Director, Odisha State Civil Supplies Corporation Ltd., invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the Work | Selection and appointment of transport contractor for inter-district transportation of Custom Milled Rice (CMR) from source district Puri to recipient district Cuttack in the State of Odisha |
| 2 | Availability of bid document in the portal | From 17.02.2026 |
| 3 | Last date/time for receipt of bids in the portal | Dt.24.02.2026 upto 5.00 P.M. |
| 4 | Date/time of Opening of Technical Bid | Dt.25.02.2026 at 11.00 A.M. |
| 5 | Name and address of the Officer Inviting Tender | Managing Director, OSCSC Ltd., C/2 Nayapalli, Bhubaneswar |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in**. Amendments/Corrigendum/Cancellation/retenders etc. if any shall be published only in above websites.
By Order of Managing Director
Sd./- General Manager (Distribution)
OIPR-7001/7002/1/25-26/0004



**PARADIP PORT AUTHORITY**
HARBOUR WORKS DIVISION No.I,
e-TENDER CALL NOTICE
e-TCN No.CE/HWDI/ACCTS-12/25/54, dtd.13.02.2026
Name of the work: "Development of New Plot adjacent to the MCHP plot near BoT Railway bulb towards Gate No.1 inside Harbour area". Put to tender value: Rs.5,47,40,515.26 plus GST as applicable. Last date & time of submission of tender through online bidding is 09.03.2026 up to 17:15 Hrs. For details, please log on to the Website: https://eprocure.gov.in/eprocure/app.
Executive Engineer, Harbour Works Division No.I, PPA.
PPA/PR/68/2025-2026, dt.16/02/2026



**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Required **MARKETING STAFF** for Housing, Lap, Vehicle, Cash Credit, GST Loan from Nationalized Bank on Commission basis. Send resume at :
rajugandhi009@gmail.com

**ଡ୍ରାଇଭର/ଷ୍ଟାଫ୍ ଆବଶ୍ୟକ**
ଭୁବନେଶ୍ୱରରେ କନ୍‌ଷ୍ଟ୍ରକ୍ସନ ଅଫିସ୍‌ରେ କାର୍ଯ୍ୟ ପାଇଁ **Experience Manager, Accountant, Data Entry Operator, Driver, Cooker** ଓ ଅନ୍ୟାନ୍ୟ ଷ୍ଟାଫ୍ ଆବଶ୍ୟକ। ରହିବା, ଖାଇବା ପାଇଁ ସୁବିଧା ଅଛି।
ଯୋଗାଯୋଗ: 9937499625

**ଆବଶ୍ୟକ**
15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

Admissions Open Nursery to Class VIII
**TEACHERS REQUIRED**
Walk-in with resume on 27th and 28th February 2026, 10 AM-2 PM at Deb International School, Dehurda, Bhograi, Balasore
**Contact:** 9938522033, 9938558877

See Career Appointment on every Wednesday & Saturday

**WANTED**
Wanted male To male massage therapists for spa centre at Bhubaneswar. Age limit 20yrs to 25yrs. Contact: 9861550765



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER NATIONAL HIGHWAY DIVISION, BERHAMPUR**
No. 24001/36/2526 Email Id: eenhbam@gmail.com
**INVITATIONS FOR BIDS (IFB) {e-Procurement}**
**Bid Identification No. SE-NH-BAM/12/2025-26**
No. 866 Dated: 12.02.2026
1. The Superintending Engineer, N.H. Division, Berhampur on behalf of Governor of Odisha invites percentage rate bid in Double Cover system in ONLINE MODE from eligible contractors for construction of Road work as detailed in the table below.
2. Nature of Work : Road (Drain)
3. No. of Work : 1 No.
4. Tender Cost : Rs.10,000/-
5. Class of Contractor : 'B' Class
6. Availability of Bid document in portal : 11.00 A.M. of 20.02.2026 to 05.30 P.M. of 07.03.2026
7. Date of Opening of Bid : 09.03.2026 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tenderssorissa.gov.in**.
9. Any Corrigendum/Addendum/Cancellation of will be displayed in the e-tender website only.
Sd./- Superintending Engineer
NH Division, Berhampur
OIPR-24001/24415/1/25-26/0009



**ପୂର୍ବ ତଟ ରେଳପଥ**
ନିଲାମ ବ୍ୟାଲେନ୍ସ ନଂ. NFR-KUR-WC-PRDP
ଲଟ୍ ନଂ./ବର୍ଗ: MSS-KUR-PRDP-BOXNWC-108-26-4 (Misc-Static-Services-BOXN Wagon Cleaning)
ବିବରଣୀ : [illegible] (Residual Waste) [illegible] (Derbies) [illegible]
ନିଲାମ ଆରମ୍ଭ ତାରିଖ ଓ ସମୟ : ତା.27.02.2026 ରିଖ 1100 ଘଣ୍ଟାରେ, [illegible]
ସମାପ୍ତ: ତା.27.02.2026ରିଖ 1130 ଘଣ୍ଟାରେ।
[illegible] www.ireps.gov.in [illegible]
PR-1126/O/25-26



**ଦ.ପୂ. ରେଳପଥ - ଟେଣ୍ଡର**
[illegible]
www.ireps.gov.in [illegible]
(PR-1199)



ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ, ଚାନ୍ଦବାଲି
**OFFICE OF THE DIVISIONAL FOREST OFFICER, BHADRAK WILDLIFE DIVISION**
At/P.O./P.S.: Chandbali, District: Bhadrak, PIN - 756133
Phone/Fax: 06786-220472, Mob.: +91-9437041541, Email: dfo.bhadrakwl@odisha.gov.in
**e-Procurement Notice**
No. 8001/82/2526 Bids Identification No. DFO-BDK-02/2025-26
Office Order No. 33-1F-431/2025, Dated: Chandbali the 16th Feburary, 2026
1. Name of Works : Construction of "Safe Bathing Ghat"
2. No. of Work : 03 (Three)
3. Approximate estimated cost : 10.41 lakh
4. Class of Contractor : "C" & "D" Class (As per Annexure)
5. Period of Completion : 15 (Fifteen) days
6. Tender Paper Cost : Rs.4,000/-, towards cost of bid as mentioned in Annexure
7. Date & time of availability of bid document in the portal : Dt.17.02.2026 at 11.00 A.M.
8. Last date/time for receipt of bid in the portal : Dt.23.02.2026 upto 11.00 A.M.
9. Date of Opening Bid : Dt.23.02.2026 at 03.00 P.M.
10. Name and address of the Office Inviting Bid : Divisional Forest Officer, Bhadrak Wildlife Division, Chandbali
11. The bidders have to participate in ONLINE bidding only.
12. All other details can be seen from the e-procurement portal **https:/www.tendersodisha.gov.in**.
Sd./- Divisional Forest Officer
Bhadrak (WL) Division
OIPR-8001/8079/1/25-26/0001



**भारतीय प्रौद्योगिकी संस्थान भुवनेश्वर**
**INDIAN INSTITUTE OF TECHNOLOGY BHUBANESWAR**
No.IITBBS/Advt. 25-26/01
**AUCTION NOTICE / नीलामी सूचना**
(IITBBS/Horticulture/Auction/2025-26/01, DATED: 17.02.2026)
Auction Notice for Collection of Cashew Nuts from IIT Bhubaneswar Argul Campus and IIT Bhubaneswar BoBCO Centre, Laudigaon, Konsi, Berhampur.
ଆଇଆଇଟି ଭୁବନେଶ୍ୱର ଅରଗୁଳ କ୍ୟାମ୍ପସ୍ ଏବଂ ଆଇଆଇଟି ଭୁବନେଶ୍ୱର ବବକୋ ସେଣ୍ଟର, ଲଉଡିଗାଁ, କନିସି, ବ୍ରହ୍ମପୁରରୁ କାଜୁ ବାଦାମ ସଂଗ୍ରହ ପାଇଁ ନିଲାମ ବିଜ୍ଞପ୍ତି।
Date and time of Auction : **03.03.2026 (Tuesday) @ 11.00 A.M.**
Auction Notice is available at **www.iitbbs.ac.in**.
Please keep visiting our website for any further corrigendum/amendments.
Sd./- Registrar



**वरीय पुलिस अधीक्षक का कार्यालय, राँची**
सर्वसाधारण के लिए सूचना



नाम–सुकमति मुण्डा, उम्र–32 वर्ष, साथ में सुपुत्र सत्यम कुमार, उम्र–03 वर्ष,
उँचाई–4 फीट, 8 ईंच, रंग–साँवला,
पहनावा–सफेद रंग का सलवार सूट पहनी हुई है।

उपरोक्त लापता महिला सुकमति मुण्डा, उम्र–32 वर्ष, साथ में सुपुत्र सत्यम कुमार, उम्र–03 वर्ष, पति–दिपक कुमार, पता–गाड़ीगॉव, जिला–राँची जो दिनांक–29.01.2026 को घर से बगैर बताए कहीं चली जो आजतक अपने घर वापस नहीं आई है। जिसके संबंध में खेलगॉव थाना सनहा संख्या–11/2026, दिनांक–02.02.2026 दर्ज कर इनकी खाजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
Email ID(rnc-dcb@jhpolice.gov.in)
पुलिस उपाधीक्षक, सदर, राँची। – 9431102090
थाना प्रभारी, खेलगॉव, राँची। – 9431706157
वरीय पुलिस अधीक्षक, राँची
PR 373157 Police(25-26).D



**Government of Odisha** No.25001/132/2526
**Office of the Executive Engineer, Rural Works Division-II, Nabarangpur, Umerkote**
e-mail: eerwukt@gmail.com & eerwukt@ymail.com
Letter No.617, Date:09.02.2026
**GePNIC e-Procurement Notice**
1. Name of the Work: Road Works, 2. Total No.of works: 02 (Two) Nos., 3. Approx. Estimated Cost: Varies from 5.71 Lakhs to 14.61 Lakhs, 4. Class of Contractor: "C" & "D" Class of Contractor, 5. Period of Completion: As per TCN.

| Procurement Officer | Bid Identification No. | Availability of tender online for bidding: From | Availability of tender online for bidding: To | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Nabarangpur, Umerkote | Online Tender/20/ RWD-UKT/ 2025-26 | 16.02.2026 at 11.00 AM | 23.02.2026 upto 5.00 P.M. | 21.02.2026 at 01.00 PM | 24.02.2026 at 11.00 AM |

Further details can be seen from the Government website www.tendersodisha.gov.in
Sd./- Executive Engineer, Rural Works Division-II, Nabarangpur, Umerkote
OIPR-25001/25103/1/25-26/0001

# ଦୁର୍ବଳ ସଂଗଠନ, ନେତୃତ୍ୱ ସଙ୍କଟରୁ ଭାଜପାକୁ ଫାଇଦା

ବ୍ରହ୍ମପୁର,୧୭।୨(ଅଶୋକ କୁମାର ସାହୁ) ଆଗକୁ ପୌର ଓ ପଞ୍ଚାୟତ ନିର୍ବାଚନ ରହିଛି।୩ ଦଳ ଏହି ଦୁଇ ନିର୍ବାଚନ ଉପରେ ଆଖି ରଖିବା ସ୍ୱାଭାବିକ କଥା। କିନ୍ତୁ କଂଗ୍ରେସର ଦୁର୍ବଳ ସଂଗଠନ, ବିଜେଡିରେ ନେତୃତ୍ୱ ସଂକଟ ଉପରେ ଭାଜପା ନଜର ରଖିଛି। ଏଥିରେ ଦଳ ଫାଇଦା ନେବାକୁ ବସିଥିବା ଏବେ ହାଟରେ ବାଟରେ ଆଲୋଚନା ହେଉଛି। ଜିଲାର ଆସିକା, ଛତ୍ରପୁର, ପୋଲସରା, ଭଞ୍ଜନଗର ଓ କବିସୂର୍ଯ୍ୟନଗର ଏନଏସିକୁ ଚଳିତବର୍ଷ ପୌର ପାଳିକାର ମୋହର ବାଜିଛି। ପାତ୍ରପୁର ଓ ଜଗନ୍ନାଥ ପ୍ରସାଦକୁ ନୂଆ ଏନଏସିର ମୋହର ଲାଗିଛି। ମୁନିସିପାଲିଟି ଗୁଡିକରେ ୱାର୍ଡ ପୁନର୍ଗଠନ ବି ହୋଇ ସାରିଛି। ଜଗନ୍ନାଥ ପ୍ରସାଦରେ ବି ୱାର୍ଡ ପୁନର୍ଗଠନ ହୋଇ ସାରିଥିବାବେଳେ ପାତ୍ରପୁରରେ ଖୁବଶୀଘ୍ର ହେବ। ତେବେ ଲୋକସଂଖ୍ୟା ଦୃଷ୍ଟିରୁ ଅଧିକ ୱାର୍ଡ କରାଯାଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଆସନ୍ତା ୨୧ ତାରିଖ ସୁଦ୍ଧା ଏହା ଜଣାପଡିବ। ତେବେ ଯେଉଁ ଦଳ ଶାସନ ଗାଦିରେ ବସିଥିବେ ସେହି ଦଳ ହିଁ ବାଜିମାତ କରିବ ବୋଲି ଜଣେ ବରିଷ୍ଠ ରାଜନେତା କହିଛନ୍ତି। ଅନ୍ୟପକ୍ଷରେ ଆସନ ସଂରକ୍ଷଣ ଓ ଅନୁସୂଚିତ ଜାତି ଓ ଜନଜାତି ଭୋଟ ନିର୍ଣ୍ଣାୟକ ହେବ ବୋଲି କୁହାଯାଉଛି। ତଥାପି ୩ ଦଳ ପୌରାଞ୍ଚଳ ଓ ବିଜ୍ଞାପିତ ପରିଷଦ ଅଞ୍ଚଳକୁ ହାତେଇବାକୁ ପ୍ରାଣପଣେ ଉଦ୍ୟମ କରିବେ ଏଥିରେ ସନ୍ଦେହ ନାହିଁ। ଜିଲାରେ କଂଗ୍ରେସ(ପୂର୍ବ) ସଭାପତି ଭାବେ ରଶ୍ମିରଂଜନ ପଟ୍ଟନାୟକ ରହିଛନ୍ତି। ସେ ବର୍ତ୍ତମାନ ସଭା ସମିତି କରି ସଂଗଠନକୁ ସୁଦୃଢ଼ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ କଂଗ୍ରେସରେ ଗୋଡଟଣାଟଣି ନୀତି ଯୋଗୁ ଦଳ ସେଭଳି ମଜଭୁତ ସ୍ଥିତିକୁ ଆସିପାରୁନାହିଁ। ତଥାପି ରଶ୍ମିଙ୍କ ପତିଆରା ଜିଲାରେ ରହିଥିବା ଆଲୋଚନା ହେଉଛି। ସେ ନିଶ୍ଚିତ ଭାବେ କିଛି ପରିବର୍ତ୍ତନ କରିବାରେ ଲାଗି ପଡିଥିବାବେଳେ ଦଳୀୟ କନ୍ଦଳ ହିଁ ତାଙ୍କୁ ଅସୁବିଧାରେ ପକାଇବ। ସେଭଳି ବିଜେଡିରେ ନେତୃତ୍ୱ ସଂକଟ ଦୀର୍ଘଦିନ ହେଲା ଲାଗି ରହିଛି। ଜିଲା ସଭାପତି ବିକ୍ରମ ପଣ୍ଡା ଜେଲରେ ଥିବାବେଳେ ଦଳ ମୁଖିଆ ଦୁଇ ନୂତନ କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତ ଓ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁଙ୍କୁ ନିଯୁକ୍ତ କରିଛନ୍ତି। ଦଳ ଭିତରେ ଅନେକ ଟାଣୁଆ ନେତା ଥିଲେ ବି ସେମାନେ ଆଗକୁ ଆସିବାକୁ ପସନ୍ଦ କରୁନଥିବା ଦେଖାଯାଉଛି। ଦଳ ଭିତରେ ଏକତା ଥିଲେ ମଧ୍ୟ ନେତୃତ୍ୱ ସଂକଟ ହିଁ ଦଳ ପାଇଁ ମହଙ୍ଗା ପଡିପାରେ ବୋଲି ରାଜନୀତିଜ୍ଞମାନେ କହୁଛନ୍ତି। ତଥାପି ସରକାରଙ୍କ ବିଭିନ୍ନ ବିଫଳତାକୁ ନେଇ ଦଳ ନିଜ କାର୍ଯ୍ୟକ୍ରମ ଜାରି ରଖିଛି। ବର୍ତ୍ତମାନ ଭାଜପା ଶାସନରେ ଅଛି। ଦଳର ଟାଣୁଆ ନେତାମାନେ ଉପରୋକ୍ତ ଦୁଇ ନିର୍ବାଚନ ଉପରେ ନଜର ରଖିଛନ୍ତି। ଦଳୀୟ ସୂତ୍ରରୁ ଜଣାପଡିଛି ଯେ, ସମସ୍ତ ଆସନରେ ସେମାନେ ପ୍ରାର୍ଥୀ ଦେବେ। କିନ୍ତୁ ତୃଣମୂଳସ୍ତରରେ ବିଜେଡିର ସ୍ଥିତି ସେଭଳି ଖରାପ ହୋଇନଥିବାରୁ ଭାଜପା ପାଇଁ ଏହା ଅଡୁଆ କରିପାରରେ ବୋଲି ଆଲୋଚନା ହେଉଛି। ଦୁର୍ବଳ ସଂଗଠନ ଓ ନେତୃତ୍ୱ ସଂକଟରୁ ଭାଜପା ଫାଇଦା ନେଇପାରେ ବୋଲି ଆଶା ରଖିଛି। ଏ ସମ୍ପର୍କରେ ବିଜେଡିର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଦଳୀୟ ନେତୃତ୍ୱ ସଂକଟ କଥାକୁ ସେ ଅସ୍ୱୀକାର କରିଛନ୍ତି। ଦଳ ଏକ ହୋଇ ରହିଛି। ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇନାହିଁ ବୋଲି ସେ କହିଛନ୍ତି। ଏଯାଏଁ ବ୍ରହ୍ମପୁର ମହାନଗରରେ ୩୬ ଗାଁ ମିଶିଥିଲେ ବି ୱାର୍ଡ ସୀମା ନିର୍ଦ୍ଧାରଣ ହୋଇପାରିନାହିଁ। ବ୍ରହ୍ମପୁର ମହାନଗର ବିଜେଡି ହାତରେ ରହିଛି। ତେଣୁ ଚଳିତବର୍ଷ ମହାନଗର ନିଜ ହାତରେ ରହିବ ଅନ୍ୟ ସ୍ଥାନରେ ବି ବିଜେଡି ଭଲ କରିବ ବୋଲି ଆଶା ରଖିଥିବା ସେ କହିଛନ୍ତି। ଏ ସଂକ୍ରାନ୍ତରେ ଭାଜପାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି କୁହନ୍ତି ଯେଉଁ ଦଳ ଶାସନ ଗାଦିରେ ରହେ ପଞ୍ଚାୟତ ଓ ପୌରାଞ୍ଚଳ ଗୁଡିକ ସେମାନେ ହିଁ ଦଖଲ କରୁଥିବା ପୂର୍ବରୁ ନଜୀର ରହିଛି। ତେଣୁ ଭାଜପା ନିଶ୍ଚିତ ଭାବେ ଦଖଲ କରିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।

## ସଂକ୍ଷେପରେ

### ରେଳଧାରଣରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର, ୧୭।୨(ସୁବାସ ଚନ୍ଦ୍ର ପାଢ଼ୀ) ସରକାରୀ ରେଳବାଇ ପୋଲିସ (ଜିଆରପି) ଜଗନ୍ନାଥପୁର ରେଳଷ୍ଟେସନ ପ୍ଲାଟଫର୍ମ ୨-୩ ମଧ୍ୟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ପରିଚୟ ମିଳିନଥିବାବେଳେ ତାଙ୍କୁ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ନଂ. ୮/୨୬ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରେଳ ଧାରଣା ପାର ହେଉଥିବାବେଳେ କୌଣସି ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ସଂରକ୍ଷଣ ଗୃହରେ ରଖାଯାଇଛି। ସୋମନାର ରାତି ଟ୍ରେନଟି ଧକ୍କା ଦେବା ପରେ ସେଠାରେ କିଛି ସମୟ ଅଟକି ଥିଲା। ପୋଲିସ ସମସ୍ତ ଥାନାକୁ ଏନେଇ ବାର୍ତ୍ତା ପଠାଇଛି ବୋଲି ଏସଆଇ ଆରତୀ ପୋଦାର କହିଛନ୍ତି।

### ପରୀକ୍ଷାରେ ଭଲ ଲେଖିନଥିବାରୁ ଘରୁ ଚାଲିଯାଇଥିବା ଭାଇଭଉଣୀ ଉଦ୍ଧାର

ବ୍ରହ୍ମପୁର,୧୭।୨(ସୁବାସ ଚନ୍ଦ୍ର ପାଢ଼ୀ) ଟାଉନ ଥାନା ଅନ୍ତର୍ଗତ ପ୍ରତାପନଗର ଅଞ୍ଚଳରୁ ନିଖୋଜ ହୋଇଯାଇଥିବା ଭାଇଭଉଣୀଙ୍କୁ ୧୯ ଘଣ୍ଟା ପରେ ଉଦ୍ଧାର କରାଯାଇଛି । ପୋଲିସ ଉଭୟଙ୍କୁ ମଙ୍ଗଳବାର ବ୍ରହ୍ମପୁର ରେଳଷ୍ଟେସନରୁ ଉଦ୍ଧାର କରିବା ପରେ ଶିଶୁମଙ୍ଗଳ କମିଟିରେ ହାଜର କରିଛି। ସୂଚନାଥାଉକି, ପ୍ରତାପନଗର ୧ମ ଲାଇନରେ ରହୁଥିବା ସନ୍ତୋଷ କୁମାର ଦାଶଙ୍କ ୧୨ ବର୍ଷୀୟ ଝିଅ ସ୍ମୃତିରାଣୀ ଦାଶ ଓ ୯ ବର୍ଷୀୟ ପୁଅ ଆଦିତ୍ୟ ପ୍ରସାଦ ଦାଶ ସୋମବାର ସନ୍ଧ୍ୟାରେ କେଉଁଆଡେ ନିଖୋଜ ହୋଇ ଯାଇଥିଲେ। ବହୁ ଖୋଜାଖୋଜି ପରେ ଉଭୟଙ୍କ ପତ୍ତା ମିଳିନଥିଲା। ପରିବାର ଲୋକେ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଥିଲା । ବ୍ରହ୍ମପୁର ଏସପିଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ଏସଡିପିଓ ପ୍ରିୟସରଞ୍ଜନ ଛୋଟରାୟଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା । ଏହି ଟିମ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା । ଉଭୟ ଭାଇଭଉଣୀ ବ୍ରହ୍ମପୁର ରେଳଷ୍ଟେସନରେ ଥିବା ଜଣାପଡିବା ପରେ ପୋଲିସ ଉଭୟଙ୍କୁ ସେଠାରୁ ଉଦ୍ଧାର କରିଥିଲା। ତେବେ ସେମାନେ ପରୀକ୍ଷାରେ ଭଲ କରିନଥିବାରୁ ପରିବାର ଲୋକ ମାରପିଟ କରିବେ ଭାବି ଉଭୟ ଘରୁ କାହାକୁ କିଛି ନକହି ଚାଲିଯାଇଥିଲେ। ଯାହାକି ସେମାନଙ୍କୁ ଉଦ୍ଧାର ପରେ ପଚରାଉଚରା ବେଳେ ପୋଲିସ ଜଣିବାକୁ ପାଇଥିଲା।

### ଭାଇଙ୍କ ଘରୁ ଚୋରି କରି ଭାଇ ବନ୍ଧାହେଲେ ସୁନା ଅଳଙ୍କାର, ଟଙ୍କା ଜବତ

ବ୍ରହ୍ମପୁର, ୧୭।୨(ସୁବାସ ଚନ୍ଦ୍ର ପାଢ଼ୀ)

ଗୋସାଣୀନୁଆଗାଁ ଥାନା ଅନ୍ତର୍ଗତ କାଲୁଆ ସାହିରେ ରହୁଥିବା ମହେଶ୍ୱର ସାବତଙ୍କ ଘରୁ ଚୋରି ହୋଇଥିଲା। ଗୃହକର୍ତ୍ତାଙ୍କ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ କାବୁ କରିଛି। ସେ ହେଲେ ଶିବ ଶଙ୍କର ସାବତ(୪୦)। ଅଭିଯୁକ୍ତ ଜଣଙ୍କ ଅଭିଯୋଗକାରୀଙ୍କ ଭାଇ। ପୋଲିସ ଗୋଟିଏ ସୁନା ହାର,ଗୋଟିଏ ଯୋଡ଼ି ସୁନା କାନଫୁଲ, ଗୋଟିଏ ସୁନା ମୁଦି ସହ ନଗଦ ୪ ହଜାର ଟଙ୍କା ଜବତ କରିଛି । ଜେରା ବେଳେ ଅଭିଯୁକ୍ତ ଜଣଙ୍କ ଏକ ପେଷାଦାର ଚୋର ବୋଲି ଜଣାପଡିଛି। ତାଙ୍କ ବିରୋଧରେ ଗୋସାଇଁନୂଆଗାଁ ଥାନା, ସଦର, ଗୋପାଳପୁର , ଗୋଳନ୍ଥରା ଓ ବୈଦ୍ୟନାଥପୁର ଥାନାରେ ୧୭ ଗୋଟି ମମାଲା ରହିଛି। ମାମଲା ନଂ. ୫୮/୨୬ ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ୧୩ ତାରିଖରେ ମହେଶ୍ୱର ସାବତ ଓ ତାଙ୍କ ପରିବାର ଘରେ ତାଲା ପକାଇ ପୁରୀ ଜଗନ୍ନାଥ ଦର୍ଶନ ପାଇଁ ଯାଇଥିଲେ। ଗତ ୧୫ ତାରିଖରେ ଦମ୍ପତ୍ତି ପୁରୀରୁ ବ୍ରହ୍ମପୁର ଫେରିଥିଲେ। ଗ୍ରୀଲ ତାଲା ଭଙ୍ଗାଯାଇଛି। ଘରକୁ ଯାଇ ଦେଖିବା ବେଳେ ଆଲମିରା ଭଙ୍ଗାଯାଇ ତାଙ୍କ ସ୍ତ୍ରୀ'ଙ୍କ ୫ ଭରି ସୁନା ଅଳଙ୍କାର (ଗୋଟିଏ ସୁନା ହାର, ୨ ଯୋଡ଼ି କାନଫୁଲ, ୨ଟି ମୁଦି ) ୨୦ ଭରି ରୁପା ଅଳଙ୍କାର ଓ ନଗଦ ୧୦ ହଜାର ଟଙ୍କା ନ ଥିଲା। ସେମାନେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରେ ଗୃହକର୍ତ୍ତା ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟାଣର ତଦନ୍ତ ବେଳେ ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତ ଶିବ ଶଙ୍କରଙ୍କୁ ଚିହ୍ନଟ କରିଥିଲା। ତାଙ୍କୁ ଟ୍ରାକ କରି ଗିରଫ କରିଥିଲା ବୋଲି ପୋଲିସ କହିଛି।

# ୪ କରତକଳ ଉପରେ ଚଢ଼ାଉ

## ଖସିଗଲେ କର୍ମଚାରୀ ଓ କାଠ ବ୍ୟବସାୟୀ

କବିସୂର୍ଯ୍ୟନଗର,୧୭।୨(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବରିଡା ଏ ଗାଁରେ ବେଆଇନ ଭାବେ ଚାଲିଥିବା ୪ଟି କରତ କଳ ଉପରେ ମଙ୍ଗଳବାର ଭୋର୍‌ରେ ଚଢ଼ାଉ କରାଯାଇଛି। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ ହୋଇଥିଲା। ପୋଲସରା, ବୁଗୁଡ଼ା, ବାଲିପଦର ବନବିଭାଗ ଓ କବିସୂର୍ଯ୍ୟନଗର, ବାଲିଛାଇ, ପୋଲସରା, ପୁରୁଷୋତ୍ତମପୁର ପୋଲିସ ଚଢ଼ାଉରେ ସାମିଲ ହୋଇ ୫ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ଯନ୍ତ୍ରାଂଶ, ମୂଲ୍ୟବାନ କାଠ, ଆସବାପତ୍ର ଓ ବିଭିନ୍ନ ସରଞ୍ଜାମ ଜବତ କରାଯାଇଛି । କାଠ ବ୍ୟବସାୟୀ ଓ ସହଯୋଗୀ ଓ କର୍ମଚାରୀମାନେ ଫେରାର ହୋଇଯାଇଛନ୍ତି। । ବରିଡା ଗ୍ରାମ କାଠ ମାଫିଆଙ୍କ ଭୂସ୍ୱର୍ଗ କହିଲେ ଅତ୍ୟୁକ୍ତି ହେବନାହିଁ । ୧୫ ବର୍ଷ ତଳେ ଗୋଟିଏ



କରତ କଳ ଚାଲୁଥିଲା । ଏହି ସଂଖ୍ୟା ବଢ଼ି ୪ ରେ ପହଞ୍ଚିଥିଲା। ମାଳି ସାହିରେ ୨ଟି, ଶଙ୍କର ମାର୍ଗରେ ଗୋଟିଏ ଓ ଭଣ୍ଡାରୀକଣା ସ୍କୁଲ ପାଖରେ ଗୋଟିଏ କରତକଳ ଚାଲିଥିଲା। ବହୁ ବିଳମ୍ବରେ ହେଲେ ମଧ୍ୟ ସେ ସବୁ ଉପରେ ଚଢ଼ାଉ ହୋଇଛି। ଜବତ ଯନ୍ତ୍ରାଂଶ, ମୂଲ୍ୟବାନ କାଠ, କାଠ ନିର୍ମିତ ଆସବାପତ୍ର ଟ୍ରାକ୍ଟର ଦ୍ୱାରା ବନ ବିଭାଗକୁ ପଠାଯାଇଛି । ତେବେ ଦୀର୍ଘ ବର୍ଷ ହେଲା ଚାଲିଆସୁଥିବା ବେଆଇନ କରତକଳ କାହା ଜାଣତରେ ଚାଲୁଥିଲା ତାହା ତଦନ୍ତ ସାପେକ୍ଷ । ଚଢ଼ାଉ ଅପରାହ୍ନ ଯାଏ ଚାଲୁଥିବା ହେତୁ କେତେ ପରିମାଣର କାଠ ଓ ଅନ୍ୟାନ୍ୟ ଜିନିଷ ଜବତ ହୋଇଛି ସେ ନେଇ ପ୍ରତିକ୍ରିୟା ଦେବାକୁ ଅଧିକାରୀ ମନା କରିଦେଇଛନ୍ତି।

# ଗୋଳନ୍ଥରାରେ ରେଲୱେ କୋଚ୍ ଡିପୋ ନିର୍ମାଣ ପାଇଁ ଦିଲ୍ଲୀରେ ଆନ୍ଦୋଳନ ହେବ

ବ୍ରହ୍ମପୁର,୧୭।୨(ସୁବାସ ଚନ୍ଦ୍ର ପାଢ଼ୀ) ରାଜ୍ୟର ପ୍ରଥମ ତଥା ସର୍ବ ପୁରାତନ ରେଳ ଷ୍ଟେସନ ମଧ୍ୟରୁ ବ୍ରହ୍ମପୁର ରେଳ ଷ୍ଟେସନ ଅନ୍ୟତମ । ଗୋଳନ୍ଥରା ଠାରେ ରେଲୱେ କୋଚ ଡିପୋ ପାଇଁ ବର୍ତ୍ତମାନ ସୁଦ୍ଧା ମନ୍ତ୍ରଣାଳୟ ତରଫରୁ ଅନୁଦାନ ମିଳିନାହିଁ। ବ୍ରହ୍ମପୁର ରେଳ ଷ୍ଟେସନରେ ଅତ୍ୟାଧୁନିକ ରୁଫ ପ୍ଲାଜା ନିର୍ମାଣ କରାଯାଉ ବୋଲି ଦାବ କରିଛି ବ୍ରହ୍ମପୁରର ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି । ଭୁବନେଶ୍ୱରରେ ୧୦୮ ମିଟର, କଟକରେ ୮୫ ମିଟର ଓ ସମ୍ବଲପୁରରେ ପ୍ରସ୍ତାବିତ ୪୦ ମିଟର ଓସାରର ପ୍ଲାଟଫର୍ମ କାର୍ଯ୍ୟକ୍ଷମ କରାଯାଉ ଥିବା ବେଳେ ବ୍ରହ୍ମପୁରରେ କାହିଁକି ବ୍ୟତିକ୍ରମ କରାଯାଉଛି ବୋଲି କମିଟି ପ୍ରଶ୍ନ କରିଛି। ଗୋପାଳପୁର -ରେଢ଼ାଖୋଲ ଓ ଗୋପାଳପୁର - ସିଙ୍ଗିପୁର (ରାୟଗଡା) ନୂତନ ରେଳପଥ ନିର୍ମାଣ ନିମନ୍ତେ ତଥା ଓରିଡ଼ିଲ ଦ୍ୱାରା ସର୍ବେକ୍ଷଣ ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ ଏହାକୁ ଆର୍ଥିକ ଅନୁଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ଏହି ଦାବି ପୂରଣ ପାଇଁ ନୂଆଦିଲ୍ଲୀ ସ୍ଥିତ ରେଳ ମନ୍ତ୍ରାଳୟ ଯନ୍ତର ମନ୍ତର ଠାରେ ଧାରଣା ଦେବାକୁ କମିଟି ସ୍ଥିର କରିଛି ବୋଲି କମିଟିର ଆବାହକ ସରୋଜ ରଞ୍ଜନ ପଟ୍ଟନାୟକ କହିଛନ୍ତି। ମନ୍ତ୍ରାଳୟ ତରଫରୁ ଷ୍ଟେସନର ଭିତିଭୂମି ଉନ୍ନୟନ ପାଇଁ ୯୩.୧୯ କୋଟି ଆର୍ଥିକ ଅନୁମୋଦନ ଦେଇଥିବାରୁ କମିଟି କୃତଜ୍ଞତା ଜ୍ଞାପନ କରିଛି। ପୂର୍ବରୁ ଦାବି ହୋଇଥିବା ୫ ଓ ୬ ନମ୍ବର ପ୍ଲାଟଫର୍ମ ନିର୍ମାଣ,୧୨ ମିଟରର ଫୁଟ ଓଭର ବ୍ରିଜ, ଅତ୍ୟାଧୁନିକ ବୃହତ ମୁଖଶାଳା ଓ ଷ୍ଟେସନରେ ଅନ୍ୟନ୍ୟ ଅତ୍ୟାବଶ୍ୟକ ଆନୁସଙ୍ଗିକ ଭିତିଭୂମି ନିର୍ମାଣ ନିମନ୍ତେ ଉକ୍ତ ଅର୍ଥ ବିନିଯୋଗ ହେବ ବୋଲି ସୂଚନା ମିଳିଛି । ପ୍ରଗତିଶୀଳ ଉତ୍କଳ ସମାଜର ରାଜ୍ୟ ସମ୍ପାଦକ ମାନସ ରଞ୍ଜନ ପାତ୍ର, ଗଞ୍ଜାମ ଜିଲା ବିକାଶ ମଞ୍ଚର ଆବାହକ ରାଜେନ୍ଦ୍ର ପଣ୍ଡା, ଓଡିଶା ଡେଭେଲପମେଣ୍ଟ ଫୋରମର ଭି.ସୋମେଶ ରାଓ ସମେତ ବହୁ ସାମାଜିକ ସଂଗଠନ ଦିଲ୍ଲୀର ଆନ୍ଦୋଳନରେ ଯୋଗ ଦେବାକୁ ସ୍ଥିର କରିଛନ୍ତି ବୋଲି କମିଟି କହିଛି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୧୭।୨(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଆୟୋଜିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ସଂଯୋଜକ ତଥା ଛାତ୍ର କଲ୍ୟାଣ ଅଧିକାରୀ ପ୍ରଫେସର ଗଣେଶ ସେଠିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୨୫-୨୬ ଶିକ୍ଷା ବର୍ଷର ବୃତ୍ତି ପୁରସ୍କାର ସହିତ ସାହିତ୍ୟ, ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଆୟୋଜିତ ସାହିତ୍ୟିକ ପ୍ରତିଯୋଗିତାରେ ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗ ଛାତ୍ର ସ୍ୱସ୍ତି ସୁନ୍ଦର ସିଆ ଆନ୍ତଃ ମହାବିଦ୍ୟାଳୟ ସାହିତ୍ୟିକ ପ୍ରତିଯୋଗିତା ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ବକ୍ତୃତା ଓ ରଚନା, ଅନଙ୍ଗ ମଞ୍ଜରୀ ସ୍ମାରକୀ ରଚନା, କୁଳପତି ଟ୍ରଫି ସହିତ ଆନ୍ତଃ ବିଭାଗୀୟ ଇଂରାଜୀ ଏବଂ ଓଡ଼ିଆ ବକ୍ତୃତା, ଏକ ମିନଟ ବକ୍ତୃତା ଆଦିରେ ଉତ୍କର୍ଷତା ସହ ସଫଳ ହୋଇଥିଲେ। ଏଥି ସହ ଆନ୍ତଃ ମହାବିଦ୍ୟାଳୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଶ୍ୱବିଦ୍ୟାଳୟ ପୁରସ୍କାର ୨୦୨୬ ବିଜୟୀ ହୋଇଛନ୍ତି। ପ୍ରକାଶ ଥାଉକି ସ୍ୱସ୍ତି ସୁନ୍ଦର ଜଣେ ସାଂସ୍କୃତିକ ମଞ୍ଚ ଉପସ୍ଥାପକ, ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଭାବେ ଜଣାଶୁଣା । କାର୍ଯ୍ୟକ୍ରମ ଶେଷରେ ଡ଼ଃ ଶଙ୍କର୍ଷଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ ନାଗରିକଙ୍କ ପାଇଁ ସମ୍ମାନ ଓ ବିଚାର ବିନିମୟ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ମେୟରଙ୍କ ସହ ଅନ୍ୟ ଅଧିକାରୀ।

ବ୍ରହ୍ମପୁର,୧୭।୨(ଅଶୋକ କୁମାର ସାହୁ) ସମାଜକୁ ବରିଷ୍ଠ ନାଗରିକମାନଙ୍କର ଅବଦାନକୁ ସ୍ୱୀକାର କରି ସେମାନଙ୍କ ପ୍ରତି ସମାଜର ଆନୁଗତ୍ୟ ପ୍ରକାଶ କରିବା ଉଦ୍ଦେଶ୍ୟରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସପ୍ତାହ ଜିଲା ପ୍ରଶାସନ ପାଳନ କରୁଛି । ଏହି ପରିପ୍ରେକ୍ଷୀରେ ସୋମବାର ବ୍ରହ୍ମପୁର ମହାନଗର ନିଗମ ନୂତନ ସମ୍ମିଳନୀ କକ୍ଷରେ "ସମ୍ମାନ ଓ ବିଚାର ବିନିମୟ କାର୍ଯ୍ୟକ୍ରମ"ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମେୟର ସଂଘମିତ୍ରା ଦଳେଇ,ଡେପୁଟି ମେୟର ବିବେକ ରେଡ୍ଡୀ, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା , ଆସିଷ୍ଟାଣ୍ଟ କମିଶନର ରୋନିତ କୁମାର, ପ୍ରାକ୍ତନ ଡେପୁଟି କମିଶନର ଆଦିତ୍ୟ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ସମସ୍ତ ବରିଷ୍ଠ ନାଗରିକଙ୍କ ସୁବିଧା ଅସୁବିଧା ବୁଝିବା ସହ ସ୍ନେହ ଓ ସମ୍ମାନ କରିବା ବୋଲି କହିଥିଲେ । ଏହି ଆଲୋଚନାଚକ୍ରର ବିଷୟ ରହିଥିଲା "ବରିଷ୍ଠ ନାଗରିକ ଆମ ବରିଷ୍ଠ ସମ୍ବଳ " । ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଏଥିରେ ସାମିଲ ଥିଲେ। ବିଚାରକ ଭାବେ ଡ଼ ସଂଗୀତା ବାବୁ, ନମିତା ମହାପାତ୍ର ଓ ବିରୁପାକ୍ଷ ଦାସ ଉପସ୍ଥିତ ଥିଲେ । ପ୍ରଥମ ସ୍ଥାନ ସୁଶାନ୍ତ କୁମାର ପଟ୍ଟନାୟକ, ଦ୍ୱିତୀୟ ଏମ ରାଜୀବ ଓ ମିହିର କାନ୍ତ ମହାପାତ୍ର ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ରୋନିତ କୁମାର ସେଠୀ ଓ ଦୀନବନ୍ଧୁ ଶ୍ରିପଲ୍ଲଭ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରହ୍ମପୁର ମହାନଗର ନିଗମ ସାମାଜିକ ସୁରକ୍ଷା ବିଭାଗରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମୂହ ପିଜି ବିଭାଗର ବାର୍ଷିକ ଉତ୍ସବ




କାର୍ଯ୍ୟକ୍ରମରେ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୧୭।୨(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ ଠାରେ ମଙ୍ଗଳବାର ସମୂହ ପିଜି ବିଭାଗର ବାର୍ଷିକ ଉତ୍ସବ ସହ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର୍ ଗୀତାଞ୍ଜଳି ଦାଶ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ,ସମାନୁବର୍ତ୍ତିତା,ଦକ୍ଷତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୁଳସଚିବ ସଚ୍ଚିଦାନନ୍ଦ ନାୟକ,ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ପୁରାତନ ଛାତ୍ର,ଛାତ୍ରୀ ପ୍ରଶାସନିକ ସେବାରେ କୃତିତ୍ୱ ହାସଲ କରିଥିବାରୁ ପ୍ରାଣୀ ବିଜ୍ଞାନ ବିଭାଗର ୨୦୨୦-୨୨ ବ୍ୟାଚର ଛାତ୍ରୀ ଚିନ୍ମୟୀ ତ୍ରିପାଠୀ,ପଦାର୍ଥ ବିଜ୍ଞାନ ବିଭାଗର ୨୦୧୯-୨୧ ବ୍ୟାଚର ଛାତ୍ରୀ ରୋଜାଲିନ ଜେନା ଓ ୨୦୧୬-୧୮ ବ୍ୟାଚର ଛାତ୍ର ସୌମ୍ୟ ରଞ୍ଜନ ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବିଭିନ୍ନ କଲେଜର ବିଭିନ୍ନ ବିଭାଗର ଟପର ୬୦ ଛାତ୍ରୀଛାତ୍ରଙ୍କୁ ସ୍ମୃତି ସ୍ମାରକୀ ମେଧାବୃତ୍ତି ଅର୍ଥରାଶି ସହ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ପୂର୍ବରୁ ଆୟୋଜିତ ସାହିତ୍ୟ,ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ର,ଛାତ୍ରୀ ଙ୍କୁ ପ୍ରମାଣ ପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶାନ୍ତି ସୁନ୍ଦର ସିଆ ମଞ୍ଚ ପରିଚାଳନା କରିଥିବା ବେଳେ ଡ଼ ଶଙ୍କର୍ଷଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଡ଼ ଚିନୁ ବୋହିଦାର, ଡ଼ ନେହା ପାଣ୍ଡେ, ଡ଼.ବନ୍ଦିତା ପଣ୍ଡା,ଡ଼ ମିହିର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ୬୩୩ ମେଧାବୀ ଛାତ୍ରୀଛାତ୍ରଙ୍କୁ ଜ୍ୟୋତି ଫେଲୋଶିପ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଟାଟା ଷ୍ଟିଲ ଫାଉଣ୍ଡେଶନର 'ଅରୁଣିମା-୨୦୨୬'
## ମହିଳା ସଶକ୍ତୀକରଣ ଓ ଜୀବିକା କର୍ମଶାଳାରେ ୫୩୮ ଚାଷୀ ଏବଂ ୩୪୫ ମହିଳା

ବ୍ରହ୍ମପୁର,୧୭।୨(ସୁବାସ ଚନ୍ଦ୍ର ପାଢ଼ୀ) ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ 'ଅରୁଣିମା-୨୦୨୬' କନକ୍ଲେଭର ୮ମ ସଂସ୍କରଣରେ ଅନଗ୍ରସର ଅନୁସୂଚିତ ଜାତିର ୬୩୩ ମେଧାବୀ ଛାତ୍ରଛାତ୍ରୀଙ୍କୁ 'ଜ୍ୟୋତି ଫେଲୋସିପ' ପ୍ରଦାନ କରାଯାଇଛି। ଫାଉଣ୍ଡେସନର ଗୋପାଳପୁର ୟୁନିଟ ଦ୍ୱାରା ଆୟୋଜିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀ, ମହିଳା, କୃଷକ, କ୍ଷେତ୍ର ବିଶେଷଜ୍ଞ ଏବଂ ଜନପ୍ରତିନିଧିମାନେଏକତ୍ରିତ ହୋଇଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ପଦ୍ମଶ୍ରୀ ପଟାୟତ ସାହୁ, ଡଃ ସାବରମତୀ ଏବଂ ସୀମାଞ୍ଚଳ ପାତ୍ର ଅତିଥି ଥିଲେ। ଶିକ୍ଷା, ଯୁବ ନେତୃତ୍ୱ, ମହିଳା ସଶକ୍ତିକରଣ ଏବଂ ସ୍ଥାୟୀ ଜୀବିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ମିଳନୀରେ ଗୋପାଳପୁର ଅଞ୍ଚଳର ୫୩୮ ଚାଷୀ ଯୋଗଦେଇ ଜଳବାୟୁ ଅନୁକୂଳ ଚାଷ ଏବଂ ଆଧୁନିକ ଜୀବିକା ପ୍ରଣାଳୀ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଫାଉଣ୍ଡେସନର କାର୍ଯ୍ୟକାରୀ ଗ୍ରାମଗୁ ପ୍ରାୟ ୩୪୫ ମହିଳା ନେତ୍ରୀ ଅଂଶଗ୍ରହଣ




ଛାତ୍ରୀମାନଙ୍କୁ ଫେଲୋଶିପ ପ୍ରଦାନ କରାଯାଉଛି।

କରିଥିଲେ। ସେମାନେ ମହିଳା ନେତୃତ୍ୱ, ଲିଙ୍ଗଗତ ସମାନତା, ମହିଳା ଉଦ୍ୟୋଗ ଏବଂ ମହିଳାମାନଙ୍କ ପାଇଁ ସମ୍ମାନଜନକ ତଥା ସ୍ଥାୟୀ ଜୀବିକାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଏହ ଅବସରରେ ବାଲ୍ୟ ବିବାହ ରୋକିବା, ଋତୁସ୍ରାବ ସ୍ୱଚ୍ଛତା ଏବଂ କିଶୋରାବସ୍ଥା ସମ୍ପର୍କରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୫ ଜଣ ଯୁବକଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ କୃଷି କ୍ଷେତ୍ରରେ ଉନ୍ନତି କରି ନିଜର ଆୟ ବୃଦ୍ଧି କରିଥିବା ୩୦ ଜଣ ପ୍ରଗତିଶୀଳ ଚାଷୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବୈଷୟିକ ଅଧିବେଶନଗୁ ପ୍ରାକୃତିକ ଚାଷ, ହର୍ବାଲ ପ୍ଲାଟେସନ, ପ୍ରୋବାୟୋଟିକ ଫସଲ ଅଭ୍ୟାସ, ପ୍ରାକୃତିକ ସମ୍ପଦ ପରିଚାଳନା ଏବଂ ମତ୍ସ୍ୟ ଚାଷ ଯୋଜନା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।" ଆଇଆଇଟି ଭୁବନେଶ୍ୱରର ବୈଜ୍ଞାନିକ ଡଃ ବିଶ୍ୱରଞ୍ଜନ ପ୍ରଧାନ, ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ହର୍ଟିକଲଚରାଲ ଏକ୍ସପେରିମେଣ୍ଟ ଷ୍ଟେସନର ମୁଖ୍ୟ ବୈଜ୍ଞାନିକ ଡଃ ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ, ଗଞ୍ଜାମ ଜିଲା ମତ୍ସ୍ୟ ଅଧିକାରୀ ଭରତ ଭୂଷଣ ସାହୁ ଏବଂ କୋରାପୁଟର 'ମିଲେଟ କୁଇନ' ରାଇମତୀ ଘିଉରିଆ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ରତ୍ନା ସାହୁ, ମୁନିକୋ ଫୁଡ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶିକା ସନ୍ଧ୍ୟାରାଣୀ ମୁନି, ଟାଟା ଷ୍ଟିଲ ସ୍ପେଶାଲ ଇକୋନୋମିକ ଜୋନ ଲିମିଟେଡ୍‌ର କର୍ପୋରେଟ ସର୍ଭିସେସ ମୁଖ୍ୟ ରାକେଶ କୁମାର ପାତ୍ର ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନ ଗୋପାଳପୁରର ୟୁନିଟ ଲିଡ ଡଃ ଜୟନ୍ତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

# ଘରେ ନିଆଁ ଲଗାଇବା ଅଭିଯୋଗରେ ଜେଲଗଲେ

ଦିଗପହଣ୍ଡି,୧୭।୨(ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲା ଦିଗପହଣ୍ଡି ୭ ନଂ. ୱାର୍ଡ ବଜାର ସାହି ଗୁଣ୍ଡିଚା ଛକରେ ରହୁଥିବା ଏ.ରାଜୁଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୫୮/୨୬ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୋମବାର ରାତି ପ୍ରାୟ ସାଢ଼େ ୯ ଟାରେ ଏ.ରାଜୁ ନିଶାସକ୍ତ ଅବସ୍ଥାରେ ଘରେ ସ୍ତ୍ରୀ ଏ. ଯୋଶଦାଙ୍କୁ ଆପତ୍ତିଜନକ ଭାଷାରେ ଗାଳି କରିଥିଲେ। ସେ ପ୍ରତିବାଦ କରିବାରୁ ସ୍ୱାମୀ ଘରେ ଥିବା ଗ୍ୟାସ ସିଲିଣ୍ଡର ଖୋଲି ନିଆଁ ଲଗାଇଦେଇଥିଲେ। ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏନେଇ ସ୍ତ୍ରୀ ଏତଲା ଦେଇଥିଲେ।

# ବାଲିଗୁଡ଼ା ଡିଏଫ୍‌ଓଙ୍କୁ କାରଣ ଦର୍ଶାଅ ନୋଟିସ

## ବେଲଘର ରେଞ୍ଜରେ ହାତୀ ମୃତ୍ୟୁ ଘଟଣା

ବାଲିଗୁଡ଼ା,୧୭।୨
(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ବନ ବିଭାଗ ଅଧୀନରେ ଥିବା ବେଲଘର ରେଞ୍ଜରେ ହାତୀ ମୃତ୍ୟୁ ପାଇଁ ଡିଏଫଓ ଘନଶ୍ୟାମ ମହାନ୍ତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଗତ ଜାନୁଆରୀ ୫ ତାରିଖରେ ପୂର୍ବାହ୍ନରେ ୩ ଜଣ ସ୍କ୍ୱାଡ୍‌ଙ୍କ ଦ୍ୱାରା ହାତୀ ମୃତଦେହ ଠାବ ହୋଇଥିଲା ବୋଲି ଡିଏଫଓ ୨୨ ତାରିଖରେ ରିପୋର୍ଟ କରିଥିଲେ। ହାତୀ ମୃତଦେହକୁ ପ୍ରଥମେ ବେଲଘର ନିକଟସ୍ଥ କଡାପାନା ନର୍ସରୀକୁ ଏବଂ ପରେ କଳାହାଣ୍ଡି (ଉତ୍ତର) ଡିଭିଜନର କେସିଙ୍ଗା ରେଞ୍ଜର କେସିଙ୍ଗା ଅନ୍ତର୍ଗତ କାଣ୍ଟେସିର ଗ୍ରାମ ଅଞ୍ଚଳକୁ ସ୍ଥାନାନ୍ତର କରାଗଲା। ଡିଏଫଓ ଘଟଣା ବିଷୟରେ ୯ ଦିନ ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ଠାରୁ ସୂଚନା ପାଇଲେ। ସେ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ନ କରି ଏସିଏଫଙ୍କୁ ତଦନ୍ତ ପାଇଁ ପଠାଇଥିଲେ। ଯାହାକି, ଡିଏଫଓଙ୍କ ଅବହେଳା ଏବଂ ଆଇନଗତ କର୍ତ୍ତବ୍ୟରେ ଅବହେଳାକୁ ଦର୍ଶାଉଛି। ହାତୀର ମୃତ୍ୟୁର କାରଣ ଜାଣିବା ଏବଂ ଅପରାଧୀ ମାନଙ୍କୁ ଚିହ୍ନଟ କରିବା ପାଇଁ ଡିଏଫଓ କୌଣସି ପଦକ୍ଷେପ ନେଇ ନଥିଲେ। ହାତୀ ମୃତଦେହ ଚିହ୍ନଟ ହେବାର ୨୪ ଘଣ୍ଟା ମଧ୍ୟରେ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ, କଲେକ୍ଟର ଏବଂ ସରକାରଙ୍କୁ ପ୍ରାଥମିକ ରିପୋର୍ଟ ଦାଖଲ କରି ନଥିଲେ। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଗିରଫ କରିବା ପାଇଁ ତଦନ୍ତ ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଡିଏଫଓ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି। ତେଣୁ, ଏ ସବୁ ତ୍ରୁଟି ପାଇଁ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ, ସେ ବିଷୟରେ ୧୫ ଦିନ ମଧ୍ୟରେ ସ୍ପଷ୍ଟ କରିବାକୁ ଡିଏଫଓଙ୍କୁ ନୋଟିସ ଜାରି କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩୫୭ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ

## ଓଡ଼ିଶା ପୋଲିସର ଅପରେଶନ ସାଇବର କବଚ

## ୩୩ ନୂତନ ସାଇବର ମାମଲା ରୁଜୁ

**କଟକ,୧୭।୨(କାର୍ତ୍ତିକ ସାହୁ)**

ସାଇବର ଅପରାଧ ନେଟୱର୍କକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ଗତ ୧୪ ତାରିଖରୁ ଆରମ୍ଭ ହୋଇଛି 'ଅପରେଶନ ସାଇବର କବଚ' ଅଭିଯାନ। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଏହି ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ମାତ୍ର ୩ ଦିନରେ ରାଜ୍ୟରେ ମୋଟ ୩୫୭ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ଏନେଇ ୩୩ଟି ନୂତନ ସାଇବର ମାମଲା ରୁଜୁ ହୋଇଛି। ଏହି ସମ୍ପର୍କିତ ମାମଲାରେ ୨୩ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩୩ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ ଜାରି କରାଯାଇଥିବା ଓଡ଼ିଶା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।


ସୂଚନାନୁସାରେ, 'ଅପରେଶନ ସାଇବର କବଚ' ଅଭିଯାନରେ କେନ୍ଦୁଝର ଜିଲା ପୋଲିସ ସର୍ବାଧିକ ୨୦୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ସାଇବର ମାମଲା ରୁଜୁ ସହ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ସମ୍ବଲପୁର ଜିଲା ପୋଲିସ ୬୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୮ଟି ମାମଲା ରୁଜୁ ସହ ୧୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ବୌଦ୍ଧ ଜିଲା ପୋଲିସ ୪ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ସାଇବର ମାମଲା ରୁଜୁ କରିଥିବା ବେଳେ ୪ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। ସେହିପରି ପୁରୀ ଜିଲା ପୋଲିସ ୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି। ନବରଙ୍ଗପୁର ଜିଲା ପୋଲିସ ୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ସାଇବର ମାମଲା ରୁଜୁ ସହ ୭ଜଣଙ୍କୁ ନୋଟିସ ଜାରି କରିଛି। ସେହିପରି ବରଗଡ଼ ଜିଲା ପୋଲିସ ୮ଟି ଆକାଉଣ୍ଟ ଯାଞ୍ଚ ପରେ ୫ଟି ମାମଲା ରୁଜୁ ଓ ୩ଜଣ ଗିରଫ, ଗଜପତି ଜିଲା ପୋଲିସ ୫ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ଓ ୫ଜଣଙ୍କୁ ନୋଟିସ, କଳାହାଣ୍ଡି ଜିଲା ପୋଲିସ ୬ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ଓ ୬ ଜଣଙ୍କୁ ନୋଟିସ କରିଛି। ସେହିପରି ରାୟଗଡ଼ା ଜିଲା ପୋଲିସ ୫ଟି ଆକାଉଣ୍ଟ ଯାଞ୍ଚ ପରେ ୩ଟି ମାମଲା ଓ ୩ଜଣଙ୍କୁ ନୋଟିସ ଜାରି କରିଛି। କୋରାପୁଟ ଜିଲା ପୋଲିସ ପକ୍ଷରୁ ୩ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ରୁଜୁ କରି ୩ଜଣଙ୍କୁ ନୋଟିସ ଜାରି କରାଯାଇଛି। ଏହି ଅଭିଯାନ ସମ୍ପୃକ୍ତ ଜିଲାର ଏସ୍‌ପି ଓ ଡିସିପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ସାଇବର ଟିମ୍‌ଗୁଡ଼ିକ ସକ୍ରିୟ ସହଯୋଗରେ ଚାଲିଥିଲା। ସାଇବର ଅପରାଧୀଙ୍କ ଆର୍ଥିକ ଭିତ୍ତିଭୂମିକୁ ନଷ୍ଟ କରିବା ହେଉଛି 'ଅପରେଶନ ସାଇବର କବଚ'ର ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟର ଜନସାଧାରଣଙ୍କ ଡିଜିଟାଲ ସୁରକ୍ଷା ନିମନ୍ତେ ଓଡ଼ିଶା ପୋଲିସ ସର୍ବଦା ଦୃଢ଼ ସଂକଳ୍ପବଦ୍ଧ ବୋଲି ଓଡ଼ିଶା ପୋଲିସ ପକ୍ଷରୁ କୁହାଯାଇଛି।

# ୫ ମିନିଟ୍ ବ୍ୟବଧାନ, ଗୋଟିଏ ଗାଡ଼ିରେ ୨ ମିଲକୁ ଯାଇଛି ଧାନ

- ପଦାରେ ପଡ଼ିଲା ଧାନ କିଣାବିକା ଫଲ୍ସ ଏଣ୍ଟ୍ରି
- ଗାଡ଼ି ଗୋଟିଏ, ସ୍ୱାକ୍ଷର କରିଛନ୍ତି ୨ ଡ୍ରାଇଭର

**ବରଗଡ଼,୧୭।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଧାନ କିଣାବିକା ସମସ୍ୟା ନୂଆ ନୁହେଁ। ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ଏହି ଜିଲାରେ ଏହା ସାଧାରଣରେ ପରିଣତ ହୋଇଛି। ମିଲର୍ସଙ୍କ ଇଚ୍ଛାରେ ଧାନକିଣା କଟନୀଛଟନୀଠାରୁ ଆରମ୍ଭ କରି ଅଭାବୀବିକ୍ରି, ବିଭାଗୀୟ କର୍ମଚାରୀଙ୍କୁ ବେପାରୀମାନେ ହାତଗୁଞ୍ଜା ଦେଇ ସ୍ଲିପ୍ କାଟି ଧାନ ସଂଗ୍ରହ ପ୍ରକ୍ରିୟାରେ ଫଲ୍ସ ଏଣ୍ଟ୍ରି କରୁଥିବା ଅଭିଯୋଗ ଦୀର୍ଘଦିନରୁ ହୋଇ ଆସୁଛି। ତେବେ ଧାନ କିଣାବିକାରେ ଚାଲିଥିବା ଏଭଳି ଫଲ୍ସଏଣ୍ଟ୍ରିର ଏକ ପ୍ରମାଣ ତଥା ଏଥିପାଇଁ ହୋଇଥିବା ସମ୍ପୃକ୍ତ କର୍ମଚାରୀଙ୍କ ନୂଆ କୌଶଳ ମଙ୍ଗଳବାର ପଦାକୁ ଆସିଛି। ମଣ୍ଡି(ଧାନକ୍ରୟ କେନ୍ଦ୍ର)ରୁ ଧାନ କିଣାଯିବା ପରେ କଷ୍ଟମ ମିଲିଂ ଭିତ୍ତିରେ ସମ୍ପୃକ୍ତ ଧାନକ୍ରୟ ସଂସ୍ଥା ସେହିଧାନ ଆଲଟମେଣ୍ଟ ପାଇଥିବା ସମ୍ପୃକ୍ତ ରାଇସ୍ ମିଲ୍‌କୁ ପଠାଇଥାଏ ଏବଂ ମଣ୍ଡିରୁ ଧାନ ଉଠାଣ ସମୟରେ ଧାନକ୍ରୟ ସଂସ୍ଥା ଧାନ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍‌କୁ ଧାନ ପରିବହନ କରୁଥିବା ଗାଡ଼ି ଡ୍ରାଇଭରଙ୍କୁ ଧାନ ପରିବହନ ଓ ଗ୍ରହଣ ନେଇ ଏକ ସ୍ୱୀକୃତି ପତ୍ର(ଟ୍ରାନଜିଟ୍ ପାସ୍ କମ ଏକସେପଟେନ୍ସ ନୋଟ୍) ପ୍ରଦାନ କରିଥାନ୍ତି। ଗତବର୍ଷ ଡିସେମ୍ବର ୨୭ତାରିଖ ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ବଡ଼ ବାଉଁସେନ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଅଧିନ ଖରମୁଣ୍ଡା ଧାନକ୍ରୟ



ODISHA STATE CIVIL SUPPLIES CORPORATION LIMITED
TRANSIT PASS CUM ACCEPTANCE NOTE (Agent Copy)

| | | | |
|---|---|---|---|
| | :44 | Date | :27-Dec-2025 05:05 PM |
| Qty(In Qtl) | :65.31 | Miller | :Shreeji Paddy Processors(M030411) |
| Agent | :BADABAUSEN(S1030704)(BARGARH) | Vehicle No | :OD17K4497 |
| Procurement Center | :KHARMUNDA(MY030712) (BARGARH) | Driver Name | :SUMANTARANA |
| Financial Year | :2025( Kharif ) | Driver Contact No | :8637253091 |


| Grade & Variety | Bags(In No.) | Qty(In Qtl.) |
|---|---|---|
| COMMON - FAQ | 160 | 65.31 |
| Total | 160 | 65.31 |

Certified that:-
1. Gunny bags for packing of paddy supplied by :Miller
2. Transportation of paddy done by :Miller
3. Mandi Labour charges excluding loading of paddy provided by :Miller
4. Labour Charges for loading of paddy provided by :Miller
5. Mandi Labour charges at Direct Purchase Center of OSCSC Ltd. provided by :Miller

Signature or Thumb Impression Driver
Signature of the Custom Miller/Authorised Representative of the Custom Miller
Signature of the Purchase Officer/Authorised Person of PPC/WSHG/PACS/PP OSCSC LTD./PACS/WSHG/PP

This is a System generated Report from PPAS by BADABAUSEN on 27-Dec-2025 17:05:35

୫ଟା ୫ମିନିଟ୍‌ରେ ଇସ୍ୟୁ ହୋଇଥିବା ଟ୍ରାନ୍‌ଜିଟ୍ ପାସ୍ ।



ODISHA STATE CIVIL SUPPLIES CORPORATION LIMITED
TRANSIT PASS CUM ACCEPTANCE NOTE (Agent Copy)

| | | | |
|---|---|---|---|
| No | :43 | Date | :27-Dec-2025 05:00 PM |
| Qty(In Qtl) | :83.72 | Miller | :M/S Sitaram Food(M030703) |
| Agent | :BADABAUSEN(S1030704)(BARGARH) | Vehicle No | :OD17K4497 |
| Procurement Center | :KHARMUNDA(MY030712) (BARGARH) | Driver Name | :JAYANTASAHU |
| Financial Year | :2025( Kharif ) | Driver Contact No | :9692637682 |

| Grade & Variety | Bags(In No.) | Qty(In Qtl.) |
|---|---|---|
| COMMON - FAQ | 185 | 83.72 |
| Total | 185 | 83.72 |

Certified that:-
1. Gunny bags for packing of paddy supplied by :Miller
2. Transportation of paddy done by :Miller
3. Mandi Labour charges excluding loading of paddy provided by :Miller
4. Labour Charges for loading of paddy provided by :Miller
5. Mandi Labour charges at Direct Purchase Center of OSCSC Ltd. provided by :Miller

Signature or Thumb Impression Driver
Signature of the Custom Miller/Authorised Representative of the Custom Miller
Signature of the Purchase Officer/Authorised Person of PPC/WSHG/PACS/PP OSCSC LTD./PACS/WSHG/PP

This is a System generated Report from PPAS by BADABAUSEN on 27-Dec-2025 17:08:04

ODISHA STATE CIVIL SUPPLIES CORPORATION LIMITED
TRANSIT PASS CUM ACCEPTANCE NOTE (District Manager Copy)

୫ଟାରେ ଇସ୍ୟୁ ହୋଇଥିବା ଟ୍ରାନ୍‌ଜିଟ୍ ପାସ୍ ।

କେନ୍ଦ୍ର(ଏମୱାଇ୦୩୭୧୨)ରେ ୫ମିନିଟ୍ ବ୍ୟବଧାନରେ ଏଭଳି ୨ଟି ଟ୍ରାନଜିଟ୍ ପାସ୍ ଇସ୍ୟୁ କରାଯାଇଛି, ତାହା ସମସ୍ତଙ୍କୁ ଚକିତ କରିଥିବାବେଳେ ଉକ୍ତ ଧାନକ୍ରୟ କେନ୍ଦ୍ରରେ ଧାନ କିଣାବିକାରେ ଚାଲିଥିବା ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏଠାରେ ରହିଥିବା ବିଭାଗୀୟ କର୍ମଚାରୀଙ୍କ କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସିଛି।

ସୂଚନା ଅନୁଯାୟୀ, ଗତବର୍ଷ ନଭେମ୍ବର ୧୮ତାରିଖରୁ ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତବର୍ଷ ଡିସେମ୍ବର ୨୭ତାରିଖ ସନ୍ଧ୍ୟା ୫ଟାରେ ବିଜେପୁର ବ୍ଲକ ଅନ୍ତର୍ଗତ ବଡ଼ ବାଉଁସେନ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଅଧିନ ଖରମୁଣ୍ଡା ଧାନକ୍ରୟ କେନ୍ଦ୍ର(ଏମୱାଇ୦୩୭୧୨)ରେ ଏକ ଟ୍ରାନଜିଟ୍ ପାସ୍(ନଂ-୪୩) ଇସ୍ୟୁ ହୋଇଛି। ଉକ୍ତ ଟ୍ରାନଜିଟ୍ ପାସ୍‌ରେ ଦର୍ଶାଯାଇଥିବା ସୂଚନାକ୍ରମେ ସେହିଦିନ ସନ୍ଧ୍ୟା ୫ଟାରେ ଖରମୁଣ୍ଡା ମଣ୍ଡିରୁ ଗାଡ଼ି (ନଂ-ଓଡ଼ି୧୭କେ ୪୪୯୭)ରେ ୧୮୫ ପ୍ୟାକେଟ୍(୮୩.୭୨ କୁଇଣ୍ଟାଲ) ଧାନ ଏକ ରାଇସ୍ ମିଲ୍ ସୀତାରାମ ଫୁଡ୍ସ(ଏମ୦୩୦୭୦୩)କୁ ଯାଇଛି। ଧାନ ପରିବହନ କରିଥିବା ଗାଡ଼ିର ଡ୍ରାଇଭର ଜୟନ୍ତ ସାହୁ ଥିଲେ ଏବଂ ତାଙ୍କ ନାମରେ ସେହି ଟ୍ରାନଜିଟ୍ ପାସ୍‌ରେ ଦସ୍ତଖତ(ସ୍ୱାକ୍ଷର) ମଧ୍ୟ ରହିଛି।

ଅନ୍ୟପଟେ ଉପରୋକ୍ତ ଟ୍ରାନଜିଟ୍ ପାସ୍ ଇସ୍ୟୁ ହେବାର ମାତ୍ର ୫ମିନିଟ୍ ପରେ ଅର୍ଥାତ୍ ୫ଟା ୫ମିନିଟ୍ ପରେ ଉକ୍ତ ମଣ୍ଡିରେ ଆଉ ଏକ ଟ୍ରାନଜିଟ୍ ପାସ୍ ଇସ୍ୟୁ ହୋଇଛି। ତେବେ ସେହି ଟ୍ରାନଜିଟ୍ ପାସ୍ ଅନ୍ୟ କୌଣସି ଗାଡ଼ିକୁ ନୁହେଁ, ଉପରୋକ୍ତ ଗାଡ଼ି(ନଂ-ଓଡ଼ି୧୭କେ ୪୪୯୭)କୁ ଇସ୍ୟୁ କରାଯାଇଛି। ଗାଡ଼ି ନମ୍ବର ତ ସମାନ ରହିଛି, ମାତ୍ର ଚତୁରତାର ସହିତ ସେଥିରେ ଟ୍ରାନଜିଟ୍ ପାସ୍ ନମ୍ବର, ଗାଡ଼ି ଡ୍ରାଇଭରଙ୍କ ନାମ, ରାଇସ୍ ମିଲ୍‌ର ନାମକୁ ବଦଳାଇ ଦିଆଯାଇ ଥିବାବେଳେ ବିକ୍ରିଧାନର ପରିମାଣ ମଧ୍ୟ ଅଲଗା ରହିଛି। ଗାଡ଼ି ନମ୍ବର ସମାନ ରହିଥିବାବେଳେ ଟ୍ରାନଜିଟ୍ ପାସ୍(ନଂ-୪୪) ରହିଛି। ସେହିପରି ଗାଡ଼ି ଡ୍ରାଇଭରଙ୍କ ନାମ ସୁମନ୍ତ ରଣା ଉଲ୍ଲେଖ କରାଯାଇ ଥିବାବେଳେ ସେହି ଗାଡ଼ିରେ ୧୬୦ପକେଟ୍(୬୫.୩୧ କୁଇଣ୍ଟାଲ) ଧାନ ଶ୍ରୀ ଜୀ ପେଡ୍ଡି ପ୍ରୋସେସର୍ସ(ଏମ୦୩୦୪୧୧)କୁ ଯାଇଥିବା ଉକ୍ତ ଟ୍ରାନଜିଟ୍ ପାସ୍‌ରେ ଦର୍ଶାଯାଇଛି। ତେବେ ଉପରୋକ୍ତ ତଥ୍ୟରୁ ଧାନ କିଣାବିକାରେ ଚାଲିଥିବା ଅନିୟମିତତାର ଅସଲି ଚିତ୍ର ପଦାକୁ ଆସି ଯାଇଛି। ସନ୍ଧ୍ୟା ୫ଟାରେ ସମ୍ପୃକ୍ତ ଗାଡ଼ି ମଣ୍ଡିରୁ ଧାନ ଉଠାଇଛି ଏବଂ ୧୮୫ ପ୍ୟାକେଟ୍ ଧାନ ପରିବହନ କରି ସୀତାରାମ ଫୁଡ୍ ରାଇସ୍ ମିଲକୁ ଯାଇଛି। ତେବେ ମଣ୍ଡିରୁ ସମ୍ପୃକ୍ତ ରାଇସ୍ ମିଲ୍‌ର ଦୂରତା ତ ଦୂରର କଥା, ୫ମିନିଟ୍‌ରେ ୧୮୫ ପ୍ୟାକେଟ୍ ଧାନ କୌଣସି ଗାଡ଼ିରେ ଲୋଡ୍ କରିବା ଏବଂ ସେହି ଧାନକୁ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍‌ରେ ଅନଲୋଡ୍ କରିବା ସମ୍ଭବ ନୁହେଁ। ଏହାସତ୍ତ୍ୱେ ଏଭଳି ସ୍ଥିତିରେ ସମାନ ରେଜିଷ୍ଟ୍ରେଶନ ନମ୍ବର ରହିଥିବା ସମ୍ପୃକ୍ତ ଗାଡ଼ିରେ ପୁଣି ୧୬୦ପକେଟ୍ ଧାନ ଲୋଡ୍ କରି କିଭଳି ଅନ୍ୟ ଏକ ରାଇସ୍ ମିଲ୍‌କୁ ପଠାଗଲା ଏବଂ ୫ମିନିଟ୍ ମଧ୍ୟରେ ଗାଡ଼ି ଡ୍ରାଇଭର ମଧ୍ୟ ବଦଳି ଗଲେ, ତାହା ତଦନ୍ତ ସାପେକ୍ଷ ବୋଲି ବିଭିନ୍ନ ମହଲରେ ଦାବି ହେଉଛି। କେବଳ ଏହା ଏକ ଦୃଷ୍ଟାନ୍ତ ମାତ୍ର, ଧାନ କିଣାବିକାରେ ଫଲ୍ସ ଏଣ୍ଟ୍ରି କରାଯାଇ ଅନୁରୂପ ଅନେକ ଅନିୟମିତତା ହେଉଥିବା ସ୍ଥଳେ ଯୋଗାଣ ବିଭାଗ ହାତ ବାନ୍ଧି ବସିଥିବା ଅଭିଯୋଗ ହୋଇଛି। ତେବେ ଏହି ଘଟଣାର ତଦନ୍ତ ହେଲେ ଏଭଳି ଅନିୟମିତତାର ରହସ୍ୟ ପଦାକୁ ଆସିବ ଏବଂ ଏଥିର ସମ୍ପୃକ୍ତ ସମସ୍ତ ବିଭାଗୀୟ କର୍ମଚାରୀ, ଅଧିକାରୀଙ୍କ ମୁଖା ଖୋଲିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ୪ ଘଣ୍ଟା ଅଟକ ରହିଲେ ତହସିଲଦାର

## ଇଟାଭାଟି ଭାଙ୍ଗିବାକୁ ଯାଇ ପ୍ରଶାସନ ହଟହଟା

**ଚାନ୍ଦବାଲି,୧୭।୨(କିଷାନ ପାତ୍ର/ଅଶୋକ ପଣ୍ଡା)**

ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଅଧୀନ ନାଲୁଗୁଣ୍ଡା ପଞ୍ଚାୟତର କେତେକ ଜଳନ୍ତା ଇଟାଭାଟି ଭାଙ୍ଗିବାକୁ ଯାଇ ପ୍ରଶାସନକୁ ମଙ୍ଗଳବାର ହଟହଟା ହେବାକୁ ପଡ଼ିଛି। ତହସିଲଦାର ଭବତୋଷ ମଲ୍ଲିକ ଦମକଳ ବାହିନୀ ଓ ପୋଲିସ ଫୋର୍ସ ସାଥିରେ ନେଇ ଯାଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ୪ ଘଣ୍ଟା ଅଟକ ରଖିଥିଲେ। ସୂଚନା ଅନୁଯାୟୀ, ୨ଟି ଇଟାଭାଟି ଭଙ୍ଗାଯିବା ପରେ ଗ୍ରାମବାସୀ ତହସିଲଦାରଙ୍କୁ ଘେରାଉ କରିଥିଲେ। ବିନା ନୋଟିସ୍‌ରେ ଇଟାଭାଟି ଭାଙ୍ଗିବାକୁ ସେମାନେ ବିରୋଧ କରିଥିଲେ। ଅପରାହ୍ନ ୨ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରାୟ ୪ ଘଣ୍ଟା ଧରି ତହସିଲଦାରଙ୍କ ସମେତ ପୋଲିସ ଫୋର୍ସ ଓ ଦମକଳ ବାହିନୀଙ୍କୁ ଲୋକେ ଅଟକ ରଖିଥିଲେ। ଏହାସହ ଭଦ୍ରକ ଚାନ୍ଦବାଲି ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ବିନା ନୋଟିସ୍‌ରେ ଇଟାଭାଟି ଭଙ୍ଗାକୁ ସାଧାରଣ ଲୋକ ଓ ଇଟାଭାଟି ମାଲିକମାନେ ବିରୋଧ କରିବା ସହ ତହସିଲଦାରଙ୍କ ସହ ଯୁକ୍ତିତର୍କ କରିଥିଲେ। ତହସିଲଦାର ଭାଙ୍ଗିବାକୁ ଦୃଢ଼ୋକ୍ତି ପ୍ରକାଶ କରିବାରୁ ଶତାଧିକ ଲୋକ ତାଙ୍କୁ ଘେରିଯାଇଥିଲେ। ଏପରିକି ଫଟୋ ଉଠାଉଥିବା ଖବରଦାତାଙ୍କ ମୋବାଇଲକୁ ଉତ୍ତେଜିତ ଲୋକେ ଛଡ଼ାଇ ନେଇଥିଲେ। ସ୍ଥାନୀୟ ସମିତିସଭ୍ୟ ଅଭୟ କୁମାର ବଳ ଓ କେତେଜଣ ନେତୃତ୍ୱ ପହଞ୍ଚି ତହସିଲଦାରଙ୍କୁ ଯେତିକି ଇଟା ତିଆରି ହୋଇଛି, ସେତିକି ପୋଡ଼ିବା ପାଇଁ ଅନୁମତି ଦେବାକୁ କହିଥିଲେ। ତହସିଲଦାର ସେଥିରେ ସହମତି ପ୍ରକାଶ କରିବା ପରେ ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇବା ସହ ଅଟକ ଗାଡ଼ି ଓ ଦମକଳ ବାହିନୀକୁ ଛାଡ଼ିଥିଲେ। ଏନେଇ ତହସିଲଦାର ମଲ୍ଲିକ କହିଛନ୍ତି, ୧୧ଟି ବେଆଇନ ଇଟାଭାଟି ଭାଙ୍ଗିବାକୁ ଯାଇଥିଲେ। ୨ଟି ଭାଟି ଭାଙ୍ଗିବା ପରେ କେତେଜଣ ଇଟାଭାଟି ମାଲିକ ଯୁକ୍ତିତର୍କ କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ତେବେ ଇଟାଭାଟି ମାଲିକମାନେ ଆଉ ଇଟା ତିଆରି କରିବେ ନାହିଁ ବୋଲି ୧୦ ଦିନ ସମୟ ମାଗିଛନ୍ତି। ଏହାକୁ ଅବମାନନା କଲେ ଦଣ୍ଡିତ ହେବେ ବୋଲି କହିଛନ୍ତି।

# ଶାଶୁଙ୍କ ମୃତ୍ୟୁ ଖବର ଶୁଣି ଆଖି ବୁଜିଲେ ବୋହୂ

**ନୀଳଗିରି,୧୭।୨(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଶାଶୁଙ୍କ ମୃତ୍ୟୁ ଖବର ଶୁଣି ବୋହୂ ଆଖି ବୁଜିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ନୀଳଗିରି ଏନ୍‌ଏସି ୨ନଂ. ୱାର୍ଡ଼ ଅଧୀନ ଘାଟଘରସାହି ଅଞ୍ଚଳର ଉତ୍ତରା



ସୁସ୍ମିତା ଜେମାଦେବୀ।

ଜେମାଦେବୀ (୮୮) ରକ୍ତହୀନତା ପାଇଁ ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗତ ରବିବାର ରାତି ୧୦ଟା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ହସ୍ପିଟାଲରେ ଶାଶୁଙ୍କ ନିକଟରେ ତାଙ୍କ ବୋହୂ ସୁସ୍ମିତା ଜେମାଦେବୀ(୫୪) ରହି ଦେଖାଶୁଣା କରୁଥିଲେ। ସୋମବାର ଶାଶୁଙ୍କ ମରଶରୀରକୁ ଘାଟଘରସାହି ଅଣାଯାଇ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଅନ୍ୟପକ୍ଷେ ଶାଶୁଙ୍କ ମୃତ୍ୟୁ ଖବରକୁ ସହଜରେ ଗ୍ରହଣ କରି ନ ପାରି ବୋହୂ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଛି। ତାଙ୍କ ମରଶରୀରକୁ ମଧ୍ୟ ଘାଟଘରସାହି ଅଣାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଚନ୍ଦ୍ରକାନ୍ତ ବୀରବରଙ୍କ ସହ ପୁଅ ରିତେଶ ବୀରବର, ଝିଅ ରିଚା ଜେମାଦେବୀ, ଜ୍ୱାଇଁ, ନାତି, ବନ୍ଧୁ, ପ୍ରିୟଜନ ଉପସ୍ଥିତ ଥିଲେ। ଖବର ପାଇ ନୀଳଗିରିର ବହୁବିଶିଷ୍ଟ ବ୍ୟକ୍ତି ଘାଟଘରସାହିସ୍ଥିତ ବାସଭବନରେ ଶେଷଦର୍ଶନ କରିବା ସହ ତାଙ୍କ ଶବାଧାରରେ ସାମିଲ ହୋଇଥିଲେ। ପୁଅ ରିତେଶ ମୁଖାଗ୍ନି ଦେଇଥିଲେ।


# Classified Everyday
0674-2580101, 9692975378



MATRIMONIAL

### BRIDE WANTED

Handsome Brahmin Boy 1994, 5'6", B-Tech (IIT) Kanpur, MBA (Hyderabad) serving senior Engineer MNC Delhi. "SUNASANSAR" 9937512659. D-3390

51ବର୍ଷ, State Govt. Job, ଦରମା- 66,000/- ମହିଳାଙ୍କୁ, ବିଧବା, ଛାଡପତ୍ର, ଅବିବାହିତ ଘରଜ୍ୱାଇଁ, Retired, Business man, ସନ୍ତାନ ଥିବା ବର ଆବଶ୍ୟକ। 9893110656. D-3415

### GROOM WANTED

48 ବୟସ୍କା ବଙ୍ଗାଳି ଅବିବାହିତା Govt. ଚାକିରିଆ ବାପା, ମା' ନଥିବା ଝିଅଙ୍କୁ Divorce/Widow/ Unmarried ପୁଅ ଦରକାର। 9776705242. D-3391

Beautiful Brahmin girl 1996, 5'3", MBA (XIMB) serving manager MNC Hyderabad settled Bhubaneswar. ''SUNASANSAR'' 9937512659. D-3389

Handicap ପୁଅ ସଙ୍ଗେ ରହୁଥିବା 56 ବୟସ୍କା Central Govt. ଚାକିରିଆ ଝିଅଙ୍କୁ ଘରଜ୍ୱାଇଁ ଆବଶ୍ୟକ। 6370471610. D-3392




REAL ESTATE

### SALE

**2 BHK, 1261 Sqft New Flat with elegant interiors for sale at Cantonment Road, Cuttack.Price- 1.35 Cr Mob- 9778194441.** D-3370

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348




2 Office space- 1. 2150 sqft. in 1st floor, 2. 780 sqft. in 2nd floor fully furnished office, at 5- Janpath, Unit- 3, Kharvelnagar behind Kalsi Petrol Pump, Bhubaneswar, Odisha- 751001. Readily available to operate. Contact: 9437001845/ 7504050186. D-3413




All types of physiotherapy and massage contact 9556924059 / 7656969134. D-3416

### LOST

ମୁଁ, ଶ୍ରୀ ସରୋଜ କୁମାର ସାହୁ, ପିତା- ଭାସ୍କର ଚନ୍ଦ୍ର ସାହୁ, ବାସିନ୍ଦା- ସ୍ଥାନ/ପୋଷ୍ଟ- ଚୋରମରା, ଥାନା- ସିଙ୍ଗଲା, ଜିଲ୍ଲା- ବାଲେଶ୍ୱର, ପିନ୍-୭୫୬୦୮୬ ଘୋଷଣା କରୁଛି ଯେ ତା୧୨।୦୧।୨୦୨୬ରିଖରେ ମୋର ପିତା ନୂଆବଜାର, ଜଳେଶ୍ୱରକୁ ଯାତ୍ରା କରୁଥିବା ସମୟରେ ଶ୍ରୀଯୁକ୍ତ ଗୋଲକ ବିହାରୀ ଦାସମହାପାତ୍ର ଓ ଶ୍ରୀଯୁକ୍ତ ସଞ୍ଜୟ କୁମାର ଦାସଙ୍କ ମଧ୍ୟରେ ସ୍ୱାକ୍ଷରିତ ମୂଳ ଲିଙ୍କ୍ ପଞ୍ଜୀକୃତ ବିକ୍ରି କବଲା, ଦସ୍ତାବିଜ ନଂ. ୧୦୦୯୨୬୦୧୩୪୨, ତା.୨୯।୦୬।୨୦୧୬ କେଉଁଠାରେ ହଜିଯାଇଛି। ଯଦି କେହି ଉକ୍ତ ଦସ୍ତାବିଜର ସନ୍ଧାନ ପାଇଥାନ୍ତି, ଦୟାକରି ଆମ ଓକିଲଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ। ଶ୍ରୀଯୁକ୍ତ ବିମଳ କୁମାର ସେନ୍, ମୋ. ୭୯୭୮୩୭୫୫୪୨। ଧ-୩୪୧୪

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

By virtue of an affidavit sworn before Notary Public, Rayagada bearing No.- 110, Dtd.- 05.01.2026, I, RASMI REKHA PRADHAN, W/o.- Lt. Prabhat Pradhan residing At- R.K. Nagar, P.O./P.S./Dist.- Rayagada that I am solemnly affirm and state that my actual name is "Rasmi Rekha Pradhan'' as per Aadhaar No. xxxx xxxx 8565 and Pan Card No. xxxx 690B. But my name has been wrongly mentioned as "Rakha Pradhan" in my husband's UTI mutual fund, Rayagada vide folio No. xxxx 0613 as nominee. I do hereby declared that Rasmi Rekha Pradhan, W/o.-Lt. Prabhat Pradhan and Rakha Pradhan, W/o.- Lt. Prabhat Pradhan is one and same person i.e. myself.
Deponent
Rasmi Rekha Pradhan
D-3410

I, Jogamaya Jena, W/o.- Goutam Kumar Jena, At- Ria, P.O.- Simulia, P.S.- Simulia, Dist.- Balasore, PIN- 756126, Odisha. On 12.01.2026 Court of the Executive Magistrate, Soro, affidavit No.- 84, I declare that now onwards I shall be known as Jogamaya Jena for all future purpose. D-3411

By an affidavit No. 265, sworn before the Executive Magistrate, Simulia, Balasore, dated 19.01.2026, I, Arjun Lenka resident of Kusunkharji, Bari, Simulia, Balasore declare that in my postal RPLI policy bearing No. R-OR-EA-16393 my name is recorded as Ajay Kumar Lenka instead of Arjun Lenka. Henceforth, both Arjun Lenka and Ajay Kumar Lenka is one and same person for all purposes. D-3409

By virtue of an affidavit sworn before Executive Magistrate, Loisingha, Dated- 17.02.2026, I, Sri Radhakanta Naik, S/o.- Kamal Naik of Res./ Village- Thakurapali, P.O.- Sargad, P.S.- Balangir Sadar, PIN No.- 767020 declare that I have changed the name of my son from NIBASH NAIK to SHRINIBASH NAIK. Henceforth, He shall be known as SHRINIBASH NAIK for all purposes.
Radhakanta Naik
D-3412

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ଦଶମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ପ୍ରଫେସର ଡଃ ତ୍ରିଲୋଚନ ମିଶ୍ର**
ପୂର୍ବତନ କୁଳପତି, ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ, ପୁରୀ
(୩୧୬- ଏ, ସହିଦ୍ ନଗର)
ଆବିର୍ଭାବ- ୨୩।୧୧।୧୯୨୪
ତିରୋଧାନ- ୦୯।୦୩।୨୦୧୬

ଦଶଟି ବରଷ ବିତି ତ ଗଲାଣି
ମନ ବୁଝୁ ନାହିଁ ଏବେ,
ସ୍ନେହ ମମତାର ଅତୁଟ ବନ୍ଧନ
ଭୁଲି ପାରୁନାହିଁ କେବେ।
ତୁମ ଆଶୀର୍ବାଦ ସଦା ରହିଥାଉ
ଏ ଜୀବନ ଥିବା ଯାଏ,
ପ୍ରଭୁ ଶ୍ରୀଚରଣେ ଏତିକି ବିନତି
ତୁମ ପରିବାର ଚାହେଁ।

-:ଶୋକସନ୍ତପ୍ତ:-
ପୁତ୍ରକନ୍ୟା, ବନ୍ଧୁ, ଜାମାତା ଓ ପରିବାର।
ଧ-୩୪୮୬

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୮/୨୦୨୬ Bhubaneswar, Wednesday, February 18/ 2026

## ଫଳ ଚାଷ

ଓଡ଼ିଶାର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା: ଆମ୍ବ, ନଡ଼ିଆ,କଦଳୀ,କାଜୁବାଦାମ,ପିଜୁଳି, ସପେଟା,ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାରକରି ୨/୩ ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ,କମଳା,ନଡ଼ିଆ, ପିଜୁଳି,ପଣସ,ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ,କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।



## ପୋଟଳ ଚାଷ କରୁଥିଲେ...

ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗକରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।



## ମିଶ୍ରିତ ଫସଲ ଚୟନ

ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ, ୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।



# ସୂର୍ଯ୍ୟମୁଖୀ ଚାଷ



ଡ. ପରେଶ କୁମାର ପଣ୍ଡା

ତୈଳବୀଜ ଉତ୍ପାଦନରେ ସୂର୍ଯ୍ୟମୁଖୀର ଭୂମିକା ଭାରି ଗୁରୁତ୍ୱପୂର୍ଣ୍ଣ। ଏଥିରେ ପ୍ରଚୁର ପରିମାଣର ଜୀବନଶକ୍ତି ବା ଖାଦ୍ୟପ୍ରାଣ ରହିଛି। ତାହାକୁ ନିତ୍ୟ ବ୍ୟବହାର କରି ମାନବ ସୁସ୍ଥ ଓ ଦୀର୍ଘାୟୁ ହୋଇଥାଏ। ଏଥିରେ ୨୦.୮ ପ୍ରତିଶତ ପୁଷ୍ଟିସାର ସହିତ ୫୦ ପ୍ରତିଶତ ସ୍ନେହସାର ଥିବାରୁ ଖାଇବା ତେଲ ଉତ୍ପାଦନରେ ଏବଂ ସ୍ୱାସ୍ଥ୍ୟ ରକ୍ଷା ଦିଗରେ ଏହାର ପ୍ରମୁଖ ଭୂମିକା ରହିଛି। ଆହୁରି ମଧ୍ୟ ଏହାର ତେଲ ଖାଉଥିବା ବ୍ୟକ୍ତିଙ୍କର କୋଲେଷ୍ଟରଲ, ହୃଦ୍‌ରୋଗ ଓ ରକ୍ତନଳୀଜନିତ ରୋଗ ଆଶଙ୍କା କମ୍ ଥାଏ। ଏହି ତେଲରେ ଅଧିକ ପରିମାଣର ଭିଟାମିନ୍-'ଏ', 'ଡି' ଏବଂ 'ଇ'ରହିଥାଏ। ସୂର୍ଯ୍ୟମୁଖୀର ପିଡ଼ିଆରେ ପୁଷ୍ଟିସାରର ମାତ୍ରା ଅଧିକ ଥିବାରୁ ତାହାକୁ ଉତ୍ତମ ଗୋଖାଦ୍ୟ ଓ କୁକୁଡ଼ା ଖାଦ୍ୟ ରୂପେ ବ୍ୟବହାର କରାଯାଏ। ଏହାର ଚାଷ କ୍ରମେ ଲୋକପ୍ରିୟ ହୋଇ ଆମ ରାଜ୍ୟର ପ୍ରାୟ ସବୁ ଜିଲାରେ ଚାଷ କରାଗଲାଣି।

**ଜଳବାୟୁ, ମୃତ୍ତିକା ଓ କିସମ**

ସୂର୍ଯ୍ୟମୁଖୀ ୮ରୁ ୩୪ ଡିଗ୍ରୀ ସେଲ୍‌ସିୟସ ଉତ୍ତାପ ଅନୁଭୂତ ହେଉଥିବା ଅଞ୍ଚଳରେ ଚାଷ ହୋଇଥାଏ। ଏପରି ସମୟରେ ବୁଣାହେବା ଆବଶ୍ୟକ, ଯଦ୍ୱାରା ଫୁଲ ଫୁଟିବା ଓ ଦାନା ପୂରଣ ଅବସ୍ଥାରେ ଲଗାତର ବର୍ଷା ହେଉ ନ ଥିବ କିମ୍ବା ବାୟୁମଣ୍ଡଳୀୟ ଉତ୍ତାପ ୩୮୦ ସେଲ୍‌ସିୟସରୁ ଅଧିକ ନ ଥିବା ଆବଶ୍ୟକ। ପ୍ରାଥମିକ ଅବସ୍ଥାରେ ଗଜା ଓ ଗଛର ବୃଦ୍ଧି ପାଇଁ ଥଣ୍ଡାପାଗ ଭଲ। ଗଛଗୁଡ଼ିକ ୪-୬ ପତ୍ର ହେବା ପର୍ଯ୍ୟନ୍ତ ଅଳ୍ପ ପରିମାଣର କୁହୁଡ଼ି ମଧ୍ୟ ସହ୍ୟ କରିପାରେ। ଏହାର ଫୁଲ ହେବା ସମୟରେ ସୂର୍ଯ୍ୟକିରଣର ଆବଶ୍ୟକତା ରହିଛି। ଶୀଘ୍ର ଜଳ ନିଷ୍କାସନ ହୋଇପାରୁଥିବା ନିଗିଡ଼ା,ଦୋରସା ଓ ପଟୁ ଦୋରସା ମାଟିରେ ଏହାର ଚାଷ ଭଲ ହୋଇଥାଏ। ଏହାର ହାଲୁକା ଲୁଣା ସହଣୀ ଶକ୍ତି ମଧ୍ୟ ରହିଛି। ଅମ୍ଳ ମାଟିରେ ସୂର୍ଯ୍ୟମୁଖୀ ଫସଲ ଭଲ ହୋଇ ନ ଥାଏ। ବର୍ଷାଋତୁରେ ବାଲିଆ ଦୋରସା ମାଟିରେ ଏହାର ଚାଷ କରାଯାଇଥାଏ। ଶୀତ ଓ ଖରାଟିଆ ଫସଲ ପାଇଁ ମଟାଳିଆ ବା ଦୋରସା ମାଟିରେ ସୂର୍ଯ୍ୟମୁଖୀ ଚାଷକରିବା ଭଲ।

**ଉନ୍ନତ କିସମ**

ସୂର୍ଯ୍ୟମୁଖୀର ଉନ୍ନତ କିସମ ହେଲା- ସନ୍‌ରାଇଜ, ମରଡେନ୍, ଇ.ସି.-୬୮୪୧୪, ଇ.ସି.-୬୮୪୧୫, ଡି.ଆର୍.ଏଫ୍.ଏସ୍.-୧୦୮ ଓ ଡି.ଆର୍. ୟଏଫ୍.ଏସ୍.-୧୧୩। ସଙ୍କର କିସମ ହେଲା-ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍.-୧, ଡି.ଆର୍. ଏସ୍. ଏଚ୍.-୧, ଏମ୍.ଏସ୍. ଏଫ୍.ଏଚ୍.-୧୭,ଏମ୍.ଏସ୍. ଏଫ୍.ଏଚ୍.-୮, ଜ୍ୱାଲା ମୁଖୀ, ପି.ଏ.ସି.-୩୦୮, ପି.ଏ.ସି.-୧୦୯୧,ଏମ୍.ଏଲ୍.ଏସ୍.ଏ୍‌ଫ.ଏଚ୍.-୪୭, କେ.ବି.ଏସ୍.ଏଚ୍.-୪୪, ସନ୍‌ଜିନି-୮୫ ଓ ପ୍ରୋ.ସନ.-୦୯ ଆଦି। ଅନ୍ୟପକ୍ଷରେ ମରଡେନ୍ ଓ ଏ.ବି.ଏସ୍.ଏଚ୍.-୧ (ଅମଳ-୯୦ ଦିନ), ପ୍ରୋ.ସନ-୦୯ (ଅମଳ-୯୫ଦିନ), କେ.ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍.-୪୪, ଏମ୍.ଏସ୍. ଏଫ୍.ଏଚ୍.-୮ ଓ ଏମ୍.ଏଫ୍.ଏସ୍.ଏଚ୍.-୧୭ (ଅମଳ ୧୧୦ ଦିନ)ର କିସମରୁ ମଧ୍ୟ ଭଲ ଅମଳ ମିଳିଥାଏ। ବିଶେଷଭାବରେ ମରଡେନ୍, ପି.ଏ.ସି.-୩୬, କେ.ବି.ଏସ୍.ଏଚ୍.-୧ ଓ କେ.ବି.ଏସ୍.ଏଚ୍.-୪୪ ଓଡ଼ିଶା ମାଟି ପାଇଁ ବେଶି ଉପଯୋଗୀ।

> "ଗୁଣ୍ଡମାଟି ସୂର୍ଯ୍ୟମୁଖୀ ଚାଷ ପାଇଁ ବିଶେଷ ଉପଯୋଗୀ। ଏଥିପାଇଁ ଗଭୀରିଆ ୩ ଓଡ଼ ଚାଷ ନ କରି ଫସଲ ପର୍ଯ୍ୟାୟ ଗ୍ରହଣ କରିବା ଉଚିତ। ମାଟିରେ ବତର ଅଧିକ ଥିଲେ ଭଲ ଗଜା ହୁଏ। ଉନ୍ନତ କିସମ ପାଇଁ ଧାଡ଼ି ଧାଡ଼ି ମଧ୍ୟରେ ୪୫ସେ.ମି. ଦୂରତା ଓ ମଞ୍ଜିକୁ ମଞ୍ଜି ୩୦ସେ.ମି. ଦୂରତା ଓ ୨-୪ସେ.ମି. ଗଭୀର ରହିବା ଉଚିତ। କିନ୍ତୁ ସଙ୍କରଜାତୀୟ ବିହନ ପାଇଁ ଧାଡ଼ିକୁ ଧାଡ଼ି ୬୦ସେ.ମି. ଓ ଗଛକୁ ଗଛ ୩୦ସେ.ମି. ବ୍ୟବଧାନ ରଖାଯାଏ।"



**ବିହନ ବୁଣିବା ଓ ଖତସାର ପ୍ରୟୋଗ**

ଖରିଫ୍ ଋତୁରେ ଜୁଲାଇ ୧୫ ମଧ୍ୟରେ ରବି ଋତୁରେ ନଭେମ୍ବର ୧୫ ସୁଦ୍ଧା ଓ ଖରାଟିଆ ଚାଷ ପାଇଁ ଜାନୁଆରୀରୁ ଫେବୃଆରୀ ମଧ୍ୟରେ ବିହନ ବୁଣାଯାଇଥାଏ। ଉନ୍ନତ କିସମ ବିହନ ଏକର ପ୍ରତି ୪ କି.ଗ୍ରା .ଓ ସଙ୍କର କିସମ ବିହନ ଏକର ପ୍ରତି ୨ କି.ଗ୍ରା. ଦରକାର। ମେଟାଲାକ୍ସିଲ୍ ୬ ଗ୍ରାମରେ ୧କି.ଗ୍ରା. ବିହନ ବିଶୋଧନକଲେ ନିମ୍ନମୁଖୀ ପାଉଁଶିଆ ରୋଗ ଦାଉରୁ ଫସଲ ରକ୍ଷା ପାଇଥାଏ। ଶୁଷ୍କାଞ୍ଚଳରେ ଶୀଘ୍ର ଗଜା ଆସିବା ଓ ଗଛ ସଂଖ୍ୟା ଆବଶ୍ୟକ ରଖିବା ନିମନ୍ତେ ସଜ ପାଣିରେ ୧୦ ଘଣ୍ଟା ପର୍ଯ୍ୟନ୍ତ ମଞ୍ଜିକୁ ଭିଜାଇବାକୁ ପଡ଼ିଥାଏ। ବିହନଜନିତ ରୋଗରୁ ଫସଲକୁ ରକ୍ଷା କରିବା ପାଇଁ ୧ କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ ଥିରାମ ବା କ୍ୟାପ୍‌ଟେନ୍ କିମ୍ବା ୪ଗ୍ରାମ ଟ୍ରାଇକୋଡର୍ମାଭ ଭିରିଡେ ମିଶାଇ ବିହନ ବିଶୋଧନ କରିବା ଆବଶ୍ୟକ। ବିହନକୁ କି.ଗ୍ରା. ପ୍ରତି ୫-୭ ଗ୍ରାମ ଇମିଡାକ୍ଲୋପ୍ରିଡ୍‌ରେ ବିଶୋଧନ କଲେ ପତ୍ର ଉକୁଣି ପୋକ ଲାଗିବା କମିଯାଏ। ଗୁଣ୍ଡମାଟି ସୂର୍ଯ୍ୟମୁଖୀ ଚାଷ ପାଇଁ ବିଶେଷ ଉପଯୋଗୀ। ଏଥିପାଇଁ ଗଭୀରିଆ ୩ ଓଡ଼ ଚାଷ ନ କରି ଫସଲ ପର୍ଯ୍ୟାୟ ଗ୍ରହଣ କରିବା ଉଚିତ। ମାଟିରେ ବତର ଅଧିକ ଥିଲେ ଭଲ ଗଜା ହୁଏ। ଉନ୍ନତ କିସମ ପାଇଁ ଧାଡ଼ି ଧାଡ଼ି ମଧ୍ୟରେ ୪୫ସେ.ମି. ଦୂରତା ଓ ମଞ୍ଜିକୁ ମଞ୍ଜି ୩୦ସେ.ମି. ଦୂରତା ଓ ୨-୪ସେ.ମି. ଗଭୀର ରହିବା ଉଚିତ। କିନ୍ତୁ ସଙ୍କରଜାତୀୟ ବିହନ ପାଇଁ ଧାଡ଼ିକୁ ଧାଡ଼ି ୬୦ସେ.ମି. ଓ ଗଛକୁ ଗଛ ୩୦ସେ.ମି. ବ୍ୟବଧାନ ରଖାଯାଏ। ସୂର୍ଯ୍ୟମୁଖୀ ମଞ୍ଜିର ଚୋପା ଟାଣ ହୋଇଥିବାରୁ ଗଜାହେବାରେ ଅସୁବିଧା ହୋଇଥାଏ। ଆଶାନୁରୂପ ଅମଳ ପାଇବା ନିମନ୍ତେ ଗଜା ଉଠିବାର ୧୦-୧୫ଦିନ ବେଳକୁ ବୁଦା ପ୍ରତି ୧ଟି କରି ସୁସ୍ଥ ଗଛ ରଖି ବାକି ସବୁ ଗଛ ଉପାଡ଼ି ଦିଆଯାଏ।

ଏକ କୁଇଣ୍ଟାଲ ସୂର୍ଯ୍ୟମୁଖୀ ମଞ୍ଜି ପାଇବାକୁ ମୃତ୍ତିକାରୁ ପ୍ରାୟ ୬.୩ କି.ଗ୍ରା. ଯବକ୍ଷାରଜାନ, ୧.୯ କି.ଗ୍ରା. ଫସ୍‌ଫରସ, ୧୨.୬ କି.ଗ୍ରା. ପଟାସ୍, ୧.୨ କି.ଗ୍ରା . ଗନ୍ଧକ ଓ ୬.୮ କି.ଗ୍ରା. କ୍ୟାଲ୍‌ସିୟମ ଇତ୍ୟାଦି ଗ୍ରହଣ କରିଥାଏ। ତେଣୁ ମୃତ୍ତିକା ପରୀକ୍ଷା ଭିତ୍ତିରେ ଖାଦ୍ୟସାର ପ୍ରୟୋଗ ଜରୁରୀ। ଏକର ପ୍ରତି ୭୦-୮୦ କୁଇଣ୍ଟାଲ ଶଢ଼ା ଖତ ବୁଣିବାର୨-୩ ସପ୍ତାହ ପୂର୍ବରୁ ପ୍ରୟୋଗକଲେ ଭଲ। ଏକର ପ୍ରତି ଖତ ସହ ଜୀବାଣୁସାର-ଆଜୋଟୋବ୍ୟାକ୍ଟର ସହ ପିଏସ୍‌ବିର ମିଶ୍ରିତ ଜୀବାଣୁ କଲ୍‌ଚର ଗୁଣ୍ଡ ୪.୮ କି.ଗ୍ରା. ଖତ ସହ ୧:୨୫ ଅନୁପାତରେ ଗୋଳାଇ ମଞ୍ଜି ବୁଣିବା ସମୟରେ ବିହନ ପାଖରେ ପ୍ରୟୋଗ କଲେ ରାସାୟନିକ ସାରର ଆବଶ୍ୟକତା କମ୍ ହୋଇ ଫସଲ ଭଲ ବଢ଼ିବା ସହ ଅଧିକ ଅମଳ ମିଳିଥାଏ। ଜଳସେଚିତ ଫସଲରେ ଉନ୍ନତ କିସମ ପାଇଁ ଏକର ପ୍ରତି ୨୪:୨୪:୧୬ ଏନ୍‌ପିକେ ଦରକାର ହୁଏ। ଏହି ୨୪:୨୪:୧୬ କି.ଗ୍ରା. ପୋଷକ ପାଇବାକୁ ହେଲେ ଡିଏପି ୫୨ କି.ଗ୍ରା.+ୟୁରିଆ ୩୨କି.ଗ୍ରା.+ ପଟାସ୍ ସାର ୨୭କି.ଗ୍ରା. ଦିଆଯାଏ। (କ୍ରମଶଃ...)

-କୃଷି ଜିଲା ଅଧିକାରୀ,
ସାକ୍ଷୀଗୋପାଳ,ପୁରୀ
ମୋ : ୯୪୩୭୧୧୨୭୦୪


## ଅଳ୍ପରେ...



- କୁକୁଡ଼ାଙ୍କର ନାଳିଝାଡ଼ା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେମିଶାଇ୩ଦିନପର୍ଯ୍ୟନ୍ତଦିଅନ୍ତୁ।
- ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା: ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡ଼ି ଓ ଢଙ୍ଗରରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ଜଳସେଚନ କରନ୍ତୁ।
- ଗୋରୁଙ୍କ ସାହାଣା, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିଙ୍କ ପିପିଆର୍ ରୋଗ ଲାଗି ପିପିଆର୍ ରୋଗ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।
- କୁକୁଡ଼ାଙ୍କ ଘୁମାରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।
- ବନରାଜ ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରିକପାରନ୍ତି।

## ଡାଲି ଜାତୀୟ ଫସଲ

ଛୁଇଁ ୮୦-୮୫ଭାଗ ପାକଳ ହୋଇଗଲେ ଅମଳ କରିଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଅଂଶ ରହିବା ଦରକାର। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।



# ପନିପରିବା ଚାଷ

ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା: ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ । ଏକ ମାସର ବାଇଗଣ ତଳି ମୁଖ୍ୟ ଜମିରେ ଲଗାନ୍ତୁ। ସମସ୍ତ ପ୍ରକାର କଖାରୁଜାତୀୟ ପନିପରିବା ଯଥା: କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଉପାଡ଼ିଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷ କରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତର ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷାକରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ଦିନର ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ। ଅଧିକ ଆକ୍ରାନ୍ତ ଫସଲରେ ସ୍ପାଇନୋଟେରାମ ଏକର ପ୍ରତି ୫୦୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ।



# ଆନ୍ଥ୍ରାକ୍ସ ରୋଗ


(ଶେଷ ଭାଗ)

**ରୋଗ ଚିହ୍ନିବା ପ୍ରଣାଳୀ :** ଆନ୍ଥ୍ରାକ୍ସ ରୋଗର ଲକ୍ଷଣ ଓ ରୋଗର ଇତିବୃତ୍ତ ଅନୁଯାୟୀ ଡଆଁରମରା ବା କ୍ୟାଲ୍‌ସିୟମ୍, ମ୍ୟାଗ୍ନେସିୟମର ଅଭାବଜନିତ ରୋଗ, ଯକୃତ କୃମି, ବିଦ୍ୟୁତ୍ ଆଘାତ, ବିଷାକ୍ତ ପଦାର୍ଥ ଖାଇବା ପ୍ରଭୃତିରେ ଗୋରୁ ହଠାତ୍ ମରିଯାଆନ୍ତି । ତେଣୁ ପ୍ରଥମେ ଏହି ରୋଗର ଚିହ୍ନଟ ଲକ୍ଷଣ ଅନୁସାରେ ଅନ୍ୟ ରୋଗଠାରୁ ଅଲଗା କରିବା ଉଚିତ । ଏହି ରୋଗର ମୁଖ୍ୟ ଲକ୍ଷଣଗୁଡ଼ିକ ହେଲା - ପ୍ରାଣୀଙ୍କର ଜ୍ୱର ୧୦୬-୧୦୭ ଡିଗ୍ରୀ ଫାରେନ୍‌ହିଟ୍ ବୃଦ୍ଧିହେବା, ବେକର ତଳ ଅଂଶ ଫୁଲିବା, ଶରୀରର ବିଭିନ୍ନ ଦ୍ୱାରଦେଶ ଯଥା - ନାକ, ମଳଦ୍ୱାର, କାନ, ଆଖି ଆଦିରୁ ରକ୍ତ ବାହାରିବା। ଜ୍ୱର ସମୟରେ ରକ୍ତ ଗ୍ରାମସ୍ କିମ୍ବା ଜିମ୍‌ସା ଷ୍ଟେନ୍‌ରେ ଷ୍ଟେନିଂ କଲାପରେ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖି ଜୀବାଣୁ ଚିହ୍ନଟ କରାଯାଇଥାଏ।

**ଆସ୍‌କୋଲି ପ୍ରେସିପିଟେସନ୍ ପରୀକ୍ଷା**

ଆକ୍ରାନ୍ତ ପ୍ରାଣୀ କାନକୁ ନେଇ କ୍ଷୁଦ୍ର କରି ଗରମ କଲାପରେ ଗୋଟିଏ ଟେଷ୍ଟଟ୍ୟୁବ୍‌ରେ ଜଣା ଆଣ୍ଟିସରମ୍ ସହିତ ଏହି ମିଶ୍ରିତ ଅଂଶକୁ ତାହା ଉପରେ ରଖିଲେ ଏକ ବ୍ରାଣ୍ଡ ବା ଧଳାସ୍ତର ମଝିରେ ସୃଷ୍ଟି ହୁଏ ଏବଂ ପ୍ରାଣୀଟିକୁ ଆନ୍ଥ୍ରାକ୍ସ ହୋଇଛି ବୋଲି ଜଣାପଡ଼େ।

**ଲାସମାଇନା ପରୀକ୍ଷା :** ମୃତ ପ୍ରାଣୀର ପ୍ଲୀହା ବୃଦ୍ଧି ୨-୩ ଗୁଣରେ ହେବା ସହ ରକ୍ତ ଜମାଟ ବାନ୍ଧେ ନାହିଁ। ଅନ୍ତଃନଳୀରେ ରକ୍ତକ୍ଷରଣ ଓ ଲାଲ୍ ଦିଶେ ଏବଂ ରକ୍ତଯୁକ୍ତ ଲାଳ ଲାଗିକରି ଥାଏ । ଶରୀରର ଛାତି, ପେଟରେ ଜମାଟ ନ ବାନ୍ଧିଥିବା ରକ୍ତମିଶ୍ରିତ ପାଣି ଜମି ରୁହେ । ନାକ, ପାଟି, ମଳଦ୍ୱାର, ପ୍ରସବଦ୍ୱାରରୁ ରକ୍ତ ବାହାରେ। ମୃତଶରୀର ଲାଠି ନ ହୋଇ ଖୁବ୍ ଶୀଘ୍ର ପଚିଯାଏ । ଶରୀରର ବିଭିନ୍ନ ଅଂଶରେ ରକ୍ତଯୁକ୍ତ କ୍ଷତଚିହ୍ନ ସୃଷ୍ଟିହୁଏ ।



ଆନ୍ଥ୍ରାକ୍ସରେ ଗୋରୁ ଖୁବ୍ ଶୀଘ୍ର ମୃତ୍ୟୁବରଣ କରୁଥିବାରୁ ସେମାନଙ୍କ ଚିକିତ୍ସା ସମ୍ଭବ ହୁଏ ନାହିଁ । ଯଦି ପ୍ରାଣୀଟି ଆକ୍ରାନ୍ତ ହୋଇ ବଞ୍ଚିଥାଏ, ତା'ହେଲେ ଅକ୍ସିଟେଟ୍ରାସାଇକ୍ଲିନ୍ ଇଞ୍ଜେକସନ୍ ଦ୍ୱାରା ଅନ୍ୟୂନ ୫ଦିନ ପର୍ଯ୍ୟନ୍ତ ଚିକିତ୍ସା କରାଇଲେ ରୋଗ ଭଲ ହେବା ଆଶା ରହିଥାଏ । ଅନ୍ୟାନ୍ୟ ଆଣ୍ଟିବାୟୋଟିକ୍ ଯଥା- ପେନ୍‌ସିଲିନ୍, ଷ୍ଟେପ୍‌ଟୋମାଇସିନ୍ ଦ୍ୱାରା ମଧ୍ୟ ଚିକିତ୍ସା କଲେ ସୁଫଳ ମିଳେ ।

**ରୋଗ ନିୟନ୍ତ୍ରଣ :** ଆନ୍ଥ୍ରାକ୍ସ ଗୃହପାଳିତ ପ୍ରାଣୀଙ୍କର କ୍ଷତି କରିବା ସଙ୍ଗେ ସଙ୍ଗେ ମନୁଷ୍ୟକୁ ମଧ୍ୟ ଆକ୍ରମଣକରି ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏହି ରୋଗର ନିୟନ୍ତ୍ରଣ ପାଇଁ ସବୁପ୍ରକାର ପଦକ୍ଷେପ ନେବା ଉଚିତ। ଆକାନ୍ତ ପ୍ରାଣୀକୁ ପ୍ଲୀହାଜ୍ୱର ନ ଥିବା ସ୍ଥାନମାନଙ୍କୁ ନେବା ଉଚିତ ନୁହେଁ। ଆନ୍ଥ୍ରାକ୍ସ ପ୍ରାଦୁର୍ଭାବ ଅଞ୍ଚଳରୁ ନଡ଼ା, ପାଣି ପ୍ରଭୃତି ଆଣି ସୁସ୍ଥ ପ୍ରାଣୀଙ୍କୁ ଖୁଆଇବା ପାଇଁ ବାରଣ କରିବା ଉଚିତ । ରୋଗ ଦେଖାଦେଉଥିବା ଅଞ୍ଚଳରେ ପ୍ରାଣୀମାନଙ୍କୁ ପ୍ରତିଷେଧକ ଟିକା ଦେଇ ରୋଗକୁ ଦମନ କରିବା ଉଚିତ ଏବଂ ଉପଯୁକ୍ତ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା କରିବା ଉଚିତ । ମୃତ ପ୍ରାଣୀର ଶବକୁ ବ୍ୟବଚ୍ଛେଦ କରିବା ଉଚିତ ନୁହେଁ ଏବଂ ଏହାକୁ ମାଟିରେ ଗଭୀର ଗର୍ତ୍ତକରି ପୋତିଦେବା ଉଚତ। ପୋତିବା ସମୟରେ ଚୂନ ଓ ଲୁଣ ପ୍ରୟୋଗ କରିବା ଉଚିତ । ସଂକ୍ରମିତ ସ୍ଥାନ ବା ଗୁହାଳରେ ଫର୍‌ମାଲିନ୍, ଫିନାଇଲ୍ ଦ୍ୱାରା ବିଶୋଧନ କରାଯିବା ଉଚିତ। ଚମଡ଼ା କାରଖାନା, ସାର କାରଖାନା, ପଶମ ଓ ଲୋମ କାରଖାନାରେ ଅଲ୍‌ଟ୍ରା ଭାଉଲେଟ୍ ଲାଇଟ୍ ବା ଗାମା ବିକିରଣ ଦ୍ୱାରା ବିଶୋଧନ କରାଯିବା ଆବଶ୍ୟକ।

-ଡା. ବୀରକିଶୋର ପରିଡ଼ା,
ମୋ : ୯୪୩୭୬୦୭୩୧୨



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ